# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, May 17/2019 | ★★★★★★

୪୫ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାଗନେବେ ପାର୍ବତୀ**

ମହିଳା ଡିସ୍କସ୍ ତାରକା ପାର୍ବତୀ ଇଟାଲୀରେ ହେବାକୁଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

୧୪

୧୧

**ହରର୍-କମେଡି ‘ଭୁତିୟାପା’ରେ ମିଥୁନ**

ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପରେ ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ହରର୍-କମେଡି ‘ଭୁତିୟାପା’ରେ ଅଭିନୟ ପାଇଁ ସାଇନ୍ କରିଛନ୍ତି।



## ଓଏଚ୍ଆର୍‌ସି କାର୍ଯ୍ୟକାରୀ ଅଧ୍ୟକ୍ଷ ହେଲେ ଜଷ୍ଟିସ ରଘୁବୀର ଦାଶ



ଜଷ୍ଟିସ୍ ରଘୁବୀର ଦାଶ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ସଦସ୍ୟ ଜଷ୍ଟିସ୍ ରଘୁବୀର ଦାଶଙ୍କୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକାରୀ ଅଧ୍ୟକ୍ଷଭାବେ ନିଯୁକ୍ତ କରିଛନ୍ତି। ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାନବାଧିକାର ସୁରକ୍ଷା ଧାରା ୧୯୯୩ର ସେକ୍ସନ ୨୫ (୧୯୯୪ର ଧାରା ୧୦) ଅନୁଯାୟୀ ରାଜ୍ୟପାଳ ହାଇକୋର୍ଟର ପୂର୍ବତନ ବିଚାରପତି ଦାଶଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଛନ୍ତି। ଦୀର୍ଘଦିନ ହେବ ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ପଦ ଖାଲି ରହିଥିଲା। ଫଳରେ ରାଜ୍ୟର ବିଭିନ୍ନ ☞ପୃଷ୍ଠା–୪

## ପ୍ରଣବ କୁମାର ଦାସ ପ୍ରମୁଖ ସିସିଆଇଟି ନିଯୁକ୍ତ

### ୧୯୮୩ ଆଇଆରଏସ୍ ଅଧିକାରୀ



ପ୍ରଣବ କୁମାର ଦାସ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଓଡ଼ିଆ ଅଧିକାରୀ ପ୍ରଣବ କୁମାର ଦାସ ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ(ପିଆର. ସିସିଆଇଟି) ଭାବେ ପଦୋନ୍ନତି ସହ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ପ୍ରଣବଙ୍କ ନିଯୁକ୍ତି ନେଇ ଚଳିତ ମାସ ୧୩ରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ରାଜସ୍ୱ ବିଭାଗ (ସିବିଡିଟି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଚାହିଦା ମରୁଡ଼ି**

**ଆଜିର ମନ୍ତବ୍ୟ**

“ପ୍ରଗତିଶୀଳ ଦଳଗୁଡ଼ିକ ଗଠନ କରିବାକୁ ଥିବା ସରକାରରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମୁଖ୍ୟ ଭୂମିକା ରହିବ।

**–ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**

**କିଛି ତଥ୍ୟ**

୨୦୧୭–୧୮ରେ ଚାଇନା ଏବଂ ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ଯଥାକ୍ରମେ ୮୯.୭୧ ବିଲିୟନ ଏବଂ ୭୪.୫ ବିଲିୟନ ଡଲାର ରହିଛି।

**–ବାଣିଜ୍ୟ ମନ୍ତ୍ରଣାଳୟ**



ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଉଚ୍ଚତମ ଇଫେଲ୍ ଟାୱାରକୁ ଗୁରୁବାର ୧୩୦ ବର୍ଷ ଛୁଇଁଛି। ଏହି ଅବସରରେ ଲେଜର୍ ଶୋ ସହିତ ଏହାର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି।

# ଲେଖିକା ମଣିଦୀପାଙ୍କ ସନ୍ଦେହଜନକ ମୃତ୍ୟୁ

## ଘରୁ ଗଳିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ବିଶିଷ୍ଟ ଲେଖିକା ଡା. ମଣିଦୀପା ପଟ୍ଟନାୟକ(୪୮)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ରହୁଥିବା ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ ନଗରସ୍ଥିତ ବସେରା ଆପାର୍ଟମେଣ୍ଟରୁ ତାଙ୍କ ଗଳିତ ମୃତଦେହକୁ ଲିଙ୍ଗରାଜ ଥାନା ପୋଲିସ କବାଟ ଭାଙ୍ଗି ଗୁରୁବାର ଉଦ୍ଧାର କରିଛି। କିଛିଦିନ ତଳୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଣିଦୀପାଙ୍କର କିଭଳି ☞ପୃଷ୍ଠା–୪



ଡା. ମଣିଦୀପା ପଟ୍ଟନାୟକ

### ଖଣିଜ ଉତ୍ତୋଳନ ଅନିୟମିତତା ମାମଲା

# ୧୫ ଖଣି ଲିଜ୍‌ଧାରୀଙ୍କୁ ଝଟକା

**ଯୋଡ଼ା,୧୬।୫(ଡି.ଏନ.ଏ.)**

- ରାଜ୍ୟ ସରକାରଙ୍କ ନୋଟିସକୁ ଯୁକ୍ତିଯୁକ୍ତ ଦର୍ଶାଇଲା ଟ୍ରିବ୍ୟୁନାଲ
- କ୍ଷତିପୂରଣ ଅନାଦାୟ କ୍ଷେତ୍ରରେ ବାତିଲ କରାଯିବ ଲିଜ୍



ଖଣିଜ ପଦାର୍ଥ ଉତ୍ତୋଳନରେ ହୋଇଥିବା ଅନିୟମିତତା ମାମଲାରେ ମାଲା ରାୟଙ୍କ ସମେତ ୧୫ ଖଣି ଲିଜ୍‌ଧାରୀଙ୍କୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ଝଟକା ଲାଗିଛି। କ୍ଷତିପୂରଣ ଦାଖଲ ପାଇଁ ରାଜ୍ୟ ସରକାର କରିଥିବା ନୋଟିସ ବିରୋଧରେ ୧୫ ଲୁହାପଥର ଓ ମାଙ୍ଗାନିଜ ଖଣି ଲିଜ୍‌ଧାରୀ କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରଣାଳୟଙ୍କ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ଏମ୍‌ଏମ୍‌ଡିଆର ଆଇନ ୧୯୫୭ ଅଧୀନରେ କେନ୍ଦ୍ର ଖଣି ଓ ଖଣିଜ ବିଭାଗର ଅଭିଯୋଗ ଶୁଣାଣି ଟ୍ରିବ୍ୟୁନାଲ ତଥା ଯୁଗ୍ମ ସଚିବ ନିରଞ୍ଜନ କେ.ସିଂ ଫାଇନାଲ ଅର୍ଡର ନଂ ୩୧/୨୦୧୯ରୁ ୪୫/୨୦୧୯/ତା. ୯।୫।୨୦୧୯ ରିଖରେ ଲିଜ୍‌ଧାରୀଙ୍କ ଆବେଦନକୁ ଖାରଜ କରିଛନ୍ତି। ଏପରି କି ଯେଉଁ ଖଣି କମ୍ପାନୀ କ୍ଷତିପୂରଣ ଦାଖଲ ନ କରିବେ ସେମାନଙ୍କ ଲିଜ୍ ବାତିଲ ପାଇଁ ରାଜ୍ୟ ସରକାର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ଟ୍ରିବ୍ୟୁନାଲ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ମିନେରାଲ କନ୍‌ସେସନ ରୁଲ୍– ୨୦୧୬ ର ରୁଲ୍ ନଂ୧୨(୧୦) ଓ ଏମ୍‌ଏମ୍‌ଡିଆର ଆଇନ ୧୯୫୭ର ସେକ୍ସନ ୨୧(୫) ଅଧୀନରେ ୧୫ ଖଣି ଲିଜ୍‌ଧାରୀଙ୍କ ବିରୋଧରେ କ୍ଷତିପୂରଣ ଦାଖଲ ନୋଟିସ ଦେଇଥିଲେ। ଏପରି କି ଉକ୍ତ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପ୍ରଚଳିତ ସୁଧ ହାର ସହ ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରାପ୍ୟ ଅନାଦାୟ କ୍ଷେତ୍ରରେ ରାଜ୍ୟ ସରକାର ଖଣି ଲିଜ୍ ବାତିଲ ସହ ସେମାନଙ୍କ ପରଫର୍ମାନ୍ସ ସିକ୍ୟୁରିଟି ବାଜ୍ୟାପ୍ତ କରିପାରିବେ ବୋଲି ଉଲ୍ଲେଖ ରହିଥିଲା। ରାଜ୍ୟ ସରକାରଙ୍କ ଏହି ନୋଟିସ ବିରୋଧରେ ଖଣି ଲିଜ୍‌ଧାରୀମାନେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଖଣି ଲିଜ୍‌ଧାରୀଙ୍କ ଉକ୍ତ ଆବେଦନର ଶୁଣାଣି କରି ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ଷତିପୂରଣ ନୋଟିସ ବୈଧ ବୋଲି ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉ କି, ଓଡ଼ିଶା ସରକାର ବହୁ ପୂର୍ବରୁ ଖଣିଲିଜ୍‌ଧାରୀଙ୍କୁ ଡିମାଣ୍ଡ ନୋଟିସ ପଠାଇ ସାରିଛନ୍ତି। କାରଣ ସମ୍ପୃକ୍ତ ଖଣି ଲିଜ୍‌ଧାରୀମାନେ ଏମ୍‌ଏମ୍‌ଡିଆର ଆଇନ ୧୯୫୭ର ସେକ୍ସନ ୨୧(୫) ଅନୁଯାୟୀ ଜଙ୍ଗଲ ଓ ପରିବେଶ ଆଇନର ଉଲ୍ଲଂଘନ କରି ଖଣି ଖନନ କରିଛନ୍ତି। ଏନେଇ ସୁପ୍ରିମ କୋର୍ଟରେ ମଧ୍ୟ ଏକ ମାମଲା(ନଂ ୧୧୪/୨୦୧୪) ରୁଜୁ ହୋଇଥିଲା। ସେଥିରେ କ୍ଷତିପୂରଣ ଆଦାୟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି ସୁପାରିସ କରିଥିଲା। ଏହାକୁ ଆଧାର କରି ☞ପୃଷ୍ଠା–୪

### ସିଟିଇଟିରେ ଆର୍ଥିକ ଦୁର୍ବଳଙ୍କ ଲାଗି ୧୦% ସଂରକ୍ଷଣ ଆବେଦନ

# କେନ୍ଦ୍ର, ସିବିଏସ୍‌ଇ, ଏନ୍‌ସିଟିଇକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୬।୫(ପି.ଟି.)**



କେନ୍ଦ୍ରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସିଟିଇଟି), ୨୦୧୯ରେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର, ସିବିଏସ୍‌ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ)କୁ ଜବାବ ମାଗିଛନ୍ତି। ଏହାବ୍ୟତୀତ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଅବସରକାଳୀନ ଖଣ୍ଡପୀଠ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ)କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୧ ତାରିଖ ସୁଦ୍ଧା ନୋଟିସର ଜବାବ ରଖିବାକୁ ସେମାନଙ୍କୁ କୁହାଯାଇଛି।

ସିଟିଇଟି, ୨୦୧୯ ପରୀକ୍ଷା ଦେବା ଲାଗି ଆଗ୍ରହୀ ୬ ଜଣ ପ୍ରାର୍ଥୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସମ୍ବିଧାନ ସଂଶୋଧନ କରି ସରକାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ। ସଂଶୋଧିତ ଆଇନ ଗତ ଜାନୁୟାରୀ ୧୬ରୁ ଲାଗୁ ହୋଇଛି। ସଂରକ୍ଷଣ ସୁବିଧା ଦିଆଗଲେ ପରୀକ୍ଷାରେ କୃତକାର୍ଯ୍ୟ ହେବେ ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି।

ସିଟିଇଟି ପରୀକ୍ଷା ପରିଚାଳନା ଲାଗି ସିବିଏସ୍‌ଇ କର୍ତ୍ତୃପକ୍ଷ ଗତ ଜାନୁୟାରୀ ୨୩ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ଇଡବ୍ଲ୍ୟୁଏସ୍ ପ୍ରାର୍ଥୀଙ୍କ ନିମନ୍ତେ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ସମ୍ପର୍କରେ ଉଲ୍ଲେଖ କରାଯାଇ ନ ଥିଲା। ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ସଂରକ୍ଷଣ ସୁବିଧା ଦିଆଯାଇପାରିବ ନାହିଁ ବୋଲି ଗତ ୧୩ ତାରିଖ ଶୁଣାଣିବେଳେ ସୁପ୍ରିମକୋର୍ଟ ମତ ଦେଇଥିଲେ। କେବଳ ନାମଲେଖା ସମୟରେ ସଂରକ୍ଷଣ ସୁବିଧା ମିଳିପାରିବ।

### ଲୋକ ସଭା ନିର୍ବାଚନ

# ମଇଦାନରେ ୧୬୩ ନିରକ୍ଷର

**ନୂଆଦିଲ୍ଲୀ,୧୬।୫(ଆଇଏଏନ୍‌ଏସ୍)**

**ଏଡିଆର୍ ରିପୋର୍ଟ**

- ୧୦ ଧନୀଙ୍କ ମଧ୍ୟରୁ କଂଗ୍ରେସର ୬
- ୨୫ ବର୍ଷରୁ କମ୍ ବୟସର ୨ ପ୍ରାର୍ଥୀ

୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୪୮% ସ୍ନାତକ ହୋଇଥିବାବେଳେ ୧୬୩ ଜଣ ନିରକ୍ଷର। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ନ୍ୟାଶନାଲ ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ପ୍ରାର୍ଥୀମାନଙ୍କ ସତ୍ୟପାଠ ବିଶ୍ଳେଷଣ କରାଯିବା ପରେ ଗୁରୁବାର ଏହି ବିଷୟ ସାମ୍ନାକୁ ଆସିଛି।

ନାମାଙ୍କନପତ୍ର ଦାଖଲ ବେଳେ ମୋଟ ୮,୦୪୯ ପ୍ରାର୍ଥୀଙ୍କ ମଧ୍ୟରୁ ୭,୯୨୮ ଜଣ ଦେଇଥିବା ସତ୍ୟପାଠକୁ ଏଡିଆର୍ ଅନୁଧ୍ୟାନ କରିଛି। ଅବଶିଷ୍ଟ ୧୨୧ ପ୍ରାର୍ଥୀଙ୍କ ସତ୍ୟପାଠ ଅସମ୍ପୂର୍ଣ୍ଣ କିମ୍ବା ଆବଶ୍ୟକ ଦସ୍ତାବିଜ ସଂଲଗ୍ନ ନୁହେଁ। ଏଥିଯୋଗୁ ସେମାନଙ୍କ ସମ୍ପର୍କରେ ନିର୍ବାଚନ କମିଶନ ନିଜ ୱେବ୍‌ସାଇଟ୍‌ରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ କରାଇପାରି ନାହାନ୍ତି। ୭,୯୨୮ ପ୍ରାର୍ଥୀଙ୍କ ମଧ୍ୟରୁ ୩,୮୦୮ ଜଣ (୪୮%)ଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ବୋଲି ଏଡିଆର୍ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ୩,୪୭୭(୪୪%) ପ୍ରାର୍ଥୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ ପାସ୍ ବୋଲି ସ୍ୱୀକାର କରିଛନ୍ତି। ସେହିପରି ୨୫୩ ପ୍ରାର୍ଥୀ ସାକ୍ଷର ହୋଇଥିବାବେଳେ ୧୬୩ ଜଣ ନିରକ୍ଷର। ପ୍ରାର୍ଥୀଙ୍କ ବୟସକୁ ଦେଖିଲେ ୪,୯୪୧(୬୨% )ହେଉଛନ୍ତି ୨୫ରୁ ୫୦ ବର୍ଷ ମଧ୍ୟରେ। ୨,୯୩୨(୩୭%) ପ୍ରାର୍ଥୀଙ୍କ ବୟସ ୫୧ରୁ ୮୦ ବର୍ଷ ମଧ୍ୟରେ ବୋଲି ସତ୍ୟପାଠରୁ ଜଣାପଡ଼ିଛି। ମଇଦାନରେ ଏପରି ୧୮ ଜଣ ପ୍ରାର୍ଥୀ ଅଛନ୍ତି, ଯାହାଙ୍କ ବୟସ ୮୦ରୁ ଊର୍ଦ୍ଧ୍ୱ। ୩୫ ପ୍ରାର୍ଥୀ ନିଜ ବୟସ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବାବେଳେ ନିଜକୁ ୨୫ ବର୍ଷରୁ କମ୍ ବୟସର ବୋଲି ୨ ଜଣ ପ୍ରାର୍ଥୀ ଦର୍ଶାଇଛନ୍ତି।

ଅପରପକ୍ଷେ ସବୁଠୁ ଧନୀ ୧୦ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି କଂଗ୍ରେସର। ବିହାର ☞ପୃଷ୍ଠା–୪






NATIONAL EGG CO-ORDINATION COMMITTEE | 16.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 102 | 161 | 171 |
| CTC | 102 | 161 | 171 |
| DKL | 99 | 157 | 167 |
| BDK | 101 | 159 | 169 |
| BLS | 103 | 162 | 172 |
| ANG | 99 | 157 | 167 |

*Conditions Apply

**Eggs Retail Price- 40/-Dozen**

Issued in the Interest of Consumers





ମୋଦି ପୁଣି କ୍ଷମତାକୁ ଆସିପାରିବେ ନାହିଁ। ଏଥର କେନ୍ଦ୍ରରେ ଅଣଭାଜପା ସରକାର ଗଠନ ହେବାକୁ ଯାଉଛି। କଂଗ୍ରେସକୁ ପ୍ରଧାନମନ୍ତ୍ରୀ ପଦ ନ ମିଳିଲେ ବି ଚିନ୍ତା ନାହିଁ।
ଗୁଲାମ ନବୀ ଆଜାଦ୍‌,
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ବୋଫର୍ସ ତଦନ୍ତ ଜାରି ରହିବ: ସିବିଆଇ

**ନୂଆଦିଲ୍ଲୀ,୧୬।୫:** ବୋଫର୍ସ କମାଣ କିଣା ଘଟଣାରେ ହୋଇଥିବା ୬୪ କୋଟି ଟଙ୍କା ଲାଞ୍ଚ କାରବାରର ତଦନ୍ତ ଜାରି ରହିବ ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ଅଧିକ ତଦନ୍ତ ଲାଗି ସିବିଆଇ ତଳକୋର୍ଟର ଅନୁମତି ଚାହିଁଥିବା ଏହାର ମୁଖପାତ୍ର ନୀତିନ୍ ୱାକନ୍‌କର କହିଛନ୍ତି। ସିବିଆଇ ସ୍ୱାଧୀନ ଅଧିକାର ଏବଂ କ୍ଷମତା ସହ ଘଟଣାର ତଦନ୍ତ କରିବା ଜରୁରୀ ବୋଲି କୋର୍ଟ ଅନୁଭବ କରିଛନ୍ତି। ଆଇନଗତ ମତାମତ ସଂଗ୍ରହ କରିବା ପରେ ଗୁରୁବାର ସିବିଆଇ ନୂଆଦିଲ୍ଲୀର ସିଏମ୍‌ଏମ୍‌ଙ୍କ କୋର୍ଟରେ ଆବେଦନ କରିଛି। ସିଆର୍‌ପିସିର ଧାରା ୧୭୩(୮) ଅଧୀନରେ ଅଧିକ ତଦନ୍ତ ଲାଗି କୋର୍ଟଙ୍କ ଅନୁମତି ବାଧତାମୂଳକ ନୁହେଁ। ଏନେଇ କେବଳ କୋର୍ଟଙ୍କୁ ଜଣାଇଦେବା ଯଥେଷ୍ଟ ବୋଲି ସିବିଆଇ ମୁଖପାତ୍ର କହିଛନ୍ତି।

### ପାକିସ୍ତାନକୁ ତଥ୍ୟ ଲିକ୍: ଯବାନ ଗିରଫ

**ନୂଆଦିଲ୍ଲୀ,୧୬।୫:** ପାକିସ୍ତାନକୁ ତଥ୍ୟ ଲିକ୍ କରୁଥିବା ଅଭିଯୋଗରେ ମଧ୍ୟପ୍ରଦେଶରେ ନିଯୁକ୍ତ ଜଣେ ପଦାତିକ ବାହିନୀର ଯବାନଙ୍କୁ ବୁଧବାର ରାତିରେ ଗିରଫ କରାଯାଇଛି। ପଦାତିକ ବାହିନୀରେ କିରାଣିଭାବେ କାମ କରୁଥିବା ଜଣେ ୨୬ ବର୍ଷୀୟ ହାବିଲ୍‌ଦାରଙ୍କୁ ମିଳିତ ଅପରେଶନ୍‌ରେ ଧରାଯାଇଛି। ଫେସ୍‌ବୁକରେ ପାକିସ୍ତାନର ଜଣେ ମହିଳାଙ୍କ ସହ ସେ ତଥ୍ୟ ଲିକ୍ କରୁଥିଲେ। ଗୋଇନ୍ଦା ଅପରେଶନ୍‌ରେ ଏହା ପଦାକୁ ଆସିଥିବାବେଳେ ଅଧିକ ତଦନ୍ତ ଜାରି ରହିଥିବା ପ୍ରକାଶ। ଆଇଏସ୍‌ଆଇ ସହ ସମ୍ପର୍କ ରଖି ଭାରତରୁ ତଥ୍ୟ ଲିକ୍ କରୁଥିବା ଘଟଣା ନୂଆ ନ ଥିଲେ ମଧ୍ୟ ଜାତୀୟ ସୁରକ୍ଷା ଲାଗି ଏହା ଏକ ବିପଦ ବୋଲି କୁହାଯାଉଛି।

### ୪୭ ଆତଙ୍କବାଦୀ ନିହତ

**କାଏରୋ,୧୬।୫:** ଇଜିପ୍ଟର ସିନାଇ ଅଞ୍ଚଳରେ ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରୁ ୫୨ ଜଣଙ୍କ ପ୍ରାଣହାନି ଘଟିଛି। ୪୭ ଆତଙ୍କବାଦୀ ନିହତ ହୋଇଥିବାବେଳେ ୫ ସେନା କର୍ମୀ ପ୍ରାଣ ହରାଇଥିବା ଜଣାପଡ଼ିଛି। ଦକ୍ଷିଣ କେନ୍ଦ୍ରୀୟ ସିନାଇରେ ବିଭିନ୍ନ ପ୍ରକାର ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ପାଖରେ ରଖି ଏହି ଆତଙ୍କବାଦୀମାନେ ହିଂସା ଘଟାଉଛନ୍ତି। ଇଜିପ୍ଟ ସୀମାରୁ ୧୫୮ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଖଞ୍ଜାଯାଇଥିବା ୩୮୫ ବିସ୍ଫୋରକ ସାମଗ୍ରୀକୁ ନିଷ୍କ୍ରିୟ କରାଯାଇଛି।

### ଲୋକପାଳ ୱେବ୍‌ସାଇଟ ଲଞ୍ଚ୍

**ନୂଆଦିଲ୍ଲୀ,୧୬।୫:** ଲୋକପାଳ ୱେବ୍‌ସାଇଟ ଗୁରୁବାର ଲଞ୍ଚ୍ ହୋଇଛି। www.lokpal.gov.in ନାମରେ ଏହି ୱେବ୍‌ସାଇଟକୁ ନୂଆଦିଲ୍ଲୀରେ ଲୋକପାଳ ଅଧ୍ୟକ୍ଷ ପିନାକୀ ଚନ୍ଦ୍ର ଘୋଷ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି। ଏହା ଦୁର୍ନୀତି ନିରୋଧୀ ଅମ୍ବୁଡ୍‌ସମ୍ୟାନଙ୍କ କାର୍ଯ୍ୟ ସମ୍ପର୍କିତ ମୌଳିକ ସୂଚନା ପ୍ରଦାନ କରିବ। ଗତମାସ ୧୬ ତାରିଖ ସୁଦ୍ଧା ଲୋକପାଳ ପାଇଥିବା ସମସ୍ତ ଅଭିଯୋଗର ସମାଧାନ କରାଯାଇଛି। ଏହା ପରେ ଯେଉଁ ଆବେଦନପତ୍ର ଆସିଛି ସେଗୁଡିକର ଯାଞ୍ଚ କରାଯାଉଥିବା ଲୋକପାଳ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ଇତିହାସର ଆଇନାରେ
### ମେ ୧୭ର ପ୍ରମୁଖ ଘଟଣା

୧୯୮୭ ମେ ୧୭ରେ ଏକ ଇରାକୀ ଡାସଲ୍ଟ ମିରେଜ୍ ଏଫ୍-୧ ଫାଇଟର ଜେଟ୍ ଦୁଇଟି କ୍ଷେପଣାସ୍ତ୍ର ଆମେରିକୀୟ ନୌସେନା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଷ୍ଟାର୍କକୁ ମାଡକରିବା ଫଳରେ ୩୭ ଜଣ ମୃତ୍ୟୁବରଣ କରିବା ସହିତ ୨୧ଜଣ ଆହତ ହୋଇଥିଲେ। ଡାସଲ୍ଟ ଆଭିଏଶନ୍ ଦ୍ୱାରା ଉକ୍ତ ଜାହାଜର ଡିଜାଇନ୍ ପ୍ରସ୍ତୁତି ଏବଂ ନିର୍ମାଣ କରାଯାଇଥିଲା।

୨୦୧୪ ମେ ୧୭ରେ ଉତ୍ତର ଲାଓସ୍‌ରେ ଏକ ବିମାନ ଦୁର୍ଘଟଣା ହେବା ଫଳରେ ୧୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଲାଓସ୍‌କୁ ସରକାରୀ ଭାବେ ଲାଓ ପିପୁଲ୍ସ ଡେମୋକ୍ରାଟିକ୍ ରିପବ୍ଲିକ୍ କହନ୍ତି। ଏହାକୁ ସ୍ଥାନୀୟ ଭାଷାରେ ମୁଆଙ୍ଗ ଲାଓ ମଧ୍ୟ କୁହାଯାଏ। ଏହା ଏକ ସମାଜବାଦୀ ରାଷ୍ଟ୍ର ଏବଂ ଇଣ୍ଡୋଚାଇନା ଉପଦ୍ୱୀପରେ ଅବସ୍ଥିତ। ଲାଓସ୍‌ର ଉତ୍ତର-ପଶ୍ଚିମରେ ମ୍ୟାନ୍‌ମାର (ବର୍ମା) ଓ ଚାଇନା, ପୂର୍ବରେ ଭିଏତ୍‌ନାମ୍, ଦକ୍ଷିଣ-ପଶ୍ଚିମରେ କାମ୍ବୋଡିଆ ଏବଂ ପଶ୍ଚିମରେ ଥାଇଲାଣ୍ଡ ରହିଛି।

# ବଳ କଷିଲେ ମୋଦି, ଦିଦି

**କୋଲ୍‌କାତା/ମଉ,୧୬।୫**

## ପଶ୍ଚିମବଙ୍ଗରେ ପ୍ରଚାର ଶେଷ





ପଞ୍ଚଧାତୁରେ ନିର୍ମାଣ କରିବୁ ବିଦ୍ୟାସାଗର ପ୍ରତିମୂର୍ତ୍ତି

ରାମମନ୍ଦିର ଗଢ଼ିପାରିଲନି, ତୁମ ଟଙ୍କା ଦରକାର ନାହିଁ

ପଶ୍ଚିମବଙ୍ଗରେ ୭ଟି ଯାକ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହେଉଛି। ରାଜ୍ୟର ୪୨ ଆସନ ମଧ୍ୟରୁ ୩୩ଟିରେ ମତଦାନ ଶେଷ ହୋଇଥିବାବେଳେ ରବିବାର ଶେଷ ପର୍ଯ୍ୟାୟରେ ଅବଶିଷ୍ଟ ୯ ଆସନ ଲାଗି ଭୋଟଗ୍ରହଣ କରାଯିବ। ଏଥିସକାଶେ ଗୁରୁବାର ରାତି ୧୦ଟାରେ ପ୍ରଚାର ଶେଷ ହୋଇଛି। ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆରୋପ ପ୍ରତ୍ୟାରୋପରେ ପରସ୍ପରକୁ ପୋତି ଦେଇଛନ୍ତି। ମୋଦି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ନିର୍ମାଣର ପ୍ରତିଶ୍ରୁତି ଦେଇଥିବାବେଳେ ମମତା ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଯେଉଁ ଭାଜପା ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିପାରିଲା ନାହିଁ ତା'ର ଟଙ୍କା ଆମକୁ ଦରକାର ନାହିଁ ବୋଲି ମମତା ଜବାବ ଦେଇଛନ୍ତି। ଏହାକୁ ନେଇ ଜାତୀୟ ରାଜନୀତିର ତାପମାତ୍ରା ବଢ଼ିଯାଇଛି।

ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଦମ୍ ଦମ୍, ବରସାତ୍, ବସିରହାଟ, ଜୟନଗର, ମଥୁରାପୁର, ଡାଇମଣ୍ଡ ହାର୍‌ବର, ଯାଦବପୁର, କୋଲକାତା (ଦକ୍ଷିଣ) ଓ କୋଲକାତା (ଉତ୍ତର) ଆସନରେ ଭୋଟଗ୍ରହଣ କରାଯିବ। ବିବାଦର ସୂତ୍ରପାତ ହୋଇଥିଲା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ କୋଲକାତା ରୋଡ୍ ଶୋ'ରୁ। ଶାହଙ୍କ ରୋଡ୍ ଶୋ ବେଳେ ଭାଜପା ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ହିଂସାକାଣ୍ଡ ଯୋଗୁ ନିର୍ବାଚନ କମିଶନ (ଇସି) ନିର୍ଦ୍ଧାରିତ ସମୟର ଦିନକ ପୂର୍ବରୁ ପ୍ରଚାର ଉପରେ କଟକଣା ଜାରି କରିଥିଲେ। ଗୁରୁବାର ପ୍ରଚାରର ଶେଷ ଦିନରେ ଉଭୟ ଦଳ ମଧ୍ୟରେ ବଳ କଷାକଷି ହୋଇଛି। ଉଭୟ ଟିଏମ୍‌ସି ଏବଂ ଭାଜପା ନେତାମାନେ ଭୋଟରଙ୍କୁ ମନାଇବା ଲାଗି ପୂରା ଦମ୍ ଲଗାଇଦେଇଛନ୍ତି। ଉତ୍ତରପ୍ରଦେଶସ୍ଥିତ ମଉର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପଞ୍ଚଧାତୁରେ ବିଦ୍ୟାସାଗରଙ୍କ ବିଶାଳ ପ୍ରତିମୂର୍ତ୍ତି ଗଢ଼ାଯିବ। ପ୍ରତିମୂର୍ତ୍ତି ଭଙ୍ଗାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଭାଜପା ଟଙ୍କା ଆମର ଦରକାର ନାହିଁ । ପ୍ରତିମୂର୍ତ୍ତି ନିର୍ମାଣ ଲାଗି ପଶ୍ଚିମବଙ୍ଗ ପାଖରେ ପ୍ରଚୁର ଅର୍ଥ ଅଛି। ପ୍ରତିମୂର୍ତ୍ତି ଭାଙ୍ଗିବା ଭାଜପାର ଅଭ୍ୟାସ। ପୂର୍ବରୁ ତ୍ରିପୁରାରେ ଏଭଳି ଘଟଣା ଘଟିଥିଲା। ଭାଜପା ସୋସିଆଲ ମିଡିଆରେ ମିଛ ଓ ମନଗଢ଼ା କାହାଣୀ ଛାପି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି। କୋଲ୍‌କାତା ହିଂସା ୧୯୯୨ରେ ହୋଇଥିବା ବାବ୍ରୀ ମସ୍‌ଜିଦ୍ ଭଙ୍ଗା ବେଳର ହିଂସାଠୁ ବଳିଗଲା। ରାମ ଜନ୍ମଭୂମିରେ ରାମମନ୍ଦିର ନିର୍ମାଣ କରିପାରି ନ ଥିବା ଭାଜପା ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି କ'ଣ କରିବ ବୋଲି ମମତା ମୋଦିଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଶାହଙ୍କୁ ଜଣେ ଗୁଣ୍ଡା ନେତାଭାବେ ସେ ଅଭିହିତ କରି ତାଙ୍କ ନେତୃତ୍ୱରେ ଭାଜପା କର୍ମୀ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ସମାଲୋଚନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ପଶ୍ଚିମବଙ୍ଗ ଗସ୍ତ ପୂର୍ବରୁ ମମତା ଯାଦବପୁରର ସୁକାନ୍ତ ସେତୁରୁ ତରତଲା ପର୍ଯ୍ୟନ୍ତ ସାଢ଼େ ୮ କି.ମି. ପଦଯାତ୍ରା କରିଛନ୍ତି। ପ୍ରଚାର ସମୟ କମାଯିବାକୁ ନେଇ ମମତା ନିର୍ବାଚନ କମିଶନଙ୍କ ଉପରେ ମଧ୍ୟ ବର୍ଷିଛନ୍ତି। ସେ କହିଛନ୍ତି ଯେ, ମୋଦି ଓ ଶାହଙ୍କ ଚାପର ବଶବର୍ତ୍ତୀ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କଂଗ୍ରେସ, ଏଏପି, ଟିଡିପି, ବିଏସ୍‌ପି, ଡିଏମ୍‌କେ ଭଳି ବିଭିନ୍ନ ରାଜନୈତିକ ଦଳ ଏଥିଲାଗି ଇସିଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି।

ମୋଦି ଦମ୍ ଦମ୍‌ରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି, ମମତା ଆଜି ଇସି ଏବଂ କେନ୍ଦ୍ରୀୟ ବଳକୁ ଦୁର୍ବ୍ୟବହାର କରୁଛନ୍ତି। କିନ୍ତୁ ବାମପନ୍ଥୀଙ୍କ ଶାସନ ଅମଳରେ ଏପରି ଏକ ସମୟ ଥିଲା, ଯେତେବେଳେ ସେ କେନ୍ଦ୍ରୀୟ ବଳ ମୁତୟନ ପାଇଁ ଦାବି କରୁଥିଲେ। ଇସି ଏବଂ କେନ୍ଦ୍ରୀୟ ବଳ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ କରାଇ ନ ଥିଲେ ମମତା ମୁଖ୍ୟମନ୍ତ୍ରୀ ହୋଇପାରି ନ ଥାନ୍ତେ। ମମତା ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛନ୍ତି। ସ୍ୱପ୍ନ ଦେଖିବାକୁ ମନାନାହିଁ। କିନ୍ତୁ ସେ ସଶସ୍ତ୍ର ବଳର ମନୋବଳ ଦୁର୍ବଳ ହେବା ଭଳି ମନ୍ତବ୍ୟ ଦେବା ଅନୁଚିତ ବୋଲି ମୋଦି ସମାଲୋଚନା କରିଛନ୍ତି।

### ପ୍ରତିମୂର୍ତ୍ତି ଭଙ୍ଗାର ତଦନ୍ତ କରିବ ଏସ୍‌ଆଇଟି

**କୋଲ୍‌କାତା,୧୬।୫:** କୋଲ୍‌କାତାରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ' ବେଳେ ସଂଘର୍ଷ, ପୋଡ଼ାଜଳା ସହ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଇଥିଲା। ଏହି ଘଟଣାକୁ ନେଇ ରାଜନୀତି ତେଜିଥିବାବେଳେ ଭାଜପା ଓ ଟିଏମ୍‌ସି ପରସ୍ପରକୁ ଏଥିଲାଗି ଦୋଷାରୋପ କରୁଛନ୍ତି। ପ୍ରତିମୂର୍ତ୍ତି ଭଙ୍ଗାର ତଦନ୍ତ ଲାଗି କୋଲ୍‌କାତା ପୋଲିସ ଡିସିପିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି।



ବାରାଣସୀରେ ବିରୋଧୀ ମହାମେଣ୍ଟ ସଭାରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ।

### ବିବାଦରେ ପ୍ରଜ୍ଞା ଠାକୁର
# ନାଥୁରାମ ଦେଶଭକ୍ତ

**ଭୋପାଳ,୧୬।୫(ପି.ଟି.)**



ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ କହି ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ବିବାଦରେ ଫସିଛନ୍ତି। ତାଙ୍କ ମନ୍ତବ୍ୟକୁ ଭାଜପା ନିନ୍ଦା କରିବା ସହ ବିବାଦରୁ ଦୂରେଇ ରହିଛି।

ଭୋପାଳରୁ ଭାଜପାର ଲୋକ ସଭା ପ୍ରାର୍ଥୀ ହୋଇଥିବା ପ୍ରଜ୍ଞା ଗୁରୁବାର ନାଥୁରାମଙ୍କୁ ଜଣେ ସଚ୍ଚା ଦେଶଭକ୍ତ ବୋଲି ଅଭିହିତ କରିଛନ୍ତି। ଭାରତର ପ୍ରଥମ ଆତଙ୍କବାଦୀ ଜଣେ ହିନ୍ଦୁ ବୋଲି ଅଭିନେତାରୁ ରାଜନେତା ସାଜିଥିବା ଏମ୍‌ଏନ୍‌ଏମ୍ ଅଧ୍ୟକ୍ଷ କମଲ ହାସନ କହିବା ପରେ ଖବରଦାତାମାନେ ଏ ନେଇ ପ୍ରଜ୍ଞାଙ୍କୁ ପ୍ରଶ୍ନ କରିଥିଲେ। ନାଥୁରାମ ଜଣେ ଦେଶଭକ୍ତ ଥିଲେ, ଦେଶଭକ୍ତ ଅଛନ୍ତି ଓ ଦେଶଭକ୍ତ ରହିବେ ବୋଲି ପ୍ରଜ୍ଞା କହିଥିଲେ। ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିବା ଗାନ୍ଧିଜୀଙ୍କ ହତ୍ୟାକାରୀଙ୍କୁ ଭାଜପା ନେତା ପ୍ରକୃତ ଦେଶଭକ୍ତ କହିବା ସହ ଦେଶ ପାଇଁ ଜୀବନ ଦେଇଥିବା ହେମନ୍ତ କର୍‌କରେଙ୍କୁ ଦେଶଦ୍ରୋହୀ କହୁଛନ୍ତି। ନାଥୁରାମଙ୍କ ଉତ୍ତରାଧିକାରୀମାନେ ଭାରତର ଆତ୍ମାକୁ ଆକ୍ରମଣ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ପ୍ରଜ୍ଞାଙ୍କ ବିବାଦୀୟ ବୟାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏଥିସହ କଠୋର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିନିଆଯାଉ ବୋଲି ଦଳ କହିଛି। ଶହୀଦଙ୍କୁ ଅପମାନିତ କରିବା ଭାଜପାର ଡିଏନ୍‌ଏରେ ରହିଥିବା କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି। ପ୍ରଜ୍ଞାଙ୍କ ମନ୍ତବ୍ୟଠାରୁ ଭାଜପା ନିଜକୁ ଦୂରେଇ ରଖିବା ଯଥେଷ୍ଟ ନୁହେଁ, ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ବିବାଦ ପରେ ପ୍ରଜ୍ଞା କ୍ଷମାମାଗିବା ସହ ନିଜ ମନ୍ତବ୍ୟକୁ ପ୍ରତ୍ୟାହାର କରିନେଇଛନ୍ତି।



ବ୍ରାଜିଲରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନୁଦାନ ହ୍ରାସ ନିଷ୍ପତ୍ତି ପ୍ରତିବାଦରେ ରାଷ୍ଟ୍ରପତି ଜାଇର୍ ବୋଲ୍‌ସୋନାରୋଙ୍କ ବିରୋଧରେ ରିଓ ଡି ଜେନିରୋରେ ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।।

### ରାଜୀବ କୁମାରଙ୍କ ସୁରକ୍ଷା ପ୍ରତ୍ୟାହାର ଆବେଦନ
### ସୁପ୍ରିମକୋର୍ଟ ରାୟ ଆଜି

**ନୂଆଦିଲ୍ଲୀ,୧୬।୫(ପି.ଟି.)**

କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଗିରଫଦାରି ଉପରେ ଲାଗିଥିବା ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର ଲାଗି ସିବିଆଇର ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଇବେ। ପୂର୍ବରୁ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ପଶ୍ଚିମବଙ୍ଗ ପୋଲିସ ଏସ୍‌ଆଇଟିର ନେତୃତ୍ୱ ନେଉଥିଲେ ରାଜୀବ। ସେ ପ୍ରମାଣ ନଷ୍ଟ ଲାଗି ଉଦ୍ୟମ କରିଥିବା ତଦନ୍ତରୁ ଜଣାପଡିଥିବାରୁ ସିବିଆଇ ତାଙ୍କୁ ହାଜତକୁ ନେଇ ଜେରା କରିବାକୁ ଚାହୁଁଥିବା କୋର୍ଟଙ୍କୁ ଜଣାଇଛି। ତାଙ୍କ ମହକିଲଙ୍କୁ ଅପମାନିତ କରିବାକୁ ସିବିଆଇ ଚାହୁଁଛି ବୋଲି ରାଜୀବଙ୍କ ଓକିଲ କହିଛନ୍ତି ।

# କମଲ ହାସନଙ୍କୁ ଅଣ୍ଡାମାଡ଼

**ଅରାଭାକୁରିଚି,୧୬।୫**




ମକ୍କଲ ନିଧି ମୈୟମ(ଏମ୍‌ଏନ୍‌ଏମ୍) ପ୍ରତିଷ୍ଠାତା କମଲ ହାସନଙ୍କୁ ଗୁରୁବାର ଅଣ୍ଡା ଓ ପଥର ମାଡ଼ ହୋଇଛି। କମଲ ହାସନ ତାମିଲନାଡୁର ଅରାଭାକୁରିଚିଠାରେ ଏକ ସଭାରେ ଉଦ୍‌ବୋଧନ ଦେଉଥିବାବେଳେ ଦୁଇ ଜଣ ଅଜଣା ବ୍ୟକ୍ତି ତାଙ୍କୁ ଲକ୍ଷ୍ୟକରି ମଞ୍ଚ ଉପରକୁ ଅଣ୍ଡା ଓ ପଥର ଫିଙ୍ଗିଥିଲେ। ଏଥିରେ କେହି ଆହତ ହୋଇନାହାନ୍ତି। ଦୁଇ ସନ୍ଦିଗ୍ଧଙ୍କୁ ଏମ୍‌ଏନ୍‌ଏମ୍ କର୍ମୀମାନେ ଧରିନେଇ ମାଡ଼ ମାରିଥିଲେ। ପୋଲିସ ସେମାନଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରିବା ପରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ସୁଲୁର ଉପନିର୍ବାଚନ ଲାଗି ଶୁକ୍ରବାର ପ୍ରଚାର କରିବାକୁ ପୋଲିସ କମଲ ହାସନଙ୍କୁ ଅନୁମତି ଦେଇନାହିଁ। ଏହା ପୂର୍ବରୁ ବୁଧବାର ସନ୍ଧ୍ୟାରେ ତିରୁପ୍ପରଙ୍କୁନ୍ଦ୍ରମ ନିର୍ବାଚନମଣ୍ଡଳୀରେ ହାସନ ଏକ ସଭାରେ ଉଦ୍‌ବୋଧନ ଦେଉଥିବାବେଳେ ତାଙ୍କୁ ଲକ୍ଷ୍ୟ କରି କିଛି ଲୋକ ଚପଲ ଫିଙ୍ଗିଥିଲେ। ଭାରତର ପ୍ରଥମ ଆତଙ୍କବାଦୀ ଜଣେ ହିନ୍ଦୁ ବୋଲି ନାଥୁରାମ ଗଡ୍‌ସେଙ୍କୁ ଲକ୍ଷ୍ୟ କରି କମଲ ହାସନ କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି।

### ଜଷ୍ଟିସ ଲୋକୁର ଫିଜି ସୁପ୍ରିମକୋର୍ଟ ବିଚାରପତି


**ନୂଆଦିଲ୍ଲୀ,୧୬।୫(ପି.ଟି.)**

ଅବସରପ୍ରାପ୍ତ ବିଚାରପତି ମଦନ ବି. ଲୋକୁର ଫିଜି ସୁପ୍ରିମକୋର୍ଟର ଅଣଆବାସିକ ପ୍ୟାନେଲ୍‌ରେ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି। ସେ ୨୦୧୮ ଡିସେମ୍ବର ୩୧ରେ ସୁପ୍ରିମକୋର୍ଟରୁ ଅବସର ଗ୍ରହଣ କରିଥିଲେ। ତାଙ୍କୁ ତିନିବର୍ଷ ପାଇଁ ନୂଆ ନିଯୁକ୍ତି ଦିଆଯାଇଛି। ସେ ଅଗଷ୍ଟ ୧୫ରେ ନୂତନ ଦାୟିତ୍ୱ ଗ୍ରହଣ କରିବେ ବୋଲି ତାଙ୍କର ଘନିଷ୍ଠତମ ସୂତ୍ରରୁ ଜଣାପଡିଛି।



### ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ବବ୍‌ଙ୍କ ପରଲୋକ

**ସିଡ୍‌ନୀ,୧୬।୫(ଏଏଫ୍‌ପି)**



ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ବବ୍ ହକ୍‌ଙ୍କର ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ୧୯୮୩ରୁ ୧୯୯୧ ପର୍ଯ୍ୟନ୍ତ ଲେବର ପାର୍ଟିର ନେତା ଥିଲେ ଏବଂ ୪ ଥର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ଲେବର ପାର୍ଟି ପ୍ରଧାନମନ୍ତ୍ରୀ ଭାବେ ସେ ସର୍ବାଧିକ କାଳ କ୍ଷମତାରେ ରହିଥିଲେ।

# ଜହ୍ନରେ କଳାଦାଗର ରହସ୍ୟ

**ବେଜିଂ,୧୬।୫(ଏଏଫ୍‌ପି)**

ଜହ୍ନରେ ଦେଖାଯାଉଥିବା କଳାଅଂଶର ରହସ୍ୟ ଉଦ୍‌ଘାଟନ କରିଛି ଚାଇନା। ଏସବୁ ଅଂଶ ଚନ୍ଦ୍ରପୃଷ୍ଠର ଶୀତଳ ସ୍ଥାନ। ଏଠାରେ ଥିବା ପ୍ରଚୁର ଓଲିଭାଇନ୍ ଏବଂ କ୍ୟାଲ୍‌ସିୟମ୍ ପାଇରୋକ୍ସିନ୍ ସେହିସବୁ ସ୍ଥାନକୁ କଳା କରିଦେଇଛି। ଚାଇନାର ଚାଙ୍ଗ୍'ଇ-୪ ମହାକାଶଯାନ ପଠାଇଥିବା ଫଟୋ ଏବଂ ତଥ୍ୟରୁ ଏହା ଅନୁମାନ କରାଯାଉଛି। ଚାଇନା ମହାକାଶ ବିଜ୍ଞାନୀଙ୍କ ତଥ୍ୟ ଲୁନାର ମାଗ୍‌ମା ଥିଓରୀକୁ ସମର୍ଥନ କରୁଥିବା ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସିଜ୍‌ର ସଦସ୍ୟ ଚୁନାଲାଇ ଲି ପ୍ରକାଶ କରିଛନ୍ତି।

# ୨୩ରେ ଅଣଏନ୍‌ଡିଏ ଦଳ ବୈଠକ

**ନୂଆଦିଲ୍ଲୀ,୧୬।୫**



ପାୱାର, ଷ୍ଟାଲିନ୍, ମାୟାବତୀଙ୍କୁ ସୋନିଆଙ୍କ ନିମନ୍ତ୍ରଣ

ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆସନ୍ତା ୨୩ରେ ଅଣଏନ୍‌ଡିଏ ଦଳଗୁଡ଼ିକର ନେତାଙ୍କୁ ନେଇ ଏକ ବୈଠକ କରିବେ। ଏଥିଲାଗି ଧର୍ମନିରପେକ୍ଷ ଦଳଗୁଡ଼ିକୁ ସେ ନିମନ୍ତ୍ରଣ କରଛନ୍ତି। ଏନ୍‌ସିପି ମୁଖ୍ୟ ଶରଦ ପାୱାର, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଆର୍‌ଜେଡି, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି ଆଦି ରାଜନୈତିକ ଦଳର ନେତାମାନଙ୍କୁ ଡକାଯାଇଛି। ସମନ୍ୱୟ ରକ୍ଷାଲାଗି କଂଗ୍ରେସ ପକ୍ଷରୁ ଏକ ୪ ଜଣିଆ ଟିମ୍ ଗଠନ କରାଯାଇଛି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଲାଗି ସମଭାବାପନ୍ନ ଦଳଗୁଡିକ ସହ ସମ୍ପର୍କ ରକ୍ଷା କରିବା ପାଇଁ ଅହମ୍ମଦ ପଟେଲ, ପି. ଚିଦାମ୍ବରମ୍, ଗୁଲାମ୍ ନବି ଆଜାଦ୍ ଓ ଅଶୋକ ଗେହଲଟ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ୨୩ରେ ଭୋଟ ଗଣତି ପରେ ଫଳ ଆସିବାକୁ ଥିବାବେଳେ ଭାଜପା ସଂଖ୍ୟାଗରିଷ୍ଠତାଠାରୁ ବହୁ ପଛରେ ରହିବ ବୋଲି ଆଶଙ୍କା ପ୍ରକାଶ ପାଇଥିବାରୁ କଂଗ୍ରେସ ସରକାର ଗଠନ କରିବା ନେଇ ଆଶାବାଦୀ ହୋଇପଡ଼ିଛି।

# ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୬।୫(ପି.ଟି.)**



ଜମ୍ମୁ-କଶ୍ମୀରର ପୁଲୱାମା ଓ ଶୋପିଆନ୍ ଜିଲାରେ ଗୁରୁବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ଶହୀଦ ହୋଇଥିବାବେଳେ ଜଣେ ସାଧାରଣ ନାଗରିକ ଟଳିପଡ଼ିଛନ୍ତି। ପୁଲୱାମାର ଦେଲିପୋରା ଅଞ୍ଚଳରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଗୁରୁବାର ସକାଳେ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିବାବେଳେ ଏକ ଘରେ ଲୁଚିଥିବା ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଏଥିରେ ସେନାର ସିପାହି ସନ୍ଦୀପ ଶହୀଦ ହୋଇଛନ୍ତି। ସେହିପରି ଗୁଳିମାଡ଼ରେ ରୟିସ୍ ଦାର ନାମକ ଜଣେ ନାଗରିକ ନିହତ ହୋଇଛନ୍ତି। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ପାକିସ୍ତାନର ଖାଲିଦ, ଶୋପିଆନ୍‌ର ଉମର ମୀର ଓ ପୁଲୱାମାସ୍ଥିତ କରିମାବାଦର ନାସିର ପଣ୍ଡିତ।

### ଯବାନ ଶହୀଦ, ଟଳିଲେ ସାଧାରଣ ନାଗରିକ

ଏନ୍‌କାଉଣ୍ଟର ସ୍ଥଳରୁ ଅସ୍ତ୍ରଶସ୍ତ୍ର ସମେତ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଛି। ମୃତ ଆତଙ୍କବାଦୀମାନେ ଏକାଧିକ ଆକ୍ରମଣରେ ସମ୍ପୃକ୍ତ ଥିଲେ। ସେହିପରି ଶୋପିଆନ୍ ଜିଲା ହେଣ୍ଡିଉ ଗ୍ରାମରେ ଆଉ କେତେଜଣ ଆତଙ୍କବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷା ବଳ ସେଠାରେ ଏନ୍‌କାଉଣ୍ଟର କରିଛି। ତଲାସି ବେଳେ ଆତଙ୍କବାଦୀମାନେ ଗୁଳିବର୍ଷା କରିବାରୁ ଯବାନମାନେ ପାଲଟା ଜବାବ ଦେଇଥିଲେ। ଏଥିରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି।



ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଖାତା ମୂଲ୍ୟାଙ୍କନ କରାଯାଉଛି। ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ମୂଲ୍ୟାଙ୍କନ ପର୍ଯ୍ୟାୟକ୍ରମେ ଜାରି ରହିଛି। ୨ଟି ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଏବେ ତୃତୀୟ ପର୍ଯ୍ୟାୟ ମୂଲ୍ୟାଙ୍କନ ଚାଲିଛି। ମୂଲ୍ୟାଙ୍କନ ପ୍ରକୋଷ୍ଠକୁ ମୋବାଇଲ ଓ କ୍ୟାମେରା ନେବା ବାରଣ ହୋଇଥିବା ସତ୍ତ୍ୱେ ଜଣେ ଅଧ୍ୟାପକ ପ୍ରକୋଷ୍ଠରେ ଥିବାବେଳେର ସେଲ୍‌ଫି ନିଜ ମୋବାଇଲରେ ଉଠାଇ ତାହାକୁ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। ତାହା ଏବେ ଭାଇରାଲ ହେବାରେ ଲାଗିଛି। ଅଧ୍ୟାପକ ଜଣକ ହେଉଛନ୍ତି ପଦ୍ମପୁରସ୍ଥିତ ଆର୍‌ଜି କଲେଜର ରାମଚନ୍ଦ୍ର ସାହୁ।

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ପ୍ରଧାନଙ୍କ ପରଲୋକ



**ରାଉରକେଲା ଅଫିସ/ ବଡ଼ଗାଁ, ୧୬।୫ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲାର ବିଶିଷ୍ଟ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ପ୍ରାଧନଙ୍କର ଗୁରୁବାର ଅପରାହ୍ନ ସାଢ଼େ ୩ଟାରେ ରାଉରକେଲା ଜଗଦାସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ପ୍ରଧାନ ୧୯୨୯ ଜୁନ ୧ରେ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଇଡିହିରେ ଜନ୍ମଗ୍ରହଣ କରିଥିଲେ। ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରୁ ୧୯୫୭ରେ ସେ ଗଣ ପରିଷଦ ପାର୍ଟିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ତଳସରା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ସେ ସ୍ୱତନ୍ତ୍ର ପାର୍ଟିରୁ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୨ରେ କଂଗ୍ରେସରେ ଯୋଗଦେଇ ଜଙ୍ଗଲ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସମେତ ବହୁ ନେତା ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶୋକ ବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ଇଂ. ଆଇଜାକ୍ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଇଂ. ସଞ୍ଜୟ ପ୍ରଧାନ, ଅମିୟ ପ୍ରଧାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ବଜ୍ରପାତରେ ଗୋଟିଏ ପରିବାର ୨ ମହିଳା ମୃତ

**ଧର୍ମଗଡ଼/ବେହେରା, ୧୬।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଗୋଟିଏ ପରିବାର ୨ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାଦ୍ୱୟ ହେଲେ ଭୂମିସୂତା ଗୋପାଳ (୩୮) ଓ ଜୟମଣି ଗୋପାଳ (୪୦)। ଭୂମିସୂତା ଓ ଜୟମଣି ଗୁରୁବାର ଅପରାହ୍ନରେ ଗାଁ ପୋଖରୀକୁ ପାଣି ଆଣିବା ପାଇଁ ଯାଇଥିଲେ । ଏହି ସମୟରେ ପବନର ବେଗ ବଢ଼ିଥିଲା । କିଛି ସମୟ ପରେ ବିଜୁଳି,ଘଡଘଡି ସହ ବର୍ଷା ହୋଇଥିଲା। ସେମାନେ ତରତର ହୋଇ ଘରକୁ ଫେରି ଆସୁଥିବା ବେଳେ ଉଭୟଙ୍କ ଉପରେ ବଜ୍ରପାତ ହୋଇଥିଲା। ଦୁହେଁ ସେଠାରେ ଟଳି ପଡ଼ି ଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଜୟମଣିଙ୍କ ମୃତ୍ୟୁ ଘଟିଥିଲା। ଭୂମିସୂତାଙ୍କୁ ଧର୍ମଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଭୂମିସୂତାଙ୍କ ମୃତ୍ୟୁ ହୋଇଥିଲା।

### ୨ ଆଇଇଡି ଠାବ

**ଲାଞ୍ଜିଗଡ଼,୧୬।୫(ଡି.ଏନ.ଏ.):** ଗତ କିଛିଦିନ ହେଲା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଦୁର୍ଗମ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବୃଦ୍ଧି ପାଇବାରେ ଲାଗିଛି । ଗତ ୧୧ ତାରିଖରେ ଯବାନମାନଙ୍କୁ ଉଡାଇବା ପାଇଁ ତ୍ରିଲୋଚନପୁରସ୍ଥିତ ନୂତନ ଭାବେ ନିର୍ମାଣ ହେଉଥିବା ସିଆରପିଏଫ୍ କ୍ୟାମ୍ପରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏହି ଘଟଣାର ୨ ଦିନ ପରେ ଅର୍ଥାତ୍ ଗୁରୁବାର ଯବାନମାନେ କୋମ୍ବିଂ ଅପରେଶନ ବେଳେ ୨ ଆଇଇଡି ଠାବ କରିଛନ୍ତି। ବୋମା ନିଷ୍କ୍ରିୟକାରୀ ଦଳ ସେହି ଆଇଇଡିକୁ ନିଷ୍କ୍ରିୟ କରିଛନ୍ତି ।

## ଫନୀ: ବିଦ୍ୟୁତ୍ ଭିତ୍ତିଭୂମିର ପୁନରୁଦ୍ଧାର

# ଏନ୍‌ଡିଆର୍‌ଏଫ୍ ନିୟମ କୋହଳ କରାଯାଉ

- ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥଙ୍କୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ଚିଠି
- ୧୧୬୦ କୋଟି ଶକ୍ତି ଭିତ୍ତିଭୂମି କ୍ଷତି

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପୁରୀ ଜିଲା ଏବଂ ଅନ୍ୟ କେତେକ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମି ଧ୍ୱଂସ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ କ୍ଷୟକ୍ଷତି ସମ୍ପର୍କରେ ଗୁରୁବାର ଚିଠି ଲେଖି ଅବଗତ କରାଇଛନ୍ତି। ଏଥିସହିତ ବର୍ତ୍ତମାନ ରହିଥିବା ଏନ୍‌ଡିଆରଏଫ୍ ନିୟମରେ କୋହଳ ପାଇଁ ମଧ୍ୟ ଅନୁରୋଧ କରିଛନ୍ତି।

ଚିଠି ମାଧ୍ୟମରେ ନବୀନ ଲେଖିଛନ୍ତି ଯେ, ଶକ୍ତି କ୍ଷେତ୍ରୀୟ ଟ୍ରାନ୍ସମିଶନ ଏବଂ ବଣ୍ଟନରେ ଅତି ଉଚ୍ଚ କ୍ଷମତାସମ୍ପନ୍ନ, ଉଚ୍ଚ କ୍ଷମତାସମ୍ପନ୍ନ ଏବଂ ନିମ୍ନ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ବ୍ୟବସ୍ଥା ରହିଥାଏ। ଏନ୍‌ଡିଆରଏଫ୍ ନିୟମ ଦ୍ୱାରା ବର୍ତ୍ତମାନ କେବଳ ୧୧ କେଭି କ୍ଷମତା ପର୍ଯ୍ୟନ୍ତ ଥିବା ଶକ୍ତି ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ଯେଉଁ ପରିମାଣର କ୍ଷତି ହୋଇଛି, ସେହି ଅନୁସାରେ ସହାୟତା ନାହିଁ। ୧୧ କେଭି ଲାଇନ ସମେତ ବଣ୍ଟନ ଟ୍ରାନ୍ସଫର୍ମର ଏବଂ ଏଲ୍‌ଟି ନେଟ୍‌ୱର୍କ ମଧ୍ୟ ନଷ୍ଟ ହୋଇଛି। ୨୨୦/୧୩୨ କେଭି ଟାୱାର ଏବଂ ଟ୍ରାନ୍ସମିଶନ ଲାଇନ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବହୁସଂଖ୍ୟକ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ପାୱାର ଟ୍ରାନ୍ସଫର୍ମର, ୩୩ କେଭି ପୋଲ୍, ପ୍ରାଥମିକ ସବ୍‌ଷ୍ଟେଶନ କ୍ଷତିକୁ ମିଶାଇ ପ୍ରାୟ ୧୧୬୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହି କ୍ଷତିର ପୁନରୁଦ୍ଧାର ପାଇଁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା କମ୍ପାନୀଗୁଡ଼ିକ ଅକ୍ଷମ। ବିଦ୍ୟୁତ୍ ସମସ୍ତଙ୍କ ପାଇଁ ପ୍ରମୁଖ ଆବଶ୍ୟକତା। ରାଜ୍ୟ ସରକାର ଏହି ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ଏହି ବିପୁଳ ପରିମାଣ କ୍ଷତିର ବ୍ୟୟଭାର ରାଜ୍ୟ ସରକାର ବହନ କରିବା ସମ୍ଭବ ନୁହେଁ। ତେଣୁ ଏନ୍‌ଡିଆରଏଫ୍ ନିୟମରେ କୋହଳ କରିବା ନେଇ ମୁଖ୍ୟମନ୍ତ୍ରୀ ରାଜନାଥଙ୍କୁ ଅନୁରୋଧ କରିଛନ୍ତି।

### ଖଲ୍ଲିକୋଟରେ ଯୁବକଙ୍କୁ ଗୁଳିମାଡ଼


**ଖଲ୍ଲିକୋଟ,୧୬।୫(ଡି.ଏନ୍.ଏ.):** ଖଲ୍ଲିକୋଟ ଥାନା କେଶପୁର ବଜାର ହନୁମାନମନ୍ଦିର ନିକଟରେ ରାତି ପ୍ରାୟ ୧୦ଟାରେ ଗୁଳିମାଡ ହୋଇଛି। ଏଥିରେ ରାମଚନ୍ଦ୍ରପୁର ଗ୍ରାମର ଭିକାରୀ ତରାଇ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଖଲ୍ଲିକୋଟ ଥାନା ଅଧିକାରୀ ସୁନୀଲ କୁମାର ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଭିକାରୀ କେଶପୁର ବଜାରରୁ ଘରକୁ ଫେରୁଥିବାବେଳେ ହନୁମାନ ମନ୍ଦିର ନିକଟରେ ୨ଟି ବାଇକରେ ଦୁର୍ବୃତ୍ତମାନେ ଆସି ତାଙ୍କ ପଛପଟୁ ଗୁଳିମାଡ କରିଥିଲେ। ଗୋଟିଏ ଗୁଳି ତାଙ୍କ ପିଠିରେ ବାଜିଥିଲା।









ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ଟଙ୍କା ହଡ଼ପ ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଭଗବାନ ପ୍ରଧାନ ଦୋଷୀ କ.ନୂଆଗାଁ ବ୍ଲକ ଆସୁମାଡି ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ କୁମାର ମହାନ୍ତିଙ୍କୁ ୩ବର୍ଷ ଓ ସର୍ବଶିକ୍ଷା ଅଭିଯାନର ଟେକ୍ନିକାଲ କନସଲଟାଣ୍ଟ (ଟିସି)ପୃଥ୍ୱୀରାଜ ଲେଙ୍କାଙ୍କୁ ୧ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ଯଥାକ୍ରମେ ୪୦ ହଜାର ଓ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ପ୍ରଧାନଶିକ୍ଷକଙ୍କୁ ଅଧିକ ୯ ମାସ ଓ ଟିସିଙ୍କୁ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୋନୁ
ପରିବାରବର୍ଗ


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ୧୫ ଖଣି ଲିଜ୍‌ଧାରୀଙ୍କୁ...

ରାଜ୍ୟ ସରକାର ଉକ୍ତ ୧୫ ଖଣି ଲିଜ୍‌ଧାରୀଙ୍କୁ ନୋଟିସ ଜାରି କରିଥିଲେ। ମାତ୍ର ଏହାକୁ ବିରୋଧ କରି ସେମାନେ ପୁଣି ଖଣି ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲେ। ତେବେ କୋଟି କୋଟି ଟଙ୍କାର ସମ୍ପତ୍ତି ଲାଭ କରିଥିବା ୧୫ ଖଣି କମ୍ପାନୀର ଆର୍ଥିକ ସ୍ୱାର୍ଥ, ସାମାଜିକ ଓ ବାଣିଜ୍ୟିକ ପ୍ରତି ଏବେ ଆହ୍ୱାନ ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣି ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଥିବା ଖଣି ଲିଜ୍‌ଧାରୀ ହେଲେ ମାଲା ରାୟ ଆଣ୍ଡ ଅଦର୍ସ, ସତ୍ୟଜିତ ପ୍ରଧାନ, ସୁନନ୍ଦନ ପ୍ରଧାନ, ସୁଶୀଲ କୁମାର ପାଢୀ, ଏସ୍.ଡି.ଶର୍ମା, ନାରାୟଣୀ ସନ୍ସ, ରାଜ କୁମାର ଅଗ୍ରୱାଲ, ଡି.ସି ଡୋଗ୍ରାଙ୍କ ଉତ୍ତରାଧିକାରୀ ସଞ୍ଜୟ କୁମାର ଡୋଗ୍ରା, ଦୀନେଶ ଚନ୍ଦ୍ର ଦାସ, ଓ ଜୟକିଶୋର ଚୌବେ।

### ମଇଦାନରେ ୧୬୩...

ପାଟଲୀପୁତ୍ର ଲୋକ ସଭା ଆସନରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରମେଶ କୁମାର ଶର୍ମାଙ୍କ ସମ୍ପତ୍ତି ୧,୧୦୭ କୋଟି ଟଙ୍କା। ଧନୀ ପ୍ରାର୍ଥୀଙ୍କ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ବିଶ୍ୱେଶ୍ୱର ରେଡ୍ଡୀ (୮୯୫ କୋଟି), ଯିଏକି ତେଲେଙ୍ଗାନାର ଚେଭେଲ୍ଲା ଆସନରୁ କଂଗ୍ରେସ ଟିକେଟରେ ଲଢୁଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଲନାଥ ଛିନ୍ଦ୍‌ୱାଡା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନକୁଲନାଥଙ୍କ ସମ୍ପତ୍ତି ୬୬୦ କୋଟି ହୋଇଥିବାବେଳେ ତାମିଲନାଡୁର କନ୍ୟାକୁମାରୀ ଆସନରେ କଂଗ୍ରେସରୁ ଲଢୁଥିବା ଏଚ୍. ବସନ୍ତକୁମାର ୪୧୭ କୋଟିର ମାଲିକ। ମଧ୍ୟପ୍ରଦେଶର ଗୁନା ଆସନର ପ୍ରାର୍ଥୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ ନିଜ ସମ୍ପତ୍ତିର ପରିମାଣ ୩୭୪ କୋଟିରୁ ଊର୍ଦ୍ଧ୍ୱ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଭାଜପାର ସବୁଠୁ ଧନୀ ପ୍ରାର୍ଥୀ ହେଉଛନ୍ତି ହେମାମାଳିନୀ, ଯିଏକି ଉତ୍ତରପ୍ରଦେଶର ମଥୁରା ଆସନରେ ପୁନଃ ଭାଗ୍ୟପରୀକ୍ଷା କରୁଛନ୍ତି।

### ପ୍ରଣବ କୁମାର ଦାସ ପ୍ରମୁଖ...

ପାଇଥିଲା। ପ୍ରଣବ ୧୯୮୩ ମସିହାର ଆଇଆରଏସ୍ ଅଧିକାରୀ। ନିଜ ୩୫ ବର୍ଷର ଚାକିରି କାଳରେ ପ୍ରଣବ କେନ୍ଦ୍ର ସରକାରଙ୍କ ଅଧୀନ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଆସିଛନ୍ତି। ଗତବର୍ଷ ଡିସେମ୍ବରରେ ପ୍ରଣବଙ୍କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ କଷ୍ଟମ(ସିବିଆଇସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ କେନ୍ଦ୍ରୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ମୁଖ୍ୟାଳୟ)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ସାରିଛନ୍ତି।

### ଓଏଚ୍‌ଆର୍‌ସି କାର୍ଯ୍ୟକାରୀ ଅଧ୍ୟକ୍ଷ...

ଅଞ୍ଚଳରୁ ଆସୁଥିବା ଅଭିଯୋଗ କେବଳ ଗ୍ରହଣ କରାଯାଉଥିଲା। କିନ୍ତୁ ବିଚାର ହୋଇ ନ ପାରିବାରୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସଦସ୍ୟଙ୍କ ନାମ ଚୟନ କରି ରାଜ୍ୟପାଳଙ୍କ ନିକଟକୁ ପଠାଇଥିଲେ। ୨୦୧୮ ଡିସେମ୍ବର ୨୪ରେ ରାଜ୍ୟପାଳ ଜଷ୍ଟିସ୍ ଦାଶଙ୍କୁ ରାଜ୍ୟ ମାନବାଧିକାର କମିଶନ ସଦସ୍ୟଭାବେ ନିଯୁକ୍ତ କରିଥିଲେ। ହେଲେ ଅଧ୍ୟକ୍ଷ ପଦ ଖାଲି ପଡିଥିଲା। ଜଷ୍ଟିସ୍ ଦାଶ କାର୍ଯ୍ୟରେ ଯୋଗଦେବା ପରଠାରୁ ବର୍ତ୍ତମାନ ସୁଦ୍ଧା ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୯୯୭ଟି ମାମଲାର ଫଇସଲା କରାଯାଇଥିବା ରାଜ୍ୟ ମାନବାଧିକାର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଜଷ୍ଟିସ ଦାଶ ଏବେ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତି ପାଇଥିବାରୁ ଏସବୁ ମାମଲାର ଶୀଘ୍ର ଫଇସଲା ହୋଇଯିବ ବୋଲି ଆଶା କରାଯାଉଛି। ୨୦୧୮ ଅଗଷ୍ଟ ୧୫ରେ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ବୀରକିଶୋର ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ହେବା ପରଠାରୁ କେହି ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପାଇ ନ ଥିଲେ।

### ଲେଖିକା ମଣିଦୀପାଙ୍କ ...

ମୃତ୍ୟୁ ଘଟିଲା ତାହାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାଥମିକ ତଦନ୍ତରୁ ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହାର କିଛି ବି ସୁରାକ ପାଇପାରିନି ପୋଲିସ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ପଦାକୁ ଆସିବ ବୋଲି ପୋଲିସ କହୁଛି।

ଉଚ୍ଚଶିକ୍ଷିତା ମଣିଦୀପା ଜଣେ ପରିଚିତ ଲେଖିକା। ତାଙ୍କର ଅନେକ କାବ୍ୟ ଓ କବିତା ବେଶ୍ ପାଠକୀୟ ଆଦୃତିଲାଭ କରିଛି। ମିଳିଥିବା ସୂଚନାନୁସାରେ, ପାରିବାରିକ ବିବାଦକୁ ନେଇ ମଣିଦୀପା ୫ବର୍ଷ ହେବ ସ୍ୱାମୀଙ୍କ ଠାରୁ ଅଲଗା ରହୁଥିଲେ। ତାଙ୍କର ଗୋଟିଏ ପୁଅ ଦିଲ୍ଲୀରେ ରହୁଥିବାବେଳେ ମଣିଦୀପା ଭୁବନେଶ୍ୱରରେ ଏକୁଟିଆ ରହୁଥିଲେ। ସେ ପ୍ରାୟତଃ ଏକାକୀ ରହିବାକୁ ଭଲ ପାଉଥିଲେ। ଲେଖିକା ହୋଇଥିବାରୁ ଘର ଭିତରେ ଏକାଏକା ଲେଖାଲେଖି କରୁଥିବା ଭାବି ପଡୋଶୀ ତାଙ୍କ ନିକଟକୁ ଯାଆନ୍ତି ନାହିଁ। ବାତ୍ୟା ଫନୀ ପରେ ରାଜଧାନୀରେ ମୋବାଇଲ୍ ନେଟ୍‌ୱର୍କ ଫେଲ୍ ହୋଇଯିବାଠାରୁ ତାଙ୍କ ସହ ପୁଅଙ୍କର ଯୋଗାଯୋଗ ହୋଇପାରି ନ ଥିଲା। ତେବେ ନେଟ୍‌ୱର୍କ ଆସିବା ପରେ ପୁଅ ତାଙ୍କ ମୋବାଇଲ୍ ଫୋନ୍‌କୁ ବାରମ୍ବାର କଲ୍ କରୁଥିଲେ ମଧ୍ୟ ସେ ଉଠାଉ ନ ଥିଲେ। ସନ୍ଦେହ ହେବାରୁ ପୁଅ ତାଙ୍କ ଅଜାଙ୍କୁ ଫୋନ୍ କରି ଜଣାଇ ଦେଖି ଆସିବାକୁ କହିଥିଲେ। ଗୁରୁବାର ମଣିଦୀପାଙ୍କ ବାପା ଉକ୍ତ ଆପାର୍ଟମେଣ୍ଟକୁ ଯାଇ କବାଟ ଭିତରପଟୁ ବନ୍ଦଥିବା ଓ କେହି ନ ଖୋଲିବାରୁ ତୁରନ୍ତ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଲା ଭାଙ୍ଗି ଭିତରକୁ ପଶିଥିଲେ। ମଣିଦୀପାଙ୍କ ମୃତଦେହ ଏକ କୋଠରିର ବେଡ୍ ଉପରେ ତଳମୁହାଁ ହୋଇ ପଡିରହିଥିଲା। ମୃତଦେହଟି ଫୁଲି ଯାଇଥିବାବେଳେ ପୋକ ସାଲୁବାଲୁ ହେଉଥିଲେ। ମୃତଦେହ ନିକଟରେ ଏକ ଡବାରେ ଚୂନ ଭଳି ଦିଶୁଥିବା କିଛି ପଦାର୍ଥ ପଡ଼ିଥିଲା। କିନ୍ତୁ ମୃତଦେହରେ କୌଣସି କ୍ଷତଚିହ୍ନ ନ ଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ମଣିଦୀପା ଆତ୍ମହତ୍ୟା କରିଥାଇପାରନ୍ତି କିମ୍ବା ତାଙ୍କର ହୃଦ୍‌ଘାତରୁ ମୃତ୍ୟୁ ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ମାତ୍ର ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ଉଠୁଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଅଚାନକ କେନ୍ଦ୍ରାପଡ଼ା ଗସ୍ତ

# ଜିଲାରେ ନିର୍ମାଣ ହେବ ୩୦ ନୂତନ ଆଶ୍ରୟସ୍ଥଳୀ


ଜିଲାପାଳଙ୍କ କାର୍ଯ୍ୟାଳୟରେ ବାତ୍ୟା 'ଫନୀ' ନେଇ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**କେନ୍ଦ୍ରାପଡା ଅଫିସ, ୧୬।୫**

ପ୍ରାକୃତିକ ବିପର୍ଯ୍ୟୟପ୍ରବଣ କେନ୍ଦ୍ରାପଡ଼ା ଜିଲାରେ ଅଧିକ ଆଶ୍ରୟସ୍ଥଳ ଆବଶ୍ୟକତା ରହିଛି। ଏଥିପାଇଁ ଜିଲାରେ ଆଉ ୩୦ଟି ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବ। ପ୍ରତ୍ୟେକ ଆଶ୍ରୟସ୍ଥଳ ପାଇଁ ୨ କୋଟି ଟଙ୍କା ଲେଖାଏଁ ବ୍ୟୟ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅଚାନକ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବାତ୍ୟା କ୍ଷୟକ୍ଷତି ସମୀକ୍ଷା ପରେ ଜିଲା ପାଇଁ ଏହି ପ୍ୟାକେଜ ଘୋଷଣା କରିଛନ୍ତି। ଗତ ୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ ଜିଲାର କେତେକ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ଜନ ଅନୁଷ୍ଠାନ କେତେକାଂଶରେ ନଷ୍ଟ ହୋଇଛି। ଏହାର ମରାମତି ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ବରାଦ କରାଯାଇଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଓ ମତ୍ସ୍ୟଜୀବୀଙ୍କ ପାଇଁ ଜୀବିକା ପ୍ୟାକେଜ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଣେ ବି ଯୋଗ୍ୟ ବ୍ୟକ୍ତି ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ହେବେ ସେ ଦିଗରେ ଦୃଷ୍ଟି ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି କେନ୍ଦ୍ରାପଡ଼ା ବ୍ଲକ ବାରୁଅଠାରେ ଓହ୍ଲାଇଥିଲେ। ସେଠାରୁ ସିଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବାତ୍ୟାଜନିତ କ୍ଷୟକ୍ଷତି ଓ ରିଲିଫ୍ ଯୋଗାଣ ସମୀକ୍ଷା କରିଥିଲେ। ବାତ୍ୟା ସମୟରେ ସ୍ଥାନାନ୍ତର, ରନ୍ଧାଖାଦ୍ୟ ଓ ରିଲିଫ୍ ବଣ୍ଟନ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବାତ୍ୟା ପରିଚାଳନା ଦାୟିତ୍ୱରେ ଥିବା ଜଳସେଚନ ସଚିବ ପ୍ରଦୀପ ଜେନା, ଜିଲାପାଳ ପ୍ରେମ୍‌ଚାନ୍ଦ ଚୌଧୁରୀ, ଏଡିଏମ୍ ବସନ୍ତ କୁମାର ରାଉତ, ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ ଶତପଥୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ଓ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ବାତ୍ୟା ବେଳେ ମୃତ୍ୟୁବରଣ କରିଥିବା ୩ ପରିବାର ମଧ୍ୟରୁ ଜଣଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିଥିଲେ। ସେହିପରି କ୍ଷତିଗ୍ରସ୍ତ ଚାଷୀ ଓ କେତେକ ଏସ୍‌ଏସ୍‌ଜିକୁ କ୍ଷତିପୂରଣ ବାବଦରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଅଚାନକ ଗସ୍ତ ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ଆଗକୁ ପାଟକୁରା ନିର୍ବାଚନ ଥିବାରୁ ମୁଖ୍ୟମନ୍ତ୍ରୀ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ରାପଡ଼ା ଗସ୍ତ କରିଥିବା ଆଲୋଚନା ହେଉଛି।

### ଜିଲାପାଳଙ୍କ କାର୍ଯ୍ୟାଳୟରେ କ୍ଷୟକ୍ଷତି ସମୀକ୍ଷା

- କ୍ଷତିଗ୍ରସ୍ତ ପ୍ରତ୍ୟେକ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ପାଇଁ ୨ଲକ୍ଷ ଲେଖାଏ ବ୍ୟୟବରାଦ
- ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାଷୀଙ୍କ ପାଇଁ ଘୋଷଣା ହେବ ଜୀବିକା ପ୍ୟାକେଜ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସବୁକଥାକୁ ଭଲରୂପେ ବିଚାରପୂର୍ବକ କାମ କରି ଆଗକୁ ବଢିବା ଠିକ୍ ହେବ। ଆଜି ବନ୍ଧୁଗୃହକୁ ଯାତ୍ରା କରିବାକୁ ବାଧ ହେବେ। କାମ ହାସଲ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସୂଚନାପ୍ରାପ୍ତ ହେବ।

**ବୃଷ** ଉଦ୍ଦେଶ୍ୟମୂଳକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ବେଶ୍ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଦୂରଯାତ୍ରା କରିବା ସକାଶେ ଅନୁପ୍ରେରିତ କରିବେ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାର ଚିନ୍ତାପ୍ରକଟ କରିପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବାର ସୂଚନା ମିଳେ।

**କର୍କଟ** ଆଜି ଆଗାମୀ ସମୟର ଅନାଗତ ସମସ୍ୟା ବିଷୟ ଚିନ୍ତାକରି ମନରେ ସରସତା ଆଗଭଳି ରହିବ ନାହିଁ। ନିର୍ମାଣ କାର୍ଯ୍ୟ, ମାଲିମକଦ୍ଦମା, କ୍ରୟବାଣିଜ୍ୟ, ବ୍ୟବସାୟରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବହନରେ କିଛି ସମସ୍ୟା ଦେଖାଦେବ କିନ୍ତୁ ସେଥିରୁ ସହଜରେ ମୁକୁଳି ଯିବେ।

**ସିଂହ** ପ୍ରତ୍ୟେକ ପରିସ୍ଥିତିରେ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସଫଳତା ପାଇବେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ପର ପାଇଁ ନିଜେ ହଇରାଣରେ ପଡିପାରନ୍ତି।

**ତୁଳା** ଆଜି ଦିନ ମଧ୍ୟରେ ବହୁତ ଚେଷ୍ଟା କରି ମଧ୍ୟ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଅଫିସ୍ କାମରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। କେତେକ ଅସ୍ୱାଭାବିକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହେବେ, ଯଦ୍ୱାରା କି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡିବ।

**ଧନୁ** ଆଜି ସକାଳୁ ସକାଳୁ ଏଣୁ ତେଣୁ ଗୁଡାଏ ଚିନ୍ତାକରି ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡିପାରେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** ଆଜି ହଠାତ୍ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ଅପରାହ୍ଣେ ଟେନସନ କମିଯିବା ସଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। ଟିକିଏ କଥାରେ ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବେ, ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ପ୍ରକାରର ଅସୁବିଧା ନ ହୋଇ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ବନ୍ଧୁଙ୍କୁ ମିଶନ୍ତୁ, ଅବଶ୍ୟ ଆପଣଙ୍କୁ କିଛିଟା ସାହାଯ୍ୟ ମିଳିବ।

**ମୀନ** ଆଜି ଦିନଟିରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଅପରାହ୍ଣେ ଆଶା କରୁଥିବା କାମ ହୋଇଯିବ।

ଆଜି ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ ଶୁକ୍ରବାର, ମୁକ୍ତିମଣ୍ଡପରେ ନୃସିଂହ ଜନ୍ମୋତ୍ସବ, ଜଗନ୍ନାଥ ବଲ୍ଲଭ ମଠରେ ଉତ୍ସବ, ଚକ୍ରତୀର୍ଥ ନୃସିଂହ ନିକଟକୁ ଆଜ୍ଞାମାଳ ବିଜେ, ମେ ୧୭ ତାରିଖ, ବିଶ୍ୱ ଦୂର ସଂଚାର ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ.୬।୪୯ମି. ମଧ୍ୟେ ଘ.୪।୩୩ମି. ଗତେ, ଘ.୬।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ.୮।୨୬ମି. ଗତେ, ଘ୧୧।୪୦ମି. ମଧ୍ୟେ ମାହେନ୍ଦ୍ରବେଳା।


## classifieds Everyday

0674-2580101, 2549302

### automobile

**HIRE**

JCB, Hitachi, Hyundai, Roller ଭଡ଼ା ନେବା ପାଇଁ ଯୋଗାଯୋଗ କରନ୍ତୁ। 8249528176 D-12515

### real estate

**SALE**

Bhubaneswar ପାତ୍ରପଡ଼ା ମାର୍କେଟ HDFC Bankରୁ 500' କଲୋନୀ ଭିତରେ BDA yellow zone ସ୍ଥିତିବାନ plot sqft. 1950/- 6370292040. D-66371

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

2BHK Simplex 15,00,000/- finishing Hanspal (Bank finance available)- 7790027610, 8093465134. D-66455

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

Prime land at Cuttack under CMC ward no.56 for sale, suitable for hospitals, go-down, apartment etc. Total area is 0.8 acres/20 guntha or 0.323 hectares on main road. Mouza - Subhadrapur. Please send your offer at email: primelandcuttack@yahoo.com For queries contact- Mobile: 7381046301. D-12516

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66523

GA Plot Ghatikia 2700 sqft., Building 4300 sqft. at Ghatikia, Bhubaneswar, Price 2Crores: 8018510988. D-66457

Jupiter Science back side, Per sqft. 300/- possession plot. 9777544478. D-56642

3BHK/ 5BHK ready to move flat, GA plot Ghatikia, Bhubaneswar, price 85 lakhs: 9178518254. D-66458

1500 sqft. (6nos.), 2000 sqft. (7nos.) main road side plot, infront Tata Ariana Ghatikia, Sankarpur, Bhubaneswar 30ft. Road, Electricity, supply water available- 8114744495, 8328943165. D-66459

ପିତାପଲ୍ଲୀ- କଟକ Bypass 100ft. ରାସ୍ତାକୁ ଲାଗି କଣ୍ଟାବାଡ ଠାରେ ବାସଉପଯୋଗୀ ଆଦିବାସୀ plot ମିଳୁଅଛି। ଯୋଗାଯୋଗ: 8093636334. D-66460

ଭୁବନେଶ୍ୱର-ପିତାପଲ୍ଲୀ NH-16 ନିକଟରେ (Tata Motors ସାମ୍ନାରେ) ଆବାସିକ plot ମିଳୁଅଛି। ଯୋଗାଯୋଗ: 8093636334. D-66461

1200 gharabari boundary plot 30ft. internal road, Ranga bazar 8,40,000/-, 8144998588. D-66373

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### to-let

Two 14/16 marveled rooms, toilet, kitchen, balconies behind Durgamandap, Bomikhal. 9937142422. D-12503

ଢେଙ୍କାନାଳ ଟାଉନ ମେନରୋଡ୍ କାରିଗରସାହି ପେଟ୍ରୋଲ ପମ୍ପ ନିକଟରେ ୫୫x୧୦୦ ଫୁଟ୍ ଲମ୍ବର ଘର Godown/ Showroom ପାଇଁ ଭଡ଼ା ଦିଆଯିବ। Contact: 9437001630, 9437984109 D-62097

Well furnished offices with individual cabin for executives in first floor by main roadside ready to occupy garage space for multiple vehicles. Easily catch public transport. Own transformer with 100KW capacity. 24 hours water supply. Contact: 9438081042, 9438668573. D-12513

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674-2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

Physiotherapy, full body massage by trained ladies/ gents therapy: 7008773793 D-66454

### business

ଅଟୋମେଟିକ୍ ଦନା ପ୍ଲେଟ୍ ମେସିନ ମାତ୍ର ଟ.୪୦,୦୦୦/- ଏଠାରେ ସମସ୍ତ ପ୍ରକାର ପେପର ହୋଲସେଲ୍ ଦରରେ ଉପଲବ୍ଧ। ଯୋଗାଯୋଗ- ଶ୍ରୀ ଗଣେଶ ମେସିନାରୀ, ରାୟପୁର, 9752090498. D-12507

**ଜନ୍ମଦିନ ଶୁଭେଚ୍ଛା**


(ସୋନୁ)
ଆରାଧ୍ୟା ଦଳେଇ
ନୂଆପାଟଣା, ନରସିଂହପୁର, କଟକ
ତୋର ଚତୁର୍ଥ ଜନ୍ମବାର୍ଷିକ ଉତ୍ସବରେ ବାବା (ଗଦାଧର ଦଳେଇ), ମାମା (ମନୋରମା ବେହେରା), ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ ମା', ଦାଦା, ଖୁଡ଼ୀ, ମାଉସୀ, ପରେଶ, ନରେଶ, ରାହୁଲ, ଟିକିନା, ଲୁସି, ଖୁସି, ରାକେଶ, ଭାଉଜ, ସଂଧ୍ୟା ଓ ଦଳେଇ ପରିବାରବର୍ଗ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଶୁଭକାମନା କରୁଛୁ।
ଧ-୧୨୫୧୪

**ଜନ୍ମଦିନ ଶୁଭେଚ୍ଛା**


(ମିକି)
ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ
ଭୁବନେଶ୍ୱର
ଆଜି ତୋର ୧୮ ବର୍ଷ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ତୋତେ ଦୀର୍ଘାୟୁ କରିବା ସହ ତୋର ଚଲାପଥ କୁସୁମିତ ହେଉ। ଆମ ଗେହ୍ଲୀ,
ଶୁଭେଚ୍ଛା ସହ
ବାପା, ବୋଉ, ଦାଦା, ମାମା, ସାନ ଦାଦା, ସାନ ମାମା, ଭାଇ, ଭାଉଜ, ସାନ ଭାଇ, ସାନ ଭାଉଜ, ଗୋପାଳ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୫୧୭

# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର

DSPL-13

10003/13/0008/1920

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା





# ଓଡ଼ିଶା ଆପଣାଇବ କେରଳ ମଡେଲ

**ବ୍ୟାଙ୍କିଙ୍ଗ୍, ଇନ୍ସୁ୍ୟରାନ୍ସ ସେବା ସ୍ୱାଭାବିକ ପାଇଁ କେନ୍ଦ୍ର ଓ ରାଜ୍ୟ ଅଧିକାରୀଙ୍କ ବୈଠକ**

- ୨୯୨୧ମଧ୍ୟରୁ ୨ହଜାର ଏଟିଏମ୍ କାର୍ଯ୍ୟକ୍ଷମ
- ଶୀଘ୍ର ପ୍ରାପ୍ୟ ଅର୍ଥ ପ୍ରଦାନ ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ବାତ୍ୟା ଫନୀ ପ୍ରଭାବିତ ଅଞ୍ଚଳରେ ବ୍ୟାଙ୍କ ଓ ବୀମା ସେବାକୁ ପୂର୍ବଭଳି ସ୍ୱାଭାବିକ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ରାଜ୍ୟ ଅତିଥି ଭବନଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ କେରଳ ମଡେଲ ଆପଣେଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦେବାଶିଷ ପଣ୍ଡା ଓ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ମୁଖ୍ୟ ସଚିବ ଅଶୋକ ମୀନା ବୈଠକରେ ଯୋଗଦେଇଥିଲେ। ଆଗାମୀ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ବ୍ୟାଙ୍କ, ବୀମା କମ୍ପାନୀ, ଟେଲିକମ୍, ରିଜର୍ଭ ବ୍ୟାଙ୍କ ଓ ଏସ୍ଏଲ୍ବିସିର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ମୁଖ୍ୟତଃ ବାତ୍ୟାରେ ବିଶେଷ ପ୍ରଭାବିତ ହୋଇଥିବା ଅଞ୍ଚଳଗୁଡ଼ିକର ଲୋକମାନଙ୍କୁ କିପରି ବ୍ୟାଙ୍କସେବା ପୂର୍ବଭଳି ଯୋଗାଇ ଦିଆଯିବ ସେନେଇ ଗୁରୁତ୍ୱାରୋପ କରାଯାଇଛି। ଉଲ୍ଲେଖ କରାଯାପାରେ ଯେ, କେରଳରେ ବନ୍ୟା ପରେ ଆର୍‌ବିଆଇ ପକ୍ଷରୁ ଏକ ମାଷ୍ଟର ସର୍କୁଲାର ଜାରି କରାଯାଇଥିଲା। ତଦନୁଯାୟୀ କେରଳର ବ୍ୟାଙ୍କଗୁଡ଼ିକ ପକ୍ଷରୁ ପୁରୁଣା ଋଣର ପୁନର୍ଗଠନ କରାଯାଇଥିଲା। ସେଠାକାର ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବାସହ ବର୍ଷେ ପର୍ଯ୍ୟନ୍ତ ଲୋକଙ୍କୁ ଋଣ ଛାଡ କରାଯାଇଥିଲା। ଏ ନେଇ ଗତ ୧୦ରେ ଆର୍‌ବିଆଇ ଡେପୁଟି ଗଭର୍ନରଙ୍କ ଉପସ୍ଥିତିରେ ଆୟୋଜିତ ଏସ୍‌ବିସି ବୈଠକରେ ଆଲୋଚନା ହୋଇଥିଲା। ସେତେବେଳେ ଆର୍‌ବିଆଇ ଡେପୁଟି ଗଭର୍ନର ଏ ନେଇ ଏକ ଟାସ୍କଫୋର୍ସ ମିଟିଂ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ବସିଥିବା ବୈଠକରେ ଏହା ଉପରେ ଆଲୋଚନା ହୋଇଛି। ସେହି ଅନୁଯାୟୀରେ ରାଜ୍ୟ ସରକାର କେରଳ ମଡେଲ ଆପଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅନୁସାରେ ବ୍ୟାଙ୍କଗୁଡ଼ିକ କୃଷିଭିତ୍ତିକ ଋଣ, ଶିଳ୍ପୋଦ୍ୟୋଗୀ, ଗୃହ ନିର୍ମାଣ ଏବଂ ଶିକ୍ଷାକ୍ଷେତ୍ର ପାଇଁ ନୂଆ ଋଣର ପୁନର୍ଗଠନ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

ବୈଠକ ପରେ କେନ୍ଦ୍ର ଅତିରିକ୍ତ ସଚିବ ପଣ୍ଡା କହିଛନ୍ତି, ବାତ୍ୟା ପରଦିନଠାରୁ ସମୀକ୍ଷା ଚାଲିଛି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଯେପରି ତତ୍କାଳ ସୁବିଧା ଲୋକଙ୍କୁ ମିଳିବ ସେନେଇ ପ୍ରଥମ ଦିନରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବିଦ୍ୟୁତ୍ ଓ ଯୋଗାଯୋଗ ସେବାରେ ବାଧା ଯୋଗୁ ଏହା ପ୍ରଥମେ ସମ୍ଭବ ହୋଇପାରି ନ ଥିଲା। ଯେଉଁ ସ୍ଥାନରେ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆସିଛି ସେଠାରେ ବ୍ୟାଙ୍କ ସେବା ସ୍ୱାଭାବିକ ହୋଇଛି। ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବା ସ୍ଥାନରେ ପାସ୍ ବୁକ୍ ଜରିଆରେ ଲୋକେ ୨ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଉଠାଇ ପାରୁଛନ୍ତି। ରାଜ୍ୟର ବାତ୍ୟା ପ୍ରଭାବିତ ୬ଜିଲାରେ ୧୯୯୨ଟି ବ୍ୟାଙ୍କ ଶାଖା ମଧ୍ୟରୁ ୧୯୩୪ଟି କାର୍ଯ୍ୟକ୍ଷମ ହୋଇଛି। ୨୯୨୧ ଏଟିଏମ୍ ମଧ୍ୟରୁ ୨ହଜାରରୁ ଅଧିକ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଲାଣି। ପୁରୀ, କଟକ ଓ ଖୋର୍ଦ୍ଧା ଅଞ୍ଚଳର କିଛି ଏଟିଏମ୍ କାର୍ଯ୍ୟ କରିନାହିଁ। ସପ୍ତାହେ ମଧ୍ୟରେ ସେସବୁ କାର୍ଯ୍ୟକ୍ଷମ ହୋଇଯିବ। ବୀମା କମ୍ପାନୀଗୁଡିକ ମଧ୍ୟ ଶୀଘ୍ର ପ୍ରାପ୍ୟ ଅର୍ଥ ପ୍ରଦାନ କରନ୍ତୁ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ଅର୍ଥ ସଚିବ ମୀନା କହିଛନ୍ତି, ପୁରୀରେ ବର୍ତ୍ତମାନ ୨୭ରୁ ୨୮ପ୍ରତିଶତ ଏଟିଏମ୍ କାର୍ଯ୍ୟ କରୁଛି। ଅପରପକ୍ଷରେ ପ୍ରଭାବିତ ଅଞ୍ଚଳରେ ସହଜ ଆବେଦନ ପତ୍ର ଜରିଆରେ ଲୋକେ ଇନ୍ସୁ୍ୟରାନ୍ସ ଆବେଦନ କରିପାରିବେ। କମ୍ ସୁଧରେ ଋଣ ମଧ୍ୟ ଯୋଗାଇ ଦିଆଯିବ। ମୁଦ୍ରା ଯୋଜନାରେ ହୋଟେଲ ବ୍ୟବସାୟୀମାନଙ୍କୁ ଋଣ ଦିଆଯିବାକୁ ଆଲୋଚନା ହୋଇଛି।


**POST GRADUATE COUNCIL**
**Sambalpur University**
**JYOTI VIHAR-768019, SAMBALPUR, ODISHA**
**Phone & Fax (Off): (0663)2430776, e-mail ID: pgco@suniv.ac.in**

**Notification No.93/PGCO** **Date:16.05.2019**

M.PHIL. ADMISSION NOTIFICATION-2019-20

Online application are invited for admission into the M.Phil Course of Sambalpur University for the academic session **2019-20.** Application Forms, Prospectus and other details are available from 17.05.2019 on the University **website:** www.suniv.ac.in. The last date of submission of online application is **18.06.2019** up to **5:00** P.M. and submission of hardcopy of Application is **22.06.2019** up to **5:00** P.M. No application received thereafter shall be entertained.

Sd./- Chairman, P.G. Council


# ଦରଦାମ୍ ଆକାଶଛୁଆଁ

**ବାତ୍ୟା ବାହାନା**

- ଉପଭୋକ୍ତାଙ୍କୁ ଲୁଟୁଛନ୍ତି ବ୍ୟବସାୟୀ
- ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ବାତ୍ୟା 'ଫନୀ' ପୁରୀ ଓ ଭୁବନେଶ୍ୱର ସହରକୁ ଉଜାଡି ଦେଇଛି। ଭାଙ୍ଗିଦେଇଛି ଲୋକଙ୍କ ଆର୍ଥିକ ମେରୁଦଣ୍ଡ। ବାତ୍ୟା ଯିବାର ୧୪ ଦିନ ପରେ ମଧ୍ୟ ଅଣ୍ଟା ସଳଖି ପାରିନାହାନ୍ତି ଖୋର୍ଦ୍ଧା, କଟକ, ପୁରୀ ଜିଲାର ଜନସାଧାରଣ। ବିଦ୍ୟୁତ୍ ଓ ପାଣି ପାଇଁ ହନ୍ତସନ୍ତ ହେଉଥିବା ବାତ୍ୟା ପୀଡିତଙ୍କ ମୁଣ୍ଡରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଚଡ଼କ ପରି ହୋଇଛି। ରାଜଧାନୀରେ ଆଳୁ, ପିଆଜ, ଡାଲି, ତେଲ, ଅଟା, ସୁଜି, ପନିପରିବା ଓ ଫଳମୂଳ ଦର ଆକାଶ ଛୁଆଁ। ଏଭଳି ଅପ୍ରତ୍ୟାଶିତ ଦର ବୃଦ୍ଧି ସାଧାରଣ ନିମ୍ନ ଓ ମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ପାଇଁ ବୋଝ ଉପରେ ନଳିତ ବିଡା ପରି ହୋଇଛି। ହରଡ ଡାଲି କିଲୋ ୧୦୦ ଟଙ୍କା ଛୁଇଁଲାଣି। ବାତ୍ୟା ପୂର୍ବରୁ ୭୦ ଓ ୮୦ ଟଙ୍କାରେ ମିଳୁଥିଲା। ଚିନି ୪୨ ଟଙ୍କାରେ ମିଳୁ ଥିବା ବେଳେ ଏବେ ୪୮ ଟଙ୍କା। ସେହିପରି ମୁଗଡାଲି କିଲୋ ୮୫ରୁ ୯୦ ଟଙ୍କା ବିକ୍ରି ହେଉଛି। ଯାହାକି ବାତ୍ୟା ପୂର୍ବରୁ ୭୦ ଟଙ୍କାରେ ମିଳୁଥିଲା। ବୁଟଡାଲି, ବିରି, ଅଟା, ମଇଦା, ବୁଟ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ୧୦ରୁ ୧୫ ଟଙ୍କା ବଢି ଯାଇଛି। ଏହାଛଡା ପନିପରିବା ଦର ମଧ୍ୟ ବଢ଼ିଛି । ହୋଲସେଲ ବଜାରରେ ଆଳୁ କିଲୋ ୧୦ ଟଙ୍କାରେ ମିଳୁଥିବା ବେଳେ ବଜାରରେ ୧୮ରୁ ୨୦ ଟଙ୍କାରେ ବିକ୍ରି ହେଉଛି। ପିଆଜ ଦର ମଧ୍ୟ ଖୁଚୁରା ବଜାରରେ ୧୮ରୁ ୨୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ପୋଟଳ କିଲୋ ୫୦ରୁ ୮୦ ଟଙ୍କା, ଟମାଟୋ କିଲୋ ୬୦ ଟଙ୍କା ଏବଂ ବାଇଗଣ ୪୦ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଆମ୍ବ କିଲୋ ୧୦୦ ଟଙ୍କା ହୋଇଥିବା ବେଳେ କଦଳୀ ଡଜନ ୧୦୦ ଟଙ୍କାରେ ବିକ୍ରି ହେଉଛି।

ଅଚାନକ ଦର ବୃଦ୍ଧି ସାଧାରଣ ଖାଉଟିଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଘର ସଜାଡିବାକୁ ଅର୍ଥ ବଳ ନ ଥିବା ବେଳେ ବଜାରର ମହଙ୍ଗାମାଡ଼ ଗରିବଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ପରିବାରଙ୍କୁ ମଧ୍ୟ ଅଣନିଃଶ୍ୱାସୀ କରିଛି। ବାତ୍ୟା ପରବର୍ତ୍ତୀ ସ୍ଥିତିର ଭରପୂର ଫାଇଦା ଉଠାଉଛନ୍ତି ବ୍ୟବସାୟୀ। ଖାଉଟି ମୀନାକ୍ଷୀ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଆମର ୮ ଜଣ ସଦସ୍ୟ ବିଶିଷ୍ଟ ପରିବାର। ପନିପରିବା ୧ କିଲୋରୁ କମ୍ ନେଲେ ହେଉ ନାହିଁ। ତେବେ ଆକାଶ ଛୁଆଁ ଦର ଯୋଗୁ ଆମେ ଗତ କିଛିଦିନ ହେବ ପରିବା ଖାଇବା ଭୁଲି ଗଲୁଣି। ଅଢେଇଶହ ଓ ଅଧା କିଲୋ ନେଇ କାମ ଚଳାଉଛୁ। ଦର ଶସ୍ତା ହେଲେ ପୁଣି ପରିବା ନେବା କଥା ଚିନ୍ତା କରାଯିବ। ଡାଲି, ତେଲ ଓ ଅନ୍ୟ ଦ୍ରବ୍ୟ ଦର ବଢିବା ଆମ ପାଇଁ ବାତ୍ୟାର ବିପଦ ହୋଇ ଦେଖା ଦେଇଛି ବୋଲି ସେ କହିଛନ୍ତି।

ତେବେ ଆଶ୍ଚର୍ଯ୍ୟର କଥା ବାତ୍ୟା ପୁନରୁଦ୍ଧାର ଓ ରିଲିଫ କାର୍ଯ୍ୟକୁ ଜୋର ଦିଆଯାଉଥିବା ବେଳେ ଖୁଚୁରା ବଜାର ବ୍ୟବସାୟୀଙ୍କ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଯିଏ ଯେଉଁ ଦର ଚାହିଁଲେ ବିକ୍ରି କଲେ। ପଚାରିଲେ ଉତ୍ତର ମିଳୁଛି ଆଗରୁ ଯେତିକି ଆସୁଥିଲା ସେତିକି ଆସୁ ନାହିଁ। ଆମେ ଚଢ଼ା ଦରରେ କିଣୁଛୁ। କମ୍‌ରେ କିପରି ଦେବୁ। ଖାଉଟିମାନେ କାନ ମୁଣ୍ଡ ଆଉଁଶି ବ୍ୟବସାୟୀଙ୍କ କଥାକୁ ଭରସା କରି ଚଢା ଦର ଦେଇ କିଣିବାକୁ ବାଧ ହେଉଛନ୍ତି। ଯେଉଁଠି ୧ କିଲୋ ଦରକାର ସେଠାରେ ଅଢେଇଶହରୁ ୫୦୦ ଗ୍ରାମ ନେଇ କାମ ଚଳାଉଛନ୍ତି।

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀମାନେ ମଧ୍ୟ ଏ ଦିଗରେ ସତେ ଯେମିତି ବେପରୁଆ। ବଜାରକୁ ନିୟନ୍ତ୍ରଣ କରିବାକୁ ସରକାରଙ୍କ ନିକଟରେ କୌଣସି ବିଧି ବ୍ୟବସ୍ଥା ନାହିଁ। କିମ୍ବା ବଜାରରେ ଦର କ'ଣ ଚାଲିଛି ତାହା ଜାଣିବାକୁ ଯୋଗାଣ ଅଧିକାରୀମାନଙ୍କ ବେଳ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ ଓ ପିଆଜ ହୋଲ୍‌ସେଲ ଦର ଠାରୁ ଯଥାକ୍ରମେ ୨ ଓ ୩ ଟଙ୍କାରୁ ଅଧିକ ବିକ୍ରି ନ କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି। ହେଲେ ଏହି ନିର୍ଦ୍ଦେଶକୁ ଖୁଚୁରା ବ୍ୟବସାୟୀ ଫୁତ୍କାର ମାରି ଉଡାଇ ଦେଉଛନ୍ତି। ବାତ୍ୟାକୁ ଏକ ମୌକା ଭାବି ଗ୍ରାହକଙ୍କୁ ଲୁଟି ଚାଲିଛନ୍ତି ବ୍ୟବସାୟୀ। ଏ ସମ୍ପର୍କରେ ଓଡିଶା ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ ବାତ୍ୟା ପରଠାରୁ ବିଦ୍ୟୁତ୍ ନ ଥିବାରୁ ସ୍ଥାନୀୟ ଶିଳ୍ପାଞ୍ଚଳରେ ଥିବା ଅଟା ଓ ଚାଉଳ ମିଲ୍ ବନ୍ଦ ରହିଛି। ବାହାର ଜିଲାରୁ ମଗାଇବାକୁ ପଡୁଛି। ସେଥିପାଇଁ ଦର ସାମାନ୍ୟ ବୃଦ୍ଧି ହୋଇଛି। ତେବେ ହରଡଡାଲି କୁଇଣ୍ଟାଲ ୮ ହଜାର ଟଙ୍କା ରହିଛି। ରାଜ୍ୟ ସରକାର ମିଲମାଲିକମାନଙ୍କର ହୋଇଥିବା କୋଟି କୋଟି ଟଙ୍କା କ୍ଷତି ଭରଣା ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଏପରି କି ମିଲ୍‌ଗୁଡିକର ମଧ୍ୟ ସର୍ଭେ କରାଯାଇ ନାହିଁ। ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଇ ନାହିଁ। ତଥାପି ବଜାର ଦର ନିୟନ୍ତ୍ରଣରେ ରହିଛି ବୋଲି ସେ କହିଛନ୍ତି । ଅନ୍ୟ ପଟେ କୁବେରପୁରୀ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ଶକ୍ତି ଶଙ୍କର ମିଶ୍ର ଖୁଚୁରା ବଜାରରେ ଆଳୁ ଓ ପିଆଜ ଦର ବୃଦ୍ଧିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବ୍ୟବସାୟ ଏକ ମୌଳିକ ଅଧିକାର ହୋଇଯାଇଛି। ବଜାରକୁ ନିୟନ୍ତ୍ରଣ କରିବାକୁ କିଛି ଆଇନକାନୁନ ବ୍ୟବସ୍ଥା ନାହିଁ। ଆଳୁ ପାଇକାରି ଦର ୧୦ ଟଙ୍କା ଓ ପିଆଜ ଦର ୭ରୁ ୧୨ ଟଙ୍କା ମଧ୍ୟରେ ରହିଛି। ଯୋଗାଣରେ ମଧ୍ୟ କୌଣସି ସମସ୍ୟା ନାହିଁ। ଖୁଚୁରା ବଜାରରେ ଦର ବଢିବାର କୌଣସି କାରଣ ନାହିଁ। ବଜାରକୁ ନିୟନ୍ତ୍ରଣ କରିବାକୁ ଆମ ରାଜ୍ୟରେ କୌଣସି ବିଧି ବ୍ୟବସ୍ଥା ନାହିଁ। ଖାଉଟିମାନେ ମଧ୍ୟ ସଚେତନ ନୁହନ୍ତି। ସେମାନେ ହିଁ ଶୋଷଣର ଶିକାର ହେବେ ବୋଲି ସେ କହିଛନ୍ତି। ଦର ବୃଦ୍ଧି ସମ୍ପର୍କରେ ଯୋଗାଣ ବିଭାଗର ଡିଡିଏମଆଇଟି ପ୍ରଭାକର ପାତ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ତାହା ସମ୍ଭବ ହୋଇ ପାରିନାହିଁ।


**ଜାତୀୟ ମାନବ ଅଧିକାର ଆୟୋଗ**

**ଲଘୁ ଚଳଚ୍ଚିତ୍ର ପୁରସ୍କାର ଯୋଜନା - ୨୦୧୯**

ଏନ୍ଏଚ୍ଆର୍‌ସିର 'ଲଘୁ ଚଳଚ୍ଚିତ୍ର ଯୋଜନା - ୨୦୧୯' ପାଇଁ ଭାରତୀୟ ନାଗରିକମାନଙ୍କଠାରୁ ପ୍ରବେଶିକା ଆହ୍ୱାନ କରାଯାଉଛି। ମାନବ ଅଧିକାରର ପ୍ରସାର ଓ ସୁରକ୍ଷା ସମ୍ବନ୍ଧୀୟ ଚଳଚ୍ଚିତ୍ର ଯେକୌଣସି ଟେକ୍ନିକାଲ୍ ଫର୍ମାଟ୍‌ରେ ହୋଇପାରେ। ଶେଷ ତାରିଖ ହେଉଛି ୩୦ ଜୁନ୍, ୨୦୧୯।

ଦରଖାସ୍ତ ଫର୍ମ, ନିୟମ ଓ ସର୍ତ୍ତାବଳୀ **www.nhrc.nic.in**ର 'ନୋଟିସ୍ ବୋର୍ଡ'ରୁ ଡାଉନ୍‌ଲୋଡ୍ କରାଯାଇପାରିବ କିମ୍ବା ଏଥିପାଇଁ ଉପ ନିର୍ଦ୍ଦେଶକ (ଗଣମାଧ୍ୟମ ଓ ଯୋଗାଯୋଗ), ଜାତୀୟ ମାନବ ଅଧିକାର ଆୟୋଗ, ମାନବ ଅଧିକାର ଭବନ, 'ସି' ବ୍ଲକ୍, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ - ୧୧୦୦୨୩ଙ୍କୁ ଲିଖିତ ଅନୁରୋଧ କରାଯାଇପାରିବ।

davp 53101/11/0001/1920



**NTPC Limited**
(A Govt. of India Enterprise)

ER-II HQ, BHUBANESWAR

**SKILLED MANPOWER FOR ELECTRICITY RESTORATION WORKS IN ODISHA**

NTPC Ltd. has undertaken Electricity Restoration Work in four blocks of Puri district namely Nimapara, Gop, Puri Sadar and Satyabadi which are damaged due to severe cyclone (FANI) that hit coastal districts on 03.05.2019. Approximately 1000 skilled manpower are urgently required for the above restoration job for a period of around one month.

Interested agencies who are capable of deploying such manpower may submit their interest in this regard by **20.05.2019.** For details NTPC's tender website **(www.ntpctender.com)** may be referred.

CIN : L40101DL1975GOI007966

*Leading the Power Sector*



**ଗୁରୁତ୍ୱପୂର୍ଣ୍ଣ ସୂଚନା**

ବିଭିନ୍ନ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍ ଚଳାଚଳ ବାତିଲ୍ ଓ ମାର୍ଗ ପରିବର୍ତ୍ତନ

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଠାରୁ | ପର୍ଯ୍ୟନ୍ତ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 58301 | ସମ୍ବଲପୁର | କୋରାପୁଟ | 16.05.2019 ଠାରୁ 22.05.2019 ପର୍ଯ୍ୟନ୍ତ |
| 58302 | କୋରାପୁଟ | ସମ୍ବଲପୁର | 17.05.2019 ଠାରୁ 23.05.2019 ପର୍ଯ୍ୟନ୍ତ |
| 58303 | ସମ୍ବଲପୁର | କୁନାଗଡ଼ ରୋଡ଼ | 16.05.2019 ଠାରୁ 22.05.2019 ପର୍ଯ୍ୟନ୍ତ |
| 58304 | କୁନାଗଡ଼ ରୋଡ଼ | ସମ୍ବଲପୁର | 17.05.2019 ଠାରୁ 23.05.2019 ପର୍ଯ୍ୟନ୍ତ |
| 58217 | ଟିଟିଲାଗଡ଼ | ରାୟପୁର | 16.05.2019 ଠାରୁ 22.05.2019 ପର୍ଯ୍ୟନ୍ତ |
| 58218 | ରାୟପୁର | ଟିଟିଲାଗଡ଼ | 17.05.2019 ଠାରୁ 23.05.2019 ପର୍ଯ୍ୟନ୍ତ |
| 68027 | ରାଉରକେଲା | ସମ୍ବଲପୁର | 23.05.2019 |
| 68028 | ସମ୍ବଲପୁର | ରାଉରକେଲା | |
| 58131 | ରାଉରକେଲା | ପୁରୀ | |
| 58132 | ପୁରୀ | ରାଉରକେଲା | 24.05.2019 |
| 18211 | ଦୁର୍ଗ | ଜଗଦଲପୁର | 14.05.2019 |
| 18212 | ଜଗଦଲପୁର | ଦୁର୍ଗ | 15.05.2019 |

**ପରିବର୍ତ୍ତିତ ମାର୍ଗରେ ଟ୍ରେନ୍ ଚଳାଚଳ**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ | ପରିବର୍ତ୍ତିତ ମାର୍ଗ |
|---|---|---|---|---|
| 18477 | ପୁରୀ - ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ପୁରୀ | 22.05.2019 | ଭାୟା କଟକ-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡ଼ା ରୋଡ଼-ବିଲାସପୁର |

**ପୂର୍ବ ତଟ ରେଳପଥ**

PR-84/K/19-20



**ବଜାଜ ଆଲିଆଞ୍ଜ ଲାଇଫ୍ ଇନସୁରାନ୍ସ କମ୍ପାନୀ ଲିମିଟେଡ୍**

ପଞ୍ଜିକୃତ କାର୍ଯ୍ୟାଳୟ: ବଜାଜ ଆଲିଆଞ୍ଜ ହାଉସ୍, ଏୟରପୋର୍ଟ୍ ରୋଡ୍, ୟରୱାଡ଼ା, ପୁନେ - 411006.
ଟୋଲ୍ ଫ୍ରୀ - 1800 209 7272 | ଟେଲି.: 020 66026777 | ଫ୍ୟାକ୍ସ: 020 66026789

**ସାର୍ବଜନିକ ବିଜ୍ଞପ୍ତି**

ବଜାଜ ଆଲିଆଞ୍ଜ ଲାଇଫ୍ ଇନସୁରାନ୍ସର ପଲିସୀଧାରକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ବର୍ତ୍ତମାନ୍ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ବାତ୍ୟା-ଫନି ଦ୍ୱାରା ପ୍ରଭାବିତଙ୍କ ପାଇଁ ସରଳୀକୃତ/ନମନୀୟ ଦାବି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ।

ନୋମିନୀ ବା ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ସର୍ବନିମ୍ନ ଦସ୍ତାବିଜ୍ ନିମ୍ନ ପ୍ରକାର ଅଟେ:

1) ଯେଉଁଠି ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରାର୍‌ଙ୍କ ଦ୍ୱାରା ମୃତ୍ୟୁ ପ୍ରମାଣପତ୍ର ଉପଲବ୍ଧ ନାହିଁ, ସେ କ୍ଷେତ୍ରରେ ଆମେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ବା ପଶ୍ଚିମ ବଙ୍ଗର ସରକାରୀ ହସ୍ପିଟାଲ୍ ବା ପୋଲିସ ବା ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଆର୍ମ୍‌ଡ ଫୋର୍ସ୍ ଦ୍ୱାରା ଜାରି ଜୀବନ ବୀମାଧାରକଙ୍କ ନାମ ଉଲ୍ଲେଖ ଥିବା ପ୍ରମାଣିତ ତାଲିକା ଗ୍ରହଣ କରିବୁ ।

2) ଏନ୍‌ଇଏଫ୍‌ଟି ସକ୍ଷମ ପାଇଁ ବ୍ୟାଙ୍କ ବିବରଣୀ ସହିତ ନୋମିନୀ/ଆଇନଗତ ଉତ୍ତରାଧିକାରୀଙ୍କ କେୱାଇସି

3) ମୃତ/ହଜିଥିବା ଜୀବନ ବୀମାଧାରକଙ୍କ ଫଟୋଗ୍ରାଫ

**କୌଣସି ସହାୟତା ପାଇଁ ଦୟାକରି ନିମ୍ନଲିଖିତଙ୍କୁ ସମ୍ପର୍କ କରନ୍ତୁ-**
ଶିବୀ ଶ୍ରୀବାସ୍ତବ | Shibi.Srivastava@bajajallianz.co.in | 020-66089757
ସୁମିତ ଜୈନ | Sumit.Jain02@bajajallianz.co.in | 020-66089929
**ଓଡ଼ିଶା**-ଶ୍ରୀନିବାସ ରାଓ | psrinivas.rao@bajajallianz.co.in | 9676168899
**ଆନ୍ଧ୍ର ପ୍ରଦେଶ**-ଏସ୍ ଇମାନୁଏଲ | s.emmanuel@bajajallianz.co.in | 040-30851506
**ପଶ୍ଚିମ ବଙ୍ଗ**-ଜୟଦୀପ ବର୍ଦ୍ଧନ | joydeep.bardhan@bajajallianz.co.in | 033-30531558



# CLASSIFIED DISPLAY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841




**ଫ୍ୟାଟି ନୁହେଁ, ଫିଟ୍ ଦେଖାଯାଆନ୍ତୁ**
ଯେମିତି ନାମ, ସେମିତି କାମ
**ଫ୍ୟାଟ୍-ଗୋ**
ସ୍ଲିମିଂ କ୍ୟାପ୍‌ସୁଲ, ପାଉଡର ଏବଂ ଅଏଲ୍
✓ କେବଳ ଗୋଟିଏ କ୍ୟାପ୍‌ସୁଲ ସକାଳେ ଓ ଗୋଟିଏ ସନ୍ଧ୍ୟା ବେଳେ*
✓ ଶୁଦ୍ଧ ଆୟୁର୍ବେଦିକ, କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ।
*Basic dose suggested. #Results may vary person to person.
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ। Helpline:0161-520-1588

ମଣିଷ ଯାହାକୁ ପାପ ବୋଲି କହେ– ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି– ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ– ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି– ତୁମେ କେବଳ ତାକୁ ଇ ଗ୍ରହଣ କର। –ଶ୍ରୀଅରବିନ୍ଦ

# ଚାହିଦା ମରୁଡ଼ି

ଦେଶ ବର୍ତ୍ତମାନ ଘୋର ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତିକରୁଛି। ପ୍ରାୟ ସବୁ କ୍ଷେତ୍ରରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଅର୍ଥନୈତିକ ପ୍ରଗତି ଧିମେଇ ଯାଇଛି। ଷ୍ଟକ୍ ମାର୍କେଟ୍ ଅବସ୍ଥା ଭଲ ନାହିଁ। ସୁନା ତା'ର ଚମକ ହରାଉଛି। କିଛିଦିନ ଅବସ୍ଥା ସ୍ଥିର ରହିଲେ ମଧ୍ୟ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମାଟି କାମୁଡ଼ି ପଡ଼ୁଛି। ଅଟୋମୋବାଇଲ ଶିଳ୍ପର କାରବାର ରେକର୍ଡ ନିମ୍ନ ସ୍ତରରେ ରହିଛି। ଗାଡ଼ିଘୋଡ଼ା ବିକ୍ରିରେ ୧୬ ପ୍ରତିଶତ ହ୍ରାସ ଘଟିଛି। ଘରୋଇ ବ୍ୟବହାର ପାଇଁ କାର୍ ବିକ୍ରି, ବାଣିଜ୍ୟିକ ଗାଡ଼ି (ସିଭି) ବିକ୍ରି ଏବଂ ଦୁଇଚକିଆ ଗାଡ଼ି ବିକ୍ରି ଗତ ଏପ୍ରିଲ ମାସରେ ବର୍ଷର ନିମ୍ନତମ ସ୍ତରରେ ପହଞ୍ଚିଥିଲା। ରପ୍ତାନି ୦.୬ ପ୍ରତିଶତ ହାରରେ ବଢ଼ିଥିଲା, ଯାହା ଗତ ଚାରିମାସ ଭିତରେ ସବୁଠାରୁ କମ୍। ଅପରପକ୍ଷେ ଆମଦାନି ବୃଦ୍ଧି ପାଇ ବାଣିଜ୍ୟିକ ସନ୍ତୁଳନକୁ ନଷ୍ଟ କରିଛି।

ଗ୍ରାମୀଣ ଭାରତ ଅସହାୟ ହୋଇପଡ଼ିଛି। କୃଷି ଉତ୍ପାଦଗୁଡ଼ିକର ମୂଲ୍ୟ ହ୍ରାସ ପାଇବା ଯୋଗୁ କୃଷକମାନଙ୍କ ଦୁର୍ଦ୍ଦଶା ବଢ଼ୁଛି। ଭାରତୀୟ ଅର୍ଥନୀତିରେ ଦେଖାଯାଉଥିବା ଏହି ଦୁର୍ଦ୍ଦଶାମୟ ପରିସ୍ଥିତିର ମୂଳ କାରଣ ହେଉଛି ଚାହିଦାର ଅଭାବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏବଂ ଆନୁଷ୍ଠାନିକ ଓ ବ୍ୟକ୍ତିକ ଚାହିଦା ହ୍ରାସ ପାଇଛି। ଚାହିଦାରେ ମରୁଡ଼ି ଯୋଗୁ ଶିଳ୍ପ ଉତ୍ପାଦନ ମଧ୍ୟ ହ୍ରାସ ପାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ମାର୍ଚ୍ଚ ମାସର ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରୁ ଜଣାପଡ଼ିଛି ଯେ ତାହା ପୂର୍ବବର୍ଷ ତୁଳନାରେ ୦.୧ ପ୍ରତିଶତ ହ୍ରାସ ପାଇଛି, ଯାହା ୨୧ ମାସ ଭିତରେ ସବୁଠାରୁ କମ୍। ଏହା ଅର୍ଥନୀତିର ସମସ୍ତ ଛଅଟି ବିଭାବକୁ ଦୁର୍ବଳ କରିଦେଇଛି। ପୁଞ୍ଜି ଦ୍ରବ୍ୟ କ୍ଷେତ୍ର (କ୍ୟାପିଟାଲ ଗୁଡ୍ସ ସେକ୍ଟର) ୮.୭ ପ୍ରତିଶତ ହ୍ରାସ ପାଇଛି, ଯାହା ପୂର୍ବମାସରେ ୮.୯ ପ୍ରତିଶତ ହ୍ରାସ ପାଇଥିଲା। ଦୀର୍ଘକାଳ ଧରି ବ୍ୟବହାର୍ଯ୍ୟ ପଣ୍ୟ (କଞ୍ଜ୍ୟୁମର ଡ୍ୟୁରେବ୍‌ଲସ)ର ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୫.୧ ପ୍ରତିଶତ ହ୍ରାସ ପାଇଛି ଏବଂ ଅନ୍ୟ ଖାଉଟି ଦ୍ରବ୍ୟ (କଞ୍ଜ୍ୟୁମର ନନ୍-ଡ୍ୟୁରେବ୍‌ଲସ)ର ଉତ୍ପାଦନ ୦.୩ ପ୍ରତିଶତ ହ୍ରାସ ପାଇଛି, ଯାହା ମାର୍ଚ୍ଚ ୨୦୧୮ରେ ୧୪ ପ୍ରତିଶତ ବୃଦ୍ଧି ପାଇଥିଲା। ଆଇଆଇପିରେ ୭୮ ପ୍ରତିଶତ ଓଜନବିଶିଷ୍ଟ ଦ୍ରବ୍ୟ ନିର୍ମାଣ ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ରହିଆସିଛି। ଏ କ୍ଷେତ୍ରର ଅଭିବୃଦ୍ଧି ୨୦୧୭–୧୮ରେ ୪.୬ ପ୍ରତିଶତ ଥିବାବେଳେ ତାହା ଗତ ବିତ୍ତୀୟ ବର୍ଷରେ ୩.୫ ପ୍ରତିଶତକୁ ହ୍ରାସ ପାଇଛି।

## ଆଜିର ଅର୍ଥନୀତି

ବାହ୍ୟ ଦୃଷ୍ଟିରୁ ପାଣିପାଗ ମଧ୍ୟ ଅନୁକୂଳ ନୁହେଁ। ଆମେରିକା ଓ ଇରାନ ମଧ୍ୟରେ ମୁହାଁମୁହିଁ ଏବଂ ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ବିଗାଡ଼ିବାରେ ଲାଗିଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପ୍ରଶମିତ ନ ହେଲେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କ୍ରମଶଃ ବୃଦ୍ଧିପାଇବା ନିଶ୍ଚିତ। ଚଳିତବର୍ଷ ଆଶାନୁରୂପ ବୃଷ୍ଟିପାତ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ଯେଉଁ ପୂର୍ବାନୁମାନ କରାଯାଇଛି, ତାହା ଅର୍ଥନୀତି ଉପରେ ଆହୁରି ନକାରାତ୍ମକ ପ୍ରଭାବ ପକାଇବ। ମୌସୁମୀ ବର୍ଷା ସ୍ୱାଭାବିକ ହେଲେ କୃଷିକ୍ଷେତ୍ରର ଅବସ୍ଥାରେ ସୁଧାର ଆସିପାରନ୍ତା। ପୁଣି ଭଲ ମୌସୁମୀ ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧିରେ ସହାୟକ ହୁଅନ୍ତା। କିନ୍ତୁ ଉଭୟ ଭାରତୀୟ ପାଣିପାଗ ବିଭାଗ ଓ ଘରୋଇ ପାଣିପାଗ ସଂସ୍ଥା ସ୍କାଇମେଟ୍ ଏ ବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛନ୍ତି। ଦକ୍ଷିଣ-ପଶ୍ଚିମ ମୌସୁମୀ ଆସିବାରେ ଏକ ସପ୍ତାହ ବିଳମ୍ବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସବୁ ରାଜ୍ୟ ଭିତରେ ଓଡ଼ିଶା ଓ ଛତିଶଗଡ଼ରେ ଅପେକ୍ଷାକୃତ ଅଧିକ ବର୍ଷା ହେବ ବୋଲି କୁହାଯାଇଛି।

ଏହିସବୁ ପ୍ରତିକୂଳ ପରିସ୍ଥିତି ନୂଆ ସରକାର ଉପରେ ପ୍ରଭାବ ପକାଇବ। ଯଦି ଏନ୍‌ଡିଏ କେନ୍ଦ୍ରରେ ସରକାର ଗଠନ କରେ, ତେବେ ବଜାର ପରିସ୍ଥିତି ସ୍ୱାଭାବିକ ହୋଇପାରେ। ଏହି ସରକାର ତା'ର ପଲିସି ପଦକ୍ଷେପଗୁଡ଼ିକୁ ଆଗକୁ ନେବାର ସମ୍ଭାବନା ଥିବାରୁ ଏପରି ପୂର୍ବାନୁମାନ କରାଯାଉଛି। ପଲିସି ଇକୋସିଷ୍ଟମ୍ ଅବ୍ୟାହତ ରହିବ ବୋଲି ଆଶା କରାଯାଉଛି। ତେବେ ମେ ୨୩ ପରେ ନୂଆ ସରକାର ଉପରେ ଅନେକ କଠିନ ଦାୟିତ୍ୱ ରହିବ। ଚାହିଦା ଯେପରି ବଢ଼େ ସେଥିପାଇଁ ଏ ସରକାରକୁ କିଛି ଅର୍ଥନୈତିକ ପ୍ୟାକେଜ୍ ଘୋଷଣା କରିବାକୁ ପଡ଼ିବ। ଅଭିବୃଦ୍ଧି ହାର ବଢ଼ାଇବା ପାଇଁ ଗ୍ରାମୀଣ ଭାରତ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଅଭିବୃଦ୍ଧିକୁ ସମ୍ବେଗଶାଳୀ କରିବା ପାଇଁ କୃଷିକ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ ହେବ। ମଧ୍ୟବିତ୍ତ ଲୋକଙ୍କ ପକେଟ୍‌ରେ ଯେପରି ଅଧିକ ଅର୍ଥ ରହେ, ସେଥିଲାଗି ଚେଷ୍ଟା କରିବାକୁ ପଡ଼ିବ। କର୍ପୋରେଟ୍ ପରିବ୍ୟୟ ବୃଦ୍ଧି କରିବା ନିମିତ୍ତ ଅର୍ଥନୈତିକ ଅଳିଆ ସଫା କରିବାର ଆବଶ୍ୟକତା ରହିଛି। ମୋଟ ଉପରେ କହିବାକୁ ଗଲେ ନୂଆ ସରକାର ଉପରେ ଏ ଅର୍ଥନୈତିକ ସଂକଟ ସୁଧାରିବାର ଗୁରୁଦାୟିତ୍ୱ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୯୪

- ଦକ୍ଷିଣ ଆଫ୍ରିକାର ନୂଆ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ସ୍ତ୍ରୀ ୱିନୀ ମଣ୍ଡେଲା ଜଣେ ଉପମନ୍ତ୍ରୀ ଭାବେ ଶପଥ ନେଲେ।
- ଚାଇନାର ଜିଆଂଘି ପ୍ରଦେଶସ୍ଥିତ ଏକ କୋଇଲା ଖଣିରେ ଗ୍ୟାସ ବିସ୍ଫୋରଣ ଘଟି ୩୮ ମୃତ।
- ଦକ୍ଷିଣ ଆଫ୍ରିକାର କେପ୍‌ଟାଉନରେ ଏକ ମିନିବସ ସହ ଏକ ଟ୍ରକ ଧକ୍କା ହେବା ଫଳରେ ୨୧ ଜଣ ମୃତ୍ୟୁବରଣ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 9 | | | | | 3 | 4 | 6 | 0 | | C |
| | | | | | 2 | | 5 | 7 | | 1 | E | | | |
| | | | 7 | | | E | | A | 2 | | | | 5 | |
| | | | C | | | 1 | | 2 | | | | D | | 9 |
| | | | | | 3 | | | 4 | D | | | 2 | | |
| | | 8 | | D | A | 0 | | | | | 7 | E | | |
| | | 2 | | | 9 | | A | | 1 | | | | | |
| | 0 | | | | | 5 | | | C | E | | | | B |
| | 7 | | | 2 | 8 | | 1 | D | | | 0 | | | |
| E | | | 3 | 1 | | | | | | 5 | D | 6 | | |
| | | 7 | | | | B | | | 6 | | | | | 5 |
| D | | 1 | 2 | 0 | | | 7 | | 9 | | C | | | |
| 2 | 6 | 5 | | | | | | 0 | | | 1 | | | 4 |
| | | | | C | B | 2 | | | | | | | | D |
| 8 | | 3 | | | 7 | 6 | D | 5 | | 0 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 9 | 5 | 4 | B | 7 | E | C | D | 8 | 3 | 1 | 6 | A | 0 |
| 8 | 7 | A | E | 2 | C | 0 | 5 | 1 | 6 | B | 4 | 9 | D | 3 |
| 6 | 1 | B | 0 | 8 | 3 | 9 | A | 7 | 2 | D | C | 4 | E | 5 |
| 0 | 4 | C | D | 1 | 9 | 3 | 6 | B | A | E | 5 | 2 | 7 | 8 |
| 3 | D | E | 6 | 5 | A | 2 | 4 | 8 | 7 | 0 | 9 | B | 1 | C |
| A | 3 | 9 | 5 | 0 | 4 | 6 | E | 2 | D | 1 | 7 | C | 8 | B |
| 5 | E | 7 | 3 | 9 | B | 4 | 1 | 0 | C | 2 | 8 | D | 6 | A |
| B | 8 | 2 | 1 | 6 | D | C | 7 | A | 4 | 9 | 0 | 3 | 5 | E |
| C | 6 | D | 2 | 7 | E | B | 8 | 9 | 5 | A | 3 | 0 | 4 | 1 |
| 4 | 0 | 1 | C | A | 8 | D | 3 | 5 | B | 6 | E | 7 | 2 | 9 |
| 9 | 5 | 4 | A | C | 0 | 7 | D | 6 | 1 | 8 | B | E | 3 | 2 |
| 7 | A | 8 | B | D | 2 | 1 | 9 | 3 | E | C | 6 | 5 | 0 | 4 |
| 1 | C | 6 | 9 | 4 | 5 | A | 0 | E | 3 | 7 | 2 | 8 | B | D |
| E | 2 | 0 | 7 | 3 | 1 | 8 | B | 4 | 9 | 5 | D | A | C | 6 |
| D | B | 3 | 8 | E | 6 | 5 | 2 | C | 0 | 4 | A | 1 | 9 | 7 |

ଗତକାଲିର ଉତ୍ତର

# ବିବେକାନନ୍ଦଙ୍କ ଦୃଷ୍ଟିରେ ସନ୍ନ୍ୟାସ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭାରତୀୟ ପରମ୍ପରାରେ ମଣିଷ ଜୀବନର ଲକ୍ଷ୍ୟ ହେଉଛି ଚତୁର୍ବର୍ଗ (ଧର୍ମ, ଅର୍ଥ, କାମ, ମୋକ୍ଷ) ପ୍ରାପ୍ତି। ସେ ତା' ଜୀବନର ଚାରୋଟି ପର୍ଯ୍ୟାୟ (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ, ସନ୍ନ୍ୟାସ) ଦେଇ ଏହି ଚତୁର୍ବର୍ଗ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରେ। ବ୍ରହ୍ମଚର୍ଯ୍ୟ ଆଶ୍ରମରେ ସେ ବିଦ୍ୟା ଅଧ୍ୟୟନ କରେ। ଗୃହସ୍ଥାଶ୍ରମରେ ସେ ଅର୍ଜିତ ବିଦ୍ୟାକୁ ଉପଯୋଗ କରି ଜଣେ ଆଦର୍ଶ ଗୃହସ୍ଥ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରେ। ତା'ପରେ ସେ ଗ୍ରହଣ କରେ ବାନପ୍ରସ୍ଥ। ଏହି ପର୍ଯ୍ୟାୟରେ ସେ ଅରଣ୍ୟନିବାସୀ ଋଷିମାନଙ୍କ ଶରଣାପନ୍ନ ହୋଇ ସେମାନଙ୍କ ଉପଦେଶ ଅନୁସାରେ ପାର୍ଥିବ ଆସକ୍ତିଠାରୁ ନିଜକୁ ଦୂରେଇ ରଖିବା ପ୍ରକ୍ରିୟା ଆରମ୍ଭ କରେ। ଶେଷରେ ସ୍ତ୍ରୀଙ୍କ ଦାୟିତ୍ୱ ପୁତ୍ରଠାରେ ନ୍ୟସ୍ତ କରି ସନ୍ନ୍ୟାସ ଗ୍ରହଣ କରେ। ଏହି ସମୟରେ ସେ ଅରଣ୍ୟରେ ନିବାସ କରି ବିଭୁ ଚିନ୍ତାରେ ନିମଗ୍ନ ହୁଏ ଓ ତପସ୍ୟା କରି ମୋକ୍ଷ ଲାଭ ପାଇଁ ବ୍ରତୀ ହୁଏ।

ମାତ୍ର ସ୍ୱାମୀ ବିବେକାନନ୍ଦ ଭାରତୀୟ ପରମ୍ପରାର ସନ୍ନ୍ୟାସ ସମ୍ପର୍କିତ ପ୍ରଚଳିତ ଧାରଣାରେ ପରିବର୍ତ୍ତନ ଆଣିଥିଲେ। ସେ ଯେତେବେଳେ ନିର୍ବିକଳ୍ପ ସମାଧି ଚାହିଁଥିଲେ ଗୁରୁ ରାମକୃଷ୍ଣ ପରମହଂସ କହିଥିଲେ, ''ତୋତେ ଏକଥା କହିବାକୁ ଲାଜ ମାଡୁନାହିଁ? ମୁଁ ଭାବିଥିଲି ତୁ ଏକ ବଟବୃକ୍ଷ ହୋଇ ବଢ଼ିବୁ ଓ ତୋର ଛାୟାରେ ଆଶ୍ରୟ ନେବେ ହଜାର ହଜାର ନିରାଶ୍ରୟ ଜନତା। ତୁ କିନ୍ତୁ ନିଜ ମୁକ୍ତି ପାଇଁ ବ୍ୟସ୍ତ ହୋଇପଡିଛୁ। ଏତେ କ୍ଷୁଦ୍ର ଆଦର୍ଶ ତୋର।'' ରାମକୃଷ୍ଣଙ୍କ ଏହି କଥା ପଦକ ବିବେକାନନ୍ଦଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା। ରାମକୃଷ୍ଣଙ୍କ ମୃତ୍ୟୁ ପରେ ବିବେକାନନ୍ଦ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଭାରତ ପରିଭ୍ରମଣ କଲେ। ସ୍ୱଚକ୍ଷୁରେ ଦେଖିଲେ ଭାରତବର୍ଷରେ ରହିଥିବା ଜଡ଼ତା, ଅଜ୍ଞତା ଓ ଦାରିଦ୍ର୍ୟର ଚିତ୍ର। ଅଜସ୍ର ଲୋକ ଦିନକୁ ଦି' ଓଳି ଖାଇବାକୁ ଓ ଦେହକୁ ଘୋଡ଼ାଇବା ପାଇଁ ଲୁଗା ଖଣ୍ଡେ ପାଉ ନ ଥିବା ଦୃଶ୍ୟ ତାଙ୍କ ହୃଦୟକୁ ବିଚଳିତ କରିଥିଲା। ସେ ଅନୁଭବ କଲେ ସନ୍ନ୍ୟାସ ଗ୍ରହଣ କରି ଜାଗତିକ ସୁଖଦୁଃଖଠୁ ଦୂରେଇ ରହି ନିଜର ମୋକ୍ଷ ପାଇଁ ସାଧନା କରିବା ହେଉଛି ସ୍ୱାର୍ଥପରତା। ସେ ଗୁରୁଭାଇମାନଙ୍କୁ ଜୀବନର ଉଦ୍ଦେଶ୍ୟ ବୁଝାଇ ଦେଇ କହିଲେ, ଭାରତର କଲ୍ୟାଣ କାମନାରେ ଏଭଳି ଏକ ଅଭିନବ ସନ୍ନ୍ୟାସୀ ସମ୍ପ୍ରଦାୟ ସୃଷ୍ଟି କରିବାକୁ ହେବ, ଯେଉଁମାନେ ମାନବସେବା ବ୍ରତରେ ନିଜ ନିଜ ମୁକ୍ତିର କାମନା ମଧ୍ୟ ପରିତ୍ୟାଗ କରିବେ ଓ ପ୍ରୟୋଜନ ହେଲେ ସାନନ୍ଦେ ନରକକୁ ଯିବା ପାଇଁ ମଧ୍ୟ ପ୍ରସ୍ତୁତ ହେବେ।

ସ୍ୱାମିଜୀ ପାଶ୍ଚାତ୍ୟ ଦେଶରେ ଥିବାବେଳେ କେତେଜଣ ଯୁବକ ଆଲମବଜାର ମଠରେ ଯୋଗଦାନ କରି ବ୍ରହ୍ମଚାରୀ ଜୀବନଯାପନ କରୁଥିଲେ। ସେମାନେ ସ୍ୱାମିଜୀଙ୍କ ନିକଟରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିବା ପରେ ସେ ସେମାନଙ୍କୁ କହିଲେ, 'ବହୁଜନ ହିତାୟ ବହୁଜନ ସୁଖାୟ' ସନ୍ନ୍ୟାସୀର ଜୀବନ। ସନ୍ନ୍ୟାସ ଗ୍ରହଣ କରି ଯେଉଁମାନେ ଏହି ଉଚ୍ଚାଦର୍ଶ ଭୁଲିଯାଆନ୍ତି ତାଙ୍କ ଜୀବନ ବୃଥା। ପର ପାଇଁ ପ୍ରାଣ ଦେବାକୁ, ଜୀବର ଗଗନଭେଦୀ କ୍ରନ୍ଦନ ନିବାରଣ କରିବାକୁ, ବିଧବାର ଅଶ୍ରୁ ପୋଛିଦେବାକୁ, ପୁତ୍ର ବିୟୋଗ ବିଧୁରା ପ୍ରାଣରେ ଶାନ୍ତି ଦେବାକୁ, ଅଜ୍ଞ ଇତର ସାଧାରଣ ଜନତାଙ୍କ ଦୈହିକ ଓ ପରମାର୍ଥିକ ମଙ୍ଗଳ କରିବାକୁ ଓ ଜ୍ଞାନାଲୋକ ଦେଇ ସମସ୍ତଙ୍କ ଭିତରେ ପ୍ରସୁପ୍ତ ବ୍ରହ୍ମସିଂହକୁ ଜାଗ୍ରତ କରିବା ପାଇଁ ସନ୍ନ୍ୟାସୀଙ୍କ ଜନ୍ମ ହୋଇଛି। ସ୍ୱାମିଜୀଙ୍କ ପ୍ରେରଣାରେ ସନ୍ନ୍ୟାସୀର ଏହି ଆଦର୍ଶ ପୂରଣ କରିବା ପାଇଁ ରାମକୃଷ୍ଣାନନ୍ଦ ଠାକୁରଙ୍କ ପୂଜା ଛାଡି ବେଦାନ୍ତ ପ୍ରଚାର କାର୍ଯ୍ୟରେ ଦାକ୍ଷିଣାତ୍ୟ ଗଲେ। ସ୍ୱାମୀ ଅଖଣ୍ଡାନନ୍ଦ ମୁର୍ଶିଦାବାଦରେ ଦୁର୍ଭିକ୍ଷ ପ୍ରପୀଡ଼ିତ ନରନାରୀଙ୍କ ସେବାକାର୍ଯ୍ୟ କଲେ। ସ୍ୱାମିଜୀ ନିଜେ କଲିକତାରେ ପ୍ଲେଗ୍ ବ୍ୟାପିଥିବା ସମୟରେ ମଠର ସନ୍ନ୍ୟାସୀ ଓ ଭଗିନୀ ନିବେଦିତାଙ୍କୁ ସାଙ୍ଗରେ ନେଇ ରୋଗୀସେବା ଆରମ୍ଭ କଲେ। ଏହି କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ କୁଆଡୁ ଆସିବ ବୋଲି ଚିନ୍ତା କରି ଜଣେ ଗୁରୁଭ୍ରାତା ପଚାରିଲେ, ''ସ୍ୱାମିଜୀ, ଟଙ୍କା କୁଆଡୁ ଆସିବ?'' ସ୍ୱାମିଜୀ ଉତ୍ତର ଦେଲେ, ''ଯଦି ପ୍ରୟୋଜନ ହୁଏ, ମଠ ପାଇଁ କିଣାଯାଇଥିବା ଜମି ବିକ୍ରି ହେବ। ହଜାର ହଜାର ଲୋକ ଆମ ଆଖିଆଗରେ ଯନ୍ତ୍ରଣା ଭୋଗ କରିବେ ଆଉ ଆମେ ମଠରେ ବସିରହିଥିବା? ଆମେ ସନ୍ନ୍ୟାସୀ। ଆମେ ଆଗପରି ଗଛତଳେ ବାସକରିବା, ଭିକ୍ଷା କରି ପେଟ ପୋଷିବା।'' ସୁଖର ବିଷୟ ମଠବାଡି ବିକ୍ରୟ କରିବାକୁ ପଡିଲା ନାହିଁ। ଚାରିଆଡୁ ପ୍ରଚୁର ଅର୍ଥ ସାହାଯ୍ୟ ମିଳିଲା। ଜାତି, ବର୍ଣ୍ଣ ନିର୍ବିଶେଷରେ ସନ୍ନ୍ୟାସୀମାନେ ପ୍ଲେଗ୍ ରୋଗାକ୍ରାନ୍ତ ନରନାରୀଙ୍କ ସେବା କଲେ। ବିବେକାନନ୍ଦ କେବଳ ମୁହଁରେ ବେଦାନ୍ତ ପ୍ରଚାର ନ କରି ତାକୁ କାର୍ଯ୍ୟରେ ପରିଣତ କଲେ। 'ଯତ୍ର ଜୀବ ତତ୍ର ଶିବ' ମନ୍ତ୍ରରେ ଦୀକ୍ଷିତ ବିବେକାନନ୍ଦ ମୃତ୍ୟୁକୁ ନ ଡରି ସ୍ୱଦେଶବାସୀଙ୍କୁ ଜଣାଇଦେଲେ କିଭଳି ଭାବରେ ଜଣେ ସନ୍ନ୍ୟାସୀ ଗିରିଗୁହାରେ ଆତ୍ମକଲ୍ୟାଣ ପାଇଁ ତପସ୍ୟା ନ କରି ନରନାରାୟଣ ସେବାରେ ନିଜକୁ ଉତ୍ସର୍ଗ କରିପାରେ। ଅଦ୍ୱୈତବାଦର ସୁଦୃଢ ଭିତ୍ତି ଉପରେ ସେ ସେବାଧର୍ମର ପ୍ରାସାଦ ଗଢିଥିଲେ। ସନ୍ନ୍ୟାସୀମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ବେଲୁଡରେ ସେ ପ୍ରତିଷ୍ଠା କଲେ ରାମକୃଷ୍ଣ ମଠ। ଦିନେ ସ୍ୱାମୀ ବିରଜାନନ୍ଦ କହିଲେ, ''ସ୍ୱାମିଜୀ ଆଗେ ସାଧନା ବଳରେ ଆତ୍ମସାକ୍ଷାତ୍ ନ କରି କିପରି ଲୋକସେବା କର୍ମରେ ଅଗ୍ରସର ହେବି?'' ବିବେକାନନ୍ଦ ଗର୍ଜି ଉଠି କହିଲେ, ''ସ୍ୱାର୍ଥପରଙ୍କ ଭଳି ନିଜ ମୁକ୍ତି ପାଇଁ ଚେଷ୍ଟା କଲେ ତୁମେ ନରକକୁ ଯିବ। ଯଦି ତୁମେ ସେହି ପୂର୍ଣ୍ଣବ୍ରହ୍ମଙ୍କୁ ଉପଲବ୍ଧି କରିବାକୁ ଚାହଁ, ତା'ହେଲେ ଅନ୍ୟର ମୁକ୍ତିଲାଭ ପାଇଁ ସାହାଯ୍ୟ କର। ନିଜ ମୁକ୍ତି ଆକାଙ୍କ୍ଷାକୁ ସମୂଳେ ବିନାଶ କରିବା ହିଁ ଶ୍ରେଷ୍ଠ ସାଧନା।'' ବେଲୁଡ ମଠର ଗୋଟିଏ ସଭାରେ ସ୍ୱାମିଜୀ 'ସନ୍ନ୍ୟାସୀର ଆଦର୍ଶ ଓ ତାହାର ସାଧନା' ସମ୍ବନ୍ଧରେ ଇଂଲିଶରେ ଗୋଟିଏ ବକ୍ତୃତା ଦେଇଥିଲେ। ସେ ନବଯୁଗର ସନ୍ନ୍ୟାସୀମାନଙ୍କୁ ଆଦର୍ଶ ବୁଝାଇ କହିଥିଲେ: ତୁମକୁ ମୃତ୍ୟୁକୁ ଭଲ ପାଇବାକୁ ହେବ। ମୃତ୍ୟୁକୁ ଭଲ ପାଇବାର ଅର୍ଥ, ପରମକଲ୍ୟାଣ କାମନାରେ ସତତ ଆତ୍ମବିସର୍ଜନ କରିବାକୁ ପ୍ରସ୍ତୁତ ହୁଅ। ଗୁହାରେ ବସି ଧ୍ୟାନକରି ଦେହତ୍ୟାଗ କରିବା ପରି ପ୍ରାଚୀନ ଆଦର୍ଶର ଆବଶ୍ୟକତା ବର୍ତ୍ତମାନ ଯୁଗରେ ନାହିଁ। ପ୍ରତ୍ୟେକ ମାନବ ଭ୍ରାତାଙ୍କୁ ମୁକ୍ତି ନିମିତ୍ତ ସାହାଯ୍ୟ କରିବାକୁ ହେବ। କେବଳ ଧ୍ୟାନରେ ନିମଗ୍ନ ନ ରହି ମଠ ସଂଲଗ୍ନ ଭୂମି କର୍ଷଣ କରିବାକୁ ଦ୍ୱିଧାବୋଧ କରିବ ନାହିଁ। ଏହା ଥିଲା ନବଦୀକ୍ଷିତ ସନ୍ନ୍ୟାସୀମାନଙ୍କୁ ବିବେକାନନ୍ଦଙ୍କ ଆହ୍ୱାନ। ପରାର୍ଥରେ ଜୀବନ ଦେବା ପାଇଁ ସେ ସମସ୍ତଙ୍କୁ ଶେଷ ପର୍ଯ୍ୟନ୍ତ ଅନୁପ୍ରାଣିତ କରୁଥିଲେ। ଥରେ ଶିଷ୍ୟ ସାରଦାନନ୍ଦଙ୍କୁ କହିଥିଲେ– ମୁଁ ତୁମମାନଙ୍କୁ ଏତେ ଭଲପାଏ, ତଥାପି ଇଚ୍ଛା ହୁଏ, ତୁମେ ସବୁ ପର ପାଇଁ ଖଟି ଖଟି ମରିଯାଅ– ମୁଁ ଦେଖି ଖୁସି ହୁଏ। ୧୯୦୨ରେ ମହାପ୍ରୟାଣର ଅଳ୍ପ କେତେଦିନ ପୂର୍ବରୁ ସେ ତାଙ୍କୁ କହିଥିଲେ ''ଆର ଜନ୍ମରେ ଆସି ବେଦାନ୍ତ ଫେଦାନ୍ତ ପଢିବୁ। ଏଥର ପରସେବାରେ ଦେହଟା ଦେଇ ଯା।''

ମୋଟ ଉପରେ କହିବାକୁ ଗଲେ ପୂର୍ବ ଅବଧାରିତ ସନ୍ନ୍ୟାସର ପରିଭାଷାକୁ ବଦଳାଇ ଦେଇଥିଲେ ସ୍ୱାମୀ ବିବେକାନନ୍ଦ। ପୂର୍ବରୁ ସନ୍ନ୍ୟାସ ଗ୍ରହଣ କରିବାକୁ ହେଲେ ସମସ୍ତ ପାର୍ଥିବ କର୍ମକୁ ତ୍ୟାଗ କରିବାକୁ ପଡୁଥିଲା। ମାତ୍ର ସ୍ୱାମିଜୀ ସନ୍ନ୍ୟାସ ସହ କର୍ମଯୋଗର ଅପୂର୍ବ ସମନ୍ୱୟ କରିଥିଲେ। ଗୀତାରେ ଅର୍ଜୁନ ଭଗବାନଙ୍କୁ ପଚାରିଲେ, ''ଆପଣ କେତେବେଳେ କର୍ମ ସନ୍ନ୍ୟାସର ତ ଆଉ କେତେବେଳେ କର୍ମଯୋଗର ପ୍ରଶଂସା କରିଛନ୍ତି। ପ୍ରକୃତରେ କ'ଣ ଶ୍ରେଷ୍ଠ?'' ଭଗବାନ ଉତ୍ତର ଦେଇଥିଲେ, କର୍ମ ସନ୍ନ୍ୟାସଠାରୁ କର୍ମଯୋଗ ଶ୍ରେଷ୍ଠ। ବିବେକାନନ୍ଦ ଏହି ଦୁଇ ଯୋଗର ଏକ ଅପୂର୍ବ ସମନ୍ୱୟ କରି ପ୍ରମାଣ କରିଦେଲେ ଯେ ଜଣେ କର୍ମଯୋଗୀ ବି ସନ୍ନ୍ୟାସୀ ହୋଇପାରେ ଓ ଜଣେ ସନ୍ନ୍ୟାସୀ ବି କର୍ମଯୋଗୀ ହୋଇପାରେ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ– ୯୪୩୭୩୨୯୨୬୩

# ଭୀମ ଭୋଇ ଓ ଶ୍ରୀଜଗନ୍ନାଥ

ଡ. ଉଦ୍ଧବ ଚରଣ ନାୟକ

ସନ୍ଥ ସାଧକ ଭୀମ ଭୋଇ ଥିଲେ ସ୍ୱାଭିମାନୀ। 'ସତ୍ୟ' ଥିଲା ତାଙ୍କର ଉଦ୍‌ବୋଧନ ଓ 'ଅହିଂସା' ଥିଲା ତାଙ୍କର ଅସ୍ତ୍ର। ଜଣେ ସଦାଚାରୀ ସନ୍ଥ ଭାବରେ ସେ ଥିଲେ ସୁପରିଚିତ। ସତ୍ୟ ସମ୍ପର୍କରେ ସେ କହିଥିଲେ– ''ସତ୍ୟରେ ତରିବି, ସତ୍ୟରେ ମରିବି, ଏହି ଆଜ୍ଞା ମତେ ହେଉ, କହେ ଭୀମ ଭୋଇ ଏ ମର୍ତ୍ତ୍ୟମଣ୍ଡଳେ ଯଶ ଅପଯଶ ଥାଉ।'' ସତ୍ୟ ସମ୍ପର୍କରେ ସେ ବାରମ୍ବାର କହୁଥିଲେ, ''ସତ୍ୟ ଧର୍ମ ଧର, ସତ୍ୟ କର୍ମ କର, ସତ୍ୟେ କର ଗୁରୁସେବା, ପ୍ରସନ୍ନ ହୋଇବେ ଅଲେଖ ଦେବତା ନିଶ୍ଚୟ ମୁକତି ଦେବା।'' ସେହିପରି ଅହିଂସା ସମ୍ପର୍କରେ ସେ କହି ଯାଇଛନ୍ତି– ''ଅହିଂସା ଧର୍ମକୁ ଆଶ୍ରା ଯେବେ କର ଅହିଂସାରେ କର ଦୃଢ଼। ଗୁରୁସେବା କରି ହିଂସାବନ୍ଦୀ ହେଲେ ଶୂନ୍ୟରୁ ପଡ଼ିବ ମାଡ଼।''

ଜଣେ ସତ୍ୟନିଷ୍ଠ, ଅହିଂସାବାଦୀ ସନ୍ଥଙ୍କୁ କେତେଜଣ ବ୍ୟକ୍ତି ଜଗନ୍ନାଥ ଧର୍ମ ବିରୋଧୀ ତଥା ତାଙ୍କର ଅନୁଗାମୀମାନେ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ରମଣ କରି ଦାରୁଦେବତାମାନଙ୍କୁ ପୋଡ଼ି ଭସ୍ମ କରିଦେବା ପାଇଁ ଚେଷ୍ଟା କରିଥିଲେ ବୋଲି କହନ୍ତି। ଏପରିକି ଓଡ଼ିଶାର ତତ୍କାଳୀନ ପ୍ରମୁଖ ଖବରକାଗଜ 'ଉତ୍କଳଦୀପିକା'ରେ ଏହି ମର୍ମରେ ତା୧୩।୩।୧୮୮୧ରିଖ ଓ ତା୨୬।୩।୧୮୮୧ ଏବଂ ବଙ୍ଗଳାର 'ସୁଲଭ ସମାଚାର'୧୨୮୮ ସାଲ (୧୮୮୧ ମସିହା) କାର୍ତ୍ତିକ ୨୧ ଦିନ ସଂଖ୍ୟାରେ ଖବରମାନ ପ୍ରକାଶ ପାଇଥିଲା। ଖବରକାଗଜଗୁଡ଼ିକରେ ଉଲ୍ଲେଖ ଥିଲା ୧୮୮୧ ମସିହା ମାର୍ଚ୍ଚ ୧ ତାରିଖ ମଙ୍ଗଳବାର ଷୋଳ ଜଣ ସ୍ତ୍ରୀପୁରୁଷ ଉଲଗ୍ନ ଅବସ୍ଥାରେ ଭାତହାଣ୍ଡି ହାତରେ ଧରି ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିବା ନିମନ୍ତେ ଉଦ୍ୟତ ହେଉଥିଲେ। ମନ୍ଦିର ଆରକ୍ଷୀ ଓ ଏହି ଦଳର ବ୍ୟକ୍ତିମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ଫଳରେ ଦଳର ସର୍ଦ୍ଦାର ଦଶାରାମ ଚଟାଣରେ ପଡିଯାଇ ଆଘାତପ୍ରାପ୍ତ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ହେଲେ ଏହି ଘଟଣାରେ କୌଣସି ମହିମା ଧର୍ମାବଲମ୍ବୀ ବା ଭୀମ ଭୋଇଙ୍କ ଶିଷ୍ୟମାନେ ସମ୍ପୃକ୍ତ ନ ଥିବା ଜଣାଯାଏ। ତତ୍କାଳୀନ ସରକାରୀ ରେକର୍ଡପତ୍ର ଯଥା ପୁରୀ କଲେକ୍ଟର, ଏସ୍‌ପି ଓ ସିଭିଲ ସର୍ଜନଙ୍କ ରିପୋର୍ଟରେ ଏହାର କୌଣସି ପ୍ରମାଣ ମଧ୍ୟ ମିଳେନାହିଁ। ତତ୍କାଳୀନ ବ୍ରିଟିଶ ଅଧିକାରୀ ମି. ସି.ଇ. ବକ୍‌ଲ୍ୟାଣ୍ଡ ତାଙ୍କ ରଚିତ 'ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଅଧୀନରେ ବଙ୍ଗଳା (୧୯୦୧) ପୁସ୍ତକରେ ଏହି ଘଟଣା ଉଲ୍ଲେଖ କରିଛନ୍ତି। ସେଥିରେ ସେ ଭୀମ ଭୋଇଙ୍କ ନାମ କି ତାଙ୍କ ଶିଷ୍ୟମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପରିବେଷଣ କରିନାହାନ୍ତି। ହେଲେ ଏହି ଘଟଣାରେ ଭୀମ ଭୋଇଙ୍କ ଶିଷ୍ୟମାନଙ୍କ ନାମ କାହିଁକି ଉଲ୍ଲେଖ କରାଗଲା? ଏହା ଆଲୋଚନାର ବିଷୟ।

### ୧୮୫ ଭୀମ ଭୋଇ ଜୟନ୍ତୀ ଉପଲକ୍ଷେ

ମହିମା ଧର୍ମର ମୁଖ୍ୟ ପ୍ରଚାରକ ଭୀମ ଭୋଇ ମୂର୍ତ୍ତିପୂଜା ଓ ବ୍ରାହ୍ମଣ୍ୟ ଧର୍ମର ଥିଲେ ଘୋର ବିରୋଧୀ। ଏହାର ଅର୍ଥ ନୁହେଁ ଯେ, ସେ ହିନ୍ଦୁଧର୍ମର ପୂଜିତ ମୂର୍ତ୍ତିସବୁକୁ ଧ୍ୱଂସ କରିଦେବେ। ଭୀମ ଭୋଇଙ୍କ ସାହିତ୍ୟ ଅନୁଧ୍ୟାନ କଲେ ଜଣାଯାଏ, ସେଥିରେ ବିଷ୍ଣୁ ଓ ଜଗନ୍ନାଥଙ୍କର ବିଭିନ୍ନ ଅବତାର ସମ୍ପର୍କରେ ଅତ୍ୟନ୍ତ ଉଚ୍ଚକୋଟୀର ବର୍ଣ୍ଣନା ରହିଛି। ସ୍ୱରଚିତ ଗ୍ରନ୍ଥରେ ଭୀମ ଭୋଇ 'ଜଗନ୍ନାଥ' ନାମର ବିଶେଷତ୍ୱ ସମ୍ପର୍କରେ ଖୁବ୍ ତାତ୍ତ୍ୱିକ ବୟାନ ରଖିଛନ୍ତି। ଶ୍ରୀଜଗନ୍ନାଥ ଓ ବିଷ୍ଣୁଙ୍କ ଅବତାର ସମ୍ପର୍କରେ ଭୀମ ଭୋଇ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି– ପ୍ରଭୁ ନୀଳାଚଳରେ ବିଜେ କରିଥିବା ହେତୁ ତାଙ୍କର ନାମ ନୀଳଗିରି ଜଗନ୍ନାଥ। ସେ ମୌନ ଭାବେ ଦାରୁପ୍ରତିମା ମୂର୍ତ୍ତି ଭାବରେ ଅବସ୍ଥାନ କରିଛନ୍ତି। ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ମନେକରି ସେ କହିଛନ୍ତି– ଶିରରେ ମୟୂର ଚୂଳ ଦେଇ ଢଳି ଢଳି ନାଚନ୍ତି, ଆଦ୍ୟ ବୃନ୍ଦାବନରେ ବିହାର କରିଥିବାରୁ ତାଙ୍କର ନାମ ବନମାଳୀ। ଗିରିବରକୁ ଛତ୍ରାକାରରେ ଧାରଣ କରିଥିବାରୁ ତାଙ୍କ ନାମ 'ଗିରିଧାରୀ'। ତାଙ୍କ ଯଶ ବଖାଣିବାରେ କାହାର ସାମର୍ଥ୍ୟ ନାହିଁ। ତାଙ୍କର ନାମ କୋଟିଏ ଇତ୍ୟାଦି। ସେହିପରି ବିଷ୍ଣୁଙ୍କର ଦଶ ଅବତାରର ବର୍ଣ୍ଣନା ତାଙ୍କ ରଚିତ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ସୁନ୍ଦର ଭାବରେ ବର୍ଣ୍ଣିତ।

ଭୀମ ଭୋଇ ଗୁରୁ ମହିମା ଗୋସେଇଁଙ୍କ ମହାପ୍ରୟାଣ ପରେ ତାଙ୍କୁ ଶ୍ରୀପୁରୁଷୋତ୍ତମର ନାରାୟଣଙ୍କ ସହ ସମାନ ଭାବି ମୁକ୍ତ କଣ୍ଠରେ ଗାଇଛନ୍ତି– ଜଗତ ଭଗତ ଜନ ଆସ ଲୋଡ଼ିବା ପ୍ରଭୁଙ୍କୁ ଶ୍ରୀପୁରୁଷୋତ୍ତମେ ଜାଣ, ଥିଲେ ଯେଉଁ ନାରାୟଣ ସେ ପ୍ରଭୁ କାହିଁ ରହିଲେ ତେଜିଲେ ତିନିଦାରୁଙ୍କୁ। ମହିମା ଗୋସେଇଁ ଗୁରୁ ସେହି ଅବା ମହାପ୍ରଭୁ ତହିଁ କରିଥିଲୁ ଆଶ ଶୂନ୍ୟ ହେଲେ ଦେଖୁ ଦେଖୁ।।

ଏହା ବ୍ୟତୀତ ଭୀମ ଭୋଇ ଅଲେଖ ଶୂନ୍ୟ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଯେଉଁ ସ୍ତୁତି ଗାନ କରିଛନ୍ତି ତାହା ମଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ପ୍ରଯୁଜ୍ୟ– ପାଦପାଣି ନାହିଁ ତାଙ୍କୁ ଧରିବ କିଏ? ଏମନ୍ତ ବ୍ରହ୍ମ ସ୍ୱରୂପ ଦେଖା ନ ଯାଏ। ନାହିଁ ତାଙ୍କ ପେଟ ଅଣ୍ଟା ଫିଟାଇ କହୁଛି ଗୋଟା ନର ଦେହଧରି ତାଙ୍କୁ କଳିବା ନୋହେ। ତାଙ୍କ ପରି ଶାନ୍ତ ପଣେ ତ୍ରିଭୁବନେ ନାହିଁ ଜଣେ ନିନ୍ଦା ସ୍ତୁତି ହାନି ଲାଭ ସକଳ ସହେ।

ଏହିସବୁ ତଥ୍ୟରୁ ଆମେ ଜାଣିପାରୁଛେ ଯେ, ଭୀମ ଭୋଇ ଶ୍ରୀଜଗନ୍ନାଥଙ୍କୁ ବେଶ୍ ଭଲ ଭାବରେ ମାନୁଥିଲେ। ଓଡ଼ିଶାର ଚିରପୂଜ୍ୟ ଜଗନ୍ନାଥଙ୍କୁ ଅଶେଷ ଭକ୍ତି ମଧ୍ୟ କରୁଥିଲେ। ସେସବୁ କଥା ଏଠାରେ ଏକ କ୍ଷୁଦ୍ର ପ୍ରବନ୍ଧରେ ଆଲୋଚନା କରିବା ସମ୍ଭବ ନୁହେଁ। ଆଜି ଭୀମ ଭୋଇଙ୍କ ପବିତ୍ର ଜନ୍ମତିଥିରେ ତାଙ୍କ ପ୍ରତି ଶ୍ରଦ୍ଧା ଜଣାଇବା ହେଉଛି ପ୍ରତ୍ୟେକ ଓଡ଼ିଆଙ୍କର ପ୍ରଧାନ କର୍ତ୍ତବ୍ୟ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ– ୯୪୩୮୨୯୯୧୭୪

## ଏଇ ଭାରତରେ

ଜଳର ଅନ୍ୟ ନାମ ଜୀବନ। କାରଣ ଜଳ ବିନା ଜୀବନ ବଞ୍ଚିବା ଅସମ୍ଭବ। ଆମ ଦେଶର କେଉଁ ଅଞ୍ଚଳରେ ପ୍ରଚୁର ପରିମାଣରେ ଜଳ ମିଳୁଥିବା ବେଳେ କୌଣସି ଅଞ୍ଚଳରେ ଏହା ଅତି ଦୁର୍ଲଭ ପଦାର୍ଥ ରୂପେ ବିକ୍ରି ହୋଇଥାଏ। ଜଳ ବିନା ମଣିଷର ଅବସ୍ଥା ଦୟନୀୟ ହୋଇଯାଇଥାଏ। କାରଣ ପିଇବାଠୁ ଆରମ୍ଭ କରି ଲୁଗାପଟା ସଫା, ଗାଧୋଇବା, ବାସନ ଧୁଆ ଏବଂ ପାଇଖାନା ଯିବା ପର୍ଯ୍ୟନ୍ତ ଜଳର ଆବଶ୍ୟକତା ରହିଛି। ତେଣୁ ସଙ୍କଟ ସମୟରେ ଜଳର ସୁଷମ ବଣ୍ଟନ କରାଯିବା ସହିତ ନଷ୍ଟ ନ କରିବା ଉପରେ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ମାଠିଆଏରୁ ଅଧିକ ପାଣି ନେଲେ ଦେବାକୁ ପଡୁଛି ମାଠିଆ ପିଛି ୫୦ଟଙ୍କା। ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ଛତିଶଗଡ଼ର ବସ୍ତର ଜିଲାରେ। ଏଠାକାର ଦରଭା ବ୍ଲକ୍‌ର ଲେଣ୍ଡ୍ରି ଗାଁରେ ଜଳସଙ୍କଟ ଲାଗି ରହିଛି। ଲୋକେ ପିଇବା ପାଣିର ସୁବଣ୍ଟନ ପାଇଁ ଏକ ନିୟମ ଜାରି କରିଛନ୍ତି। ପ୍ରତି ପରିବାରକୁ ମାଠିଆଏ ପାଣି ଦିଆଯିବ। ଏହାଠାରୁ ଅଧିକ ପାଣିନେଲେ ମାଠିଆ ପିଛା ୫୦ ଟଙ୍କା ଦେବାକୁ ପଡ଼ିବ। ଲୋକେ ପାଣି ପାଇଁ ଅତିରିକ୍ତ ଦେୟ ଦେଉଥିଲେ ବି ପକେଟକୁ ଅତ୍ୟନ୍ତ ବାଧୁଛି। ଅପରପକ୍ଷରେ ଅଯଥା ପାଣି ନଷ୍ଟ କରୁଥିବା ବ୍ୟକ୍ତିଙ୍କ ଲାଗି ଏହା ଦଣ୍ଡାଦେଶ ସଦୃଶ ହୋଇଛି।

## ଚିରନ୍ତନୀ

ଅସ୍ଫୁଟ କେଉଁ ଶିଶୁର ମଧୁର ବାଣୀ
ବାଜେ ପଥିକର ସବୁ ଇନ୍ଦ୍ରିୟ ଟାଣି
ଆସଇ ଚେତନା ଚମକି ଆଗକୁ ଧାଏଁ
ପାହାଡ଼ ପାଚେରି ଉଠିଚି ଆକାଶ ଯାଏଁ
ଲୋଡେ ଆର ପାରି ଡେଇଁଯିବା ପାଇଁ ଉଡି
ଦୂର ଗାଆଁ କୋଳେ ରବି ଯାଏ ଧୀରେ ବୁଡି।
ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର।

(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରିଲିଫ ବାଟମାରଣା ନ ହେଉ

ମହାଶୟ,

ମହାବାତ୍ୟା ଫନୀର ତାଣ୍ଡବରେ ସାଧାରଣବର୍ଗ ସହିତ ସ୍ୱଚ୍ଛଳବର୍ଗ ପ୍ରାୟ ସମସ୍ତେ ଆକ୍ରାନ୍ତ। ସେଥିପାଇଁ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ, କର୍ମଚାରୀମାନଙ୍କ ମିଳିତ ଉଦ୍ୟମରେ ଯଥାଯଥ ଆର୍ଥିକ ଏବଂ ସାମାଜିକ ସାହାଯ୍ୟ ଜାରି ରହିଛି। ଯାହାର କୌଣସି ହିସାବ ନାହିଁ। ତେଣୁ କୌଣସି ଦଳଗତ ରାଜନୈତିକ ଉଦ୍ଦେଶ୍ୟ ନ ରଖି ସମସ୍ତଙ୍କୁ ସାହାଯ୍ୟ ଏବଂ ସହାନୁଭୂତି ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ ଅଟେ। କୌତୂହଳର ବିଷୟ ହେଲା ୧୯୯୯ ମହାବାତ୍ୟାରେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ଯୋଗାଇ ଦିଆଯାଇଥିବା ରିଲିଫ ସାମଗ୍ରୀ ଆଜିର ବଜାରରେ ସମୟେ ସମୟେ ଉପଲବ୍ଧ ହୁଏ। ଯେଉଁଟାକି ଆମ ପାଇଁ ଘୋର ଲଜ୍ଜାର ବିଷୟ। ମାହୁନ୍ତ ହାତୀ ପିଠିରେ ବସି ଧାନ ଆଦାୟ କଲାବେଳେ ହାତୀ ପାଟିକୁ ମୁଠାଏ ଧାନ ପକାଇ ଅବଶିଷ୍ଟ ଧାନକୁ ସଞ୍ଚୟ ରଖିଲା ଭଳି ଅବସ୍ଥା ନ ହେଉ। ଯେଉଁମାନେ ରିଲିଫ ସାମଗ୍ରୀର ହରିଲୁଟ କରୁଛନ୍ତି, ସେ ଯେତେବଡ ପଦବୀରେ ଥାଉ ନା କାହିଁକି ତାକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ଯେଉଁଟାକି ଭବିଷ୍ୟତ ପିଢି ପାଇଁ ବେଶ୍ ଶିକ୍ଷଣୀୟ ହୋଇରହିବ।

ଗୁରୁପ୍ରସାଦ ଦାଶ, ଛତିଆ, ଯାଜପୁର

### ଲାଞ୍ଚ ଖାଇବାରେ ବାଛବିଚାର ନାହିଁ

ଧରିତ୍ରୀରେ ପ୍ରକାଶିତ ଖବର ଅନୁସାରେ ସମ୍ବଲପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଅଫିସ୍‌ର କନିଷ୍ଠ କିରାଣି ସେହି ଅଫିସର ଅନ୍ୟ ଜଣେ କର୍ମଚାରୀଙ୍କ (ନିକଟରେ ଅବସର ନେଇଥିବା) ଛୁଟିଦିନର ଦରମା ମଞ୍ଜୁରୀ ନିମନ୍ତେ ଚାରି ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗୋଟିଏ ଅଫିସରେ ସହକର୍ମୀ ହିସାବରେ ବହୁଦିନ ଧରି କାର୍ଯ୍ୟ କରିଥିବା ଲୋକଠାରୁ ଅବସର ପରେ ଲାଞ୍ଚ ଦାବି କରିବା ଅତ୍ୟନ୍ତ ନୀଚ ପ୍ରକୃତିର ପରିଚାୟକ। ତାଙ୍କୁ ଭିଜିଲାନ୍ସରେ ଧରାଇଦେଇ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀ ଜଣକ ଠିକ୍ କରିଛନ୍ତି। ଏପରି କର୍ମଚାରୀଙ୍କୁ ଗିରଫ ପରେ ଚାକିରିରୁ ବହିଷ୍କାର କରାଯିବା ଉଚିତ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ନଷ୍ଟ ହେଉଛି ଜୈବବିବିଧତା

୧୯୦୧ରେ ଭାରତର ଜନସଂଖ୍ୟା ୩୩ କୋଟି ଥିବା ବେଳେ ବାଘ ସଂଖ୍ୟା ଥିଲା ୪୦,୦୦୦। ଏବେ ଜନସଂଖ୍ୟା ୧୩୦ କୋଟି। ମାତ୍ର ବାଘ ସଂଖ୍ୟା ୨୦୦୦ରେ ସୀମିତ। କେବଳ ବାଘ ନୁହେଁ, ଅନ୍ୟାନ୍ୟ ପ୍ରଜାତିର ଜୀବଜନ୍ତୁଙ୍କ ସଂଖ୍ୟା ମଧ୍ୟ ବହୁମାତ୍ରାରେ ହ୍ରାସ ପାଇଛି। ହାତୀ ଆମର ଐତିହ୍ୟ ପ୍ରାଣୀ। ଏହି ପ୍ରାଣୀର ସଂଖ୍ୟା ଏବେ ୧୦୦୦ରେ ସୀମିତ। ଏମିତି ଅନେକ ପ୍ରଜାତି ବିଲୁପ୍ତ ହେବାକୁ ବସିଲାଣି। ଭାରତୀୟ ସଂସ୍କୃତିରେ ଉଦ୍ଭିଦ ଓ ପ୍ରାଣୀଙ୍କୁ ପୂଜା କରିବାର ପରମ୍ପରା ବହୁଦିନରୁ ରହିଛି। ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପ୍ରତି ମଣିଷର ଶ୍ରଦ୍ଧା ଓ ସମ୍ବେଦନଶୀଳତା ଜରୁରୀ। ବ୍ୟାପକ ବୃକ୍ଷ ରୋପଣ ଓ ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଆମର ଧ୍ୟେୟ ହେବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ। -ସ୍ୱାମୀ ବିବେକାନନ୍ଦ







# ଫନୀ ତାଣ୍ଡବ

# ଉଜୁଡ଼ିଯାଇଛି ଶିଳ୍ପୀକୁଳର ଜୀବିକା

- ୧୪ ଜିଲ୍ଲାର ବୁଣାକାର, କାରିଗର ପ୍ରଭାବିତ
- ପୁରୀ, ଖୋର୍ଦ୍ଧାର ସର୍ବାଧିକ କ୍ଷତିଗ୍ରସ୍ତ
- ମାଟିରେ ମିଶିଯାଇଛି ଉପକରଣ, କଳା ସାମଗ୍ରୀ
- ସ୍ୱତନ୍ତ୍ର ପ୍ୟାକେଜ ଦାବି କଲା ଶିଳ୍ପୀ ମହାସଂଘ

**ସସ୍ମିତା ପାଇକରାୟ**
ଭୁବନେଶ୍ୱର,୧୬।୫(ବ୍ୟୁରୋ)

ବାତ୍ୟା 'ଫନୀ' ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଥିବା ବେଳେ ଏଥିରେ ବିଶେଷ ପ୍ରଭାବିତ ହୋଇଛି ଛୋଟବଡ଼ ଶିଳ୍ପ। ଏହାଦ୍ୱାରା ରାଜ୍ୟର ହଜାର ହଜାର ଶିଳ୍ପୀ ଓ ବୁଣାକାରଙ୍କ ଜୀବନ ଜୀବିକା ଉଜୁଡ଼ି ଯାଇଛି। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଯୋଗୁ ରାଜ୍ୟର ଅଧିକାଂଶ କାରିଗର ଝାଟିମାଟି ଚାଳ ଓ ଆଜବେଷ୍ଟସ୍ ଘରେ ରହୁଥିବା ବେଳେ ବାତ୍ୟାରେ ସେମାନଙ୍କ ଘର ଏବଂ କର୍ମଶାଳା ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ମାଟି କାନ୍ଥ ଓ ଭଙ୍ଗା ଚାଳ ଏବେ ବି ଗାଁ ଦାଣ୍ଡରେ ପଡ଼ିରହିଛି। ଉତ୍ପାଦିତ କଳାକୃତି, ତନ୍ତରେ ଲାଗିଥିବା ବସ୍ତ୍ର ଓ କଞ୍ଚାମାଲ ବର୍ଷାରେ ଭିଜିଯାଇଛି। ଲକ୍ଷ ଲକ୍ଷ ଟଙ୍କାର ତାଳପତ୍ର ଖୋଦେଇ ଚିତ୍ର, ପଟଚିତ୍ର, ପଥର ମୂର୍ତ୍ତି, ମାଟି କାମ, ଚାନ୍ଦୁଆ ଓ ଲୁଗା ନଷ୍ଟ ହୋଇଯାଇଛି। ଭଙ୍ଗା କାନ୍ଥ ତଳେ ପୋତି ହୋଇପଡ଼ିଛି ଅନେକ ବୁଣାକାରଙ୍କ ତନ୍ତ ଓ ଶିଳ୍ପୀଙ୍କ କଳାକୃତି ପ୍ରସ୍ତୁତି ଉପକରଣ, ଯାହାକି ଶିଳ୍ପୀକୁଳର ଜୀବିକା ଉପରେ ପ୍ରଭାବ ପକାଇଛି। ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ପ୍ରାୟ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଶିଳ୍ପୀ ଓ ବୁଣାକାର ପ୍ରଭାବିତ ହୋଇଛନ୍ତି।

ଓଡ଼ିଶାର ୧୪ ଜିଲା ଫନୀ ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଶିଳ୍ପୀ ଜିଲା ଭାବେ ପରିଚିତ



ପୁରୀ ଓ ଖୋର୍ଦ୍ଧା ଜିଲା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ପୁରୀ ଜିଲାର ଶିଳ୍ପୀ ଗ୍ରାମ ରଘୁରାଜପୁର, ଦାଣ୍ଡସାହି, ନାୟକପାଟଣା, ଖାସାପୋଷାକ, ପିପିଲି, ସାତଶଙ୍ଖ, ସାକ୍ଷୀଗୋପାଳ, ବଳଙ୍ଗା, ମୁକୁନ୍ଦପୁର, ମଙ୍ଗଳପୁର ସହ ଗୋପ, ବାଲିକନ୍ଦଳ, ରୂପଦେଇପୁର, ଝିଙ୍କିରିଆ, ଗଣେଶ୍ୱରପୁର, କୋଣାର୍କ, ନିମାପଡ଼ା, ବେଗୁନିଆ, ବାଲିଘାଇ, କାକଟପୁର, ଗୋପୀନାଥପୁର ଓ ମୌଜିବେଗ ଆଦି ୪୫ରୁ ଊର୍ଦ୍ଧ୍ୱ କାରିଗର ରହୁଥିବା ଗାଁ ଏବଂ ପୁରୀ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଖୋର୍ଦ୍ଧା ଜିଲାର ଚାନ୍ଦୁଆ କାରିଗରଙ୍କ ଗାଁ ଭାକରସାହି, ହଳଦୀବସନ୍ତ, ରାଜସ, ଖଇରିପୁର, ଗଡ଼ିଆ, ତାଳପତ୍ର ଓ ପଟଚିତ୍ର କାରିଗରଙ୍କ ଗାଁ ଗଣ୍ଡିଲୋ, କାକରୁଦ୍ରପୁର, ଖମଙ୍ଗ, ପ୍ରତାପରୁଦ୍ରପୁର, ବାଦଛେଲି ପାଟଣା, କଂସାପିତ୍ତଳ କାରିଗରଙ୍କ ଗାଁ ବାଲକାଟି ଓ ରଥିଜେମା ଆଦି ପ୍ରଭାବିତ ହୋଇଛି। ସେହିଭଳି ବୁଣାକାରଙ୍କ ଗାଁ ମୁଣ୍ଡହଣାପାଟଣା, ପ୍ରଧାନ ପାଟଣା, ନୂଆପାଟଣା, ବନମାଳୀପୁର, ଗୁଲା ମହମ୍ମଦ ପାଟଣା, ପତିତପାବନ ପାଟଣା, ଅମୃତମଣୋହୀ ପାଟଣା, ଅଠାନ୍ତର, ହୀରାପୁର, ଭିଙ୍ଗାରପୁର, ବଇଁଚୁଆ, ଖୋର୍ଦ୍ଧା, ଜଙ୍କିଆ, ଗୁରୁଜଙ୍ଗ, ରାଁସୋଳ ଆଦି ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ସହ ଭୁବନେଶ୍ୱରରେ ରହୁଥିବା ଶିଳ୍ପୀଙ୍କର ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହାବ୍ୟତୀତ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ନୟାଗଡ଼ ଓ ବାଲେଶ୍ୱର ଆଦି ଜିଲାର କାରିଗରମାନେ ବାତ୍ୟାରେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି।

ଅନ୍ୟପକ୍ଷରେ ଫନୀ ପାଇଁ ଏବେ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ କମିଯାଇଛି। ଫଳରେ କଳାକୃତି ବିକ୍ରବଟା ଏକରକମ ବନ୍ଦ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳର ହସ୍ତଶିଳ୍ପୀଙ୍କ କଳାକୃତି ଅଗ୍ରାଧିକାର ଭିତ୍ତିରେ କିଣିବା ପାଇଁ ବୟନିକା, ସେରିଫେଡ ଓ ସମ୍ବଲପୁରୀ ବସ୍ତ୍ରାଳୟକୁ ନିର୍ଦ୍ଦେଶ ଦେବାକୁ ମହାସଂଘ ଦାବି କରିଛି। ଶିଳ୍ପୀ ମହାସଂଘ ପକ୍ଷରୁ ଏକ ପ୍ରାଥମିକ ଆକଳନର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ବେଳେ ସ୍ୱତନ୍ତ୍ର ସହାୟତା ପ୍ୟାକେଜ ଘୋଷଣା କରିବାକୁ ଦାବି ହୋଇଛି। ରାଜ୍ୟ ବାହାରେ ଶିଳ୍ପୀ ଓ ବୁଣାକାରଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ପ୍ରଦର୍ଶନୀ ଆୟୋଜନ କରାଯିବା ସହ ସମସ୍ତ ପୂର୍ବ ଋଣ ଛାଡ଼ କରିବାକୁ ମହାସଂଘ ସଭାପତି ଉଦୟ ମହାନ୍ତି, ମୁଖ୍ୟ ଉପଦେଷ୍ଟା ସୁଦର୍ଶନ ସାହୁ ଓ ସଙ୍ଗଠନ ସମ୍ପାଦକ ପ୍ରିୟରଞ୍ଜନ କର ଦାବି କରିଛନ୍ତି।



**ରଥ ଖଳାରୁ**



ରଥ ତୁମ୍ବ ତିଆରି ଲାଗି କାଠ ଚିରଟ କରାଯାଉଛି।

## ଆଗକୁ ମିଳି ନ ପାରେ ଝାଉଁକାଠ

## ମହଜୁଦ୍ ରଖିବାକୁ ଦାବିକଲେ ସେବକ

ପୁରୀ ଅଫିସ,୧୬।୫

ଶ୍ରୀମନ୍ଦିରରେ ବରାଦି ମହାପ୍ରସାଦ ପ୍ରସ୍ତୁତିରେ ଝାଉଁକାଠ ବ୍ୟବହାରକୁ ଅଗ୍ରାଧିକାର ଦିଆଯାଇଥାଏ। ଏହା ଭଲ ଜଳୁଥିବାରୁ ସେବକମାନେ ଝାଉଁ କାଠ ବ୍ୟବହାର କରିଥାନ୍ତି। କିନ୍ତୁ ବାତ୍ୟାରେ ପୁରୀ ଜିଲାରେ ଶହ ଶହ ଗଛ ଭାଙ୍ଗିଯାଇଛି। ବିଶେଷକରି ଝାଉଁ ଗଛଗୁଡ଼ିକ ଧରାଶାୟୀ ହୋଇଛି। ତେଣୁ ଏବେଠାରୁ ପ୍ରଶାସନ ଝାଉଁକାଠ ସଂଗ୍ରହ କରି ରଖିବା ଦରକାର। ନଚେତ୍ ଆଗକୁ ଏହି କାଠ ମିଳିବା କଷ୍ଟକର ହୋଇପଡ଼ିବ। ଝାଉଁକାଠ ମହଜୁଦ୍ ରଖିବାକୁ ଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି।

ଶ୍ରୀମନ୍ଦିରରେ ବରାଦି ମହାପ୍ରସାଦ ପାଇଁ ସେବକମାନେ ସାଧାରଣତଃ ଝାଉଁକାଠ ବ୍ୟବହାର କରିଥାନ୍ତି। ସେହିପରି କୁମ୍ଭକାର ସେବକମାନେ କୁଡୁଆ ତିଆରି କରିବାରେ ଝାଉଁକାଠ ବ୍ୟବହାର କରନ୍ତି। ସେମାନେ ଝାଉଁକାଠରେ କୁଡୁଆ ପୋଡ଼ିଥାନ୍ତି। ହେଲେ ବର୍ତ୍ତମାନ ବାତ୍ୟାରେ ଝାଉଁଗଛ ସବୁ ଭାଙ୍ଗିଯାଇଛି। ଏହି କାଠକୁ ଜାଳେଣି ପାଇଁ ନେବା ଲାଗି ଲୋକଙ୍କ ଚାହିଦା ରହିବ। ତେଣୁ ପ୍ରଶାସନ ଝାଉଁ କାଠ ସଂଗ୍ରହ କରି ମହାପ୍ରସାଦ ପ୍ରସ୍ତୁତି କରୁଥିବା ସେବକ ଏବଂ କୁମ୍ଭକାର ସେବକଙ୍କୁ ଯୋଗାଇଦେବା ଦରକାର। ନଚେତ୍ ଆଗକୁ କୁଡୁଆ ତିଆରି ମଧ୍ୟ ପ୍ରଭାବିତ ହେବ ବୋଲି ଖୁଣ୍ଟିଆ କହିଛନ୍ତି।

## ଆଜି ଗୁଜ ଅନୁକୂଳ

ପୁରୀ ଅଫିସ,୧୬।୫

ଆସନ୍ତା ଜୁଲାଇ ୪ରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ ଚାଲିଛି। ମହାରଣା ସେବକ, ଭୋଇ ସେବକ ଏବଂ କରତିଆ ସେବକମାନେ କାମରେ ଲାଗିଛନ୍ତି। ବର୍ତ୍ତମାନ ତୁମ୍ବ ତିଆରି ଚାଲିଛି। ପରମ୍ପରା ଅନୁଯାୟୀ ନୃସିଂହ ଚତୁର୍ଦ୍ଦଶୀରେ ଗୁଜ ଅନୁକୂଳ ହେବାର ବିଧି ରହିଛି। ତେଣୁ ଶୁକ୍ରବାର ରଥଖଳାରେ ଗୁଜ ଅନୁକୂଳ ହେବ। ଏଥିପାଇଁ ଭୋଇ ସେବକମାନେ ଗୁରୁବାର ତିନିରଥ ପାଇଁ ୪ଟି ଲେଖାଏ ୧୨ଫୁଟିଆ ଅରମୁଣ୍ଡି କାଠ ପକାଇଛନ୍ତି । ଏଥିରେ ଗୁଜ ଅନୁକୂଳ କରାଯିବ। ମହାରଣା ସେବକମାନେ ନଡ଼ିଆ ବାଡେଇ ଅରମୁଣ୍ଡିକୁ ଚଉପଟ କରି ରୂପକାର ସେବକଙ୍କୁ ପ୍ରଦାନ କରିବେ। ରୂପକାର ସେବକମାନେ ନଡ଼ିଆ ବାଡେଇ ଗୁଜ ଅନୁକୂଳ କରି ଏଥିରେ ଖୋଦେଇ ଆରମ୍ଭ କରିବେ। ସେହିପରି ଶୁକ୍ରବାର ଯନ୍ତଗାଡ଼ ଖୋଲାଯିବ। ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ନୃସିଂହ ଚତୁର୍ଦ୍ଦଶୀରେ ଯନ୍ତାଗାଡ ଖୋଲାଯିବାର ପରମ୍ପରା ରହିଛି। ସେହି ମୁତାବକ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ପୋତାଯାଇ ଯନ୍ତାଗାଡ଼କୁ ଭୋଇ ସେବକମାନେ ଖୋଲିବେ।

## ଡ୍ରୋନ ମାଧ୍ୟମରେ ହରିଣ ଖୋଜା

**ପୁରୀ ଅଫିସ,୧୬।୫**

ବାତ୍ୟାରେ ଉଜୁଡ଼ିଯାଇଛି । ଭାଙ୍ଗିଯାଇଛି ସବୁ ଗଛ। ଖାଁ ଖାଁ ଦିଶୁଛି ଅଭୟାରଣ୍ୟ। ବନ୍ୟଜନ୍ତୁଙ୍କ ପତ୍ତା ମିଳୁନି। ବିଶେଷକରି ହରିଣଙ୍କ ସ୍ଥିତି କ'ଣ ତାହାକୁ ନେଇ ଏବେ ସମସ୍ତେ ଅନ୍ଧାରରେ। ତେଣୁ ହରିଣଙ୍କୁ ଠାବ କରିବା ଲାଗି ବନ ବିଭାଗ ପକ୍ଷରୁ ଟ୍ରାପ୍ କ୍ୟାମେରା ଲଗାଯାଉଛି। ବିଭିନ୍ନ ସମୟରେ ହରିଣ କ୍ୟାମେରା ଫ୍ରେମ୍‌କୁ ଆସୁଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଗୁରୁବାରଠାରୁ ଡ୍ରୋନ୍ ମାଧ୍ୟମରେ ହରିଣ ଖୋଜା ଆରମ୍ଭ ହୋଇଛି। ଭୋର ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସର୍ଭେ କରାଯାଇଥିଲା। ବାଲିଗୁଆଳି, ନୂଆନଈ, ସୈକତ ନିବାସ ପଛପାର୍ଶ୍ୱ ଜଙ୍ଗଲ ଭିତରେ ଡ୍ରୋନ୍‌ରେ ହରିଣଙ୍କ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। କିନ୍ତୁ କେଉଁଠି କେତେ ହରିଣ ଦେଖାଯାଇଛନ୍ତି ସେନେଇ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷେ ବୁଧବାର ଟ୍ରାପ୍

### ଟ୍ରାପ୍ କ୍ୟାମେରାରେ ଦେଖାଦେଇଛନ୍ତି ୧୨

କ୍ୟାମେରାରେ ୧୨ଟି ହରିଣ ଦେଖାଯାଇଥିବା ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟରେ ୪ହଜାରରୁ ଊର୍ଦ୍ଧ୍ୱ ହରିଣ ଥିଲେ। ବାତ୍ୟା ପୂର୍ବରୁ ଅନେକ ହରିଣ ଆଖପାଖ ଅଞ୍ଚଳକୁ ପଳାଇ ଯାଇଥିଲେ। ଏବେ ଅଭୟାରଣ୍ୟକୁ ଗୋଟିଏ ଗୋଟିଏ ହରିଣ ଫେରିବା ଆରମ୍ଭ କରିଛନ୍ତି। ତେବେ ଫେରିବା ବାଟରେ ବିଭିନ୍ନ ଜଳାଶୟରେ ପଡୁଥିବା ଘଟଣା ସାମ୍ନାକୁ ଆସୁଛି। ବୁଧବାର ଛଇତନା ହାଇସ୍କୁଲ ପଛପାର୍ଶ୍ୱସ୍ଥ ଏକ ପୋଖରୀରେ ହରିଣଟିଏ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ସେମାନେ ଏହାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ହରିଣଟିକୁ ଆଣି ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଥିଲେ।



ବାଲୁଖଣ୍ଡ ଅଭୟାରଣ୍ୟ

## ଏଥର ରାଜ୍ୟରେ ଝୁଲା ବିଧାନସଭା: ଦାମ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟ ସରିଛି। ନିର୍ବାଚନ ସମୟରେ ବିଜେଡି ଓ ଭାଜପା ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧର ଦୃଶ୍ୟ ବର୍ତ୍ତମାନ ବଦଳିଯାଇଛି। ନିର୍ବାଚନ ସମୟରେ ଯେମିତି ବିଜେଡି ଉପରେ ଭାଜପା ଅନର୍ଗଳ ବର୍ଷୁଥିଲା, ଏବେ କିନ୍ତୁ ଫନୀ ମୁକାବିଲା ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶଂସାରେ ପୋତି ପକାଉଛି। ଏଭଳି ସମୟରେ ଏବଂ ଦୀର୍ଘଦିନର ନୀରବତା ପରେ ଭାଜପାର ବରିଷ୍ଠ ନେତା ତାଙ୍କ ତୁଣ୍ଡ ଖୋଲିଛନ୍ତି। ଏଥର ନିର୍ବାଚନରେ ଓଡ଼ିଶାରେ କେହି ପୂର୍ଣ୍ଣ ବହୁମତ ପାଇବେ ନାହିଁ ବୋଲି ଦାମୋଦର ରାଉତ କହିଛନ୍ତି। ଦାମ କହିଛନ୍ତି ଯେ, ଯାହା ଜଣାପଡୁଛି ବିଜେଡି ଅଳ୍ପ ଆସନ ଅଧିକରେ ସରକାର କରିପାରେ କିମ୍ବା ନ କରିପାରେ। ଭାଜପା ମଧ୍ୟ ସେହିଭଳି ସ୍ଥିତିରେ ରହିଛି। ତେଣୁ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ସରକାର ହେବାରେ କୌଣସି ଅସୁବିଧା ନାହିଁ। ଏଥର ଝୁଲା ବିଧାନସଭା ହେବ। ଓଡ଼ିଶାରେ ମେଣ୍ଟ ସରକାର ହେଲେ ରାଜ୍ୟରେ ପ୍ରଶାସନିକ ଅଧିକାରୀମାନେ ଯେଉଁ ରାଜ୍ ଚଳାଇଛନ୍ତି ତାହା ଆଉ ରହିବ ନାହିଁ। ବିଜେଡି ଭଳି ଏକ ଅଥର୍ବ ସରକାର ରାଜ୍ୟରେ ଶାସନ କରିବା ଅପେକ୍ଷା ଭାଜପା କ୍ଷମତାକୁ ଆସିଲେ କାର୍ଯ୍ୟଦକ୍ଷ ହେବ। ୨୦୧୪ ସାଧାରଣ ନିର୍ବାଚନରେ ଗୋଟିଏ ମାତ୍ର ଲୋକ ସଭା ଆସନ ଜିତିଥିଲା ଭାଜପା। ହେଲେ ଏଥର ଦଳ ୧୩ରୁ ୧୪ ଲୋକ ସଭା ଆସନରେ ବିଜୟୀ ହେବ ବୋଲି ଦାମ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗୀତା ମେହେଟ୍ଟା ଦେଲେ ୧୦ ଲକ୍ଷ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଫନୀ ପରବର୍ତ୍ତୀ ପୁନରୁଦ୍ଧାର ଏବଂ ରିଲିଫ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଶିଷ୍ଟବ୍ୟକ୍ତି ଏବଂ ସଂସ୍ଥା ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିକ୍ରମରେ ଗୁରୁବାର ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୫୧ ଲକ୍ଷ, ଇଷ୍ଟର୍ନ ମିଡିଆ ପ୍ରାଇଭେଟ୍ ଲିଃ ପକ୍ଷରୁ ୫୦ ଲକ୍ଷ, ଲାଲ୍‌ଚାନ୍ଦ ଜୁଏଲର୍ସ ୧୧ ଲକ୍ଷ, ମୁଖ୍ୟମନ୍ତ୍ରୀଙ୍କ ଭଉଣୀ ଗୀତା ମେହେଟ୍ଟା ୧୦ ଲକ୍ଷ, ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ୫ ଲକ୍ଷ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ୫ ଲକ୍ଷ ଟଙ୍କା ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି।

ଗଞ୍ଜାମ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର କର୍ମଚାରୀଗଣ ୩,୪୧,୯୧୦ ଟଙ୍କା, ଜଲାନ୍ କାର୍ବନ ଆଣ୍ଡ କେମିକାଲ ୫ ଲକ୍ଷ, ବରଗଡ଼ ଜିଲା ପ୍ରଶାସନ ୧୫,୭୬,୦୮୧ ଟଙ୍କା, ଓଡ଼ିଶା ଡିପ୍ଲୋମା ଇଂଜିନିୟର୍ସ ୧ ଲକ୍ଷ ଟଙ୍କା, ସାରଦା ମାଇନ୍ସ କର୍ମଚାରୀଗଣ ୧,୭୦,୯୭୮ ଟଙ୍କା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ରୌନକ ପଣ୍ଡା ୧୨,୮୦୦ ଟଙ୍କା, ଶାନ୍ତି ପ୍ରସାଦ ପଣ୍ଡା ୩୦,୦୦୦ ଟଙ୍କା, ବଡ଼ଚଣା ଯୁବକ ସଂଘ ୨୦,୦୦୦ ଏବଂ ରୁଷି କୁମାର ପଟେଲ ୨୦,୦୦୦ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଏହିପରି ମୋଟ୍ ୧୪ଟି ସଂସ୍ଥା ପକ୍ଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଉର୍ମି



ପଦ୍ମା



କାର୍ତ୍ତି



ଅର୍ଚ୍ଚନା



ସୁଶାନ୍ତ



ଏନ୍.ନୃସିଂହ



ଅରୋସ୍ମୃତି



ତରୁଣ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର




ବିଦ୍ୟୁତ୍ ମରାମତିବେଳେ ଠିକା ମିସ୍ତ୍ରି ଜଳିଯିବା ଘଟଣା

# ମୃତ ରିୟଲ ହିରୋଙ୍କୁ ଅଣଦେଖା

- ମାରିଦେବା ପରେ ପୋଲିସ ଲଗାଇ ଚାପି ଦେବାକୁ ଉଦ୍ୟମ
- ବିଭାଗୀୟ ଅଧିକାରୀଙ୍କୁ ଦେଖାକରିବାକୁ ସୁଯୋଗ ଦେଲେନି
- ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରୁ ମୃତଦେହ ସହ ପିତାଙ୍କୁ ଉଠାଇନେଲେ

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

ରାଜଧାନୀକୁ ଶୀଘ୍ର ବିଦ୍ୟୁତ୍ ଯୋଗାଇବା ପାଇଁ ଭୋକଶୋଷ ଭୁଲି ମରାମତିରେ ଲାଗି ପଡିଥିଲେ ବହୁ ଠିକା ମିସ୍ତ୍ରି ଓ ଶ୍ରମିକ। ବାତ୍ୟାବିପନ୍ନଙ୍କ ପାଇଁ ସାଜିଥିଲେ ରିୟଲ ହିରୋ। ହେଲେ ବୁଧବାର କାର୍ଯ୍ୟସ୍ଥଳରେ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଳିଯାଇଥିଲେ ଠିକା ମିସ୍ତ୍ରି ବାଗଇ ମୁର୍ମୁ ଓରଫ ମଟକା (୨୨)। ଖବର ପାଇ ଗୁରୁବାର ତାଙ୍କ ବାପା ମୟୂରଭଞ୍ଜ ଜିଲା ଭିଜିଡିହି ଗ୍ରାମର ବାଗାତ ମୁର୍ମୁ ଓ ପରିବାର ଲୋକେ ପହଞ୍ଚିବା ପରେ କାନ୍ଦ ବୋବାଳିରେ କ୍ୟାପିଟାଲ ହସ୍ପିଟାଲ ପରିସର ଫାଟି ପଡିଥିଲା। ସେସୁ ଲାଇନ୍‌ମ୍ୟାନଙ୍କ ଭୁଲ୍ ପାଇଁ ତାଙ୍କ ପୁଅର ଜୀବନ ଯାଇଥିବା ଶୁଣିବା ପରେ ବାପା ବାଗାତ ପୂରା ଭାଙ୍ଗି ପଡିଥିଲେ। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ହେଲେ ନ୍ୟାୟ ଓ କ୍ଷତିପୂରଣ ଆଶା ନେଇ ୮୦ବର୍ଷୀୟ ବାପା ଓ ସମ୍ପର୍କୀୟମାନେ ଗାଡ଼ିରେ ମୃତଦେହକୁ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଦେଖା କରିବାକୁ ଯାଇଥିଲେ। ହେଲେ ସେମାନେ ସେଠାରେ ପହଞ୍ଚିବାକ୍ଷଣି ସେସୁ ଭୁବନେଶ୍ୱର ସିଟି ଡିଭିଜନ-୧ ସମ୍ମୁଖରୁ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ମଟକାଙ୍କ ମୃତ୍ୟୁ ବିଦ୍ୟୁତ୍ ବିଭାଗର ସମ୍ପୂର୍ଣ୍ଣ ଅବହେଳାରୁ ହୋଇଥିବା ଅଭିଯୋଗ ହେଉଛି। ଜାଣିଶୁଣି ମାରିଦେବା ପରେ ପୋଲିସ ଲଗାଇ ମୃତ୍ୟୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେବା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।




ବାଗଇ ମୁର୍ମୁ

ସୂଚନା ମୁତାବକ, ମଟକା ଠିକା ସଂସ୍ଥା ଆଖଣ୍ଡଳମଣି ଇଲେକ୍ଟ୍ରିକାଲ କନଷ୍ଟ୍ରକ୍ସନ ଅଧୀନରେ ଅନୁଗୋଳରେ କାର୍ଯ୍ୟ କରୁଥିଲେ। ବାତ୍ୟା ପରେ ସରକାରଙ୍କ କଡା ନିର୍ଦ୍ଦେଶ ପାଇ ଠିକାଦାର ମିସ୍ତ୍ରି ଥିବା ମଟକାଙ୍କ ସହ ୩୦ଜଣ ଶ୍ରମିକଙ୍କୁ ଭୁବନେଶ୍ୱରରେ ବିଦ୍ୟୁତ୍ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟରେ ଲଗାଇଥିଲେ। ବୁଧବାର ୧୫ଜଣ ଧଉଳି ନିକଟରେ କାମ କରୁଥିବା ବେଳେ ମଟକା ଓ ଅନ୍ୟ ୧୪ଜଣ ସତ୍ୟନଗର ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ କଲୋନୀ ନିକଟରେ କାମ କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ମୃତ ମଟକାଙ୍କ ସହ କାର୍ଯ୍ୟ କରୁଥିବା ମୁଖ୍ୟ ସହଯୋଗୀ ଡମ୍ବରୁଙ୍କ କହିବାନୁସାରେ, ବୁଧବାର ସାଢେ ୫ଟାରେ ସେମାନେ ସତ୍ୟନଗର ବିଦ୍ୟୁତ୍ କାର୍ଯ୍ୟାଳୟର ଲାଇନମ୍ୟାନ୍ ଅକ୍ରୁର ବେହେରାଙ୍କ ତତ୍ତ୍ୱାବଧାନରେ ୧୧କେଭିରୁ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟରେ ଲାଗିଥିଲେ। ୧୧ କେଭିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଅକ୍ରୁର କହିବା ସହ ମଟକାଙ୍କୁ ତାର ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ମଟକା ଖୁଣ୍ଟରେ ଚଢ଼ି ତାରକୁ ଧରିବାକ୍ଷଣି ଜଳିଯାଇ ତଳକୁ ଖସି ପଡିଥିଲେ। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ କାର୍ଯ୍ୟ କରୁଥିବା ମଟକାଙ୍କ ସହଯୋଗୀ ଚନ୍ଦନ କୁମାର କହିଛନ୍ତି, ମେଡିକାଲରୁ ବାହାରି ଶାନ୍ତି ଶୃଙ୍ଖଳା ଭାବେ ସେସୁ କାର୍ଯ୍ୟାଳୟ ବାହାରେ ଅଧିକାରୀଙ୍କୁ ଭେଟି ଦୁଃଖ ଜଣାଇବାକୁ ଅପେକ୍ଷା କରିଥିଲୁ। ଅଧଘଣ୍ଟା ଅପେକ୍ଷା କରିବା ପରେ ଭିତରକୁ ଯାଇଥିବା ପରିବାର ଲୋକ ନିରାଶ ହୋଇ ଫେରିଥିଲେ। ହଠାତ ପୋଲିସ ଆସି ମଟକା ରହିଥିବା ଆମ୍ବୁଲାନ୍ସ ଏବଂ ପରିବାର ଲୋକଙ୍କୁ ଉଠାଇ ନେଇଗଲା। ଏଥିସହ ଆମକୁ ପୋଲିସ ଖରାପ ଭାଷାରେ ଗାଳିଗୁଲଜ କରି ଏକ ଭ୍ୟାନରେ ଉଠାଇନେଇ ଛାଡ଼ିଦେଇଥିଲା।



ଶ୍ରମିକ ଓ ଅନ୍ୟମାନଙ୍କ ସହ ମୃତକଙ୍କ ବାପା ବାଗାତ (ମଝି)।

ପୋଲିସ ମୃତକ ଓ ତାଙ୍କ ବାପାଙ୍କୁ ଉଠାଇ ନେବା ଘଟଣାକୁ ମାମଲାର ତଦନ୍ତକାରୀ ଅଧିକାରୀ ବିଶ୍ୱରଞ୍ଜନ ଶତପଥୀ ଅସ୍ୱୀକାର କରିଛନ୍ତି। ସେ କୁହନ୍ତି, ପୋଲିସର ତଦନ୍ତ କାର୍ଯ୍ୟ ସରିବା ପରେ ପରିବାର ଲୋକେ ମୃତଦେହ ଧରି ମେଡିକାଲରୁ ଏକ ଆମ୍ବୁଲାନ୍ସରେ ବାହାରିଥିଲେ। ମାତ୍ର ତା'ପରେ କ'ଣ ହେଲା ତାହା କହିପାରିବୁ ନାହିଁ। ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ମୃତ ମଟକାଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରିବା ପରେ ବିଭାଗ ତରଫରୁ ୫୦ ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏହାକୁ କେତେଜଣ ଠିକାଦାରଙ୍କ କର୍ମଚାରୀ ବିରୋଧ କରିଥିଲେ। ଫଳରେ ସେଠାରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଦେଖି ପୋଲିସ ସେମାନଙ୍କୁ କଡା ସୁରକ୍ଷା ଭିତରେ ଆଣି ଗ୍ରାମକୁ ଛାଡ଼ିବାକୁ ନେଇଛି। ତେବେ ମୃତକଙ୍କ ପରିବାରକୁ ଶୀଘ୍ର ଉଚିତ ଆର୍ଥିକ ସହାୟତା ମିଳିବ ବୋଲି ମହାନ୍ତି କହିଛନ୍ତି।



ଭୁବନେଶ୍ୱର ସିଟି ଡିଭିଜନ-୧ ପରିସରରେ ପୋଲିସ ମୁତୟନ।

## ଆନ୍ଦୋଳନକୁ ଓହ୍ଲାଇବ ବିଦ୍ୟୁତ୍ ଠିକାଦାର ସଂଘ

ମଟକାଙ୍କ ମୃତ୍ୟୁକୁ ନେଇ ଓଡିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏନର ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ଶତପଥୀ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସରକାର ଆମକୁ ପ୍ରତିଶ୍ରୁତି ଦେଇ ଡାକି କାମ କଲେ। ଜୀବନ ଚାଲିଯିବା ପରେ ବି ସରକାର କିମ୍ବା ବିଦ୍ୟୁତ୍ ବିଭାଗ ଭୁଲିଗଲେ। ଗରିବ ପିଲା ମଟକାର ଆଗକୁ ପଛକୁ କେହି ନାହାନ୍ତି। ଯଦି ଠିକ କ୍ଷତିପୂରଣ ନ ମିଳେ, ତେବେ ଠିକାଦାର ସଂଘ ବାଧହୋଇ ରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଘଟଣାକୁ ନେଇ ରାଜଭବନ ଛକ ନିକଟରେ ଗୁରୁବାର ରାତିରେ ପରିବାର ଲୋକ ଓ କାର୍ଯ୍ୟରତ ଠିକା କର୍ମଚାରୀ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଗାଡ଼ିମୋଟର ଅଟକି ରହିଥିଲା। ରାଜଭବନ ଛକ ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ପୋଲିସର ଚିନ୍ତା ବଢ଼ିଯାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

## ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ମଟକାଙ୍କ ମୃତ୍ୟୁ ଓ ବିଭାଗୀୟ ଅବହେଳାକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ ନାୟକ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିଭଳି ପୁରୀ ଓ କଟକରେ ମଧ ଏଭଳି ଦୁର୍ଘଟଣା ଘଟିଛି। ଏଥିରେ ବହୁ କର୍ମଚାରୀ ଓ ଶ୍ରମିକ ଆହତ ହୋଇଛନ୍ତି। ବିଦ୍ୟୁତ୍ ବିଭାଗ ଆବଶ୍ୟକ ସୁରକ୍ଷା ସରଞ୍ଜାମ ଯୋଗାଇ ନ ଦେଇ ସେମାନଙ୍କୁ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରୁଛି। ତେଣୁ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ମୁଖ୍ୟ ଶାସନ ସଚିବ, ଶକ୍ତି ସଚିବ ଓ ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ଏକ ସପ୍ତାହ ଭିତରେ ମୃତକଙ୍କ ପରିବାର ଲୋକଙ୍କୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

## ବାପାଙ୍କୁ ଝୁରି ହେଉଛନ୍ତି ଦୁଇ ପିଲା

ମଟକାଙ୍କ ପରିବାର ଅତି ଗରିବ। ବାପା ବୁଢ଼ା ହୋଇଯାଇଥିବାରୁ କାମଧନ୍ଦା କରିପାରୁନାହାନ୍ତି। ଦୁଇ ଭାଇ ବିଲବାଡି କାମ କରନ୍ତି। ଏପରିସ୍ଥିତିରେ ପୁଅକୁ ହରାଇ ବାପା ପୂରା ଭାଙ୍ଗି ପଡ଼ିଥିବାବେଳେ ଏକଥା ଶୁଣି ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇଛି। ୪ ଓ ୨ବର୍ଷର ଦୁଇପିଲା ମଧ ବାପାକୁ ନ ପାଇ ଝୁରି ହେଉଛନ୍ତି।

## ମନେ ପଡ଼ନ୍ତି


**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରତନ କୁମାର ନନ୍ଦ**
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୭।୧୦।୧୯୬୨
ତିରୋଧାନ: ୦୮।୦୫।୨୦୧୭
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାର- ମା, ସ୍ତ୍ରୀ, ପୁଅ, ଭାଇ, ଭଉଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୧୨୫୩୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବସନ୍ତ କୁମାରୀ ଦାସ**
ଆବିର୍ଭାବ: ୦୭।୧୧।୧୯୪୯
ତିରୋଧାନ: ୨୯।୦୪।୨୦୧୯
ତୁମ ସେବା, ତ୍ୟାଗ ଆଉ ମମତା ଆମ ସମସ୍ତଙ୍କୁ ସବୁଦିନ ପାଇଁ ଋଣୀ କରି ରଖିଦେଲା।
ଶୋକସନ୍ତପ୍ତ
ସ୍ୱାମୀ।
ଧ-୧୨୫୧୨

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଆରତୀ ନାଥ**
ଆବିର୍ଭାବ : ୨୭.୧୨.୧୯୭୧, (ଶାମ୍ବଦଶମୀ)
ତିରୋଧାନ : ୧୨.୦୫.୨୦୧୪, (ବୈଶାଖ ତ୍ରୟୋଦଶୀ)
ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅନୁଶାସନ ଚିର ସ୍ମରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ - ପ୍ରେମାନନ୍ଦ, ଝିଅ - ଆଶା, ବଡ଼ଝିଅ - ଲିସା, ଜ୍ୱାଇଁ - ଚିଣ୍ଟୁ, ଉଦ୍ଧବ ଭାଇନା, ବିଜୁ ନାନୀ, ସତୀଶ ଭାଇନା, କୁନି ନାନୀ, ତଥା ବନ୍ଧୁ ପରିଜନ ଓ ପରିବାରବର୍ଗ
D-66524


## ଡେଙ୍ଗୁ ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ଆଗରେ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଡେଙ୍ଗୁ ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟ ୬ ରାଜ୍ୟ ମଧ୍ୟରେ ସବୁଠାରୁ ଆଗରେ ରହିଛି। ଚଳିତବର୍ଷ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ୨୫ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ ମଧ ଉପଯୁକ୍ତ ଚିକିତ୍ସା ଯୋଗୁ ସମସ୍ତେ ସୁସ୍ଥ ହୋଇପାରିଛନ୍ତି। ଔଷଧୀୟ ମଶାରି ବ୍ୟବହାର ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଫଳରେ ରାଜ୍ୟରେ ଉଭୟ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ଜାତୀୟ ଡେଙ୍ଗୁ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏ ନେଇ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଡ. ମେହେର୍ଦ୍ଦା ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ରାଜ୍ୟରେ ଡେଙ୍ଗୁ, ମ୍ୟାଲେରିଆ ଆଦି ନିୟନ୍ତ୍ରଣ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶରେ ୧୯୪୫ ମସିହାରୁ ଡେଙ୍ଗୁ ଚିହ୍ନଟ କରାଯାଇଛି। ୧୯୮୮ରେ ପ୍ରଥମେ ଏହା ଦିଲ୍ଲୀରେ ମହାମାରୀ ରୂପ ଗ୍ରହଣ କରିଥିଲା। ୨୦୧୮ରେ ଦେଶରେ ୮୯,୯୭୪ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ୧୪୪ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ଓଡ଼ିଶାରେ ୨୦୧୦ରେ ପ୍ରଥମେ ଡେଙ୍ଗୁ ରୋଗ ଚିହ୍ନଟ କରାଯାଇଥିଲା। ୨୦୧୮ରେ ମୋଟ ୫,୧୯୮ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ଏମାନଙ୍କ ମଧ୍ୟରୁ ୧୫୫୯ଜଣ ରାଜ୍ୟ ବାହାରୁ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଆସିଥିଲେ। ଏହା ଏକ ଜନସ୍ୱାସ୍ଥ୍ୟ ସମସ୍ୟା ହୋଇଥିବାରୁ ଏହାର ନିୟନ୍ତ୍ରଣ ଓ ନିରାକରଣ ଦିଗରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଔଷଧୀୟ ମଶାରି ବ୍ୟବହାର ଓ ଆଗୁଆ ପ୍ରତିକାର ନିଆଯିବା ଫଳରେ ରାଜ୍ୟରେ ମ୍ୟାଲେରିଆ ୮୪ ପ୍ରତିଶତରୁ ଅଧିକ ହ୍ରାସ ପାଇଥିବା ମେହେର୍ଦ୍ଦା ସୂଚନା ଦେଇଥିଲେ। ଏହାସହ ଭେକ୍ଟରବାହିତ ରୋଗରୁ ଲୋକଙ୍କୁ ସୁରକ୍ଷା ଦେବା ଲାଗି ରାଜ୍ୟ ସରକାର ଆଉ ୫୬ଲକ୍ଷ ଔଷଧୀୟ ମଶାରି ମଗାଇଥିବା ସେ କହିଥିଲେ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟରେ ଜଳ ଓ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରାଯାଇଥିବା କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଡା. ଲିଙ୍ଗରାଜ ମିଶ୍ର, ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ସୁଶୀଲ କର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି ଓ କେନ୍ଦ୍ର ଏନ୍‌ଭିବିଡିସିପି ଯୁଗ୍ମ ନିର୍ଦ୍ଦେଶକ ଡା. ସୁଖବିର୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲେ ନ ରୁଚେ ଖଣ୍ଡ ଶାକର,**
**ଚାଟି ବୁଲୁଥାନ୍ତି ପର ପତର।**

ଆମ ସମାଜରେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହାର ମା' ନାହିଁ,**
**ତା'ର ନାଁ ନାହିଁ।**

କୁହାଯାଏ ଈଶ୍ୱର ସବୁ ସ୍ଥାନରେ ପହଞ୍ଚିପାରିବେ ନାହିଁ ବୋଲି ସେ ମା'କୁ ସୃଷ୍ଟି କରିଛନ୍ତି। ଅର୍ଥାତ୍ ସନ୍ତାନ ପାଇଁ ମା' ହେଉଛି ଦ୍ୱିତୀୟ ଈଶ୍ୱର। ସ୍ନେହ, ମମତା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ମା' ଉପରେ ନ୍ୟସ୍ତ ଥାଏ। ପାଖରେ ମା' ଥିଲେ ସନ୍ତାନ ନିଜକୁ ସୁରକ୍ଷିତ ମନେକରିଥାଏ। ପରନ୍ତୁ ଯାହାର ମା' ନ ଥାଏ ସେ ସନ୍ତାନ ଦୁଃଖକଷ୍ଟ ପାଇବା ସହ ଅବହେଳାର ଶିକାର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କମ୍ପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ASTROLOGY

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618


GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେସନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ସମାରୋହ, ବିଦ୍ୟାଳୟ ପରିସର, ପଟିଆ, କାନନ ବିହାର, ଫେଜ୍-୨, ଅପରାହ୍ନ ୫ଟା ୩୦।

# ସ୍ୱାଭାବିକ ହେଉନି ଷ୍ଟ୍ରିଟ୍‌ଲାଇଟ ସେବା

- ବମିଖାଲ ରେଲୱେ ଓଭରବ୍ରିଜ ଅନ୍ଧାର
- କଳ୍ପନାଛକ ହାଇମାଷ୍ଟ ଲାଇଟ ଅଚଳ
- ବିପଦପୂର୍ଣ୍ଣ ଅବସ୍ଥାରେ ମେଡିଆନ ଲାଇଟପୋଷ୍ଟ

**କଟକ ରୋଡ,୧୬।୫(ଡି.ଏନ୍.ଏ.)**

ପ୍ରଳୟଙ୍କରୀ ବାତ୍ୟା 'ଫନୀ' ପରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ସ୍ୱାଭାବିକ ହୋଇପାରି ନାହିଁ। କେତେକ ପ୍ରମୁଖ ଅଞ୍ଚଳରେ ମୁଖ୍ୟ ରାସ୍ତା ଅନ୍ଧାର ରହିବା ସହ ଗଳିକନ୍ଦିରେ ଷ୍ଟ୍ରିଟ୍ ଲାଇଟ ସେବା ବାଧାପ୍ରାପ୍ତ ହୋଇଛି। ବାତ୍ୟାର ୧୪ଦିନ ପରେ ବି ସ୍ମାର୍ଟସିଟିରେ ଏଭଳି ସମସ୍ୟାକୁ ଦୂରେଇବାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସେଭଳି କିଛି ପଦକ୍ଷେପ ନେଇ ନାହିଁ। କେତେକ ଜାଗାରେ ଷ୍ଟ୍ରିଟ୍ ଲାଇଟ ଜଳିଥିବା ବେଳେ ବହୁ ଅଞ୍ଚଳରେ କିଭଳି ତୁରନ୍ତ ଷ୍ଟ୍ରିଟ ଲାଇଟ ସେବା ଜନସାଧାରଣ ପାଇପାରିବେ ସେ ନେଇ ବିଏମସି କର୍ତ୍ତୃପକ୍ଷ ଗତ ୨ଦିନ ଧରି ମହାନଗର ନିଗମ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଡାକି ବୈଠକ ନେଇଛନ୍ତି। ସାମନ୍ତରାପୁର-ରସୁଲଗଡ଼ ଛକ ରାସ୍ତାରେ କେତେକ ମେଡିଆନ ଲାଇଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ



ଚିନ୍ତାମଣିଶ୍ୱରଛକଠାରୁ ରସୁଲଗଡ଼, ଲକ୍ଷ୍ମୀସାଗର-ଝାରପଡ଼ା ଶାନ୍ତିନଗର ରାସ୍ତା, ବମିଖାଲ-ବଡ଼ଗଡ଼ କେନାଲ ରୋଡ, କଳ୍ପନା ଛକ-ରାଜମହଲ ରାସ୍ତା, ବୁଦ୍ଧନଗର-କଦଳୀ ଗୋଦାମ-ରେଲୱେ ଷ୍ଟେଶନ ରାସ୍ତା ଭଳି ଏକାଧିକ ଅଞ୍ଚଳ ଅନ୍ଧାରରେ ରହିଛି। କଳ୍ପନା ଓ ଲକ୍ଷ୍ମୀସାଗର ଛକ ହାଇମାଷ୍ଟ ଲାଇଟ ଅଚଳ ପରେ ଦୁଇ ଜନଗହଳି ଛକ ଦୀର୍ଘଦିନ ଧରି ଅନ୍ଧକାର ରହିଛି। ସେହିଭଳି ଗତ ଫେବୃୟାରୀ ୨୦ରେ ଲୋକାର୍ପିତ ହୋଇଥିବା ବମିଖାଲ ରେଲୱେ ଓଭରବ୍ରିଜର ୧୫୪୧ମିଟର ରାସ୍ତାରେ ବାତ୍ୟା ପରେ ଲାଇଟ ସେବା ବାଧାପ୍ରାପ୍ତ ହୋଇଛି। ସମ୍ପୃକ୍ତ ବ୍ରିଜରେ ପ୍ରାୟ ୫୫ଟି ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ବ୍ୟବସ୍ଥା ବାବଦରେ ୫୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ବ୍ରିଜର ଲାଇଟ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ବିଏମସିକୁ ଏହା ହସ୍ତାନ୍ତର ହୋଇପାରି ନ ଥିବା ଜଣେ ଅଧିକାରୀ କହିଛନ୍ତି। ଏଥି ସହ ବିଭିନ୍ନ ସ୍ଥାନରେ ମେଡିଆନ ଲାଇଟ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଆଉ କେତେକ ସ୍ଥାନରେ ରାସ୍ତା ଉପରେ ଭାଙ୍ଗି ପଡିଥିବା ଖୁଣ୍ଟ ଦୁର୍ଘଟଣାର କାରଣ ହୋଇଛି। ବୁଦ୍ଧେଶ୍ୱରୀ ମନ୍ଦିର ନିକଟରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ବିପଦଜ୍ଜନକ ଅବସ୍ଥାରେ ଥିବା ବେଳେ ବିଏମସି ଏହାକୁ ଅପସାରଣ କରିବା ପାଇଁ କୌଣସି ପଦକ୍ଷେପ ନେଇ ନାହିଁ। ଫଳରେ ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳି ଅନ୍ଧାର ଲାଗି ରହିବା ଫଳରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଅଧିକାଂଶ ଅଞ୍ଚଳର ବାସିନ୍ଦା କହିଛନ୍ତି। ଗତ ପ୍ରାୟ ୪ବର୍ଷ ଧରି ସହରାଞ୍ଚଳ ଷ୍ଟ୍ରିଟ ଲାଇଟ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ହାତରେ ବିଏମସି ନ୍ୟସ୍ତ କରିଛି। କିନ୍ତୁ ଠିକଣା ସମୟରେ ଏଜେନ୍ସି ସେଭଳି କିଛି ଫଳ ପ୍ରଦର୍ଶନ ନ କରିବା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଇଛି। ଏନେଇ ଗତ ବୁଧବାର କମିଶନର ସମର୍ଥ ବର୍ମା ଏକ ବୈଠକ ଡାକିଥିବା ବେଳେ ପୁଣି ଗୁରୁବାର ସନ୍ଧ୍ୟାରେ ବିଏମ୍‌ସି ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଠିକାଦାରଙ୍କୁ ନେଇ ଜରୁରୀ ବୈଠକ ଚଳାଇଥିଲେ। ବମିଖାଲ ରେଲୱେ ଓଭରବ୍ରିଜ ଅନ୍ଧାର ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ-୪ ସେଖ୍ ନସ୍‌ରୁଲା କୁହନ୍ତି, ଖୁବ୍ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବେ ଓ ଏହା ବିଏମସିର କାମ ବୋଲି କହିଥିଲେ। ଘଟଣା ସମ୍ପର୍କରେ ବିଏମସି(ବିଦ୍ୟୁତ୍) ସହକାରୀ ଯନ୍ତ୍ରୀ ଅଜିତ୍ କୁମାର ବେହେରା କୁହନ୍ତି, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିଯାଇଛି ଓ ତାର ଛିଣ୍ଡିଯାଇଛି ସେଠାରେ ଷ୍ଟ୍ରିଟ ଲାଇଟ ସେବା ଯୋଗାଇବା ସମ୍ଭବପର ହୋଇପାରି ନାହିଁ। ଖୁବଶୀଘ୍ର ୧ନଂ. ହାଟ ସହ ଅନ୍ୟାନ୍ୟ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଦେବାକୁ ଉଦ୍ୟମ ଜାରି ରହିଛି।

## 'ମିଲ୍' ମାଗିଲେ ମିଳୁଛି ବ୍ରାଉନ ସୁଗାର

### ୨୦ ଗ୍ରାମ୍ ବ୍ରାଉନ ସୁଗାର ଜବତ: ଜଣେ ଗିରଫ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

କମିଶନରେଟ ପୋଲିସ ବ୍ରାଉନ୍ ସୁଗାର ଉପରେ ରୋକ ଲଗାଇବା ପରେ ବେପାରୀମାନେ ଏବେ ନୂଆ ତରିକା ଆପଣାଇଛନ୍ତି। ସେମାନେ ରାସ୍ତା ପାଖ ହୋଟେଲରେ ଏହି ବେପାର ଚଳାଇଛନ୍ତି। ପୋଲିସକୁ ଚକ୍‌ମା ଦେବାକୁ ସେମାନେ ନୂଆ କୋଡ୍ ରଖଛନ୍ତି 'ମିଲ୍'। ରାସ୍ତା କଡ଼ ଢାବା ଓ ହୋଟେଲରେ ଚାଲିଛି ଏହି କାରବାର। କମିଶନରେଟ ପୋଲିସ ଗୁରୁବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ପରେ ଏଭଳି ତରିକା ସମ୍ପର୍କରେ ଜଣାପଡିଛି। ସମ୍ପୃକ୍ତ ବେପାରୀ ହେଲେ ସାଲିଆସାହି ବସ୍ତି ଆଦିବାସୀ ସାହିର ବୁଲୁ ନାୟକ। ତାଙ୍କ ନିକଟରୁ ୨୦ଗ୍ରାମ୍ ବ୍ରାଉନସୁଗାର, ୪ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ସେ ବ୍ରାଉନସୁଗାର ନେଇ ବସ୍ତିକୁ ଯାଉଥିବାବେଳେ ନୟାପଲ୍ଲୀ ପୋଲିସ ତାଙ୍କୁ କାବୁ କରିଥିଲା। ବୁଲୁଙ୍କ ନେଟୱର୍କ କେଉଁଆଡେ ବ୍ୟାପିଛି ସେନେଇ ପୋଲିସ ଖୋଳତାଡ଼ କରୁଛି। ଶୁକ୍ରବାର ବୁଲୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ରାଜଧାନୀରେ ପୁଣି ଲଜ୍ଜା। ଜଣେ ନାବାଳିକାଙ୍କୁ ଘରୁ ଟେକି ନିଆଯାଇ ବଳାତ୍କାର କରାଯାଇଛି। ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଭିତ୍ତିରେ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ ଧରିଛି ପୋଲିସ। ଶୁକ୍ରବାର ଉଭୟ ନାବାଳିକା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବ। ଏହାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ସ୍କୁଲ ଯିବା ବାଟରେ ଅଭିଯୁକ୍ତ ବାରମ୍ବାର ହଇରାଣ କରନ୍ତି। ଏପରିକି ତାଙ୍କୁ ପ୍ରେମ ନିବେଦନ କରନ୍ତି। ଯୁବକଙ୍କ ଏଭଳି ବ୍ୟବହାରରେ ଅତିଷ୍ଠ ହୋଇ ନାବାଳିକା ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ନେଇ ଉକ୍ତ ଯୁବକକୁ ତାଗିଦ କରିଥିଲେ। ବୁଧବାର ରାତିରେ ନାବାଳିକା ଘର ଆଗରେ ଛିଡା ହୋଇଥିବାବେଳେ ଅଭିଯୁକ୍ତ ତାଙ୍କୁ ଜୋରଜବରଦସ୍ତ ଘର ନିକଟ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇ ବଳାତ୍କାର କରିଥିଲେ।

## ଗଣ୍ଡଗୋଳ ଘଟଣାରେ ୨ ଗିରଫ

**ବାଲିପାଟଣା,୧୬।୫(ଡି.ଏନ୍.ଏ.):** ବାଲିପାଟଣା ଥାନା କୁଳନ୍ତିରା ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ଗୁରୁବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରବୀନ୍ଦ୍ର ରାଉତରାୟ ଓ ତାଙ୍କ ସାନ ଭାଇ ଛବୀନ୍ଦ୍ର ରାଉତରାୟ। ପୋଲିସ ସୂଚନା ଅନୁଯାୟୀ, ଏକ ଜମିକୁ ନେଇ ବନମାଳି ରାଉତରାୟଙ୍କ ପରିବାର ସହ ହରିଶଙ୍କର ରାଏଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ବୁଧବାର ବନମାଳଳୀଙ୍କ ଦୁଇ ପୁଅ ଉକ୍ତ ଜମିରେ ଥିବା ଏକ ଗଛରୁ ଡାଳ କାଟୁଥିଲେ। ଏହି ସମୟରେ ହରିଶଙ୍କର ଓ ତାଙ୍କ ବଡ଼ଭାଇ ଭବାନୀଶଙ୍କର ପହଞ୍ଚି ଡାଳ କାହିଁ ହାଣୁଛ କହିବା ସହ ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଦୁଇ ଭାଇ ହରିଶଙ୍କରଙ୍କୁ କଟୁରିରେ ଆକ୍ରମଣ କରିବା ସହ ଭବାନୀଶଙ୍କରଙ୍କୁ ଶାବଳରେ ମାଡ଼ ମାରିଥିଲେ। ହରିଶଙ୍କରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।



ଗୁରୁବାର ପଟିଆସ୍ଥିତ ଶ୍ରୀ ଜୟଦେବ ଶିକ୍ଷା କେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବରେ 'ପଦପଲ୍ଲବ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କଳାମନ୍ଦିରର ସହାୟତା

**ଭୁବନେଶ୍ୱର,୧୬।୫**

ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି କଳାମନ୍ଦିର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ବାତ୍ୟା ଫନୀରେ ବିଭିନ୍ନ ସ୍ଥାନରେ ଉଜୁଡି ଯାଇଥିବା ସବୁଜିମା ଓ ଉପକୂଳବର୍ତ୍ତୀ ଓଡ଼ିଶାର ବ୍ୟାପକ କ୍ଷୟକ୍ଷତି ନେଇ କଳାମନ୍ଦିରର ପରିଚାଳନା ଅଂଶୀଦାର ରାଜିନ୍ଦର ସିଂ ଦୁଃଖ ପ୍ରକାଶ କରିଛନ୍ତି।

## ୧୨୦ ବାଟାଲିୟନ ପକ୍ଷରୁ ରିଲିଫ ବଣ୍ଟନ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ବାତ୍ୟା ପରବର୍ତ୍ତୀ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭାରତୀୟ ସେନାର ୧୨୦ ବାଟାଲିୟନ ରିଲିଫ କାର୍ଯ୍ୟକ୍ରମରେ ସାମିଲ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେଜେ ସୋସାଇଟି ସହ ମିଳିତ ଭାବେ ବିଭିନ୍ନ ସ୍ଥାନରେ ବ୍ୟାପକ ରିଲିଫ କାର୍ଯ୍ୟକ୍ରମ କରାଯାଉଛି। ପ୍ରତିଦିନ ୧୦୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବା ସହିତ ବିଭିନ୍ନ ଗାଁରେ ସ୍ୱାସ୍ଥ୍ୟ ଶିବିର କରାଯାଇ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବାତ୍ୟା ପରବର୍ତ୍ତୀ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯଥା- ଝାଡ଼ା, ବାନ୍ତି, ଜ୍ୱର, ଚର୍ମରୋଗ ଆଦି ନିମନ୍ତେ ମାଗଣା ଔଷଧ ବିତରଣ ସାଙ୍ଗକୁ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉଛି। ବିଶୁଦ୍ଧ ପିଇବା ପାଣିର ଅଭାବ ଯୋଗୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବାରୁ ଟ୍ୟାଙ୍କର ଦ୍ୱାରା ପ୍ରତିଦିନ ୫୦୦୦ ଲିଟର ଜଳ ଯୋଗାଇ ଦିଆଯାଉଛି। ଚନ୍ଦନପୁର, କଣାସ ଓ ସାତପଡ଼ା ଅଞ୍ଚଳରେ ଏହିସବୁ ରିଲିଫ କାର୍ଯ୍ୟକ୍ରମ ଚାଲିଛି। ଏହି ଅବସରରେ ୧୨୦ ବାଟାଲିୟନର ମୁଖ୍ୟ ଅଧିକାରୀ କର୍ନେଲ ଡି.ଡି. ସ୍ୱାଇଁ ଉପରୋକ୍ତ ଅଞ୍ଚଳ ପରିଦର୍ଶନ କରି ବୀରନରସିଂହପୁର ପଞ୍ଚାୟତର ଦିଅଁନଇ ଓ ଥେଷ୍ଟପୁର ଗାଁରେ ଲୋକଙ୍କୁ ସୋଲାର ଲାଇଟ୍ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଗାଁର ଲୋକମାନଙ୍କୁ ସଙ୍ଗଠିତ କରି ସାମୂହିକ କାର୍ଯ୍ୟକ୍ରମ ମାଧ୍ୟମରେ ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରାଯିବ ବୋଲି କର୍ନେଲ ସ୍ୱାଇଁ କହିଥିଲେ। ଏହି କାର୍ଯ୍ୟକ୍ରମ ଲାଗି ଟିମ୍ ଭିଏକ୍ସ, ଯୁବା ବିକାଶ, ଆଶାୟେଁ, ନ୍ୟୁ ହୋପ୍ ଆଦି ସହଯୋଗର ହାତ ବଢ଼ାଇଛନ୍ତି।



ବିପନ୍ନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ହୋଟେଲ ଛାତରୁ ଖସି ରୋଷେୟା ମୃତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରିବିହାର ଡିଷ୍ଟ୍ରିକ୍ ସେଣ୍ଟର ନିକଟସ୍ଥ ଏକ ଘରୋଇ ହୋଟେଲର ୩ତାଲା ଛାତରୁ ଖସିପଡ଼ି ହୋଟେଲ ରୋଷେୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତସିଂହପୁର ଜିଲା ପିତେଇପୁର ଅଞ୍ଚଳର ଲକ୍ଷ୍ମୀଧର ରଣା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଲକ୍ଷ୍ମୀଧର ଉକ୍ତ ହୋଟେଲରେ ଦୀର୍ଘ ଦିନ ହେବ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ ଲକ୍ଷ୍ମୀଧରଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ହୋଟେଲ ଛାତରେ ଘଟଣା ରାତିରେ ଶୋଇଥିବା ଅନ୍ୟ କର୍ମଚାରୀଙ୍କୁ ପୋଲିସ ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ବିଦ୍ୟୁତ ନ ଥିବାରୁ ଲକ୍ଷ୍ମୀଧରଙ୍କ ସମେତ ହୋଟେଲର ଅନ୍ୟ କର୍ମଚାରୀ ହୋଟେଲ ଛାତ ଉପରେ ଶୋଇଥିଲେ। ସମସ୍ତେ ଅଲଗା ଅଲଗା ହୋଇ ଶୋଇଥିବା ବେଳେ ଲକ୍ଷ୍ମୀଧର ଏବଂ ଅନ୍ୟ ଜଣେ ଗୋଟିଏ ସ୍ଥାନରେ ଶୋଇଥିଲେ। ଛାତଟି ଖୋଲାଥିବାରୁ ରାତିରେ ପାଣି ପିଇବାକୁ ଉଠିବା ସମୟରେ ଲକ୍ଷ୍ମୀଧର ଛାତରୁ ଖସି ପଡ଼ିଥିଲେ ବୋଲି ତାଙ୍କ ନିକଟରେ ଶୋଇଥିବା ସହଯୋଗୀ ଜଣଙ୍କ କହିଛନ୍ତି। ଲକ୍ଷ୍ମୀଧର ଖସିପଡ଼ିବା ପରେ ତାଙ୍କ ମୁଣ୍ଡ ମାଡ ହୋଇଯାଇଥିଲା। ତାଙ୍କୁ ତୁରନ୍ତ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଲକ୍ଷ୍ମୀଧରଙ୍କ ନିକଟରେ ଶୋଇଥିବା ସହଯୋଗୀ ସତ କହୁଛନ୍ତି ତ? ଖୋଲାଛାତରେ କିଭଳି ଦୁଇଜଣ ଶୋଇଥିଲେ। ପୂର୍ବରୁ କେବେ ଉଭୟଙ୍କ ମଧ୍ୟରେ ଶତ୍ରୁତା କିମ୍ବା କୌଣସି କାରକୁ ନେଇ ପାଟିତୁଣ୍ଡ ହୋଇଛି କି। ଏସବୁ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ।

## ପବିତ୍ର ବ୍ରହ୍ମପୁତ୍ର ନାୟକ ପାଇବେ 'ବିନ୍ଦୁ ସାହିତ୍ୟ ପୁରସ୍କାର'

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

'ବନଫୁଲ'ର ନିର୍ଦ୍ଦେଶକ ତଥା ଯୁବ ଲେଖକ ପବିତ୍ର ବ୍ରହ୍ମପୁତ୍ର ନାୟକ 'ବିନ୍ଦୁ ସାହିତ୍ୟ ପୁରସ୍କାର' ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ବିନ୍ଦୁ ସାହିତ୍ୟ ଅନୁଷ୍ଠାନର ମୁଖ୍ୟ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ଏ ନେଇ ସୂଚନା ଦେଇଛନ୍ତି। ଆସନ୍ତା ୧୯ତାରିଖରେ ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଆୟୋଜନ ହେବାକୁ ଥିବା ଉତ୍ସବରେ ଲେଖକଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ କବି ରମାକାନ୍ତ ରଥ, ନୃସିଂହ ତ୍ରିପାଠୀ ଓ ସୁଲେଖିକା ଅର୍ଚ୍ଚନା ନାୟକ ଏହି ଅବସରରେ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାରସ୍ୱତପ୍ରେମୀ, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେବେ।

୯ରେ ଉତ୍କଳ ସାହିତ୍ୟ ସମାଜ ସମାରୋହ

## କବି ସୀତାକାନ୍ତ ମହାପାତ୍ର ପାଇବେ ଉତ୍କଳ ରତ୍ନ ସମ୍ମାନ

**କଟକ ଅଫିସ,୧୬।୫:** କବି ସୀତାକାନ୍ତ ମହାପାତ୍ରଙ୍କୁ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ ଉତ୍କଳ ରତ୍ନ ଚଳିତବର୍ଷ ନିମନ୍ତେ ପ୍ରଦାନ କରାଯିବ। କଟକ ଶତାବ୍ଦୀ ଭବନଠାରେ ଆସନ୍ତା ଜୁନ୍ ୯ ତାରିଖରେ ଉତ୍କଳ ସାହିତ୍ୟ ସମାଜ ସମାରୋହରେ କବି ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ସମାରୋହରେ ସାରସ୍ୱତ ସାଧିକାସାଧକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ କାର୍ଯ୍ୟ ନିର୍ବାହିକା ସମିତି ବୈଠକରେ ବିଚାରକମାନଙ୍କ ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଜୁନ ୯ ତାରିଖରେ ଏ ସମସ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ କହିଛନ୍ତି।

## ମାନୁନାହାନ୍ତି ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶନାମା

**ବାଲକାଟୀ,୧୬।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷତି ଘଟିଛି। ସ୍କୁଲକୁ ଆଶ୍ରୟସ୍ଥଳି ଭାବେ ବ୍ୟବହାର କରି ସରକାର ବହୁ ଲୋକଙ୍କ ଜୀବନ ରକ୍ଷା କଲେ। ବାତ୍ୟା ପରେ ସ୍କୁଲରୁ ଲୋକେ ପଳାଇଯିବା ପରେ ଭାଙ୍ଗିଯାଇଥିବା ସ୍କୁଲର ପୁନଃରୁଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବାକୁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୬୯୨. ତା. ୯/୫/୧୯ରେ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଅବଗତ କରାଯାଇଥିଲା। ନିର୍ଦ୍ଦେଶାନାମା ଅନୁଯାୟୀ, ବ୍ଲକର ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ସ୍କୁଲ ସମୟ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲରେ ଉପସ୍ଥିତ ରହି ଏହି ସବୁ କାର୍ଯ୍ୟରେ ସହଯୋଗ କରିବେ। ମାତ୍ର କେତେକ ସ୍କୁଲରେ ଶିକ୍ଷୟିତ୍ରୀ, ଶିକ୍ଷକ ବହୁ ଦୂରରୁ ଆସି କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କେତେକ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ ତାଙ୍କ ଇଚ୍ଛା ଅନୁଯାୟୀ ସ୍କୁଲକୁ ଆସୁଥିବା ବେଳେ କେତେଜଣ ଆସୁନାହାନ୍ତି। ଏଭଳି ଖବର ପାଇବା ପରେ ଶିକ୍ଷାଧିକାରୀ ଗତ ୧୪ତାରିଖରେ ବ୍ଲକର କେତେକ ସ୍କୁଲକୁ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ସ୍କୁଲ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଆସୁ ନ ଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ମୋବାଇଲ ହ୍ୱାଟସଆପ ମାଧ୍ୟମରେ ସିଆରସିସିମାନଙ୍କୁ ସ୍କୁଲ ପରିଦର୍ଶନ କରିବା ପାଇଁ କହିବା ସହ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଡ୍ୟୁଟି ସମୟରେ କ'ଣ କରୁଛନ୍ତି ତା'ର ଫଟୋ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଥାପି ମଧ୍ୟ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପାଳନ କଲେ ନାହିଁ। ଗୁରୁବାର ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟରେ ୧୬ଜଣ ଶିକ୍ଷକଙ୍କ ମଧ୍ୟରୁ ୪ଜଣ ଉପସ୍ଥିତ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର କୁହନ୍ତି, ସିଆରସିସିଙ୍କୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିଲା ପରେ ଯାହା କରିବି ବୋଲି କହିଥିଲେ।

## ସାଲିଆସାହିରେ ସେବା ଯୋଗାଉଛନ୍ତି ସାମାଜିକ କର୍ମୀ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**



ବାତ୍ୟା 'ଫନୀ' ଭୁବନେଶ୍ୱରରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କ ଅଣ୍ଟା ଭାଙ୍ଗି ଦେଇଛି। କାହାର ଘର ନାହିଁ ତ କାହା ଘର ଉପରେ ଗଛ ପଡ଼ିଛି। ଏଭଳି ସ୍ଥିତିରେ ବସ୍ତିବାସିନ୍ଦାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସାମାଜିକ କର୍ମୀ ଅଞ୍ଜନ ନାଥ। ବାତ୍ୟା ପରଠାରୁ ସାଲିଆସାହିର ବିଭିନ୍ନ ଅଞ୍ଚଳରେ କିଛି ନା କିଛି ସେବା ଯୋଗାଉଛନ୍ତି ଅଞ୍ଜନ। ଜେନେରେଟର ଦ୍ୱାରା ବିଦ୍ୟୁତ୍ ସେବା ହେଉ କି ପାନୀୟ ଜଳ ସେବା, ସବୁଥିରେ ବସ୍ତିବାସିନ୍ଦାଙ୍କ ସହ ଛିଡ଼ା ହୋଇ ସହଯୋଗ କରିଛନ୍ତି। ଗୁରୁବାର ମଧ୍ୟ ଏହି ସେବା ଜାରି ରହିଛି। ଅଞ୍ଜନ ବସ୍ତିରେ ଥିବା ବହୁ ଲୋକଙ୍କୁ ଚୁଡ଼ା, ମୁଢ଼ି, ଗୁଡ଼ ଆଦି ଶୁଖିଲା ଖାଦ୍ୟ ବାଣ୍ଟିଛନ୍ତି। ଶୁକ୍ରବାର ବସ୍ତିବାସିନ୍ଦାଙ୍କୁ ପାଲ ବଣ୍ଟାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ବସ୍ତିରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ, ଜେନେରେଟର ସେବା ଓ ଶୁଖିଲା ଖାଦ୍ୟ ବାଣ୍ଟିଥିବା ବେଳେ ଆଗକୁ ମଧ୍ୟ ତାଙ୍କର ଏହି ସେବା ଜାରି ରହିବ ବୋଲି କହିଛନ୍ତି।

## ଅସୁସ୍ଥତା ସତ୍ତ୍ୱେ କାର୍ଯ୍ୟ କଲେ ବିଏମ୍‌ସି ଇଞ୍ଜିନିୟର

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ବାତ୍ୟା ପରେ ଛୁଟି ନ ନେଇ କାର୍ଯ୍ୟରତ ରହିଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଇଞ୍ଜିନିୟରିଂ ଡିଭିଜନ-୨ର ଇଞ୍ଜିନିୟର ସୁବାସ ଚନ୍ଦ୍ର ଜେନା। କିଡ୍‌ନୀ ରୋଗରେ ପୀଡ଼ିତ ହେବା ପରେ ମଧ୍ୟ ସେ କାମରେ ଟିକେ ହେଲେ ଅବହେଳା କରିନାହାନ୍ତି। ସୁବାସଙ୍କ କାର୍ଯ୍ୟକୁ ନେଇ ବିଏମ୍‌ସିରେ କାର୍ଯ୍ୟରତ ଅନ୍ୟ ଜଣେ ଇଞ୍ଜିନିୟର ସରୋଜ ସ୍ୱାଇଁ କହିଛନ୍ତି, ତାଙ୍କ ଭଳି କାମକୁ ଭଲପାଉଥିବା ଇଞ୍ଜିନିୟରଙ୍କ ସହିତ କାମ କରି ବହୁତ ଭଲ ଲାଗୁଛି। ଅନ୍ୟପକ୍ଷରେ କାମ ଓ ଲୋକଙ୍କ ସେବା କରିବା ତାଙ୍କ ପାଇଁ ପ୍ରଥମ, ତା'ପରେ ନିଜ ସ୍ୱାସ୍ଥ୍ୟ ବୋଲି ସୁବାସ କହିଛନ୍ତି।

## ବିଏମ୍‌ସି ସହାୟତାରେ ଗଡ଼ିଲା ୨ ଏଟିଏମ୍ ଗାଡ଼ି

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**



ଟଙ୍କା ଉଠାଣ ପାଇଁ ରାଜଧାନୀବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଲାଗି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଆକ୍ସିସ୍ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କର ୨ ଏଟିଏମ୍ ଗାଡ଼ିକୁ ଲୋକଙ୍କ ସୁବିଧା ନିମନ୍ତେ ଯୋଗାଇଦିଆଯାଇଛି। ଗୁରୁବାର ଅପରାହ୍ନରେ ବିଏମ୍‌ସି ମୁଖ୍ୟାଳୟରେ ଅତିରିକ୍ତ ଆୟୁକ୍ତ ଅନନ୍ୟା ଦାସ ଏହି ସେବାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏଟିଏମ୍ ଗାଡ଼ି ଗଡ଼ିବା ଫଳରେ ଲୋକଙ୍କୁ ଟଙ୍କା ଉଠାଣ ନେଇ କିଛି ଅସୁବିଧା ହେବ ନାହିଁ। ଭ୍ୟାନ୍‌ଗୁଡ଼ିକ ସହରର ପ୍ରମୁଖ ସ୍ଥାନ ଓ ଅନ୍ୟ ସାଧାରଣ ଅଞ୍ଚଳଗୁଡ଼ିକରେ ସେବା ଯୋଗାଇବ। ଫଳରେ ଲୋକେ ଅଧିକରୁ ଅଧିକ ଉପକୃତ ହେବେ। ଜଣେ ବ୍ୟାଙ୍କ ଅଧିକାରୀ କହିଛନ୍ତି, ମାଇକ୍ରୋ ଏଟିଏମ୍ ଅପେକ୍ଷା ଏଥିରେ ଲୋକଙ୍କୁ ଅଧିକ ଟଙ୍କା ଉଠାଇବାରେ ସୁବିଧା ହେବ। ଏହି ସେବା କେବଳ ବାତ୍ୟା ପରର ସ୍ଥିତିକୁ ଦେଖି ଆରମ୍ଭ କରାଯାଇଛି।

## ପାଣି ପାଇଁ ଲୋକେ ଡହଳବିକଳ

- ବିଦ୍ୟୁତ୍ ବିଭାଗର ଅବହେଳା
- ବିଭିନ୍ନ ପମ୍ପହାଉସ୍ ଅଚଳ

**ନରାଜ, ୧୬।୫(ଡି.ଏନ.ଏ)**

ବାରଙ୍ଗ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଗ୍ରୀଷ୍ମପ୍ରବାହ ଯୋଗୁ କୂଅ ଓ ପୋଖରୀ ଶୁଖି ଯାଇଥିବାବେଳେ ଅଧିକାଂଶ ନଳକୂପ ଅଚଳ ହୋଇ ପଡିଛି। ଅପରପକ୍ଷେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ବିଭିନ୍ନ ସ୍ଥାନରେ ପମ୍ପହାଉସ୍ ବନ୍ଦ ରହିଛି। ଫଳରେ ଲୋକମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏପରି କି ଗୃହପାଳିତ ପ୍ରାଣୀ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ଫନୀ ପ୍ରଭାବରେ ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଥିଲା। ଏବେ ଅଧିକାଂଶ ଗ୍ରାମରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ହେଲେ ବାତ୍ୟାର ଆଳ ଦେଖାଇ ବିଦ୍ୟୁତ୍ ବିଭାଗ ପମ୍ପହାଉସ୍‌ଗୁଡିକୁ ବିଦ୍ୟୁତ୍ ସଂଯୋଗ କରି ନ ଥିବାରୁ ଅଧିକାଂଶ ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ବାରଙ୍ଗ ବ୍ଲକରେ ଥିବା ୩୦ଟି ଗ୍ରାମର ଲୋକଙ୍କୁ ଗତ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଛି। ଯେଉଁ ସ୍ଥାନରେ ପମ୍ପସେଟ୍ ଠିକ୍ ଅଛି ସେଠାରେ ଜେନେରେଟର ମାଧ୍ୟମରେ ଲୋକଙ୍କୁ ପର୍ଯ୍ୟାୟ କ୍ରମରେ ପାଣି ଯୋଗାଇ ଦିଆଯାଉଛି। ୧୬ ତାରିଖ ପରଠାରୁ ଯେଉଁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନ ହୋଇଛି ସେଠାରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦିଆଯିବ। ଅପରପକ୍ଷେ ବାରଙ୍ଗ ବ୍ଲକର ସୀତାରାମ ବଜାର, ବଙ୍ଗାଳିସାହି, ଷ୍ଟେଶନ ବଜାର, ଲେବର କଲୋନୀ ଓ ରାମଦାସପୁର ଗ୍ରାମର ପମ୍ପହାଉସ୍‌କୁ ବିଦ୍ୟୁତ୍ ସଂଯୋଗ କରାଗଲେ ପମ୍ପସେଟ୍ ମାଧ୍ୟମରେ ଜଳଯୋଗାଇ ଦିଅଯିବ। ଏ ନେଇ ବାରଙ୍ଗ ବ୍ଲକ ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ମିଶ୍ର କହିଛନ୍ତି, ବାତ୍ୟାରେ ପମ୍ପହାଉସ୍, ପାଚେରି, ବିଦ୍ୟୁତ ଟ୍ରାନ୍ସଫର୍ମର, ପାଇପ ଲାଇନ ଓ ପମ୍ପସେଟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ ଆସିଲା ପରେ ପମ୍ପସେଟର ଅବସ୍ଥା ବିଷୟରେ ଜାଣିହେବ। ଅପରପକ୍ଷେ ସମସ୍ୟା ସମ୍ପର୍କରେ ଜାଣିବା ପାଇଁ ଗୋଡ଼ିସାହି ଇଲେକ୍ଟ୍ରିକାଲ ଡିଭିଜନର ଜେଇ ଭବାନୀ ଶଙ୍କର ମହନ୍ତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ ।

- ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ପୁରୀ ଜିଲା ପୋଲିସ ବିଭାଗରେ ୩୭ କୋଟିର କ୍ଷତି

**ପୁରୀ ଅଫିସ,୧୬।୫:** ବାତ୍ୟା 'ଫନୀ' ପ୍ରଭାବରେ ପୁରୀ ଜିଲା ପୋଲିସ ବିଭାଗରେ ବ୍ୟାପକ କ୍ଷତି ଘଟିଛି। ଏସ୍‌ପି ଅଫିସ, ରିଜର୍ଭ ଅଫିସ, କ୍ୱାର୍ଟର୍ସ, ଅଫିସର୍ସ ହୋଲି ଡେ ହୋମ୍ ଆଦି କୋଠା କ୍ଷତିଗ୍ରସ୍ତ ହୋଇଥିବାବେଳେ ବହୁ ଆସବାବପତ୍ର ଭାଙ୍ଗିରୁଜି ଯାଇଛି। ଏ ନେଇ ମୋଟ ୩୭ କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି ବୋଲି ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।

### ମହିଳା ମହାବିଦ୍ୟାଳୟର ୨କୋଟି କ୍ଷତି

**ପୁରୀ ଅଫିସ,୧୬।୫:** ବାତ୍ୟାରେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ୨କୋଟି ଟଙ୍କାର କ୍ଷତି ଘଟିଛି। ଶ୍ରେଣୀ ଗୃହ, କମ୍ପ୍ୟୁଟର ଲ୍ୟାବ, ଲାଇବ୍ରେରୀ, କନଫରେନ୍ସ ହଲ୍, ହଷ୍ଟେଲରେ ବହୁ ଆସବାବପତ୍ର ଭାଙ୍ଗିଯାଇଥିବାବେଳେ କାଗଜପତ୍ର ନଷ୍ଟ ହୋଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଏବଂ ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଛି ବୋଲି ଅଧକ୍ଷା ଅଞ୍ଜଳି ଶୁକ୍ଳା କହିଛନ୍ତି।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ କିରୋସିନ ବଣ୍ଟନ ଆରମ୍ଭ

**ପୁରୀ ଅଫିସ,୧୬।୫:** ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ଗୁରୁବାରଠାରୁ ମାଗଣାରେ ୨.୫ ଲିଟର କିରୋସିନ ବଣ୍ଟନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପୁରୀ ସଦର, ବ୍ରହ୍ମଗିରି, ଅସ୍ତରଙ୍ଗ, ନିମାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ କିରୋସିନ ବଣ୍ଟାଯାଇଛି। ଜିଲାର ବିଭିନ୍ନ ବ୍ଲକ, ଏନ୍‌ଏସି ଏବଂ ପୁରୀ ପୌରାଞ୍ଚଳର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ନପୂର୍ଣ୍ଣା ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ସମେତ ଅନ୍ୟ ବିପନ୍ନଙ୍କୁ ମାଗଣାରେ କିରୋସିନ ଯୋଗାଇ ଦିଆଯିବ। ପ୍ରାରମ୍ଭିକ ଭାବେ ଜିଲାର ୩,୫୩,୦୬୪ ହିତାଧିକାରୀଙ୍କୁ ୮,୮୨,୬୬୦ ଲିଟର କିରୋସିନ ଲାଇସେନ୍ସପ୍ରାପ୍ତ ଖୁଚୁରା ବିକ୍ରେତାଙ୍କ ମାଧ୍ୟମରେ ପ୍ରଦାନ କରାଯିବ। ଏପ୍ରିଲ ଏବଂ ମେ ମାସ ପାଇଁ କିରୋସିନ ନେଇଥିବା ହିତାଧିକାରୀମାନେ ମଧ ଅଢେଇ ଲିଟର କିରୋସିନ ନେଇପାରିବେ। ମାଗଣା ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ କିରୋସିନ ବଣ୍ଟନ ତଦାରଖ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବୁଧବାରଠାରୁ ପୁରୀକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪ହଜାର ଉପଭୋକ୍ତାଙ୍କୁ ସଂଯୋଗ ଦିଆଯାଇଛି। ଗୁରୁବାର ମଧ ୪/୫ହଜାର ଉପଭୋକ୍ତାଙ୍କୁ ସଂଯୋଗ ଦିଆଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏଭଳି ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ। ସପ୍ତାହକ ମଧରେ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ଆଶା ରଖିଛୁ । କାର୍ଡଧାରୀଙ୍କୁ ୫୦ କେଜି ଚାଉଳ ଏବଂ ୨ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଯେଉଁମାନଙ୍କର କାର୍ଡ ନାହିଁ ସେମାନଙ୍କୁ ଏହି ସହାୟତା ଦିଆଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସପ୍ତାହକ ମଧରେ ଏହା ବଣ୍ଟନ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ଜିଲାପାଳ ପ୍ରକାଶ କରିଛନ୍ତି।

# ନୀରବି ଯାଇଛି ପ୍ରକୃତି ନିବାସ




- ବାତ୍ୟା ଉଜାଡ଼ିଦେଇଛି ବାଲୁଖଣ୍ଡ ସବୁଜିମା
- ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇ ଆସୁନାହାନ୍ତି ପର୍ଯ୍ୟଟକ

**ହେମନ୍ତ ନାୟକ**
**ପୁରୀ ଅଫିସ,୧୬।୫**

ପ୍ରକୃତି ନିବାସ। ବାଲୁଖଣ୍ଡ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କୁ ପ୍ରକୃତିର ମଜା ଦେବା ପାଇଁ ବନ ବିଭାଗ ପକ୍ଷରୁ ଏହା ଗଢାଯାଇଥିଲା। ହେଲେ ବାତ୍ୟାରେ ଉଜୁଡ଼ି ଯାଇଛି ଏହାର ସବୁଜିମା। ପ୍ରକୃତି ନିବାସରେ ଆଉ ଦେଖିବାକୁ ମିଳୁନି ପ୍ରାକୃତିକ ଦୃଶ୍ୟ। କେବଳ ଥୁଣ୍ଟା ଗଛ, ଶୁଖିଲା ଡାଳପତ୍ର ଆଉ ଭଙ୍ଗା କଟେଜ ହିଁ ବଖାଣୁଛି ବାତ୍ୟାର କ୍ରୂରତା।

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସିଥାନ୍ତି। ସେମାନେ ସାଧାରଣତଃ ବିଭିନ୍ନ ହୋଟେଲରେ ରହିଥାନ୍ତି। କିନ୍ତୁ ପ୍ରାକୃତିକ ପରିବେଶରେ ରହିବା ଲାଗି ଅନେକଙ୍କ ଇଚ୍ଛା ଥିଲେ ବି ଏଠାରେ ସେମିତି ସୁଯୋଗ ନ ଥିଲା। ବାଧହୋଇ ହୋଟେଲ କିମ୍ବା ଲଜ୍‌ରେ ରାତ୍ରିଯାପନ କରୁଥିଲେ ପର୍ଯ୍ୟଟକ। ଏହାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ପ୍ରକୃତି ନିବାସର ପରିକଳ୍ପନା କରାଯାଇଥିଲା। ସମୁଦ୍ର ମୁହାଣର ଅନତି ଦୂର ନୂଆନଈ କଡ଼ରେ ନିର୍ମାଣ ହୋଇଥିଲା ପ୍ରକୃତି ନିବାସ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ୧୦ଟି କଟେଜ ତିଆରି ହୋଇଥିଲା। କଟେଜଗୁଡ଼ିକରେ ଡବଲ ବେଡ୍ ପଡ଼ିଥିବାବେଳେ ଆନୁଷଙ୍ଗିକ ସୁବିଧା ସୁଯୋଗ ରହିଥିଲା। ରେଷ୍ଟୁରାଣ୍ଟ ଏବଂ ପ୍ରତି କଟେଜକୁ ଚଲାପଥ ତିଆରି କରାଯାଇଥିଲା। ନୂଆନଈରେ ବୋଟିଂ ସୁବିଧା ବି ଥିଲା। ୨୦୧୭ ଫେବୃୟାରୀ ୧ତାରିଖରେ ଏହା ଉଦ୍‌ଘାଟିତ ହେବା ପରେ ପର୍ଯ୍ୟଟକମାନେ ଏଠାରେ ରାତିରେ ରହିବା ସହ ପ୍ରାକୃତିକ ଦୃଶ୍ୟରାଜିକୁ ଉପଭୋଗ କରୁଥିଲେ। ଘଞ୍ଚ ଜଙ୍ଗଲ ଭିତରେ ରାତିରେ ହରିଣକୁ ମଧ ପାଖରେ ଦେଖିବାକୁ ପାଉଥିଲେ। ବିଶେଷକରି ଶୀତଦିନେ ଏହାର ଚାହିଦା ଅଧିକ ରହୁଥିଲା। ଧୀରେ ଧୀରେ ଏଥିପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ବଢୁଥିବାବେଳେ ବାତ୍ୟା ଫନୀ ସବୁକିଛି ଉଜାଡ଼ି ଦେଇଛି। ଭାଙ୍ଗିଯାଇଛି ପ୍ରକୃତି ନିବାସର କଟେଜ ଆଉ ରେଷ୍ଟୁରାଣ୍ଟ। ଏହା ପରିସରରେ ଥିବା ଗଛଗୁଡ଼ିକ ଧରାଶାୟୀ ହୋଇଯାଇଛି। ଥୁଣ୍ଟା ଗଛଗୁଡ଼ିକ ଠିଆହୋଇ ରହିଥିବାବେଳେ ଏହାର ସବୁଜିମାକୁ ଛଡ଼ାଇ ନେଇଛି ଫନୀ। ଏଠାକୁ ଯିବା ପାଇଁ ଥିବା ରାସ୍ତା ଏବେ ଖାଁ ଖାଁ ଲାଗୁଛି। ନିସ୍ତବ୍ଧ ହୋଇଯାଇଛି ପ୍ରକୃତି ନିବାସ। ଭଙ୍ଗା ଗଛ ଏବଂ ଶୁଖିଲା ଡାଳପତ୍ର ଏଣେତେଣେ ପଡ଼ିରହିଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମନ ବି ଦୁଃଖୀ। ପୁଣି କେବେ ପ୍ରକୃତି ନିବାସର ପୁନରୁଦ୍ଧାର ହେବ ଏବଂ ପର୍ଯ୍ୟଟକଙ୍କ ଗହଳିରେ ଏହା କୋଳାହଳ ହୋଇଉଠିବ ତାହାକୁ ଅପେକ୍ଷା କରିଛନ୍ତି ଏଠାକାର କର୍ମଚାରୀମାନେ।





ପୁରୀ ସମୁଦ୍ର ପାଣିର ରଙ୍ଗ ଗୁରୁବାର ପରିବର୍ତ୍ତନ ହୋଇ ଦୁଇ ପ୍ରକାର ହୋଇଯାଇଛି।

# ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଲାଇନ୍ ମ୍ୟାନ୍ ମୃତ

**ପୁରୀ ଅଫିସ,୧୬।୫**

ପୁରୀ ଟାଉନ୍ ଥାନା ଅଧୀନ ପୁରୁଣା ସଦର ଥାନା ଛକରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ି ୧୧ କେ.ଭି. ତାର ସଜାଡୁଥିବା ବେଳେ ଗୁରୁବାର ରାତିରେ ଖୁଣ୍ଟରୁ ପଡ଼ି ଜଣେ ଲାଇନ୍ ମ୍ୟାନ୍‌ଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେସୁର ଲାଇନ୍ ମ୍ୟାନ୍ ପିପିଲି ଦାଣ୍ଡମୁକୁନ୍ଦପୁରର ପବିତ୍ର ଜେନା(୩୦)। ମିଳିଥିବା ସୂଚନାନୁଯାୟୀ, ରାତି ପ୍ରାୟ ସାଢ଼େ ୧୧ଟାରେ ପବିତ୍ର ତାର ସଜାଡୁଥିବା ସମୟରେ ଅନ୍ୟପଟୁ ହଠାତ୍ ଲାଇନ୍ ଚାର୍ଜ ହୋଇଯାଇଥିଲା। ଫଳରେ ସେ ଖୁଣ୍ଟରୁ ତଳକୁ ଖସିପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଲାଇନ୍ ମ୍ୟାନ୍‌ଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇବା ସହ ସେଠାରେ ପୋଲିସ ମୁତୟନ ରହିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ କେଉଁ ପରିସ୍ଥିତିରେ ଓ କିଏ ଲାଇନ୍ ଚାର୍ଜ କରିବାକୁ ଅନୁମତି ପ୍ରଦାନ କରିଥିଲେ, ତାହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି। ସେହିଭଳି ବିଳମ୍ବିତ ରାତିରେ ବିଦ୍ୟୁତ୍ ତାର ସଜାଡ଼ିବାକୁ କିଏ ଅନୁମତି ଦେଇଛି, ତାହାର ମଧ ତଦନ୍ତ କରାଯିବାକୁ ଦାବି ହୋଇଛି। ସୂଚନାଥାଉ କି, ଗତ ଦୁଇଦିନ ତଳେ ମଧ ଭିଆଇପି ରୋଡ୍‌ରେ ବିଦ୍ୟୁତ୍ ଖୁଣ୍ଟ ସଜାଡୁଥିବା ବେଳେ ଖୁଣ୍ଟରୁ ପଡ଼ି ଜଣେ ଲାଇନ୍ ମ୍ୟାନ୍‌ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଆସନ୍ତାକାଲି ଠାରୁ ପୁରୀ ଡିଭିଜନର ସମସ୍ତ ବିଦ୍ୟୁତ୍ କାର୍ଯ୍ୟ ବନ୍ଦ କରିବା ପାଇଁ ସେସୁ କର୍ମଚାରୀମାନେ ଧମକ ଦେଇଛନ୍ତି। ପୁରୀ ମେଡିକାଲରେ ସେସୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ମିଶ୍ର ଉପସ୍ଥିତ ରହିଛନ୍ତି।



ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି।

## ■ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର

# ୧୨କୋଟି ୭୦ ଲକ୍ଷ ଟଙ୍କାର କ୍ଷୟକ୍ଷତି

**ସାକ୍ଷୀଗୋପାଳ, ୧୬।୫(ଡି.ଏନ୍.ଏ.)**



ଧ୍ୱସ୍ତବିଧ୍ୱସ୍ତ ନିୟନ୍ତ୍ରିତ ବଜାର ଗୃହ।

ପ୍ରଳୟଙ୍କରୀ ବାତ୍ୟା ଫନୀରେ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଛି। ପୁରୀ ଜିଲାର ସତ୍ୟବାଦୀ, ପୁରୀ ସଦର, ବ୍ରହ୍ମଗିରି, କଣାସ, ଡେଲାଙ୍ଗ ଓ ପିପିଲି ବ୍ଲକରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟ ନିମନ୍ତେ ବଜାର ସୁବିଧା ଯୋଗାଇ ଦେଉଥିଲା। ସାକ୍ଷୀଗୋପାଳ ମୁଖ୍ୟବଜାର ସମେତ ଗବକୁଣ୍ଡ, ମାଳତୀପାଟପୁର, ବ୍ରହ୍ମଗିରି ଓ ଅଣ୍ଡାଳସିଂହ ଆଦି ୫ଟି ବଜାରରେ ମୋଟ ୧୨କୋଟି ୭୦ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି ବୋଲି ବଜାର କମିଟି ସମ୍ପାଦକ କମଳକୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କୃଷକ ବଜାର, କାର୍ଯ୍ୟାଳୟ, ଗୋଦାମ ଗୃହ, ଇ-ନାମ ଲାବରୋଟାରୀ, ନଡ଼ିଆ ବିକ୍ରି ଚଟାଣ, ଷ୍ଟାଫ କ୍ୱାର୍ଟର, ପ୍ରାଚୀର, ଆଜବେଷ୍ଟସ ଓ ଟିଣ ଛାତ, ୧ହଜାର ମେଟ୍ରିକ ଟନର ଗୋଦାମ ଗୃହ, ପାଣିଟାଙ୍କି, ଗୋରୁ ଗୁହାଳ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ୫ଶହରୁ ଅଧିକ ବୃକ୍ଷ ଭାଙ୍ଗି ନଷ୍ଟ ହୋଇଛି। ମୁଖ୍ୟ ବଜାର ପ୍ରାଙ୍ଗଣରେ ୮କୋଟି, ଗବକୁଣ୍ଡରେ ୭୫ଲକ୍ଷ, ମାଳତୀପାଟପୁର ବଜାରରେ ୭୫ଲକ୍ଷ, ବ୍ରହ୍ମଗିରିରେ ୮୦ଲକ୍ଷ ଓ ଅଣ୍ଡାଳସିଂହ ଉପବଜାରରେ ୪୦ଲକ୍ଷ ଟଙ୍କାର କ୍ଷତି ଘଟିଥିବା ଆକଳନ କରାଯାଇଥିବା ବଜାର କମିଟି ଆକାଉଣ୍ଟାଣ୍ଟ ଜଗତଜ୍ୟୋତି ସାହୁ କହିଛନ୍ତି। କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରାଯାଉଛି। ବଜାର କମିଟି ସଭାପତିଙ୍କ ଅନୁମୋଦନ କ୍ରମେ ରାଜ୍ୟ କୃଷି ବିପଣନ ସାଧାରଣ ପରିଚାଳକଙ୍କୁ ଖୁବ୍ ଶିଘ୍ର ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ବଜାର କମିଟି ମୁଖ୍ୟତଃ ନଡ଼ିଆ କାରବାରର ପେଣ୍ଠସ୍ଥଳୀ। ବାତ୍ୟାରେ ନଡ଼ିଆ ଫସଲ ଅଧିକମାତ୍ରାରେ ପ୍ରବାବିତ ହୋଇଥିବାରୁ ନିୟନ୍ତ୍ରିତ ବଜାରରେ କାରବାର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**କଣାସ, ୧୬।୫(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଘୋରଡିଆ ହାଟ ବଜାରରେ ଭାସ୍କର ସାହୁଙ୍କ ୩ଟି ହାର୍ଡଓୟାର ଷ୍ଟୋରରେ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏଥିରେ ଆନୁମାନିକ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଓ କିଛି ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ଟି ଦୋକାନର ଆଜବେଷ୍ଟସ୍ ଉଠାଇ କିଛି ସାମଗ୍ରୀ ଚୋରାଇ ନେବା ସହ ପ୍ଲାଷ୍ଟିକ ପାଇପ୍ ରହିଥିବା ଘର ଭିତରକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଦେକାନ ଭିତରେ ନିଆଁ ଜଳୁଥିବା ଦେଖି ପଡୋଶୀ ଦୋକାନୀମାନେ ହୋହଲ୍ଲା କରି ଡାକ ପକାଇଥିଲେ। ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭୂତିଆଙ୍କୁ ଫୋନ ଦ୍ୱାରା ଅବଗତ କରାଯାଇଥିଲା। ଭୂତିଆ ବ୍ୟକ୍ତିଗତ ଭାବେ ଦମକଳ କେନ୍ଦ୍ରକୁ ସୂଚନା ଦେବାରେ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାରେ ସହାୟତା କରିଥିଲେ।

# ବାତ୍ୟାରେ ଉଜୁଡ଼ି ଯାଇଛି ଉପକୂଳବର୍ତ୍ତୀ ଜଙ୍ଗଲ

**କାକଟପୁର, ୧୬।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ଫନୀ ଉଜାଡ଼ି ଦେଇଛି ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଘଞ୍ଚ ସବୁଜିମା ଜଙ୍ଗଲ। ଫନୀର ତାଣ୍ଡବରେ ଛାରଖାର ହୋଇଯାଇଛି ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୨୨କିମି ବ୍ୟାପୀ ରହିଥିବା ଜଙ୍ଗଲ। ବାତ୍ୟାରେ ଧରାଶାୟୀ ହୋଇଛି ପୁରୁଣା ବୃକ୍ଷ ସହ ହଜାର ହଜାର ଛୋଟବଡ଼ ବୃକ୍ଷ। ଜଙ୍ଗଲରେ ବସବାସ କରୁଥିବା ୧୫୦୦ରୁ ଊର୍ଦ୍ଧ୍ୱ ହରିଣ ଏବେ ଇତସ୍ତତଃ ହୋଇ ଘୂରିବୁଲୁଛନ୍ତି। ଭାଙ୍ଗିପଡ଼ିଥିବା ବୃକ୍ଷରାଜି ଭିତରେ ଲୁଚି ରହି ନିଜକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଛନ୍ତି। ଅସ୍ତରଙ୍ଗ ବନାଞ୍ଚଳର ସହନ ବିଟ୍, ଜାହାନିଆଁ ବିଟ୍, ଡାଲୁଅକଣି ବିଟ୍, ଗୁଣ୍ଡଲବା ବିଟ୍ ଅଞ୍ଚଳରେ ୩୦ପ୍ରତିଶତ ବୃକ୍ଷରାଜି ଭାଙ୍ଗିରୁଜି ନଷ୍ଟ ହୋଇଥିବାବେଳେ ଦେବୀ ମୁହାଣ ବିଟ୍ ଅଞ୍ଚଳରେ ୫୦ ପ୍ରତିଶତ ଜଙ୍ଗଲ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରେଞ୍ଜର ଯୋଗେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସହନସ୍ଥିତ ଘଞ୍ଚ ଜଙ୍ଗଲରେ ବଡ଼ ବଡ଼ ଗଛଗୁଡ଼ିକର ଡାଳ ଭାଙ୍ଗିରୁଜି ଯାଇଥିବାରୁ ଏଠାରେ ବସା ବାନ୍ଧିଥିବା ଦେଶୀ, ବିଦେଶୀ ପକ୍ଷୀଙ୍କର କିଛି ଖୋଜ ଖବର ମିଳୁନାହିଁ। ପଶୁପକ୍ଷୀମାନେ ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସୂଚନା ପାଇ ନିଜ ପାଇଁ ସୁରକ୍ଷିତ ସ୍ଥାନ ଖୋଜି ନେଇଥାନ୍ତି। ତେଣୁ ସେମାନେ ସୁରକ୍ଷିତ ସ୍ଥାନକୁ ପଳାଇ ଯାଇଛନ୍ତି। ସବୁ ଠିକ୍‌ଠାକ୍ ହେବା ପରେ ପୁଣି ଫେରିବେ ବୋଲି କହିଛନ୍ତି ପ୍ରକୃତିପ୍ରେମୀ ବିଚିତ୍ରାନନ୍ଦ ବିଶ୍ୱାଳ। ଭାଙ୍ଗିରୁଜି ଯାଇଥିବା ଜଙ୍ଗଲ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବାବେଳେ ବିଭାଗ ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ହରିଣଙ୍କ ଗତିବିଧି ଉପରେ ନଜର ରଖାଯାଉଥିବା ରେଞ୍ଜର ପାତ୍ର କହିଛନ୍ତି। ବାତ୍ୟାରେ ଜିଲାର ସର୍ବବୃହତ ନର୍ସରୀ ଓ ଟଭାଗୋଲରାଗଡ଼ ସଂରକ୍ଷିତ ଜଙ୍ଗଲରେ ମଧ ବ୍ୟାପକ କ୍ଷୟକ୍ଷତି ଘଟିଛି।

# ବ୍ରହ୍ମଗିରି: ଝାଡ଼ାବାନ୍ତିରେ ୨୧ ଆକ୍ରାନ୍ତ

**ବ୍ରହ୍ମଗିରି, ୧୬।୫(ଡି.ଏନ୍.ଏ.)**

ବାତ୍ୟା ପରେ ଦୂଷିତ ଜଳ ପିଇବା ଯୋଗୁ ବ୍ରହ୍ମଗିରିରେ ଝାଡ଼ାବାନ୍ତି ବ୍ୟାପିଛି। ଫଳରେ ଦୁଇଦିନ ଭିତରେ ୨୧ଜଣ ଆକ୍ରାନ୍ତ ହୋଇ ରେବଣା ନୂଆଗାଁ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ଅଧିକାଂଶ କୂଅ, ପୋଖରୀ ପାଣି ଦୂଷିତ ହୋଇଯାଇଛି। ନଳକୂପ ଅଚଳ ହେବା ଯୋଗୁ ପାନୀୟ ଜଳର ଅଭାବ ଦେଖାଦେଇଛି। ବ୍ରହ୍ମଗିରି ବ୍ଲକର ଜଗନ୍ନାଥପୁର, ଅଳିଆମୁଟ, ଆମ୍ବପଡ଼ା, ଜଗନ୍ନାଥପାଟଣା ଆଦି ଗ୍ରାମରୁ ବୁଧବାର ଓ ଗୁରୁବାର ଦୁଇ ଦିନରେ ୨୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ରେବଣାନୂଆଗାଁ ଗୋଷ୍ଠୀ ଚିକିତ୍ସା ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ କୁହନ୍ତି, ଝାଡ଼ାବାନ୍ତି କୌଣସି ଗ୍ରାମରେ ବ୍ୟାପିନି। ସାଧାରଣ ଭାବେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆସୁଛନ୍ତି। ପ୍ରତି ଗାଁକୁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀଙ୍କୁ ପଠାଯାଇ ସଚେତନତା ଜାରି ରହିଥିବା କହିଛନ୍ତି।



ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି।

# ସେମିଷ୍ଟର ପରୀକ୍ଷା ଦେବାରୁ ୯୩ ଛାତ୍ରୀ ବଞ୍ଚିତ

## ■ କଲେଜ ଚେୟାରମ୍ୟାନ, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

**ପୁରୀ ଅଫିସ,୧୬।୫**

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ୯୩ଜଣ ଛାତ୍ରୀ ଚଳିତବର୍ଷ ଯୁକ୍ତ୩ ସେମିଷ୍ଟର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧରେ ଯୁକ୍ତ୩ ଦ୍ୱିତୀୟ ସେମିଷ୍ଟରର ୪୬ ଏବଂ ଯୁକ୍ତ୩ ପ୍ରଥମ ବର୍ଷ ଦ୍ୱିତୀୟ ସେମିଷ୍ଟରର ୪୭ଜଣ ଛାତ୍ରୀ ରହିଛନ୍ତି। ଏ ନେଇ ଛାତ୍ରୀ ଏବଂ ଅଭିଭାବକମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର କଲେଜ କର୍ତ୍ତୃପକ୍ଷ ଏବଂ ଅଭିଭାବକମାନେ ମୁହାଁମୁହିଁ ହୋଇଥିଲେ। ପରେ ଅଭିଭାବକମାନେ କଲେଜ ଚେୟାରମ୍ୟାନ ତଥା ବିଧାୟକ ମହେଶ୍ୱର ମହାନ୍ତି ଏବଂ ଜିଲାପାଳ ବଲୱନ୍ତ ସିଂଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଯୁକ୍ତ୩ ଦ୍ୱିତୀୟ ବର୍ଷ ୪ର୍ଥ ସେମିଷ୍ଟର ପରୀକ୍ଷା ମେ ୨ ପରିବର୍ତ୍ତେ ୧୫ତାରିଖରେ ହୋଇଥିଲା। ସେହିପରି ଯୁକ୍ତ୩ ପ୍ରଥମ ବର୍ଷ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ୧୬ତାରିଖରେ ଅନୁଷ୍ଠିତ ହୋଇଛି। ପରୀକ୍ଷା ସୂଚି ପରିବର୍ତ୍ତନ ନେଇ କଲେଜ ପକ୍ଷରୁ କୌଣସି ଆଗୁଆ ସୂଚନା ଦିଆଯାଇ ନ ଥିଲା। ଫଳରେ ବାହାର ଅଞ୍ଚଳର ବହୁ ଛାତ୍ରୀ ପରୀକ୍ଷା ଦେଇପାରିନାହାନ୍ତି। ମୁକ୍ତ ଛାତ୍ରୀମାନଙ୍କ ନିକଟରେ ଖବର ପହଞ୍ଚିବା ବେଳକୁ ପରୀକ୍ଷା ସରିଯାଇଥିଲା। ତେଣୁ ପୁନଃ ପରୀକ୍ଷା କରାଯିବାକୁ ଅଭିଭାବକ ଓ ଛାତ୍ରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧକ୍ଷା ଅଞ୍ଜଳି ଶୁକ୍ଳା କହିଛନ୍ତି, ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନରେ ଉକ୍ତ କଲେଜ ରହିଛି। ବାତ୍ୟାରେ କଲେଜରେ ବ୍ୟାପକ କ୍ଷତି ଘଟିଛି। ତେଣୁ ପରୀକ୍ଷା ତାରିଖ ଘୁଞ୍ଚାଇବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ସେହିପରି ଜିଲାପାଳଙ୍କୁ ମଧ ଅବଗତ କରାଯାଇଥିଲା। ଅନ୍ୟପକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପରିବର୍ତ୍ତିତ ପରୀକ୍ଷା ତାରିଖ ଗଣମାଧ୍ୟମରେ ବିଜ୍ଞାପନ ଦିଆଯିବା ସହ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀମାନଙ୍କୁ ଏସ୍ଏମ୍ଏସ୍ ଜରିଆରେ ଅବଗତ କରାଯାଇଥିଲା।



ସେମିଷ୍ଟର ପରୀକ୍ଷାରୁ ବଞ୍ଚିତ ଛାତ୍ରୀ।



ତଲାକ୍ ନୋଟିସ୍‌କୁ ଚ୍ୟାଲେଞ୍ଜ କରିଥିବା ଜଣେ ମୁସଲମାନ ମହିଳାଙ୍କ ଆବେଦନର ଶୁଣାଣି ଶୁକ୍ରବାର କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଦୁଇଟି ତଲାକ୍ ନୋଟିସ ପଠାଇଥିବା ସ୍ୱାମୀଙ୍କ ବିରୋଧରେ ଏତଲା ଦାଏର ଲାଗି ନିର୍ଦ୍ଦେଶ ଦେବାକୁ ମହିଳା ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ତିନି ତଲାକ୍ ପ୍ରଥା ଅସାମ୍ବିଧାନିକ ବୋଲି ୨୦୧୭ ଅଗଷ୍ଟ ୧୭ରେ ସୁପ୍ରିମକୋର୍ଟ କହିଥିଲେ।

## ସଂକ୍ଷେପରେ

### ଜଗତ୍‌ପୁର ଶିଳ୍ପାଞ୍ଚଳରେ କ୍ଷୟକ୍ଷତି ନେଇ ଆଲୋଚନା କଲେନି ଅଧିକାରୀ: ଭାଜପା

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ବାତ୍ୟା ଫନୀର ୧୩ଦିନ ପରେ ମଧ ଜଗତପୁର ଶିଳ୍ପାଞ୍ଚଳରେ ବିଦ୍ୟୁତ ଯୋଗାଣ ହୋଇନାହିଁ। ଗତ ବୁଧବାର ଶିଳ୍ପ ବିଭାଗର ଅଧିକାରୀମାନେ ସ୍ଥାନୀୟ ଅଞ୍ଚଳର ସ୍ଥିତି କିପରି ରହିଛି ଦେଖିବାକୁ ଯାଇଥିଲେ। ଏହି ଅବସରରେ ଶିଳ୍ପୋଦ୍ୟୋଗୀମାନଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଅଧିକାରୀମାନେ କୌଣସି ଆଲୋଚନା କରି ନ ଥିଲେ। ଶିଳ୍ପୋଦ୍ୟୋଗୀମାନେ ବିଦ୍ୟୁତ ସଂଯୋଗ ନ ପାଇବା ନେଇ ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ଏ ନେଇ କର୍ଣ୍ଣପାତ କରି ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପଟେ ଶିଳ୍ପ ଅଧିକାରୀଙ୍କ ପାଖରେ ବିଦ୍ୟୁତ ଯୋଗାଣ ତୁରନ୍ତ ଯୋଗାଇ ଦେବା ପାଇଁ ଦାବି କରିବାରୁ ୨ଜଣ ଶିଳ୍ପୋଦ୍ୟୋଗୀଙ୍କୁ ପୋଲିସ ଗିରଫ କରିଥିବା ମଧ ଦଳ ଅଭିଯୋଗ କରୁଛି। ଶିଳ୍ପ ଅଧିକାରୀମାନେ ଆଲୋଚନା ନ କରି ଓଲଟା ପୋଲିସ ଦ୍ୱାରା ମାଡ ମାରି ଶିଳ୍ପୋଦ୍ୟୋଗୀଙ୍କୁ ଗିରଫ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି।

### ୫ ହଜାର ଟଙ୍କାରେ ନାବାଳିକାଙ୍କୁ ବିକ୍ରି ଉଦ୍ୟମ

**ଦେବଗଡ଼,୧୬।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଡେଙ୍ଗରିଆ ଅଞ୍ଚଳର ଜଣେ ବ୍ୟକ୍ତି ଗୁରୁବାର ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ନିଜ ୧୨ ବର୍ଷର ଝିଅକୁ ମଧପ୍ରଦେଶରେ ୫ ହଜାର ଟଙ୍କାରେ ବିକ୍ରି ଉଦ୍ୟମ କରୁଥିବାବେଳେ ଦେବଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ ନାବାଳିକାଙ୍କୁ ଉଦ୍ଧାର କରିଛି। ବାପା ତାଙ୍କୁ ବିକ୍ରି ଉଦ୍ୟମ କରୁଥିବା ଜାଣିପାରି ନାବାଳିକା ଜଣକ ରିଆମାଳ ବାଘବର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଲୁଚିଯାଇଥିଲେ। ପରେ ଖବରପାଇ ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଓ ରିଆମାଳ ଚାଇଲ୍ଡଲାଇନ ସଂଯୋଜକ ସୁନୀଲ ପ୍ରଧାନ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

ଭୋଜିରୁ ଫେରିବାବେଳେ ଧକ୍କା ଦେଲା ଟ୍ରକ୍

### ବାପା-ସାନ ପୁଅ ମୃତ, ବଡ଼ ଗୁରୁତର

**ବଇଣ୍ଡା, ୧୬।୫(ଡି.ଏନ.ଏ.):** ଭୋଜି ଖାଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଟ୍ରକ୍ ଧକ୍କାରେ ବାପା ଓ ସାନ ପୁଅଙ୍କ ଜୀବନ ଯାଇଛି। ଗୁରୁତର ବଡ଼ପୁଅଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର କିଶୋରନଗର ସୀମାନ୍ତ ରେଢାଖୋଲ ଥାନା ସାଧୁମୁଣ୍ଡା ଗ୍ରାମଠାରେ ଗୁରୁବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ମୃତକ ରେଢାଖୋଲ ଅଞ୍ଚଳର ବିଶି ମିର୍ଦ୍ଧା (୩୫) ଓ ସାନ ପୁଅ ସୁନୀଲ ମିର୍ଦ୍ଧା ବୋଲି ଜଣାପଡିଛି। ବଡ ପୁଅ ବାପି ମିର୍ଦ୍ଧାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘଟଣାରୁ ପ୍ରକାଶ, ବିଶି ତାଙ୍କ ୨ ପୁଅ ସହ ବାମୁରରୁ ଭୋଜିଖାଇ ବାଇକ୍ (ନଂ. ଓଡି୨୭ଏ-୬୫୮୨)ରେ ଘରକୁ ଫେରୁଥିଲେ। ସାଧୁମୁଣ୍ଡା ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ରେଢାଖୋଲ ପରେ ବୁର୍ଲା ବଡ ମେଡିକାଲ ସ୍ଥାନାନ୍ତର କରିଥିଲେ।

ତାସ ଖେଳରୁ ରାଜନୀତି ହିଂସା

### କଂଗ୍ରେସ ଜିଲା ସଭାପତିଙ୍କ ଭଣଜାଙ୍କୁ ଛୁରାମାଡ଼

**ନବରଙ୍ଗପୁର,୧୬।୫(ବି.ପ୍ର.):** ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗାଁରେ ତାସ ଖେଳରୁ ଗୁରୁବାର ରାଜନୀତି ହିଂସା ଦେଖାଦେଇଛି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଭଣଜା ତଥା କଂଗ୍ରେସର ନନ୍ଦାହାଣ୍ଡି ବ୍ଲକ ଜୋନ କାର୍ଯ୍ୟକାରୀ ସଦସ୍ୟ ସଞ୍ଜୀବ ମିଶ୍ରଙ୍କୁ ବିଜେଡି କର୍ମୀ ସନ୍ତୋଷ କୁମାର ମିଶ୍ର ଛୁରାମାଡ କରିଛନ୍ତି। ସଞ୍ଜୀବଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାକୁ ନେଇ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ନନ୍ଦାହାଣ୍ଡି ବ୍ଲକ ଦହଣା ଗାଁର ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କ ପୁଅ ସଞ୍ଜୀବ ଓ କେତେ ଜଣ ସାଥୀ ଗାଁର ତ୍ରିନାଥ ମନ୍ଦିର ପିଣ୍ଡାରେ ବସି ତାସ ଖେଳୁଥିଲେ। ଖେଳ ନିକଟରେ ସେହି ଗାଁର ଦୀନବନ୍ଧୁ ମିଶ୍ରଙ୍କ ପୁଅ ସନ୍ତୋଷ ମଧ ଉପସ୍ଥିତ ଥିଲେ।

## ବାତ୍ୟାବନ୍ୟା ପ୍ରଭାବିତ୍ର ଅଞ୍ଚଳବାସୀଙ୍କ ପାଇ ପାଣି ଚିନ୍ତା

# ୯ ଜିଲାରେ ଲାଗିବ ୪୩୧୫ ସୌରଚାଳିତ ପମ୍ପ୍

**ଯାଜପୁର ଅଫିସ,୧୬।୫**

■ ୱାର୍ଲ୍ଡବ୍ୟାଙ୍କ ଅନୁଦାନରୁ ସୌରଚାଳିତ ପମ୍ପ ପାଇଁ ଖର୍ଚ୍ଚ ହେବ ୩୪୫କୋଟି ଟଙ୍କା

■ ଯାଜପୁର ଜିଲାରେ ଲାଗିଛି ନିମ୍ନମାନର ଯନ୍ତ୍ରାଂଶ

ବାତ୍ୟା ଫନୀ ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ପ୍ରଭାବିତ ହୋଇଛି। ଉପକୂଳବର୍ତ୍ତୀ ୯ଟି ଜିଲାର ପାଇପ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଏଠାରେ ବିଦ୍ୟୁତ୍‌ଚାଳିତ ପମ୍ପ ବଦଳରେ ୪,୩୧୫ଟି ସୌରଚାଳିତ ପମ୍ପ ପୁନଃସ୍ଥାପନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସୌରଚାଳିତ ପ୍ରକଳ୍ପ ପାଇଁ ୱାର୍ଲ୍ଡବ୍ୟାଙ୍କ ଅନୁଦାନରୁ ପ୍ରାୟ ୩୪୫.୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପ୍ରତ୍ୟେକ ପ୍ରକଳ୍ପ ପିଛା ୦.୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିସହ ୨୦୦ଟି ୨୫କେଭିଏରୁ ୫୦କେଭିଏ ଡିଜି ସେଟ ସ୍ଥାପନ କରାଯିବ। ଏପରି କି ଖାରଯୁକ୍ତ ପାଣି ଆସୁଥିବା ୨୦ ବ୍ଲକର ୩୩.୫୦ଲକ୍ଷ ଲୋକଙ୍କୁ ମୁଣ୍ଡ ପିଛା ୨୦ହଜାର ଟଙ୍କା ହିସାବରେ ପାଇପ ଦ୍ୱାରା ପାନୀୟ ଜଳ ୨୦୪୫ ମସିହା ସୁଦ୍ଧା ଯୋଗାଇ ଦିଆଯିବ। ଏଥିପାଇଁ ମୋଟ ୩୭୧୧.୨୦କୋଟି ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି। ଏହି ଯୋଜନା ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂପୁର, ଖୋର୍ଦ୍ଧା ଓ ପୁରୀ ଜିଲାରେ ଲାଗୁ ହେବ। ଏହି ମର୍ମରେ ପଞ୍ଚାୟତିରାଜ ବିଭାଗର ପ୍ରିନ୍ସିପାଲ ସଚିବଙ୍କୁ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ତାଙ୍କ ପତ୍ରସଂଖ୍ୟା ୪୫୩୮/୧୫।୫।୨୦୧୯ରେ ପ୍ରସ୍ତାବ ଦେଇଛନ୍ତି। ବନ୍ୟା ଓ ବାତ୍ୟା ଅଞ୍ଚଳରେ ପ୍ରାୟତଃ ବିଦ୍ୟୁତସେବା ବ୍ୟାହତ ହେଉଥିବାରୁ ସାଧାରଣ ଲୋକ ସ୍ୱଚ୍ଛ ପାନୀୟ ଜଳ ନ ପାଇ ହଟହଟା ହେଉଛନ୍ତି। ତେବେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବାତ୍ୟା ପ୍ରଭାବିତ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।

ଅନ୍ୟପକ୍ଷେ ଯାଜପୁର ଜିଲାରେ ସ୍ଥାପିତ ହୋଇଥିବା ପ୍ରାୟ ୨୦୦ସୌରଚାଳିତ ପାନୀୟ ଜଳଯୋଗାଣ ପ୍ରକଳ୍ପରୁ ଅଧିକାଂଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡିଛି।

ପୂର୍ବରୁ ଯାଜପୁର ଜିଲାରେ ଶାନ୍ତି ଆସୋସିଏଟ ଦ୍ୱାରା ଯୋଗାଣ ହୋଇଥିବା ସୌରଯନ୍ତ୍ର ଅତି ନିମ୍ନମାନର ହୋଇଥିବାରୁ ୧୫ଟି ପ୍ରକଳ୍ପ ଏକବର୍ଷ ଚାଲିପାରି ନ ଥିଲା। ଚଳିତ ବର୍ଷ ମଧ ୧୪ ଟି ପ୍ରକଳ୍ପ ଅଚଳ ଥିବା ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ପକ୍ଷରୁ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍‌ଏସ୍)କୁ ସୂଚନା ଦିଆଯାଇଛି। ବିଦ୍ୟୁତ ଶକ୍ତି ଅଭାବ ଥିବା ଅଞ୍ଚଳରେ ପାନୀୟ ଜଳସଙ୍କଟ ଦୂରକରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସୌରଶକ୍ତି ଚାଳିତ ପମ୍ପ ଓ ମୋଟର ସ୍ଥାପନ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ କମ୍ପାନୀ ସହ ସଲାସୁତୁରା କରି ସୌର ଯନ୍ତ୍ରଗୁଡିକ ସ୍ଥାପନ ହୋଇଥିବାରୁ ସେଗୁଡିକ ଦୀର୍ଘସ୍ଥାୟୀ ହୋଇପାରି ନାହିଁ। ଜିଲାରେ ୩ଟି ପର୍ଯ୍ୟାୟରେ ପ୍ରାୟ ୨୦୦ଟି ସୌର ଯନ୍ତ୍ର ଚାଳିତ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ଏଥିରେ ଶାନ୍ତି ଆସୋସିଏଟ ଯୋଗାଣକାରୀ ସଂସ୍ଥାକୁ ଅଧିକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ମନେ ହୋଇଛି। ନିମ୍ନମାନର ଯନ୍ତ୍ରାଂଶ ପ୍ରତିଷ୍ଠା କରି ଏହି କମ୍ପାନୀ ମାଲାମାଲ ହୋଇଥିବାବେଳେ ସାଧାରଣ ଲୋକଙ୍କ ପାନୀୟ ଜଳ ଚାହିଦା ପୂରଣ ହୋଇ ପାରିନାହିଁ। ଗତବର୍ଷ ଓରେଡା ପକ୍ଷରୁ ସୌରଚାଳିତ ପ୍ରକଳ୍ପଗୁଡ଼ିକ ଉପରେ ସର୍ଭେ ହୋଇଥିଲା। ସେଥିରେ ସୌରଚାଳିତ ପ୍ରକଳ୍ପଗୁଡିକ ସର୍ବାଧିକ ୨୮୧ଦିନ ଚାଲିଥିବା ଜଣାପଡ଼ିଥିଲା। ଧର୍ମଶାଳା ବ୍ଲକରେ ଶାନ୍ତି ଏସୋସିଏଟ ଦ୍ୱାରା ଯୋଗାଣ ହୋଇଥିବା ଏଣ୍ଡଲବା ବିଛାଖଣ୍ଡିର ମୁଣ୍ଡାସାହି ପ୍ରକଳ୍ପ ୨୧୯ ଦିନ, ପାଟପୁର ହରିଜନସାହି ପ୍ରକଳ୍ପ ୨୧୮ ଦିନ, ପାଟପୁର ବଡବାରିସାହି ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିବା ପରେ ଅଚଳ ହୋଇଥିଲା। ସେହପିରି ସୁକିନ୍ଦା ବ୍ଲକ ଗୋବରଘାଟି ମିର୍ଗିଚର ପ୍ରକଳ୍ପ ୧୭୭ ଦିନ, ଚିଙ୍ଗୁଡିପାଳ ଛତନନଗର ମୁଣ୍ଡାସାହି ପ୍ରକଳ୍ପ ୧୬୯ ଦିନ ଓ ଖରଡି ପ୍ରକଳ୍ପ ୨୧୧ ଦିନ ପାଣି ଯୋଗାଣ କରି ପାରିଥିଲା। ଶିଳ୍ପ ବିସ୍ଥାପିତମାନେ ବାସ କରୁଥିବା ଦାନଗଦୀ ବ୍ଲକର କିଆଝରେ ପ୍ରକଳ୍ପ, ଚାନ୍ଦିଆ ଅଙ୍କୁଲପାଳ ପ୍ରକଳ୍ପ, ଚାନ୍ଦିଆ ବାଇସାହି ପ୍ରକଳ୍ପ ୧୭୮ ଦିନ ଲେଖାଏ ଚାଲିଥିବା କୁହାଯାଇଥିଲା। ସେହିପରି ବଡ଼ଚଣା ବ୍ଲକର ପାରିଆ ସାବରସାହି ପ୍ରକଳ୍ପ ୨୮୧ ଦିନ, ଭୁଷଣପୁର ଆଦିବାସୀ ସାହି ପ୍ରକଳ୍ପ ୧୩୧ ଦିନ ଓ ଚାରିନଙ୍ଗଲ ଝାରକୂଳ ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିଥିଲା। ତେଣୁ ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରସ୍ତାବିତ ସୌରଚାଳିତ ପମ୍ପ ଉଚ୍ଚମାନର ସ୍ଥାପନ କରା ନ ଗଲେ କିଛି ଦିନ କାର୍ଯ୍ୟକ୍ଷମ ହୋଇ ପୁଣି ଅଚଳ ହେବାର ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରେ ସେ କହିଛନ୍ତି ପ୍ରସ୍ତାବିତ ସୌର ପ୍ରକଳ୍ପ ସମ୍ବନ୍ଧରେ ଏଯାଏ କୌଣସି ସୂଚନା ଆସିନାହିଁ। ତେବେ ଏହି ପ୍ରକଳ୍ପ ବିଦ୍ୟୁତ୍ ଅଭାବ ସମୟରେ ଲୋକଙ୍କ ପାଇଁ ପାନୀୟଜଳ ଯୋଗାଣରେ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି।

# ସମୟ ନିର୍ଘଣ୍ଟକୁ କେନ୍ଦ୍ରକରି ଯାତ୍ରୀଙ୍କ ରେଳରୋକୋ

■ ଭଦ୍ରକ-ପୁରୀ ପାସେଞ୍ଜର ସମେତ ୭ଟ୍ରେନ୍ ଦେଢ଼ଘଣ୍ଟା ବିଳମ୍ବ

**ଟାଙ୍ଗୀ(କଟକ),୧୬।୫(ଡି.ଏନ୍.ଏ.)**



ଯାତ୍ରୀମାନେ ରେଳରୋକୋ କରିଛନ୍ତି।

ସମୟ ନିର୍ଘଣ୍ଟକୁ କେନ୍ଦ୍ରକରି ପୂର୍ବତଟ ରେଳ ଅଧୀନ ନିର୍ଗୁଣ୍ଡି ଷ୍ଟେଶନ ନିକଟରେ ଯାତ୍ରୀମାନେ ଗୁରୁବାର ସକାଳେ ରେଳରୋକୋ କରିଥିଲେ। ଫଳରେ ୬୮୪୦୭ନଂ.ଭଦ୍ରକ-ପୁରୀ-ବ୍ରହ୍ମପୁର ପାସେଞ୍ଜର ସମେତ ୭ଟି ଟ୍ରେନ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବରେ ଯାତ୍ରା କରିଥିଲା। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା ୪୮ରେ ଭଦ୍ରକ-ପୁରୀ-ବ୍ରହ୍ମପୁର ପାସେଞ୍ଜର ଟ୍ରେନ ଟାଙ୍ଗୀସ୍ଥିତ କପିଳାସ ରୋଡ଼ ଷ୍ଟେଶନ ଛାଡ଼ିଥିଲା। ଏହି ସମୟରେ ୬୮୪୧୩ନଂ ତାଳଚେର-ପୁରୀ ପାସେଞ୍ଜର ଟ୍ରେନ ଚୌଦ୍ୱାର ଥାନା ଶାଳଗାଁ ଷ୍ଟେଶନ ଛାଡ଼ିଥିଲା। ଉଭୟ ଟ୍ରେନ ନିର୍ଗୁଣ୍ଡି ଜଙ୍କସନରେ ଥିଲେ ମଧ ସମୟ ସାରଣୀ ଅନୁଯାୟୀ ପ୍ରଥମେ ତାଳଚେର ଟ୍ରେନ ଛାଡ଼ିବା ନିୟମ ରହିଛି। ସେହି ଅନୁସାରେ ଭଦ୍ରକ ପାସେଞ୍ଜର ଟ୍ରେନକୁ ଷ୍ଟେଶନ ଠାରୁ ପ୍ରାୟ ଅଧ କି.ମି. ଦୂରରେ ଅଟକାଯାଇ ତାଳଚେର ପାସେଞ୍ଜରକୁ ଛଡ଼ା ଯାଇଥିଲା। ମାତ୍ର ୧୦ମିନିଟର ତାରତମ୍ୟକୁ କେନ୍ଦ୍ରକରି ଭଦ୍ରକ ପାସେଞ୍ଜର ଟ୍ରେନର କେତେକ ଯାତ୍ରୀ ପ୍ରତିବାଦ କରିବା ସହ ରେଳରୋକୋ କରିଥିଲେ। ଫଳରେ ୭ଟି ଟ୍ରେନର ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ନିର୍ଗୁଣ୍ଡି ଷ୍ଟେଶନ ମାଷ୍ଟର ରମେଶ ରାଉତ ଓ ଜିଆରପି ଷ୍ଟାଫ ପହଞ୍ଚି ଯାତ୍ରୀଙ୍କ ସହ ଆଲୋଚନା କରିବା ପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ରେଳରୋକୋ ପୂର୍ବାହ୍ନ ୯ଟା ୫ରୁ ୧୦ଟା ୩୫ ପର୍ଯ୍ୟନ୍ତ ହୋଇଥିଲା। ଏହା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଲୱେ ପକ୍ଷରୁ ନିଆଯାଇଥିବା ଭିଡିଓ ଫୁଟେଜ ଆଧାରରେ ରେଳରୋକୋ କରିଥିବା ଯାତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଷ୍ଟେଶନ ମାଷ୍ଟର ରାଉତ କହିଛନ୍ତି।

## ବିଷପିଇ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

**ସୋନପୁର,୧୬।୫(ନି.ପ୍ର.)**

ସେମାନେ ପରସ୍ପରକୁ ଭଲ ପାଉଥିଲେ। ବିବାହ କରିବାର ସ୍ୱପ୍ନ ବି ଦେଖିଥିଲେ। ହେଲେ ସେଥିପାଇଁ ପରିବାର ଲୋକଙ୍କ ସମ୍ମତି ମିଳି ନ ଥିଲା। ଶେଷରେ ପୁଅ ଘର ଲୋକେ ଅନ୍ୟ ଏକ ଝିଅ ସହିତ ତାଙ୍କ ବାହାଘର ଠିକ୍ କଲେ। ସେଥିପାଇଁ ଲଗ୍ନ ବି ଧାର୍ଯ୍ୟ ହୋଇଥିଲା। ଆସନ୍ତା ୩୦ତାରିଖରେ ହୋଇଥାନ୍ତା ବାହାଘର। ତଥାପି ପରିବାର ସଦସ୍ୟଙ୍କ ଆଗରେ ନିଜର ହକ୍ ଜାହିର କରିବାକୁ ସାହସ ଜୁଟାଇ ପାରି ନ ଥିଲେ ଏହି ପ୍ରେମୀ ଯୁଗଳ। ଏପରି ପରିସ୍ଥିତିରେ ପ୍ରେମିକ ନିଜର ପ୍ରେମିକାଙ୍କୁ ପ୍ରତାରଣା କରି ଅନ୍ୟ ଝିଅକୁ ବିବାହ କରିବାକୁ ଚାହିଁ ନ ଥିଲେ। ଶେଷରେ ଉଭୟ ଆତ୍ମହତ୍ୟା ପଥ ବାଛି ନେବାକୁ ସ୍ଥିର କଲେ। ବୁଧବାର ବିଳମ୍ବିତ ରାତିରେ ଦୁହେଁ ବିବାହ ବନ୍ଧନ ଛାଡି ମୃତ୍ୟୁ ବନ୍ଧନରେ ବାନ୍ଧି ହୋଇଗଲେ।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ବଳାରଙ୍ଗା ଗ୍ରାମରେ ଘଟିଛି ଏପରି ଦୁଃଖଦ ଘଟଣା। ଗ୍ରାମର ଅଜିତ୍ ଭୁଏ (୨୨) ଓ ସସ୍ମିତା ବିଶି(୧୬) ପରସ୍ପରକୁ ଭଲ ପାଉଥିଲେ। ଏହି ଲୁଚାଚୋରା ପ୍ରେମ ସମ୍ପର୍କରେ ପରିବାର ଲୋକଙ୍କ ସହିତ ଗାଁ ଲୋକେ ବି ଅବଗତ ଥିଲେ। ହେଲେ ସେମାନଙ୍କ ପ୍ରେମକୁ ସମ୍ମତି ମିଳି ନ ଥିଲା। ଏପରି କି ଅଜିତ୍‌ଙ୍କ ପରିବାର ଲୋକେ ସ୍ଥାନୀୟ ଫବ୍‌ସି ଗ୍ରାମର ଅନ୍ୟ ଜଣେ ଝିଅ ସହିତ ତାଙ୍କ ବାହାଘର ସ୍ଥିର କରିଥିଲେ। ପରିବାରର ନିଷ୍ପତ୍ତିକୁ ବିରୋଧ କରି ପାରି ନ ଥିଲେ ଅଜିତ୍। ବିବାହ ତାରିଖ ବି ଠିକ୍ ହୋଇସାରିଥିଲା। ଏପରି ପରିସ୍ଥିତିରେ ଏହି ପ୍ରେମୀଯୁଗଳ ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ବୁଧବାର ରାତିରେ ସସ୍ମିତା ନିଜ ଘରୁ ଗୋଡ କାଢି ଅଜିତ୍‌ଙ୍କ ବାଡି ପଛପଟକୁ ଚାଲି ଆସିଥିଲେ। ଅଜିତ୍ ବି ସେଠାରେ ପହଞ୍ଚି ଥିଲେ। କିଛି ସମୟ ପରେ ଦୁହେଁ ବିଷପିଇ ଦେଇଥିଲେ।

■ ଉଜୁଡ଼ି ଯାଇଛି ଶାଳଘର

## ସହାୟତା ଦାବିକଲେ କ୍ଷତିଗ୍ରସ୍ତ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

■ ଗୋପାଳପୁର ଗାଁର ୧୬ ପରିବାରର କୌଳିକ ବୃତ୍ତି ବିପଦରେ

■ ଜିଲାପାଳଙ୍କୁ ଦାବିପତ୍ର

ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ପାଇଁ କୋଡୁଆର ଆବଶ୍ୟକତା ରହିଥାଏ। ପୁରୀ ସହର ବିଭିନ୍ନ ଅଞ୍ଚଳର କୁମ୍ଭାର ସମ୍ପ୍ରଦାୟର ଲୋକ ଏହି କୋଡୁଆ ପ୍ରସ୍ତୁତି କରିଥାଆନ୍ତି। ପୁରୀ ସଦର ବ୍ଲକ ଅନ୍ତଗତ ବାଲିଗୁଆଳି ଗ୍ରାମପଞ୍ଚାୟତର ଗୋପାଳପୁର ଗାଁର ୧୬ ପରିବାର କୋଡୁଆ ପ୍ରସ୍ତୁତ କରି ଜୀବିକାନିର୍ବାହ କରିଥାନ୍ତି। ହେଲେ ଗତ ୩ରେ ହୋଇଥିବା ସାମୁଦ୍ରିକ ଝଡ ଫନୀ ତାଙ୍କ କୌଳିକ ବୃତ୍ତି ଉପରେ ବିପଦ ଆଣିଛି। ସେମାନେ କୋଡୁଆ ସମେତ ମାଟିଜାତ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଶାଳଘର ବ୍ୟବହାର କରୁଥିଲେ। ବାତ୍ୟା ଏବଂ ବର୍ଷା ଦ୍ୱାରା ଏହି ଶାଳଘର ସମ୍ପୂର୍ଣ୍ଣରୂପେ ଧ୍ୱଂସ ପାଇଛି। ପୂର୍ବରୁ ଥିବା କୋଡୁଆ ଭାଙ୍ଗି ଯାଇଥିବା ସହ ମୃତ୍ତିକା ନଷ୍ଟ ହୋଇଛି। ସେହି ପରିବାରଗୁଡିକର କୋଡୁଆ ନିର୍ମାଣ ଏକମାତ୍ର ଆୟ ହୋଇଥିବା ବେଳେ, ବର୍ତ୍ତମାନ ସମୟରେ ଶାଳଘର ଧ୍ୱଂସ ପାଇବା ସେମାନଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଦେଇଛି। ଏନେଇ କୁମ୍ଭାର ସୁବାସ ମୁଦୁଲି କହିଛନ୍ତି ଯେ, ରିଲିଫ ଏବଂ ଆର୍ଥିକ ସହାୟତା କିଛିଦିନ ପାଇଁ ସହାୟକ ହୋଇଥାଏ। ହେଲେ ରୋଜଗାର ପନ୍ଥା ଠିକ୍ ରହିଲେ ଏହାର ଆବଶ୍ୟକତା ନ ଥାଏ। ତେଣୁ କ୍ଷତିଗ୍ରସ୍ତ ଶାଳଘରର ପୁନର୍ନିର୍ମାଣ ପାଇଁ ସରକାର ସହାୟତା କରିବାକୁ ପାଇଁ ଅନୁରୋଧ କରୁଛୁ। ସେହିପରି ସ୍ଥାନୀୟ ଯୁବକ ବିନୟ କୁମାର ମୁଦୁଲି କହିଛନ୍ତି ଯେ, ଏହି ସମସ୍ୟା ସମ୍ପର୍କରେ ପୁରୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପାଇଁ ଭେଟିଥିଲୁ। ହେଲେ ଜିଲାପାଳଙ୍କ ସହ ସାକ୍ଷାତ୍ ହୋଇ ନ ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ ଜଣେ ସରକାରୀ ଅଧିକାରୀ ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଜିଏସ୍‌ଟି ରିଟର୍ନ ଦାଖଲ ଜୁନ୍ ୧୦ଯାଏ ଘୁଞ୍ଚିଲା

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଓ ଇଣ୍ଟରନେଟ ସେବା ବ୍ୟାହତ ହୋଇଥିବାରୁ ଜିଏସ୍‌ଟି ରିଟର୍ନ ଦାଖଲ ତାରିଖକୁ ଘୁଞ୍ଚାଇବା ପାଇଁ ଜିଏସ୍‌ଟି କାଉନସିଲକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧକୁ ଗ୍ରହଣକରି ଜିଏସ୍‌ଟି କାଉନସିଲ ରିଟର୍ନ ଦାଖଲ ତାରିଖକୁ କୋହଳ କରିଛି। ୨୦୧୯ ଏପ୍ରିଲ ମାସର ନିଜ ରାଜ୍ୟରୁ ଅନ୍ୟତ୍ର ଦ୍ରବ୍ୟ ଓ ସେବାକର ବାବଦରେ ଜିଏସ୍‌ଟିଆର-୧ ଫର୍ମ ଚଳିତ ମାସ ମେ ୧୧ ତାରିଖ ସୁଦ୍ଧା ଦାଖଲ କରିବାର ଥିଲା, ଏହାକୁ ଜୁନ୍ ୧୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ଏପ୍ରିଲ ୨୦୧୯ର ଜିଏସ୍‌ଟିଆର-୩ ବି ଫର୍ମ ଦାଖଲ ଚଳିତ ମେ ୨୦ ତାରିଖ ସୁଦ୍ଧା ଦାଖଲ କରିବାକୁ ଥିବା ବେଳେ ତାହାକୁ ଜୁନ୍ ୨୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି। ରିଲିଫ ଓ ପୁନରୁଦ୍ଧାର ସମ୍ପର୍କରେ ସୂଚନା ଦେଇ ସିଂ ଗଣମାଧ୍ୟମକୁ କହିଛନ୍ତି ଯେ, ରାଜ୍ୟରେ ଆସନ୍ତା ୪/୫ ଦିନ ମଧ୍ୟରେ ସମସ୍ତ ଏଟିଏମ୍ କାର୍ଯ୍ୟକ୍ଷମ ହେବ। ବାତ୍ୟା ପ୍ରଭାବିତ ଲୋକଙ୍କୁ ଋଣ ସହାୟତା ପ୍ରଦାନ କରିବା କ୍ଷେତ୍ରରେ କେତେକ ସର୍ତ୍ତାବଳୀ କୋହଳ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ‘ମାନବ ସମ୍ବଳକୁ ଅଧିକ ପ୍ରଶିକ୍ଷଣ ଉପରେ ଦିଆଯିବ ଗୁରୁତ୍ୱ’


**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ଆଗାମୀ ଦିନ ପାଇଁ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ବୃଦ୍ଧି କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ବିପର୍ଯ୍ୟୟ ପରିଚାଳନା ପାଇଁ ଗଠିତ ରାଜ୍ୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଅଧକ୍ଷତା କରି ମୁଖ୍ୟ ଶାସନ ସଚିବ ଏହା କହିଛନ୍ତି। ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତିର ମୁକାବିଲା ଲାଗି ମାନବ ସମ୍ବଳକୁ ଅଧିକ ପ୍ରଶିକ୍ଷିତ କରିବା ଏବଂ ଯେଉଁ ପ୍ରକାରର ଯନ୍ତ୍ରପାତିଗୁଡିକ ବିଶେଷ ସହାୟକ ହେଉଛି ସେସବୁକୁ ଅଧିକ ପରିମାଣରେ ଓଡ୍ରାଫ୍, ପୋଲିସ ଏବଂ ଫାୟାର ସର୍ଭିସ୍ ଷ୍ଟେଶନଗୁଡିକରେ ରଖିବାକୁ ନିଷ୍ପତ୍ତି ହୋଇଛି। ଜରୁରିକାଳୀନ ଉଦ୍ଧାର ସୁରକ୍ଷା ଓ ପରିଚାଳନା ପାଇଁ ଥିବା ଯନ୍ତ୍ରପାତିଗୁଡ଼ିକର ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ନିର୍ଭରଯୋଗ୍ୟ ବ୍ୟବସ୍ଥା କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଚିବାଳୟଠାରେ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ବିପର୍ଯ୍ୟୟ ପରିଚାଳନା ଲାଗି ରାଜ୍ୟରେ ଥିବା ମାନବ ସମ୍ବଳ ଓ ସରଞ୍ଜାମ ବିଷୟରେ ସବିଶେଷ ତଥ୍ୟ ରଖିଛନ୍ତି।

### ପୁରୀ: ପ୍ରଭାବିତ ଜଳାଶୟ ପରିଷ୍କାର କରିବ ଜଳସମ୍ପଦ ବିଭାଗ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ଫନୀ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ ଜିଲାର ଜଳାଶୟଗୁଡିକ ପରିଷ୍କାର କରାଯିବ। ପୁରୀ ସହର ଏବଂ ଏହାର ଆଖପାଖରେ ଥିବା ବ୍ୟବହୃତ ପୁଷ୍କରିଣୀ ଏବଂ ପାନୀୟ ଜଳ ଉତ୍ସଗୁଡିକୁ ଜଳସମ୍ପଦ ବିଭାଗ ପକ୍ଷରୁ ପରିଷ୍କାର କରାଯିବ। ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରଦୀପ କହିଛନ୍ତି ଯେ, ପୁରୀ ସହର ଏବଂ ସଦର ବ୍ଲକ, ବ୍ରହ୍ମଗିରୀ, କୃଷ୍ଣପ୍ରସାଦ, ସତ୍ୟବାଦୀ. କଣାସ ଅଞ୍ଚଳର କ୍ଷତିଗ୍ରସ୍ତ ଜଳାଶୟକୁ ବୈଜ୍ଞାନିକ ପଦ୍ଧତିରେ ପରିଷ୍କାର କରାଯିବ। ପ୍ରଭାବିତ ଅଞ୍ଚଳଗୁଡିକରେ ପ୍ରାୟ ୯୦ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯନ୍ତ୍ରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୧୭ ବୃହତ ଏବଂ କ୍ଷୁଦ୍ର ଜଳାଶୟରେ ଏହି କାର୍ଯ୍ୟ ଜାରି ରଖାଯାଇଛି। ମତ୍ସ୍ୟସମ୍ପଦ ବିଭାଗ ସଚିବ ବିଶାଲ ଗଗନ ବୈଷୟିକ ଟିମ୍ ସହାୟତା କାର୍ଯ୍ୟର ତତ୍ତ୍ୱାବଧାନ କରୁଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ


**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୯.୯ |
| ଚାନ୍ଦବାଲି | ୩୯.୦ | ୨୩.୨ |
| କଟକ | ୩୭.୫ | ୧୯.୨ |
| ପାରାଦ୍ୱୀପ | ୩୨.୦ | ୨୧.୮ |
| ଭୁବନେଶ୍ୱର | ୩୭.୮ | ୨୩.୮ |
| ଗୋପାଳପୁର | ୩୨.୪ | ୨୪.୩ |
| ପୁରୀ | --- | ୨୬.୪ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୮.୦ | ୨୨.୬ |
| ଝାରସୁଗୁଡ଼ା | ୪୨.୬ | ୨୫.୮ |
| କେନ୍ଦୁଝର | ୩୯.୦ | ୨୧.୨ |
| ସମ୍ବଲପୁର | ୪୨.୩ | ୨୬.୪ |
| ସୁନ୍ଦରଗଡ଼ | ୪୦.୫ | ୨୩.୦ |
| ହୀରାକୁଦ | ୪୧.୫ | ୨୬.୫ |
| ତାଳଚେର | ୪୦.୧ | ୨୫.୫ |
| ଭବାନୀପାଟଣା | ୪୧.୫ | ୨୩.୫ |
| ବଲାଙ୍ଗୀର | ୪୩.୧ | ୨୪.୩ |
| କୋରାପୁଟ | ୩୪.୦ | ୨୦.୨ |
| ଫୁଲବାଣୀ | --- | ୨୩.୨ |
| ଟିଟିଲାଗଡ଼ | ୪୩.୦ | ୨୩.୦ |
| ମାଲକାନଗିରି | ୩୮.୫ | ୨୦.୫ |
| ସୋନପୁର | ୪୩.୨ | ୨୩.୦ |
| ଦାରିଙ୍ଗିବାଡ଼ି | ୩୭.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ମିଥୁନଙ୍କ ପରବର୍ତ୍ତୀ ହରର୍-କମେଡି ‘ଭୁତିୟାପା’



**ମୁମ୍ବାଇ:** ଅଭିନେତା ମିଥୁନ ଚକ୍ରବର୍ତ୍ତୀ ହରର୍-କମେଡି ‘ଭୁତିୟାପା’ରେ ଅଭିନୟ ପାଇଁ ସାଇନ୍ କରିଛନ୍ତି। ଏହାର ଶୁଟିଂ ଜୁଲାଇ/ଅଗଷ୍ଟରେ ଆରମ୍ଭ ହେବାକୁ ଯାଉଛି। ଶେଷଥର ଲାଗି ‘ତାସ୍‌କେଣ୍ଟ ଫାଇଲ୍’ର ଅନ୍‌ସ୍କ୍ରିନ୍‌ରେ ଦୃଶ୍ୟମାନ ହୋଇଥିବା ଏହି ଅଭିନେତା କିଛିଦିନ ଲାଗି ଦର୍ଶକଙ୍କଠାରୁ ଦୂରେଇ ରହିଥିଲେ। ଏହାର ଅସଲ କାରଣ ହେଉଛି ତାଙ୍କ ପିଠି ଯନ୍ତ୍ରଣା ଯୋଗୁ ସେ କିଛିଦିନ ଚିକିତ୍ସାଧୀନ ଥିଲେ। ତେବେ ବର୍ତ୍ତମାନ ମିଥୁନ ଭୁତିୟାପା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ତାଙ୍କ ସହ ହାସ୍ୟ ଅଭିନୟ କରିବେ କମେଡିଆନ କୃଷ୍ଣ ଅଭିଷେକ, ସୁଗନ୍ଧା ମିଶ୍ର ଏବଂ ରାଜୀବ ଠାକୁର। ମନୋଜ ଶର୍ମା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏ ସମ୍ପର୍କରେ ନିର୍ଦ୍ଦେଶକ କହନ୍ତି, ଫିଲ୍ମର କାହାଣୀ ସମ୍ପର୍କରେ ମିଥୁନଦାଙ୍କ ସହ କଥା ହେବାବେଳେ ସେ ଅତ୍ୟନ୍ତ ଉତ୍ସାହିତ ହୋଇପଡିଥିଲେ। ସେ ଅଭିନୟ ପାଇଁ ଫିଟ୍ ଏବଂ ଫାଇନ୍ ଥିବା ଏବଂ ସ୍କ୍ରିପ୍ଟକୁ ଖୁବ୍ ପସନ୍ଦ କରିଥିବା ଜଣାଇଛନ୍ତି। ଏହି ଫିଲ୍ମରେ ଦର୍ଶକଙ୍କୁ କିଛି ନୂଆ ଅନୁଭୂତି ଦେବା ପାଇଁ ଉଦ୍ୟମ ହେଉଛି। କାହାଣୀ ଅତି ଚମତ୍କାର। ଉକ୍ତ ଫିଲ୍ମ ୨୦୨୦ ଏପ୍ରିଲରେ ରିଲିଜ ହେବା ଆଶା ଅଛି ବୋଲି ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

# ପ୍ରଥମ ମହିଳା ଆଇସିସି ମ୍ୟାଚ ରେଫରି



ଜି.ଏସ୍. ଲକ୍ଷ୍ମୀ ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ଏହି ପୂର୍ବତନ ମହିଳା କ୍ରିକେଟର ବିଶ୍ୱର ପ୍ରଥମ ମହିଳା ଭାବେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ତାଲିକାରେ ସେ ସ୍ଥାନ ପାଇଛନ୍ତି। ପ୍ରଥମେ ଜଣେ କ୍ରିକେଟର ପରେ କୋଚ୍ ଓ ଶେଷରେ ରେଫରି ଭାବେ ସେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ଏବେ ଆଗକୁ ସେ ବିଭିନ୍ନ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ତୁଲାଇବେ। ବିଶ୍ୱର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ପାଇଥିବାରୁ ଭାରତ ପାଇଁ ଏହା ଗର୍ବର ବିଷୟ। ରେଫରି ହେବା ପୂର୍ବରୁ ସେ ଜଣେ ସଫଳ ମହିଳା କ୍ରିକେଟର ଓ କୋଚ୍ ଭାବେ ସଫଳତା ହାସଲ କରିଥିଲେ। ରେଲୱେ ପାଇଁ ପ୍ରତିନିଧିତ୍ୱ କରି ସେ ଜଣେ ଅସାଧାରଣ ବୋଲର ବିବେଚିତ ହୋଇ ଆସୁଥିଲେ। ଘରୋଇ ମହିଳା କ୍ରିକେଟରେ ସେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଆସିଛନ୍ତି। ଏକଦା ସେ ପୂର୍ବତନ ଭାରତୀୟ ଅଧିନାୟିକା ଡାଇନା ଇଦୁଲଜୀ, ପୂର୍ବତନ ଅଲରାଉଣ୍ଡର ହେମଲତା କାଲାଙ୍କ ସହ ଡ୍ରେସିଂରୁମ୍ ଶେୟାର କରିଥିଲେ। ଭାରତ ପାଇଁ ଲକ୍ଷ୍ମୀ କେବେବି ଖେଳି ନ ଥିଲେ ମଧ୍ୟ ୧୯୯୯ ଇଂଲଣ୍ଡ ଗସ୍ତରେ ସେ ଭାରତୀୟ ଦଳରେ ସାମିଲ ହୋଇଥିଲେ।

ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀଠାରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମୀ ଝାଡଖଣ୍ଡର ଷ୍ଟିଲ୍‌ସିଟି ଜାମସେଦପୁରରେ ବଡ଼ ହୋଇଥିଲେ। ତାଙ୍କ ବାପା ସେଠାରେ ଚାକିରି କରୁଥିଲେ। ଦଶମ ବୋର୍ଡ ପରୀକ୍ଷାରେ ସେ ଭଲ ନମ୍ବର ରଖିପାରି ନ ଥିଲେ। ଫଳରେ ଜାମସେଦପୁର ମହିଳା କଲେଜରେ ସିଧାସଳଖ ଆଡମିଶନ ମିଳି ନ ଥିଲା। ତେବେ ସେ ଫ୍ରଣ୍ଟଲାଇନ ଦ୍ରୁତ ବୋଲର ହୋଇପାରିବେ ବୋଲି କଲେଜ କର୍ତ୍ତୃପକ୍ଷ ହୃଦୟଙ୍ଗମ କଲାପରେ ଲକ୍ଷ୍ମୀଙ୍କୁ ସ୍ପୋର୍ଟ୍ସ କୋଟାରେ ଆଡମିଶନ ମିଳିଥିଲା।

୧୯୯୧ରେ ନିଜର ବିବାହ ଦିନ ସେ ଅବଶିଷ୍ଟ ଭାରତ ପାଇଁ ଖେଳିବାକୁ ଡାକରା ପାଇଥିଲେ। ବିବାହର କିଛି ଦିନ ପରେ ସେ କ୍ରିକେଟ ଖେଳ ଜାରି ରଖିଥିଲେ। ଆନ୍ତଃ ରେଲୱେ ଟୁର୍ନାମେଣ୍ଟରେ ସେ ସାଉଥ୍ ସେଣ୍ଟ୍ରାଲ ରେଲୱେକୁ ପ୍ରଥମଥର ପାଇଁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ତାଙ୍କ କ୍ରିକେଟ କ୍ୟାରିୟରର ଏକ ମୁଖ୍ୟ ଘଟଣା ଥିଲା। ୨୦୦୪ ପରେ ସେ ଅବସର ନେବାପରେ ଲକ୍ଷ୍ମୀ କୋଚିଂରେ ମନୋନିବେଶ କରାଇଥିଲେ। ୨୦୧୪ ପର୍ଯ୍ୟନ୍ତ ସେ ସାଉଥ୍ ସେଣ୍ଟ୍ରାଲ ରେଲୱେ ପାଇଁ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୮ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମଥର ପାଇଁ ମହିଳା ରେଫରିଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ମୀଙ୍କ ସମେତ ଅନ୍ୟ ୪ଜଣ ମହିଳା ରେଫରିଙ୍କୁ ନେଇ ଏକ ଗ୍ରୁପ୍ ଚୟନ କରାଯାଇଥିଲା। ଅନ୍ୟ ୪ଜଣ ମହିଳା ରେଫରି ହେଲେ ପୂର୍ବତନ ଭାରତୀୟ କ୍ରିକେଟର ରଜନୀ ବେଣୁଗୋପାଳ, ରାଜେଶ ନାୟାର, ନିଲିମା ଜୋଗେଲକର ଓ ଗାର୍ଗି ବାନାର୍ଜୀ। ୨୦୧୪ରେ ମହିଳା ରେଫରିଙ୍କ ପାଇଁ ବିସିସିଆଇ ଏକ କ୍ୱାଲିଫିକେଶନ ପରୀକ୍ଷା ଧାର୍ଯ୍ୟ କରିଥିଲା। ଲକ୍ଷ୍ମୀ ଅବଶ୍ୟ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ୧୨୦ ଜଣ ମ୍ୟାଚ୍ ରେଫରି ସାମିଲ ହୋଇଥିଲେ। ଅନ୍ୟ ୪ ମହିଳା ରେଫରିଙ୍କ ସହ ୫୦ ଜଣିଆ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲେ। ଏହାପରେ ସେ ବାଳକ ଓ ଅନ୍ୟ ପୁରୁଷ ଘରୋଇ ମ୍ୟାଚ୍ ପରିଚାଳନା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହାପରେ ଲକ୍ଷ୍ମୀ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ରେଫରି ଦାୟିତ୍ୱ ତୁଲାଇଥିଲେ ଓ ଉତ୍ତରପ୍ରଦେଶ- ବେଙ୍ଗଲ ମ୍ୟାଚ୍ ଓ ସବୁ ମହିଳା ବର୍ଗର ଘରୋଇ ମ୍ୟାଚ୍‌ରେ ପ୍ରଥମଥର ପାଇଁ କୋଡ ଅଫ୍ କଣ୍ଡକ୍ଟ ପେନାଲ୍ଟି ଲାଗୁ କରିଥିଲେ। ସେ ଏପର୍ଯ୍ୟନ୍ତ ୩ଟି ମହିଳା ଦିନିକିଆ ମ୍ୟାଚ୍, ୩ ମହିଳା ଟି୨୦ ମ୍ୟାଚ୍ ସହିତ କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ମହିଳା ଟି୨୦ ଚ୍ୟାଲେଞ୍ଜର ସବୁ ୪ଟି ଯାକ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ତୁଲାଇଥିଲେ।

> ଜଣେ କ୍ରିକେଟର ଓ କୋଚ୍ ଭାବେ ସଫଳତା ହାସଲ କରିଥିବା ୫୧ ବର୍ଷୀୟ ଜି.ଏସ୍. ଲକ୍ଷ୍ମୀ ଏବେ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ଅନ୍ତର୍ଜାତୀୟ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ନିଯୁକ୍ତ ହୋଇଛନ୍ତି। ବିବାହ କରିବା, ମା' ହେବା ଓ ଅବସର ନେବା ପରେ ମଧ୍ୟ କ୍ୟାରିୟର ରହିଛି ଓ ଜଣେ ମହିଳା ଚାହିଁଲେ ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ତେବେ ଏଥିପାଇଁ ଇଚ୍ଛାଶକ୍ତି ଜାରି ରହିବା ନିହାତି ଜରୁରୀ ବୋଲି ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀରେ ଜନ୍ମିତ ଲକ୍ଷ୍ମୀ କୁହନ୍ତି। ଦିନିକିଆ ଓ ଟି୨୦ ବିଶ୍ୱକପ୍‌ରେ ମ୍ୟାଚ୍ ପରିଚାଳନା କରିବା ତାଙ୍କର ଲକ୍ଷ୍ୟ ରହିଛି...

ଆଇସିସିର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିକୁ ମନୋନୀତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ। ମହିଳା କ୍ରିକେଟର ଭାବେ ବିଭିନ୍ନ ଦଳ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛି ଏବଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛି। ଏଭଳି ଏକ ବଡ଼ ଗୁରୁ ଦାୟିତ୍ୱ ଦେଇଥିବାରୁ ଆଇସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଫିସିଆଲଙ୍କ ସମେତ ସିନିୟର ଖେଳାଳି, ପରିବାର ଓ ବନ୍ଧୁଙ୍କୁ ଲକ୍ଷ୍ମୀ କୃତଜ୍ଞତା ଜଣାଇଛନ୍ତି।

ଉଭୟ ମହିଳା ଟି୨୦ ଓ ଦିନିକିଆ ବିଶ୍ୱକପ୍‌ରେ ରେଫରି ହିସାବରେ ମ୍ୟାଚ୍ ପରିଚାଳନା କରିବା ହେଉଛି ଲକ୍ଷ୍ମୀଙ୍କ ପରବର୍ତ୍ତୀ ଲକ୍ଷ୍ୟ। ଖାସ କରି ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ପରିଚାଳନା କରିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମହିଳା କ୍ରିକେଟ ଯଦିଓ ମୋ ରକ୍ତରେ ରହିଛି ମୁଁ ଆଇସିସିର ଏକ ପୁରୁଷ ମଲ୍ଟି ଟିମ ଟୁର୍ନାମେଣ୍ଟରେ ପରିଚାଳନା କରିବା ଲକ୍ଷ୍ୟରେ ରହିଛି। ଜଣେ ମହିଳା ପାଇଁ କ୍ୟାରିୟର ଓ ଜୀବନରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ବିବାହ କରିବା ସହିତ ସନ୍ତାନସନ୍ତତିମାନଙ୍କ ମା' ହେବା ଓ ପରିବାର ଚଳାଇବା ହେଉଛି ଜଣେ ମହିଳା ପାଇଁ ବଡ଼ ଦାୟିତ୍ୱ। ତେବେ ଏହା ସତ୍ତ୍ୱେ ଯଦି ଇଚ୍ଛା ଶକ୍ତି ଜାରି ରଖାଯାଏ ତାହେଲେ ଜଣେ ମହିଳା ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ...

- ନାମ: ଜି.ଏସ୍. ଲକ୍ଷ୍ମୀ
- ଡାକ ନାମ: ଲକ୍ଷ୍ୟ
- ଜନ୍ମ: ମେ ୨୩, ୧୯୬୮
- ରାଜମହେନ୍ଦ୍ରୀ (ଆନ୍ଧ୍ର ପ୍ରଦେଶ)
- ମେଜର ଟିମ: ଆନ୍ଧ୍ର ମହିଳା, ବିହାର ମହିଳା, ଇଷ୍ଟ ଜୋନ ମହିଳା, ଭାରତ ମହିଳା, ରେଲୱେ ମହିଳା, ସାଉଥ୍ ଜୋନ ମହିଳା।
- ବ୍ୟାଟିଂ: ଡାହାଣ ହାତୀ
- ବୋଲିଂ: ରାଇଟ ଆର୍ମ ଫାଷ୍ଟ ମିଡ଼ିୟମ
- ରେଫରି ଦାୟିତ୍ୱ: କୁଚ୍ ବିହାର ଟ୍ରଫି, ସବୁ ବର୍ଗର ମହିଳା ଘରୋଇ ମ୍ୟାଚ୍, ୩ ମହିଳା ଦିନିକିଆ ଓ ଟି୨୦ ମ୍ୟାଚ୍, ମହିଳା ଟି୨୦ ଚ୍ୟାଲେଞ୍ଜ୍

---

# ୱାର୍ନର, ତାହିରଙ୍କ ଚମକ

ନିର୍ମଳ କୁମାର ମିଶ୍ର



ଅରେଞ୍ଜ ଓ ପର୍ପଲ କ୍ୟାପ୍ ବିଜେତା ଡେଭିଡ୍ ୱାର୍ନର ଓ ଇମ୍ରାନ ତାହିର

ଦୀର୍ଘ ୪୫ ଦିନରୁ ଅଧିକ ସମୟ ଏବଂ ୬୦ଟି ମ୍ୟାଚ୍‌ର ପରିସମାପ୍ତି ପରେ ଏକ ରୋମାଞ୍ଚକର ଫାଇନାଲରେ ୧ ରନ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ୍‌କୁ ଚକ୍‌ମା ଦେଇ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଏବଂ ଏକମାତ୍ର ଦଳରୂପେ ସର୍ବାଧିକ ୪ର୍ଥ ଥର ପାଇଁ ଆଇପିଏଲ୍ ଟାଇଟଲ ହାସଲ କରିଛି। ଚେନ୍ନାଇ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଚତୁର୍ଥ ଥର ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ପରାଜିତ ହୋଇ ଉପବିଜେତା ସାବ୍ୟସ୍ତ ହୋଇଛି। ମୁମ୍ବାଇ ସର୍ବାଧିକ ୪ର୍ଥଥର ପାଇଁ ଚାମ୍ପିୟନ ହୋଇଥିବା ବେଳେ ଚେନ୍ନାଇ ସୁପର କିଙ୍ଗ୍ସ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୦, ୨୦୧୧, ୨୦୧୮ ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି ଓ ୫ମ ଥର ପାଇଁ ରନର୍ସଅପ୍ ହୋଇଛି। ଫାଇନାଲକୁ ମିଶାଇ ଖେଳାଯାଇଥିବା ମୋଟ ୬୦ ମ୍ୟାଚ ମଧ୍ୟରୁ ୩୨ଟି ମ୍ୟାଚରେ ଶେଷ ଓଭରରେ ଫଳାଫଳ ମିଳିଥିବାରୁ ଏହି ମ୍ୟାଚଗୁଡ଼ିକୁ ଦର୍ଶକମାନେ ବେଶ୍ ଉପଭୋଗ କରିବା ସହିତ ମ୍ୟାଚଗୁଡ଼ିକର ରୋମାଞ୍ଚ ନେବାକୁ ସମର୍ଥ ହୋଇଛନ୍ତି।

ସଫଳ ବ୍ୟାଟ୍ସମ୍ୟାନ ରୂପେ ଡେଭିଡ୍ ୱାର୍ନର ୧୨ଟି ମ୍ୟାଚରୁ ସର୍ବାଧିକ ୬୯୨ ରନ (୧ଟି ଶତକ ୮ଟି ଅର୍ଦ୍ଧଶତକ) କରିବାକୁ ସକ୍ଷମ ହୋଇଥିବା ବେଳେ ଅନ୍ୟ ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ କ୍ୱିଣ୍ଟନ ଡ଼ିକକ୍ ୫୯୩, ଆଣ୍ଡ୍ରୁ ରସେଲ ୫୧୦, କ୍ରିସ୍ ଗେଲ୍ ୪୯୦, ଜନି ବେୟାର୍‌ଷ୍ଟୋ ୪୪୫ ରନ କରିଛନ୍ତି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଲୋକେଶ ରାହୁଲ ୧୪ଟି ମ୍ୟାଚ୍‌ରୁ ୫୯୩, ଶିଖର ଧାୱନ ୧୬ଟି ମ୍ୟାଚ୍‌ରୁ ୫୨୧, ଋଷଭ ପନ୍ତ ୧୬ଟି ମ୍ୟାଚରୁ ୪୮୮, ବିରାଟ କୋହଲି ୧୪ଟି ମ୍ୟାଚରୁ ୪୬୪, ଶ୍ରେୟାସ୍ ଆୟର ୧୬ଟି ମ୍ୟାଚ୍‌ରୁ ୪୬୩ ରନ୍ ସଂଗ୍ରହ କରିଛନ୍ତି। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ମୋଟ ୬ଟି ଶତକ ହାସଲ କରାଯାଇଥିବାବେଳେ ୧୦୨ଟି ଅର୍ଦ୍ଧଶତକୀୟ ଇଂନିସ୍ ଖେଳାଯାଇଛି। ସନ୍‌ରାଇଜର୍ସ ହାଇଦ୍ରାବାଦର ଜନୀ ବେୟାରଷ୍ଟୋ ବ୍ୟକ୍ତିଗତ ଭାବେ ସର୍ବାଧିକ ୧୧୪ ରନ୍ ସଂଗ୍ରହ କରିଛନ୍ତି। ଡେଭିଡ୍ ୱାର୍ନର ଟୁର୍ନାମେଣ୍ଟରେ ସର୍ବାଧିକ ୮ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଲୋକେଶ ରାହୁଲ ୬ଟି ଅର୍ଦ୍ଧଶତକ ହାସଲ କରିଥିଲେ। କୋଲକାତା ନାଇଟ୍ ରାଇଡର୍ସର ରସେଲ ସର୍ବାଧିକ ୫୨ଟି ଛକା ମାରିଥିବାବେଳେ କ୍ରିସ୍ ଗେଲ୍ ଦ୍ୱିତୀୟ ସର୍ବାଧିକ ୩୪ଟି ମାରିଛନ୍ତି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଲୋକେଶ ରାହୁଲ ଯଥାକ୍ରମେ ୨୯ଟି, ୨୭ଟି ଛକା ମାରିଛନ୍ତି। ସେହିପରି ସର୍ବାଧିକ ଚୌକା ମାରିବାରେ ଶିଖର ଧାୱନ (୬୪ଟି) ଆଗରେ ରହିଥିବା ବେଳେ ଡେଭିଡ୍ ୱାର୍ନର (୫୭ ଚୌକା) ମାରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ସେହିପରି ବୋଲିଂରେ ଇମ୍ରାନ ତାହିର ୧୭ଟି ମ୍ୟାଚରୁ ୨୬ଟି ଉଇକେଟ୍ ନେଇ ଆଗରେ ରହିଥିବାବେଳେ କାସିଗୋ ରାବାଡା ୧୨ଟି ମ୍ୟାଚରୁ ୨୫ଟି ଉଇକେଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୀପକ ଚହର ୧୭ଟି ମ୍ୟାଚ୍ ଖେଳି ୨୨ , ଶ୍ରେୟାସ୍ ଗୋପାଲ ୨୦, ଯଶପ୍ରୀତ ବୁମରା ୧୯, ଖଲିଲ୍ ଅହମ୍ମଦ ୧୯, ଯୁଜବେନ୍ଦ୍ର ଚହଲ ୧୮, ହରଭଜନ ସିଂ ୧୬, ରବୀନ୍ଦ୍ର ଜାଡେଜା ୧୫ଟି ଉଇକେଟ ନେଇ ଆଗରେ ଅଛନ୍ତି।



ରନର୍ସ ଅପ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଦଳ

ଆଇପିଏଲ୍-୧୨

ଅନ୍ୟତମ ବିରଳ କୀର୍ତ୍ତିମାନ ମଧ୍ୟରେ ଉଇକେଟ ପଛରେ ମହେନ୍ଦ୍ର ସିଂ ଧୋନୀ ୧୯୦ଟି ମ୍ୟାଚ୍ ଖେଳି ସର୍ବାଧିକ ୧୩୨ଟି କ୍ୟାଚ୍ ଏବଂ ଷ୍ଟମ୍ପିଂ ମାଧ୍ୟମରେ ଦୀନେଶ କାର୍ତ୍ତିକଙ୍କ ରେକର୍ଡ଼କୁ ପଛରେ ପକାଇ ସଫଳ ଉଇକେଟକିପର ମାନ୍ୟତା ପାଇଛନ୍ତି। ସେ ମଧ୍ୟ ଚଳିତ ସଂସ୍କରଣରେ ୧୧୧ ମିଟରର ଛକା ମାରି ଆଗରେ ରହିଛନ୍ତି। ଚଳିତ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସ ମୁମ୍ବାଇ ବିପକ୍ଷରେ ୨ଟି ଉଇକେଟ ହରାଇ ୨୩୨ ରନ୍ କରିବା ସର୍ବାଧିକ ହୋଇଥିବା ବେଳେ ୧୧ଥର ୨୦୦ରୁ ଊର୍ଦ୍ଧ୍ୱ ରନ୍ ବିଭିନ୍ନ ଦଳ ଦ୍ୱାରା ସ୍କୋର କରାଯାଇଛି।

ଚାମ୍ପିୟନ ମୁମ୍ବାଇ ୨୦ କୋଟି ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଥିବା ବେଳେ ରନର୍ସଅପ ଦଳ ଚେନ୍ନାଇ ୧୨.୫ କୋଟି ଟଙ୍କା ସହ ଟ୍ରଫି ହାସଲ କରିଛି। ଫାଇନାଲର ଶ୍ରେଷ୍ଠ ଖେଳାଳିରୂପେ ଯଶପ୍ରୀତ୍ ବୁମରା ଏବଂ ଶ୍ରେଷ୍ଠ ଉଦୀୟମାନ ଖେଳାଳିରୂପେ ଶୁଭମ୍ ଗିଲ୍, ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ରୂପେ ଅରେଞ୍ଜ୍ କ୍ୟାପର ଅଧିକାରୀ ହୋଇଛନ୍ତି ଡେଭିଡ୍ ୱାର୍ନର। ଶ୍ରେଷ୍ଠ ବୋଲର ରୂପେ ଇମ୍ରାନ ତାହିର ପର୍ପଲ କ୍ୟାପ୍ ହାସଲ କରିଛନ୍ତି ଏବଂ ସବୁଠାରୁ ମୂଲ୍ୟବାନ ଖେଳାଳି ରୂପେ ଆନ୍ଦ୍ରେ ରସେଲ୍ ଚଳିତ ସଂସ୍କରଣରେ ପୁରସ୍କୃତ ହୋଇଛନ୍ତି। ସେହିପରି ଶୃଙ୍ଖଳିତ ଦଳ ରୂପେ ଫେୟାର ପ୍ଲେ ପୁରସ୍କାର ସନ୍‌ରାଇଜର୍ସ ହାଇଦ୍ରାବାଦକୁ ମିଳିଛି।

ସମସ୍ତ ପ୍ରକାର ଟେକ୍‌ନୋଲୋଜିର ସୁବିଧା ଥାଇ ମଧ୍ୟ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଅମ୍ପାୟରିଂ ବିବାଦ ଯୋଗୁଁ ଆଇପିଏଲ୍ ଚର୍ଚ୍ଚାରେ ରହିଥିବା ବେଳେ କେତେ ମ୍ୟାଚ୍‌ରେ ପିଚ୍‌ର ପ୍ରସ୍ତୁତିକୁ ନେଇ ବିଭିନ୍ନ ଟିମ୍ ଅଫିସିଆଲ, କୋଚ ଏବଂ ଅଧିନାୟକମାନେ ଆପତ୍ତି କରିଥିଲେ ମଧ୍ୟ ଏହା କ୍ରିକେଟ୍‌ର ଏକ ଅଂଶ ବିଶେଷ ବୋଲି ବିସିସିଆଇ ନିଜ ଆଡୁ ସଫେଇ ଦେବା ବେଶ୍ ଚର୍ଚ୍ଚା ଏବଂ ଆଲୋଚନାର ବିଷୟବସ୍ତୁ ହୋଇଥିଲା। ସେହିପରି ମହେନ୍ଦ୍ର ସିଂ ଧୋନୀ, ରୋହିତ ଶର୍ମା, ବିରାଟ କୋହଲି, ଦୀନେଶ କାର୍ତ୍ତିକ ଏବଂ ରବିଚନ୍ଦ୍ରନ ଅଶ୍ୱିନ ବିଭିନ୍ନ ସମୟରେ ଅମ୍ପାୟରିଂର ନିମ୍ନତାକୁ ପ୍ରଶ୍ନ ଉଠାଇ ବେଶ୍ ବିବାଦୀୟ ହୋଇପଡିଥିବାର ଦେଖାଯାଇଥିଲା। ଏଥର ୩୨ଟି ମ୍ୟାଚ୍‌ର ଫଳାଫଳ ଶେଷ ଓଭରରେ ମିଳିଛି। ଆଇପିଏଲ ଯୋଗୁ ଅନେକ ଯୁବ ଖେଳାଳି ସୃଷ୍ଟି ହେବା ଭାରତୀୟ କ୍ରିକେଟ୍ ପାଇଁ ଶୁଭଦାୟକ। ଚଳିତ ଋତୁରେ ସବୁ ମ୍ୟାଚ୍‌ରେ ଷ୍ଟାଡିୟମ ଭରପୂର ରହିବା ମଧ୍ୟ କ୍ରିକେଟ୍ ପାଇଁ ଶୁଭ ଲକ୍ଷଣ। ଏହାଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ।

## ଫାଷ୍ଟ-ଲାଷ୍ଟ

ଓକେ ଥାଇ କ୍ରିକେଟର କ୍ରିସ୍ ଗେଲ୍
ଏବେ କରୁଛନ୍ତି ଯୋଗ
ଲାଷ୍ଟ ଆଇସିସି ୱାର୍ଲ୍ଡ କପ୍ ପାଇଁ
ଫିଟ୍ ପାଇଁ ଏହି ବାଗ
ଫୋନ୍ ଛାଡ଼ ଯୁବ ବର୍ଗ
ସେଇ ସମୟରେ ଯୋଗ କଲେ କେବେ
ନ ଧରିବ ଭାଇ ରୋଗ ।।୧

ଭାରତୀୟ ଫୁଟବଲ ଟିମ୍ ମୁଖ୍ୟ
କୋଚ୍ ପଦପାଇଁ ହସି
କ୍ରୋଏସିଆ ଇଗୋର ଷ୍ଟିମାକ ନୂତନ
ଦାୟିତ୍ୱ ନେଇଛି ବିସି
ଫୁଟବଲ ଯାଏ ଖସି
କ୍ରିକେଟ ପରିକା ସବୁଥିରେ ଫାଷ୍ଟ
ହେଲେ ଫ୍ୟାନ ମନ ଖୁସି ।।୨

ଭାରତର ଜି.ଏସ୍. ଲକ୍ଷ୍ମୀ ୱାର୍ଲ୍ଡର
ପ୍ରଥମ ମହିଳା ଭାବେ
ଆଇସିସି ମ୍ୟାଚ୍ ରେଫରି ଦାୟିତ୍ୱ
ତୁଲାଇବେ ପୁଣି ଏବେ
ଦୃଢ଼ ଇଚ୍ଛାଶକ୍ତି ଆଗେ
ଏକାବନ ବର୍ଷୀୟ ଖେଳାଳିଠୁଁ ଶିଖ
ବୟସ ଜିତେନି କେବେ ।।୩

–ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 70.03 (31) | 278.60 37,393.48 | 100.10 11,257.10 | ₹70 33,330.00 | ₹50 38,250.00 |

“ କଞ୍ଚାମାଲ୍‌ର ଦରବୃଦ୍ଧି ସତ୍ତ୍ୱେ ଜେକେ ଟାୟାର ପୂରା ବର୍ଷରେ କାର୍ଯ୍ୟକାରୀ ଲାଭ ୩୫% ବଢ଼ିଛି। ଚଳିତ ବର୍ଷଟି କମ୍ପାନୀ ପାଇଁ ଏକ ଲ୍ୟାଣ୍ଡମାର୍କ ହୋଇଛି।

– ରଘୁପତି ସିଂଘାନିଆ,ସିଏମ୍‌ଡି, ଜେକେ ଟାୟାର



“ ଦେଶରେ ଶସ୍ତା ଘରକୁ ଆହୁରି ଶସ୍ତା କରିବା ଲାଗି ଏଚ୍‌ଡିଏଫ୍‌ସି କ୍ୟାପିଟାଲ ଆଡ୍‌ଭାଇଜର୍ସ ଲିମିଟେଡ ପକ୍ଷରୁ 'ହିହାର୍ଟ' ଯୋଜନା ହାତକୁ ନିଆଯାଇଛି।

–ଦୀପକ ପାରେଖ, ଅଧ୍ୟକ୍ଷ, ଏଚ୍‌ଡିଏଫ୍‌ସି



## ସଂକ୍ଷେପରେ

### ଆମେରିକାରେ ଚାଇନା କମ୍ପାନୀ ହୁଏଇ ବ୍ୟାନ୍

ୱାଶିଂଟନ,୧୬-୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାର ଟେଲିକମ୍ କମ୍ପାନୀ ହୁଏଇ ଓ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ ବ୍ୟାନ କରିଦେଇଛନ୍ତି। ଏଣିକି ରାଷ୍ଟ୍ରୀୟ ସୁରକ୍ଷା ହିତରେ ବିଦେଶରେ ନିର୍ମିତ ଟେଲିକମ୍ ଉପକରଣ ବ୍ୟବହାର ନ କରିବା ଲାଗି ଆମେରିକା କମ୍ପାନୀଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆହୁରି ଗଭୀର ହେବ ବୋଲି କୁହାଯାଉଛି। ରାଷ୍ଟ୍ରପତି ଟ୍ରମ୍ପ ଏ ସମ୍ପର୍କରେ ଆଗତ ଏକ ଆଦେଶରେ ସ୍ୱାକ୍ଷର କରିଛନ୍ତି। ଏହି ଆଦେଶରେ କୌଣସି ଦେଶର ଅଥବା କମ୍ପାନୀ ସମ୍ପର୍କରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇ ନ ଥିଲେ ହେଁ ସୁରକ୍ଷା ଦୃଷ୍ଟିରୁ ହୁଏଇ ଆମେରିକା ପାଇଁ ବିପଦ ବୋଲି ଆମେରିକା ଅଧିକାରୀଗଣ ପ୍ରକାଶ କରିସାରିଛନ୍ତି। ହୁଏଇଠାରୁ ୫ଜି ଟେଲିକମ୍ ପ୍ରଯୁକ୍ତି ନ କିଣିବା ଲାଗି ଆମେରିକା ଏହାର ସହଯୋଗୀ ଦେଶଗୁଡ଼ିକୁ ପରାମର୍ଶ ଦେଇଛି। ଟ୍ରମ୍ପଙ୍କ ଉକ୍ତ ନିଷ୍ପତ୍ତି ପରେ ଆମେରିକାର ପ୍ରଯୁକ୍ତି କିଣିବା ଲାଗି ଏଣିକି ହୁଏଇକୁ ପ୍ରାକ୍ ଲାଇସେନ୍ସ ନେବାକୁ ହେବ। ଖୁବଶୀଘ୍ର ହୁଏଇ ଓ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ କଳାତାଲିକାଭୁକ୍ତ କରାଯିବ ବୋଲି ଆମେରିକା ବାଣିଜ୍ୟ ବିଭାଗର ଉଦ୍ୟୋଗ ଏବଂ ସୁରକ୍ଷା ବ୍ୟୁରୋ ପ୍ରକାଶ କରିଛି।

### ଆମାଜନରେ ହିନ୍ଦୁ ଦେବଦେବୀଙ୍କ ଛବି ଥିବା ସାମଗ୍ରୀକୁ ବିରୋଧ



ନୂଆଦିଲ୍ଲୀ,୧୬-୫: ଅନ୍‌ଲାଇନ ଶପିଂ ପ୍ଲାଟଫର୍ମ ଆମାଜନରେ ହିନ୍ଦୁ ଦେବଦେବୀଙ୍କ ଛବି ଥିବା ସାମଗ୍ରୀ ବିକ୍ରି ହେବାକୁ ନେଇ ଦେଶରେ ବିରୋଧ ଆରମ୍ଭ ହୋଇଯାଇଛି। ଏହାକୁ ନେଇ ସୋସିଆଲ ମିଡିଆରେ କମ୍ପାନୀକୁ ବଏକଟ୍ କରିବାକୁ ଆହ୍ୱାନ ଦିଆଯାଉଛି। ଟୁଇଟରରେ #ବଏକଟଆମାଜନ ହ୍ୟାଶ୍‌ଟ୍ୟାଗ୍ ସହିତ ଏହି ଆପ୍‌କୁ ଅନ୍‌ଇନଷ୍ଟଲ କରିବା ଲାଗି ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଏଥିସହିତ ଲୋକେ ଏହି ଆପ୍‌କୁ ଅନ୍‌ଇନଷ୍ଟଲ୍ କରି ଏହାର ସ୍କ୍ରିନ୍‌ସଟ୍‌କୁ ମଧ୍ୟ ଶେୟାର କରିବା ଆରମ୍ଭ କରିଛନ୍ତି। ହିନ୍ଦୁ ଦେବଦେବୀଙ୍କ ଫଟୋ ଥିବା ସାମଗ୍ରୀଗୁଡ଼ିକୁ ଆମାଜନ କିପରି ବିକ୍ରି କରୁଛି, ସେସମ୍ପର୍କରେ ଟୁଇଟରରେ ତାହାକୁ ଶେୟାର କରାଯାଉଛି। ଏଥିରେ ଜୋତା, ଚପଲ, ଟଏଲେଟ ଶିଟ୍ ଷ୍ଟିକର ସାମିଲ ରହିଛି। ତେବେ ଏହିସବୁ ସାମଗ୍ରୀ ଆମାଜନ ଡଟ୍ ଇନ୍‌ରେ ମିଳୁନାହିଁ। ବିଦେଶୀ କମ୍ପାନୀ ଆମାଜନର ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦେବାର କୌଣସି ଅଧିକାର ନାହିଁ ବୋଲି ଲୋକେ ଯୁକ୍ତି ଦର୍ଶାଉଛନ୍ତି। ଜୋତାରେ ଭାରତର ଜାତୀୟ ପତାକା, ଚପଲରେ ମହାତ୍ମା ଗାନ୍ଧୀଙ୍କ ଫଟୋକୁ ଲୋକେ ଶେୟାର କରି ଏହା ଆମାଜନ ଦ୍ୱାରା ବିକ୍ରି କରାଯାଉଛି ବୋଲି ଦାବି କରୁଛନ୍ତି।

### ଆଇଟି ସେକ୍ଟରରେ ବଢୁଛି ନିଯୁକ୍ତି

ନୂଆଦିଲ୍ଲୀ,୧୬-୫: ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଟି) କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିରେ ଦକ୍ଷତା ଥିବା ବ୍ୟକ୍ତିବିଶେଷଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦିଆଯାଉଛି। ଗତ ଆର୍ଥିକ ବର୍ଷରେ ନିଯୁକ୍ତି କ୍ଷେତ୍ର ମାନ୍ଦା ଥିବା ବେଳେ ଚଳିତବର୍ଷ ଦେଶର ଶୀର୍ଷ ୪ ଆଇଟି କମ୍ପାନୀ ଟିସିଏସ୍, ଇନ୍‌ଫୋସିସ୍, ୱିପ୍ରୋ ଏବଂ ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ୬୮,୫୦୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି, ଯାହା କି ୮ବର୍ଷର ଶୀର୍ଷ ସ୍ତରରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୧୩ରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତି ସଂଖ୍ୟା ପ୍ରତିବର୍ଷ ୭୦ ହଜାରରୁ କମ୍ ଥିଲା। ନିଯୁକ୍ତି ବୃଦ୍ଧି ପାଇବା ଅର୍ଥ ଆଇଟି ସେକ୍ଟର ପୁନର୍ବାର ତା'ର ପୂର୍ବାବସ୍ଥାକୁ ଫେରି ଆସୁଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଉକ୍ତ ୪ ଆଇଟି କମ୍ପାନୀରେ ହାରାହାରି ନିଯୁକ୍ତି ସଂଖ୍ୟା ୯.୬ ଲକ୍ଷ ରହିଛି, ଯାହା କି, ପୂର୍ବ ବର୍ଷ ଅପେକ୍ଷା ୮.୯% ଅଧିକ। ଟିସିଏସ୍‌ରେ ୪୪%, ଇନ୍‌ଫୋସିସ୍‌ରେ ୨୩.୭%, ଏଚ୍‌ସିଏଲ୍ ଟେକ୍‌ରେ ୧୪.୩% ଏବଂ ୱିପ୍ରୋରେ ୧୭.୮%ଙ୍କୁ ଚଳିତବର୍ଷ ନିଯୁକ୍ତି ମିଳିଛି।

## ■ ଇଣ୍ଡିଗୋର ନିୟନ୍ତ୍ରଣ ରହିବ କାହା ହାତରେ

# ଦୁଇ ପ୍ରମୋଟରଙ୍କ ମଧ୍ୟରେ ଲଢ଼େଇ

ନୂଆଦିଲ୍ଲୀ,୧୬–୫



- ■ ବିବାଦ ସମାଧାନ ଲାଗି ଲ'ଫାର୍ମର ସହାୟତା
- ■ କର୍ମଚାରୀଙ୍କୁ ସିଇଓଙ୍କ ଆଶ୍ୱସ୍ତି
- ■ ୨୦୦୬ରୁ କମ୍ପାନୀର କାର୍ଯ୍ୟ ଆରମ୍ଭ
- ■ ମାର୍କେଟ ଶେୟାର ୪୪.୩%
- ■ ମାର୍କେଟ କ୍ୟାପ୍‌ରେ ନମ୍ବର-୧ କମ୍ପାନୀ

ଜେଟ୍ ଏୟାରୱେଜ୍ ପରେ ବେସାମରିକ ବିମାନ ଚଳାଚଳ ସେକ୍ଟରର ଦୁର୍ଦ୍ଦିନ ବଢ଼ିବାରେ ଲାଗିଛି। ଦେଶର ସବୁଠାରୁ ସଫଳ ଏବଂ ଲାଭଜନକ ଏୟାରଲାଇନ୍ସ କୁହାଯାଉଥିବା ଇଣ୍ଡିଗୋର ଦୁଇ ପ୍ରମୋଟର ତଥା ସହ ପ୍ରତିଷ୍ଠାତାଙ୍କ ମଧ୍ୟରେ କମ୍ପାନୀର ନିୟନ୍ତ୍ରଣକୁ ନେଇ ଲଢ଼େଇ ଆରମ୍ଭ ହୋଇଯାଇଛି। ଦୁଇ ପ୍ରମୋଟର ରାହୁଲ ଭାଟିୟା ଏବଂ ରାକେଶ ଗଙ୍ଗୱାଲ ବିବାଦର ସମାଧାନ ପାଇଁ ଏବେ ଆଇନ ପରାମର୍ଶଦାତା କମ୍ପାନୀଙ୍କ ଶରଣ ନେଇଛନ୍ତି ବୋଲି ମିଡିଆ ରିପୋର୍ଟରୁ ଜଣାପଡିଛି। ତେବେ ଏ ସଂକ୍ରାନ୍ତରେ କମ୍ପାନୀ କିମ୍ବା ପ୍ରମୋଟରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

ଇଣ୍ଡିଗୋ ପ୍ରମୋଟରଙ୍କ ମଧ୍ୟରେ ମତଭେଦ ପ୍ରକାଶ ପରେ କମ୍ପାନୀ ସିଇଓ କର୍ମଚାରୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କହିଛନ୍ତି ଯେ, କମ୍ପାନୀର ରଣନୀତି ଅପରିବର୍ତ୍ତିତ ରହିଛି। କାରବାର ବଢ଼ାଇବା ଲାଗି ମ୍ୟାନେଜମେଣ୍ଟକୁ ବୋର୍ଡ ଅଫ୍ ଡାଇରେକ୍ଟର୍ସର ପୂର୍ଣ୍ଣ ସମର୍ଥନ ରହିଛି। ମିଡିଆ ରିପୋର୍ଟରୁ ଜଣାପଡିଛି ଯେ, ଭାଟିୟା ଏବଂ ଗଙ୍ଗୱାଲଙ୍କ ମଧ୍ୟରେ ଏୟାରଲାଇନ୍ସର ରଣନୀତି ଏବଂ ମହତ୍ତ୍ୱାକାଂକ୍ଷାକୁ ନେଇ ମତଭେଦ ଆରମ୍ଭ ହୋଇଛି। ତେବେ ଉଭୟ ପ୍ରତିଷ୍ଠାତା ମତଭେଦ ଦୂର କରିବା ଲାଗି ପ୍ରୟାସ ଚଳାଇଛନ୍ତି ବୋଲି ସୂଚନା ମିଳିଛି। କାରଣ ଏହାଦ୍ୱାରା ଦୈନନ୍ଦିନ କାମ ଉପରେ ଗୁରୁତର ପ୍ରଭାବ ପଡିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଏପ୍ରିଲରେ ଏୟାରଲାଇନ୍ସ ସିଇଓ ପଦରୁ ଆଦିତ୍ୟ ଘୋଷ ଇସ୍ତଫା ଦେବା ପରେ ମୁଖ୍ୟ କମର୍ସିଆଲ ତଥା ନେଟ୍‌ୱର୍କ ସଞ୍ଜୟ କୁମାର ମଧ୍ୟ କମ୍ପାନୀ ଛାଡ଼ି ଥିଲେ। ଚଳିତବର୍ଷ ରନୋଜୟ ଦତ୍ତଙ୍କୁ ଇଣ୍ଡିଗୋର ସିଇଓ ଭାବେ ନିଯୁକ୍ତ କରାଯାଇଛି। ସେ ଦୁଇ ବର୍ଷ ଏୟାର ସାହାରାରେ କାର୍ଯ୍ୟ କରିଥିଲେ। ଦତ୍ତଙ୍କ ନିଯୁକ୍ତି ପରେ ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଫାଟ ବଢ଼ିବାରେ ଲାଗିଛି। ଦୁଇଟି ଲିଗାଲ ଫାର୍ମ ମତଭେଦ ଦୂର କରିବା କାର୍ଯ୍ୟରେ ଲାଗିପଡିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗଙ୍ଗୱାଲ ଏୟାରଲାଇନ୍ସରେ ନିଜ ଟିମ୍ ବଢ଼ାଇ ଏହାର ନିୟନ୍ତ୍ରଣ ନିଜ ହାତକୁ ନେବାକୁ ଚେଷ୍ଟା କରୁଛନ୍ତି ବୋଲି ଭାଟିୟା ଅନୁଭବ କରୁଛନ୍ତି। ଶସ୍ତା ଦରରେ ବିମାନ ଯାତ୍ରା ସେବା ଯୋଗାଉଥିବା ଇଣ୍ଡିଗୋ ଏବେ ଅନ୍ତର୍ଜାତୀୟ ଉଡ଼ାଣ ଲାଗି ଯୋଜନା ପ୍ରସ୍ତୁତ କରୁଛି। ଉଭୟ ଭାଟିୟା ଏବଂ ଗଙ୍ଗୱାଲ ଯଥାକ୍ରମେ ଜେଏସ୍‌ଏ ଲ' ଏବଂ ଖୈତାନ ଆଣ୍ଡ କମ୍ପାନୀ ଲ' ଫାର୍ମ ମାଧ୍ୟମରେ ବିବାଦର ସମାଧାନ କରିବାକୁ ଆଗେଇଛନ୍ତି। ଜେଟ୍ ଏୟାରୱେଜ ସାମୟିକ ଭାବେ ବନ୍ଦ ହୋଇଯିବା ପରେ ଇଣ୍ଡିଗୋ ପ୍ରମୋଟରଙ୍କ ମଧ୍ୟରେ ମତଭେଦ ସାମ୍ନାକୁ ଆସିବା ଚିନ୍ତାର ବିଷୟ। ଗଙ୍ଗୱାଲ ଜଣେ ଆମେରିକା ନାଗରିକ ଏବଂ ସେ କମ୍ପାନୀରେ ନନ୍ ଏକ୍ସିକ୍ୟୁଟିଭ ଡାଇରେକ୍ଟର ରହିଛନ୍ତି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ତାଙ୍କର ୩୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଇଣ୍ଡିଗୋରେ ତାଙ୍କର ପ୍ରାୟ ୩୭ ପ୍ରତିଶତ ଅଂଶଧନ ରହିଛି। ଅନ୍ୟପକ୍ଷରେ ଭାଟିୟା ୩୮ ପ୍ରତିଶତ ଶେୟାର ନିଜ ପାଖରେ ରଖିଛନ୍ତି। ୨୦୦୩–୦୪ରେ ଦୁଇଜଣ ଏକାଠି ହୋଇ ଭାରତରେ ଇଣ୍ଡିଗୋ ଏୟାରଲାଇନ୍ସ ସ୍ଥାପନ କରିଥିଲେ। ପାଖାପାଖି ୨/୩ ବର୍ଷ ଭାଟିୟା ଏୟାରଲାଇନ୍ସକୁ ଭଲ ଭାବେ ଚଳାଇଥିଲେ। ଏହାପରେ ଶସ୍ତା ବିମାନ ଯାତ୍ରା କରୁଥିବା ଇଣ୍ଡିଗୋର ବିମାନ ସେବାର ବିସ୍ତାର ହେଲା। ଫଳରେ ଏୟାରଲାଇନ୍ସ ସେକ୍ଟରରେ କମ୍ପାନୀ ମାର୍କେଟ ଶେୟାର ହିସାବରେ ଏକ ନମ୍ବର ସ୍ଥାନ ହାସଲ କରିପାରିଛି। ଅନ୍ୟପକ୍ଷରେ ବିଦେଶରେ ଟପ୍ ଏଭିଏଶନ ପ୍ରଫେସନାଲଙ୍କ ସହ କାମ କରିଥିବା ଗଙ୍ଗୱାଲ ଇଣ୍ଡିଗୋକୁ ବିଦେଶୀ ବଜାରରେ ବିସ୍ତାର ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କଲେ। ଦୁଇ ପ୍ରମୋଟରଙ୍କ ଭିତରେ ମତଭେଦ ବୃଦ୍ଧି କାରଣରୁ ଏବେ ବହୁ ଦିନ ହେବ ଇଣ୍ଡିଗୋର ଟପ୍ ପୋଜିଶନରେ ବହୁ ପଦ ଖାଲି ପଡିଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଚଳିତବର୍ଷ ମେ ୧୫ ସୁଦ୍ଧା ବିମାନ କମ୍ପାନୀର ମାର୍କେଟ କ୍ୟାପିଟାଇଲେଜଶନ ୬୧,୮୩୩ କୋଟି ଟଙ୍କା ଥିଲା। ଅଦ୍ୟାବଧି କମ୍ପାନୀର ଘରୋଇ ମାର୍କେଟ ଶେୟାର ୪୪.୩% ରହିଛି। ଇଣ୍ଡିଗୋ ଦୈନିକ ୧୪୦୦ ବିମାନ ଉଡ଼ାଣ ଭରିଥାଏ। ଏଥିସହିତ କମ୍ପାନୀ ନିକଟରେ ମୋଟ୍ ୨୨୫ ବିମାନ ରହିଛି।

### ଆର୍‌ବିଆଇ ଜାରି କଲା ଭିଜନ ୨୦୨୧ ଡକ୍ୟୁମେଣ୍ଟ

ମୁମ୍ବାଇ,୧୬–୫

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୁରକ୍ଷିତ, ସୁବିଧାଜନକ, ଦ୍ରୁତ ଏବଂ ଶସ୍ତା ଡିଜିଟାଲ ଦେୟ ପ୍ରଣାଳୀକୁ ନେଇ ଏକ ଭିଜନ ଡକ୍ୟୁମେଣ୍ଟ ଜାରି କରିଛି। ଆସନ୍ତା ୨ ବର୍ଷ ଭିତରେ ଅନ୍‌ଲାଇନ ଦେୟ ବ୍ୟବସ୍ଥାରେ ଆସିବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଡକ୍ୟୁମେଣ୍ଟ ଜାରି କରାଯାଇଛି। ଆର୍‌ବିଆଇ ପକ୍ଷରୁ ଜାରି ୨୦୧୯–୨୦୨୧ ଭିଜନ ଡକ୍ୟୁମେଣ୍ଟରେ ଡିସେମ୍ବର ୨୦୨୧ ସୁଦ୍ଧା ଦେଶରେ ଡିଜିଟାଲ ମାଧ୍ୟମରେ ହେବାକୁ ଥିବା ନେଣଦେଣ ୪ ଗୁଣାରୁ ଅଧିକ ବୃଦ୍ଧି ପାଇ ୮୭୦୭ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶାବ୍ୟକ୍ତ କରାଯାଇଛି। ଭିଜନ ଡକ୍ୟୁମେଣ୍ଟ ଜାରି କରି ଦେଶରେ ଇ–ଦେୟର ଅନୁଭବକୁ ଅଧିକ ଉନ୍ନତ କରିବା ତଥା ଅଧିକ ଡିଜିଟାଲ ଏବଂ କମ ନଗଦ ଥିବା ସମାଜ ଗଠନ କରିବା ଦିଗରେ ଏହା ଏକ ପଦକ୍ଷେପ ବୋଲି ରିଜର୍ଭ ବ୍ୟାଙ୍କ କହିଛି। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ନୂଆ ସେବା ପ୍ରଦାନକାରୀ ଏବଂ ନୂଆ ପନ୍ଥାପଦ୍ଧତି ଆସିବା କାରଣରୁ ଦେୟ ପ୍ରଣାଳୀରେ କ୍ରମାଗତ ପରିବର୍ତ୍ତନ ଜାରି ରହିବ। ଏହାଦ୍ୱାରା ଉପଭୋକ୍ତାଙ୍କୁ ଉନ୍ନତ ଲଗାଣ ଉପରେ ବିଭିନ୍ନ ପ୍ରକାର ଦେୟ ପ୍ରଣାଳୀର ବିକଳ୍ପ ଉପଲବ୍ଧ ହେବ। ଏହି ଡକ୍ୟୁମେଣ୍ଟକୁ ଆର୍‌ବିଆଇ ୨୦୧୯–୨୦୨୧ ମଧ୍ୟରେ ଲାଗୁ କରିବ। ସୂଚନାଥାଉ କି, ଆର୍‌ବିଆଇ ପକ୍ଷରୁ ପ୍ରଥମ ଭିଜନ ଡକ୍ୟୁମେଣ୍ଟ ୨୦୧୬–୨୦୧୮ ଲାଗି ଜାରି କରାଯାଇଥିଲା।

## ବାତ୍ୟା ସହାୟତା

### କାନାରା ବ୍ୟାଙ୍କର ରିଲିଫ କାର୍ଯ୍ୟକ୍ରମ



କାନାରା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ସ୍ଥାନୀୟ ସତ୍ୟନଗର ଅଞ୍ଚଳରେ ରିଲିଫ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ମଣ୍ଡଳ ପ୍ରବନ୍ଧକ ମାଧବ ପ୍ରସାଦ ପଣ୍ଡା, ମୁଖ୍ୟ ପ୍ରବନ୍ଧକ ପି.କେ ଦାସ ଉପସ୍ଥିତ ରହି ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରିଥିଲେ। ସେହିଭଳି ପୁରୀ ଜିଲାର ଭଗବତୀ ପାଟଣା ଏବଂ ସତ୍ୟବାଦୀ ଅଞ୍ଚଳରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।




ଓଡ଼ିଶା ଏଜୁକେଶନ ସର୍ଭିସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି।




ସରସ୍ୱତୀ କଲେଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କଲେଜର ଚେୟାରମ୍ୟାନ ଦେବଦତ୍ତ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ବାବଦ ଚେକ୍ ପ୍ରଦାନ କରିଛନ୍ତି।

## ବିତ୍ତୀୟ ପରିଚାଳନା: ଅର୍ଥ ମନ୍ତ୍ରଣାଳୟ ସହ ଅର୍ଥ କମିଶନଙ୍କ ଆଲୋଚନା

ନୂଆଦିଲ୍ଲୀ,୧୬–୫

ଅର୍ଥ ଆୟୋଗ ବୁଧବାର ଏଠାରେ ଅର୍ଥ ମନ୍ତ୍ରଣାଳୟ ସହ ହୋଇଥିବା ବୈଠକରେ ବିତ୍ତୀୟ ତଥା ଆର୍ଥିକ ପରିଚାଳନା ନେଇ ଆଲୋଚନା କରିଛି। ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାଗୁଡ଼ିକରେ ହେଉଥିବା ଖର୍ଚ୍ଚକୁ ତର୍କସଙ୍ଗତ କରିବା ଲାଗି ମଧ୍ୟ ଆଲୋଚନା ହୋଇଥିଲା। ଗୁରୁବାର ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି। ଅର୍ଥ ଆୟୋଗଙ୍କ ସୁପାରିସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାଗୁଡ଼ିକୁ ଏକତ୍ର ଯୋଡିବା ଲାଗି ପରାମର୍ଶ ଦିଆଯାଇଛି। ଏଗୁଡ଼ିକୁ ନୂଆ ଜୀବନ ଚକ୍ର ସହ ଯୋଡାଯିବା ଆବଶ୍ୟକ ବୋଲି କୁହାଯାଇଛି। ସୂଚନାଥାଉ କି, କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ରାଜ୍ୟ ସରକାର ହିଁ ତୁଲାଇଥାନ୍ତି। ଏଥିପାଇଁ କେନ୍ଦ୍ର କେବଳ ଆର୍ଥିକ ସହାୟତା ଦେଇଥାଏ। ତେବେ କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକରେ ହେଉଥିବା ଖର୍ଚ୍ଚର ଏକ ଅଂଶ ରାଜ୍ୟ ସରକାରଗୁଡ଼ିକୁ ମଧ୍ୟ ବହନ କରିବାକୁ ପଡେ। ପ୍ରତ୍ୟକ୍ଷ ଟିକସ ଆଦାୟକୁ ନେଇ ୧୫ତମ ଅର୍ଥ ଆୟୋଗ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ପରୋକ୍ଷ ଟିକସ ଆଦାୟକୁ ନେଇ ଅସନ୍ତୁଷ୍ଟ ଥିବା ଜଣାଇଛନ୍ତି। ଅନୁଷ୍ଠିତ ବୈଠକରେ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ, ବ୍ୟୟ ସଚିବ ଗିରୀଶ ଚନ୍ଦ୍ର ମୁର୍ମୁ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ସିବିଡିଟି ଅଧ୍ୟକ୍ଷ ପି.ସି.ମୁଦି ଏବଂ ସିବିଆଇସି ଅଧ୍ୟକ୍ଷ ପି.କେ. ଦାସ ସାମିଲ ହୋଇଥିଲେ।

## ହିରୋ ଆଣିଲା ନୂଆ ମଡେଲ




ଭୁବନେଶ୍ୱର,୧୬–୫

ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ବୁଧବାର ନୂଆ ମଡେଲଗୁଡିକର ବଜାର ପ୍ରବେଶ ହୋଇଛି। ଏହି ମଡେଲଗୁଡିକ ମଧ୍ୟରେ ପ୍ରିମିୟମ ଶୃଙ୍ଖଳାରେ ଏକ୍ସପଲ୍‌ସ ଟି, ଏକ୍ସଟ୍ରିମ୍ ୨୦୦ ଏସ୍, ମାଏଷ୍ଟ୍ରୋ ଏଜ୍ ଏଫ୍‌ଆଇ ଏବଂ ପ୍ଲେଜର ପ୍ଲସ ରହିଛି। ଓଡ଼ିଶାରେ କମ୍ପାନୀର ଅଧିକୃତ ଡିଲରଶିପ ଭାରତ ମୋଟର୍ସଠାରେ ମଡେଲଗୁଡିକର ଡିଜିଟାଲ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ମୋଟର୍ସର ଏମ୍‌ଡି ଜୟପ୍ରକାଶ ଦିଦ୍‌ୱାନିଆ, ଡାଇରେକ୍ଟର ଆଦିତ୍ୟ ବିକ୍ରମ ଦିଦ୍‌ୱାନିଆ ଏବଂ ହିରୋମୋଟୋକର୍ପର ବରିଷ୍ଠ ଏଏସ୍‌ଏମ୍ ଅବଦୁଲ ଅହଦ ପ୍ରମୁଖ ଉପସ୍ଥିତ ଥିଲେ। ମଡେଲଗୁଡିକ ଯୁବପିଢ଼ିଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ବୋଲି ଡିଜିଟାଲ ଲଞ୍ଚ ଅବସରରେ ହିରୋ ମୋଟୋକର୍ପର ଅଧ୍ୟକ୍ଷ ପଵନ ମୁଞ୍ଜାଲ କହିଛନ୍ତି। ଯାନଗୁଡିକ କମ୍ପାନୀର ସ୍ଥିତିକୁ ଆହୁରି ଦୃଢ଼ କରିବା ସହ ଏହାର ଅତ୍ୟାଧୁନିକ ଟେକ୍ନୋଲୋଜି ଫିଚର ଦ୍ୱାରା ଗ୍ରାହକ ନୂଆ ଅନୁଭୂତି ପାଇପାରିବେ ବୋଲି ମୁଞ୍ଜାଲ ଏହି ଅବସରରେ ସୂଚନା ଦେଇଛନ୍ତି।


**ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର**

**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**

ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଉପ-ଖଣ୍ଡର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ରବି (୨୦୧୮–୧୯)ବର୍ଷ ପାଇଁ ସରକାର ନିମ୍ନମତେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ନିର୍ଦ୍ଧାରିତ କରିଛନ୍ତି। ତେଣୁ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ନିୟନ୍ତ୍ରିତ ବଜାର କମିଟିର ପ୍ରାଙ୍ଗଣ ଏବଂ ପ୍ରାଥମିକ କୃଷିସେବା ସମିତିମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିପାରିବେ। ଏଣୁ ଧାନକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷମୁକ୍ତ ହୋଇଥିବ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡା) |
|---|---|---|
| ୧. | ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦୦% |
| ୨. | କାଠି, କୁଟା, ଧୂଷ, ଅଗାଡି ବା ପୋଳ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି | ୫.୦୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଂକୁଚିତ ଇତ୍ୟାଦି | ୩.୦୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬.୦୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦୦% |

**ବର୍ଗ ଅନୁଯାୟୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସହାୟକ ମୂଲ୍ୟ ନିମ୍ନରେ ଦିଆଗଲା**

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପ୍ରତି) | ବସ୍ତା ପ୍ରତି (୭୫.୦୦) କେ.ଜି. | ବିକ୍ରି ବଳକା ଧାନ ରବି ବର୍ଷ ପାଇଁ (୨୦୧୮–୧୯) |
|---|---|---|---|---|
| ୧. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୧୭୫୦.୦୦ | ୧୩୧୨.୫୦ | ଏକର ପ୍ରତି ୨୬.୦୦ କ୍ୱିଣ୍ଟାଲ |
| ୨. | ଗ୍ରେଡ 'ଏ' ଧାନ | ଟ.୧୭୭୦.୦୦ | ୧୩୨୭.୫୦ | |

ସୋନପୁର ଉପଖଣ୍ଡର ପ୍ରତ୍ୟେକ ସେବା ସମବାୟ ସମିତି, ତଥା ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି, ବିନିକା, ପଣ୍ଡକିଟାଲ, ସାରସମାଲ ବଜାର ପ୍ରାଙ୍ଗଣମାନଙ୍କରେ ଧାନ କ୍ରୟ କରାଯାଉଅଛି। ତେଣୁ ଚାଷୀ ନିଜର ଅଞ୍ଚଳ ଅଧୀନସ୍ଥ ଥିବା ସେବା ସମବାୟ ସମିତିମାନଙ୍କରେ ନିଜର ବଳକା ଧାନକୁ ବିକ୍ରୟ କରିପାରିବେ। ଏଥି ନିମନ୍ତେ ସେବା ସମବାୟ ସମିତିମାନଙ୍କୁ ଯୋଗାଯୋଗ କରି ନିର୍ଦ୍ଧାରିତ ଦିବସ ଜାଣିବା ହୁଅନ୍ତୁ ଏବଂ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ।

**ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି** **ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା-ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**



**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office : Janapath Bhubaneswar - 751022
**OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD**
AT- TTS COLONY, PO- SOBRA, JAJPUR ROAD, DIST - JAJPUR, PIN : 755019 (ODISHA)
Phone / Fax No : 06726- 220965 (off), E-mail : ehtm.cle.jjp@optcl.co.in
CIN : U40102OR2004SGC007553
No. TECH/WO-28/OT-02(19-20)/596 Date : 16.05.2019

**TENDER CALL NOTICE NO. 02/2019-20**

Sealed tenders are invited from the registered travel agency / Private organization / Individual / owner of the vehicle having GST registration certificate, PAN card for supply of 06 nos. Diesel run hired vehicles (04 nos. 09 seated Non-AC Bolero & 02 nos. 05 seated A.C. Indigo or its equivalent) not older than 03 years for different offices / Grid Sub-Stations under E.H.T. (O&M) Circle, J. Road. Cost of tender paper is Rs. 2, 000.00 + GST@12%= Rs.2, 240/- (Including GST), EMD= Rs.3,000/-. Sale of tender documents is from dated 18.05.2019 to Dated 30.05.2019 (during office hours). Last date of submission of tender is Date 31.05.2019 up to 01.00 PM. Date of opening of tender is Date 31.05.2019 at 3.00 PM. For details visit our website www.optcl.co.in. Corrigendum if any will be published in the OPTCL website only.
**Sd./- General Manager (Elect), EHT (O&M) Circle, Jajpur Road**



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୧୦୯୧/ଭୁ.ଉ.କ., ଭୁବନେଶ୍ୱର ତା୧୭।୦୪।୨୦୧୯ରିଖ
KNM - 1219/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ ଅନ୍ତର୍ଗତ MIG Plot No.K4–793 କୁ ଶ୍ରୀ ପ୍ରଫୁଲ ଚନ୍ଦ୍ର ଆଚାର୍ଯ୍ୟ, ପିତା– ସ୍ୱର୍ଗତ ହରେକୃଷ୍ଣ ଆଚାର୍ଯ୍ୟ, ଗ୍ରାମ– କୁଆଁରପୁର, ପୋଅ– ନିଷ୍ଠାପଡ଼ା, ଥାନା–ଗୋବିନ୍ଦପୁର, ଜିଲ୍ଲା– କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଫୁଲ ଚନ୍ଦ୍ର ଆଚାର୍ଯ୍ୟ ଗତ ତା.୦୬.୦୮.୨୦୧୬ରିଖରେ ମୃତ୍ୟୁବରଣ କରିଅଛନ୍ତି। ବର୍ତ୍ତମାନ ମୃତ ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ–ଆରତୀ ଆଚାର୍ଯ୍ୟ, ପୁତ୍ର–ଶ୍ରୀମନ୍ତ ଆଚାର୍ଯ୍ୟ, ଏବଂ ସୁମନ୍ତ ଆଚାର୍ଯ୍ୟ ଉକ୍ତ ପ୍ଲଟ୍‌କୁ ଉତ୍ତରାଧିକାରୀ ସୂତ୍ରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ କରିବା ସମ୍ବନ୍ଧେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର (ପନ୍ଦର) ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଭୁବନେଶ୍ୱର**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**BURLA IRRIGATION DIVISION, BURLA**
PHONE NO.0663-2430445
E-mail id-sambalpurirrigation@rediffmail.com

**CANCELLATION NOTICE**

**Letter No.878** **Date: 08.03.2019**

No.-03-A :-The Detailed Tender Call Notice No.BID-03/2018-19 ('e' procurement Notice) issued vide this office Letter No.605 (WE) dt.27.02.2019 is hereby cancelled due to some unavoidable reasons.

Sd./-Executive Engineer
32129/11/0001/1920 Burla Irrigation Division, Burla



**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**CORRIGENDUM NO.7**
**SELECTION OF MINE DEVELOPER CUM OPERATOR (MDO) FOR KURMITAR IRON ORE MINE**
**Reference : RFP No. 32/OMC/PROJ/13 Dated 02.03.2019**

In inviting reference to the above, it is for the information of all interested parties who wish to participate in the bidding process that basing on the request made by some interested parties, the management of OMC has revised the schedule of the following events of the bid document to as follows :

**Schedule of Bidding Process**

| Sl No. | Event | Revised Scheduled Date |
|---|---|---|
| 14. | Last date for downloading the bid documents | 04.06.2019 Time:1600 Hours |
| 15. | Bid due date (also the last date and time for physical submission of copies of documents related to Techno-Commercial Proposal) | 04.06.2019 Time:1600 Hours |
| 16. | Opening of Techno-Commercial proposals (on the website of MSTC) | 06.06.2019 Time:1100 Hours |
| 17. | Opening of documents submitted physically by bidders (in presence of Bidders who choose to attend) | 07.06.2019 Time:1100 Hours Venue : OMC House, Bhubaneswar |

**General Manager (Projects)**



“ ମ୍ୟାଚରେ ଆକ୍ରମଣାତ୍ମକ ପ୍ରଦର୍ଶନ ଲାଗି ଅଧିନାୟକ ବିରାଟ କୋହଲି ମୋତେ ପୂରା ସ୍ୱାଧୀନତା ଦେଇଥିବାରୁ ମୁଁ ବୋଲିଂରେ ସଫଳ ହୋଇପାରୁଛି ।

–କୁଲଦୀପ ଯାଦବ, ଭାରତୀୟ ରିଷ୍ଟ ସ୍ପିନର



“ ସାଧାରଣ ନିର୍ବାଚନ ଶେଷ ହେବାପରେ ପାକିସ୍ତାନ ଆଥଲେଟ୍‌ମାନେ ଯେଉଁ ଭିଜାଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ସମାଧାନ ହେବ।

–ରାଜୀବ ମେହେଟ୍ଟା, ଭାରତୀୟ ଅଲିମ୍ପିକ ଆସୋସିଏଶନ ସମ୍ପାଦକ

## ସଂକ୍ଷେପରେ

### ଭୋଲ୍‌କର ହାଇପରଫର୍ମାନ୍ସ ଡାଇରେକ୍ଟର



ନୂଆଦିଲ୍ଲୀ, ୧୬।୫ (ପି.ଟି.): ଜର୍ମାନୀର ଭୋଲକର ହର୍ମାନ ଭାରତୀୟ ଆଥଲେଟିକ୍ସର ହାଇପର୍ଫମାନ୍ସ ଡାଇରେକ୍ଟର ହେବେ। ଆସନ୍ତାବର୍ଷ ହେବାକୁଥିବା ଅଲିମ୍ପିକ୍ସ ଲାଗି ଯୋଜନା ଓ ରଣକୌଶଳ ପ୍ରସ୍ତୁତ କରିବେ। ଏନେଇ ସରକାରଙ୍କଠାରୁ ସବୁଜ ସଙ୍କେତ ମିଳିଥିବା ଜାତୀୟ ମହାସଂଘ ମୁଖ୍ୟ ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଭୋଲକର ଦ୍ୱିତୀୟ ବ୍ୟକ୍ତି ଭାବେ ଭାରତୀୟ ଆଥଲେଟିକ୍ସର ହାଇପର୍ଫମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ଜଣେ ୧୯୬୮ ମେକ୍ସିକୋ ସିଟି ଅଲିମ୍ପିଆନ ଆମେରିକାର ଡେରିକ୍ ବୁସେ ରିଓ ଅଲିମ୍ପିକ୍ସ ପୂର୍ବରୁ ଅକ୍ଟୋବର ୨୦୧୫ରେ ଏହି ପଦବୀରେ ନିଯୁକ୍ତି ପାଇଥିଲେ। ମାତ୍ର ଦାୟିତ୍ୱ ଗ୍ରହଣ କରିବା ୭ମାସ ପରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ମୁଖ୍ୟ ସୁମାରିୱାଲା କହିଛନ୍ତି, ଜର୍ମାନ ଆଥଲେଟିକ୍ସ ଫେଡେରେଶନ ଭୋଲ୍‌କରଙ୍କ ନାମ ସୁପାରିସ କରିଥିଲା। ସେ ଜଣେ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି। ତାଙ୍କୁ ଖୁବ୍ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ସୁମାରିୱାଲା ପ୍ରକାଶ କରିଛନ୍ତି।

### କଟକ ଜିଲା କୁସ୍ତି ପ୍ରତିଯୋଗିତା

କଟକ ଅଫିସ,୧୬।୫: ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନଡୋର ହଲରେ ଜିଲା କୁସ୍ତି (୧୫ବର୍ଷରୁ କମ୍ ବାଳିକା, ବାଳକ) ଚାମ୍ପିୟନଶିପ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା କୁସ୍ତି ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ ୩୫ଜଣ ଭାଗ ନେଇଥିଲେ । ୬ଟି ଓଜନ ବର୍ଗରେ ପ୍ରତିଯୋଗିତା ହୋଇଥିବା ବେଳେ ୨୪ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଥିଲେ । ଉକ୍ତ ୨୪ଜଣ ଆସନ୍ତା ରାଜ୍ୟ ପ୍ରତିଯୋଗିତାରେ କଟକ ଜିଲା ଦଳରୁ ପ୍ରତିନିଧିତ୍ୱ କରିବେ । ପୁରସ୍କାର ବିତରଣୀ ଉତ୍ସବରେ ଦେବେନ୍ଦ୍ର କୁମାର ସାହୁ, ସଂଘ କାର୍ଯ୍ୟକାରୀ ସଭାପତି ବିରଜା ଦାସ, ସାଧାରଣ ସମ୍ପାଦକ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଫିଟ୍ ହେବେ ନୀରଜ

ନୂଆଦିଲ୍ଲୀ,୧୬।୫(ପିଟି)- ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କହୁଣି ଅସ୍ତ୍ରୋପଚାରରୁ ବିନା ଅସୁବିଧାରେ ସମ୍ପୂର୍ଣ୍ଣ ଫିଟ୍‌ନେସ ହାସଲ କରିବେ। କିନ୍ତୁ ବିଶ୍ୱ ଚାମ୍ପିୟନଶିପ୍ ସମେତ ଚଳିତ ବର୍ଷ ହେବାକୁ ଥିବା କୌଣସି ଟୁର୍ନାମେଣ୍ଟରେ ସେ ଅଂଶଗ୍ରହଣ କରିବେ ନାହିଁ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ସଭାପତି ଆଦିଲେ ସୁମରିୱାଲା ଗୁରୁବାର କହିଛନ୍ତି। ରାଜ୍ୟଗୋଷ୍ଠୀ ଓ ଏସିଆନ୍ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଚଳିତ ମାସ ୨ ତାରିଖରେ ଜଣାଶୁଣା ଅସ୍ଥିଶଲ୍ୟ ଡାକ୍ତର ଦୀନେଶ୍ୱା ପାର୍ଡିୱାଲା କହୁଣି ଅସ୍ତ୍ରୋପଚାର କରିଥିଲେ।

# ଅଲିମ୍ପିକ ହକିରେ ପାକିସ୍ତାନର ଅଂଶଗ୍ରହଣ ଅନିଶ୍ଚିତ

କରାଚୀ, ୧୬।୫ (ପି.ଟି.)

ଆସନ୍ତା ବର୍ଷ ଅଲିମ୍ପିକ ଗେମ୍ସରେ ପାକିସ୍ତାନ ହକି ଦଳର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ଆସନ୍ତା ମାସରେ ହେବାକୁଥିବା ପ୍ରି-କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଏହି ଦଳକୁ ସାମିଲ କରିନାହିଁ। ଏହା ପାକିସ୍ତାନକୁ ଶକ୍ତ ଧକ୍କା ବୋଲି ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍) ସାଧାରଣ ସମ୍ପାଦକ ଆସିଫ ବାଜୱା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଫେବୃୟାରୀ–ଏପ୍ରିଲରେ ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ–ହକି ଲିଗ୍ ପାଇଁ ପାକିସ୍ତାନ ଏହାର ଦଳ ନ ପଠାଇବାରୁ ଏଫ୍ଆଇଏଚ୍ ଏହି ନିଷ୍ପତ୍ତି ନେଇଛି। ବାଜୱା କହିଛନ୍ତି, ଏଫ୍ଆଇଏଚ୍‌କୁ ସେ ଚିଠି ଲେଖିବେ। ନିଷ୍ପତ୍ତିର ପୁନର୍ବିଚାର ସହ ପାକିସ୍ତାନକୁ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଖେଳିବା ସୁଯୋଗ ପାଇଁ ଅନୁରୋଧ କରିବେ। ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ପ୍ରୋ–ହକି ଲିଗ୍ ଲାଗି ଦଳ ପଠାଇ ନ ଥିବାରୁ ଏଫ୍ଆଇଏଚ୍ ଇତିମଧ୍ୟରେ ପିଏଚ୍ଏଫ୍‌କୁ ୧,୭୦,୦୦୦ ୟୁରୋ ଜରିମାନା କରିସାରିଛି। ପାଣ୍ଠିର ଅଭାବ ଯୋଗୁ ପିଏଚ୍ଏଫ୍ ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ ପ୍ରକ୍ରିୟା ଲାଗି ଏହାର ଦଳ ପଠାଇ ପାରି ନ ଥିଲା।

# ୪/ଅଲ୍‌ଆଉଟ୍, ସମସ୍ତେ ବୋଲ୍ଡ

## କେହି ଖାତା ଖୋଲିପାରିଲେନି

କୋଚି, ୧୬।୫

କ୍ରିକେଟରେ ଏକ ବିସ୍ମୟକର ଘଟଣା ଦେଖିବାକୁ ମିଳିଛି। ଏକ ଆନ୍ତଃ ଜିଲା ମହିଳା କ୍ରିକେଟ ମ୍ୟାଚ୍‌ରେ ଗୋଟିଏ ଦଳ ମାତ୍ର ୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହାର କୌଣସି ବ୍ୟାଟ୍ସଓମ୍ୟାନ ଖାତା ଖୋଲିପାରି ନ ଥିବାବେଳେ ସମସ୍ତ ଖେଳାଳି ବୋଲ୍ଡ ଆଉଟ୍ ହେବା ଆଉ ଏକ ବିରଳ ଘଟଣା ଥିଲା।

ମାଲପୁରମ୍ ଜିଲା ପେରିନାଥାଲମନ୍ନ କ୍ରିକେଟ ଷ୍ଟାଡିୟମରେ କସରଗଡ ଓ ୱେନାଡ ମଧ୍ୟରେ ୧୯ ବର୍ଷରୁ କମ୍ ମହିଳା ଆନ୍ତଃ ଜିଲା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କସରଗଡ ଦଳ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୧୦ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଜଣେ ‘୦’ରେ ଅପରାଜିତ ରହିଥିଲେ। ତେବେ ପ୍ରତିପକ୍ଷ ୱେନାଡ୍ ବୋଲର ୪ ରନ୍ ଅତିରିକ୍ତ ଆକାରରେ ପ୍ରଦାନ କରିବାରୁ ସ୍କୋରବୋର୍ଡ ଖୋଲିପାରିଥିଲା। ଆଉଟ୍ ହୋଇଥିବା ସମସ୍ତ ଖେଳାଳି ବୋଲ୍ଡ ହେବା ମଧ୍ୟ ଆଉ ଏକ ବିରଳ ଘଟଣା ରହିଥିଲା। ଜବାବରେ ୱେନାଡ କୌଣସି ଉଇକେଟ୍ ନ ହରାଇ ପ୍ରଥମ ଓଭରରେ ଆବଶ୍ୟକ ୫ ରନ୍ ସଂଗ୍ରହ କରିନେଇଥିଲା।

## ■ ରାଜ୍ୟର ଏକମାତ୍ର ଡିସ୍‌କସ୍ କୁଇନ୍‌ଙ୍କୁ ମିଳୁନି ପ୍ରୋତ୍ସାହନ

# ମାଷ୍ଟର୍ସ ଗେମ୍ସକୁ ନେଇ ଚିନ୍ତାରେ ପାର୍ବତୀ

କଟକ ଅଫିସ,୧୬।୫



ପାର୍ବତୀ ସେଠୀ

ମହିଳା ଡିସ୍‌କସ୍ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଏକମାତ୍ର ତାରକା ଖେଳାଳି ପାର୍ବତୀ ସେଠୀ ପୁଣି ଥରେ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଜୁଲାଇ ୨୬ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଇଟାଲୀର ଟୋରିନୋ ସହରରେ ୟୁରୋପିଆନ ମାଷ୍ଟର୍ସ ଗେମ୍‌ସ–୨୦୧୯ ଅନୁଷ୍ଠିତ ହେବ। ମାଷ୍ଟର୍ସ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ପାର୍ବତୀଙ୍କ ନାମ ଘୋଷଣା କରାଯାଇଛି। ଗତ ଅନ୍ତର୍ଜାତୀୟ ଚାମ୍ପିୟନଶିପଗୁଡ଼ିକରେ ପାର୍ବତୀ ପଦକ ବିଜୟୀ ହୋଇ ନିଜ ବିଜୟ ଯାତ୍ରା ଜାରି ରଖିଛନ୍ତି। ହେଲେ ଏବେ ପାର୍ବତୀଙ୍କ ବିଜୟ ପଥରେ ବାଧା ସୃଷ୍ଟି କରିଛି ସରକାରୀ ସହାୟତା ଏବଂ ପ୍ରାୟୋଜକର ଅଭାବ। ଦୀର୍ଘ ୨୦ ବର୍ଷ ଧରି ମହିଳା ଡିସକସ କ୍ରୀଡ଼ାରେ ରାଜ୍ୟ ନାମକୁ ଉଜ୍ଜ୍ୱଳ କରୁଥିବା ଏକମାତ୍ର ଖେଳାଳି ହେଉଛନ୍ତ ପାର୍ବତୀ।

କଟକର କାଜିବଜାର ହାଇସ୍କୁଲରେ ପଢ଼ିବା ବେଳେ ପାର୍ବତୀଙ୍କ ପ୍ରତିଭାର ପରିଚୟ ମିଳିଥିଲା। ସ୍କୁଲ କ୍ୟାରିୟରରୁ ହିଁ ସଟ୍‌ପୁଟ ଓ ଡିସକସ ଖେଳ ଆରମ୍ଭ କରିଥିଲେ ପାର୍ବତୀ। ପରେ ରାଜ୍ୟ ଦଳରେ ସାମିଲ ହୋଇଥିଲେ। ୨୦୧୮ ସେପ୍ଟେମ୍ବର ୭ରୁ ୧୫ରେ ମାଲେସିଆରେ ଅନୁଷ୍ଠିତ ଏସିଆ ପାସିଫିକ୍ ମାଷ୍ଟର୍ସ ଗେମ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ସଟ୍‌ପୁଟ୍‌ରେ ରୌପ୍ୟ ବିଜୟୀ ହୋଇଥିଲେ। ଏହାଛଡ଼ା ଗତ ମାର୍ଚ୍ଚରେ ପଞ୍ଜାବର ସାଙ୍ଗରୁରସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ ଗ୍ରାଁ ପି–୩ ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ପାର୍ବତୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ମହିଳା ଡିସ୍‌କସ ଥ୍ରୋରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ରାଜ୍ୟ ପାଇଁ ଏହି ସଫଳତା ଆଣିଥିଲେ। ଉକ୍ତ ଚାମ୍ପିୟନଶିପରେ ପାର୍ବତୀଙ୍କ ବ୍ୟତୀତ ଅନ୍ୟ ୨ ଆଥ୍‌ଲେଟ ଭାଗ ନେଇଥିଲେ ମଧ୍ୟ ପାର୍ବତୀ ଏକମାତ୍ର ଖେଳାଳି ଭାବେ ପଦକ ବିଜୟୀ ହୋଇଥିଲେ। ନିଜର ଅଭ୍ୟାସ ପାଇଁ ଷ୍ଟେଶନ ନିକଟସ୍ଥ ନିଜ କ୍ୱାର୍ଟରରେ ପାର୍ବତୀ ଏକ ଡିସ୍‌କସ୍ କୋର୍ଟ ତିଆରି କରିଛି। ସେଠାରେ ହିଁ ସେ ସମସ୍ତ ଟୁର୍ନାମେଣ୍ଟ ନିମନ୍ତେ ଅଭ୍ୟାସ କରିଥାନ୍ତି। ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶାରେ କ୍ରୀଡ଼ାର ଉନ୍ନତି ହେଉଛି ସତ ହେଲେ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରୋତ୍ସାହନ ବିନା କୌଣସି କ୍ରୀଡ଼ାବିତ ଦୀର୍ଘ ଦିନ ତିଷ୍ଠିପାରିବେ ନାହିଁ। ୟୁରୋପିଆନ ମାଷ୍ଟର୍ସ ଗେମ୍‌ସରେ ପଦକ ଜିତିବା ପାଇଁ ସମସ୍ତ ଚେଷ୍ଟା କରିବି ବୋଲି ପାର୍ବତୀ କହିଛନ୍ତି। ତାଙ୍କୁ କ୍ରୀଡ଼ା ଜୀବନରେ ସବୁବେଳେ ଉତ୍ସାହିତ କରୁଥିବା ରେଲୱେ ବିଭାଗର ଉପରିସ୍ଥ ଅଧିକାରୀ ଅଜୟ କୁମାର ବେହେରା ଓ ଦିଲୀପ କୁମାର ସାମନ୍ତରାୟଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ପାର୍ବତୀଙ୍କ ସ୍ୱାମୀ କୁବେର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ଓ ଦେଶ ପାଇଁ ଦୁଇ ଦଶନ୍ଧି ଧରି ନିଜ ଅବଦାନ ଦେବାରେ ପାର୍ବତୀ କେବେ ହେଳା କରି ନାହାନ୍ତି। ଚାକିରି, ପରିବାର ଓ ଖେଳ ପ୍ରତି ତାଙ୍କର ଉତ୍ସର୍ଗକୁ କେହି ଅବମାନନା କରିପାରିବ ନାହିଁ। ପ୍ରୋତ୍ସାହନ ମିଳିଲେ ସେ କ୍ରୀଡ଼ା କ୍ଷେତ୍ରରେ ଅଧିକ ଦିନ ତିଷ୍ଠି ରହିବାକୁ ମନ ବଳାଇପାରିବେ ବୋଲି କୁବେର ମତ ଦେଇଛନ୍ତି।

# ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କରିବ ସିକ୍କିମ



ଗ୍ରାଉଣ୍ଡ ପରିଦର୍ଶନ ଅବସରରେ ସିକିମ୍ କ୍ରୀଡା ଅଧିକାରୀମାନେ ଡ୍ରିମ୍ସ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

କଟକ ଅଫିସ,୧୬।୫

ଆସନ୍ତା କ୍ରିକେଟ ସିଜନରେ ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ ସିକ୍କିମ। ଏଠାରେ କୋଚିଂ କ୍ୟାମ୍ପ କରିବା ସହ ମ୍ୟାଚ ଖେଳିବ। ଏହି ପରିପ୍ରେକ୍ଷୀରେ ସିକ୍କିମ୍ କ୍ରିକେଟ ଆସୋସିଏସନ (ସିସିଏ) କର୍ମକର୍ତ୍ତା ବୁଧବାର ପୂର୍ବାହ୍ନରେ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ପରିଦର୍ଶନ କରିଛନ୍ତି । ଆସୋସିଏସନର ସମ୍ପାଦକ ସୋନମ୍ ପାଲଡେନ୍ ଭୂଟିଆ ଓ ଯୁଗ୍ମ ସମ୍ପାଦକ ନାରାୟଣ ଥିରିଙ୍ଗ ଭୂଟିଆ ଡ୍ରିମ୍‌ସ କ୍ରିକେଟ ଗ୍ରାଉଣ୍ଡ, ପିଚ୍, ଏହାର ଆର୍ଥ ଗ୍ୟାଲେରୀ, ପ୍ୟାଭିଲିୟନ, ଅମ୍ପାୟର୍ସ ରୁମ୍, ଅଫିସିଆଲ ରୁମ ଓ ପ୍ରେସ ଗ୍ୟାଲେରୀ ସମେତ ଷ୍ଟାଡିୟମରେ ଉପଲବ୍ଧ ସୁବିଧାସୁଯୋଗ ବୁଲି ଦେଖିଥିଲେ। ବିଶେଷ କରି ଜିମ୍, ସୁଇମିଂ ପୁଲ ଇତ୍ୟାଦି ପରିଦର୍ଶନ କରିବା ସହିତ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଅନ୍ତର୍ଜାତୀୟସ୍ତରର କ୍ରୀଡା ଭିତ୍ତିଭୂମିର ଉଚ୍ଚପ୍ରଶଂସା କରିଥିଲେ । କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଓ ଅନ୍ୟ ଅଧିକାରୀ ସେମାନଙ୍କୁ ସ୍ୱାଗତ କରିବା ସହ ଅଭ୍ୟର୍ଥନା ଜଣାଇଥିଲେ ।

# କୋହଲି, ପନ୍ତ ହିମାଳୟର ନୂଆ ବ୍ରାଣ୍ଡ ଆମ୍ବାସାଡର

ବାଙ୍ଗାଲୋର, ୧୬।୫(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଦେଶର ଅଗ୍ରଣୀ ଡ୍ରଗ୍ସ କମ୍ପାନୀ ହିମାଳୟର ଅଫିସିଆଲ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। କୋହଲି ଓ ୨୦୧୮ ମସିହା ଲାଗି ଆଇସିସି ଏମର୍ଜିଂ ପ୍ଲେୟାର ପୁରସ୍କାର ହାସଲ କରିଥିବା ପନ୍ତ ହିମାଳୟ ପକ୍ଷରୁ ଉତ୍ପାଦନ ହେଉଥିବା ‘ପୁରୁଷ ଫେସ୍ କେୟାର ରେଞ୍ଜ’ ସାମଗ୍ରୀର ପ୍ରମୋଟ୍ କରିବେ ବୋଲି ଜଣାପଡ଼ିଛି। ଏଥିସହ ଖୁବ୍‌ଶୀଘ୍ର କୋହଲି ଓ ପନ୍ତ ହିମାଳୟ ପୁରୁଷ ଫେସ୍ ୱାଶର ଏକ ବିଜ୍ଞାପନରେ ଏକାଠି ନାଚୁଥିବାର ନଜରକୁ ଆସିବେ। ‘ଟିମ୍ ହିମାଳୟ ସହ ଯୋଡ଼ି ହେବାକୁ ଯାଉଥିବାରୁ ଏବଂ ଏହାର ପୁରୁଷ ଫେସ୍ ୱାସର ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଥିବାରୁ ବହୁତ ଉତ୍ସାହିତ ରହିଛି। ‘ହିମାଳୟ ସହ ବର୍ତ୍ତମାନଠାରୁ ଲମ୍ବା ସମୟ ପର୍ଯ୍ୟନ୍ତ ପାର୍ଟନର ରହିବାକୁ ଯାଉଛି’ ବୋଲି କୋହଲି କହିଛନ୍ତି। ‘ଗତ ୮୮ ବର୍ଷ ଧରି ହିମାଳୟ ଜନସାଧାରଣଙ୍କୁ ସୁସ୍ଥ ଜୀବନ ଜିଇଁବାରେ ସହାୟତା କରିଆସିଛି। ମୋତେ ହିମାଳୟର ପୁରୁଷ ସୌନ୍ଦର୍ଯ୍ୟଶ୍ରେଣୀ ପାଇଁ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଥିବାରୁ ବହୁତ ଗର୍ବ ଅନୁଭବ କରୁଛି’ ବୋଲି ପନ୍ତ ଏହି ଅବସରରେ ପ୍ରକାଶ କରିଛନ୍ତି।

# ପାକିସ୍ତାନ ବିଶ୍ୱକପ୍ ଦଳରେ ଆମିର

କରାଚି,୧୬।୫(ପି.ଟି.)



ମହମ୍ମଦ ଆମିର

ପାକିସ୍ତାନ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଆମିରଙ୍କୁ ପ୍ରଥମେ ଅଣଦେଖା କରାଯାଇଥିଲେ ମଧ୍ୟ ପରେ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କାରା ଯାଇଛି। ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପାକିସ୍ତାନ ବୋଲରମାନେ ସାଂଘାତିକ ଭାବେ ବିଫଳ ହେବା କାରଣରୁ ଚୟନକର୍ତ୍ତା ଆମିରଙ୍କ ଗୁରୁତ୍ୱକୁ ହୃଦୟଙ୍ଗମ କରିଛି। ଗୋଟିଏ ଟି୨୦ ଓ ଦୁଇଟି ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ପାକିସ୍ତାନ ବୋଲରଙ୍କୁ ନିର୍ମମ ପ୍ରହାର କରିଛନ୍ତି। ଫଳରେ ପାକିସ୍ତାନର ବୋଲିଂ ଦୁର୍ବଳତା ପଦାରେ ପଡିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ଘୋଷିତ ୧୫ ଜଣିଆ ବିଶ୍ୱକପ୍ ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା।

ଆମିର ଚିକେନ ଫକ୍ସରେ ପୀଡିତ ଅଛନ୍ତି ଓ ଲଣ୍ଡନରେ ତାଙ୍କର ଚିକିତ୍ସା ତଥା ପରୀକ୍ଷା କରାଯାଉଛି। ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟ, ଅଧିନାୟକ ସର୍ଫରାଜ ଅହମ୍ମଦ, ହେଡ୍ କୋଚ୍ ମିକି ଆର୍ଥର ଆମୀରଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ଓ ଠିକ୍ ସମୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଟିମ୍ ମ୍ୟାନେଜମେଣ୍ଟର ସହ ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମ ଉଲ ହକ୍ ଏକମତ ହୋଇଛନ୍ତି। ତେବେ ବିଶ୍ୱକପ୍ ଆରମ୍ଭ ହେବା ବେଳକୁ ଅର୍ଥାତ୍ ମେ ୩୦ ସୁଦ୍ଧା ଆମୀର ସୁସ୍ଥ ହେବା ନେଇ ସେ ନିଶ୍ଚିତ ହେବାକୁ ଚାହାନ୍ତି ବୋଲି ଇଞ୍ଜାମାମ କହିଛନ୍ତି। ଏବେ ଆମିରଙ୍କ ମେଡିକାଲ ରିପୋର୍ଟକୁ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକମିଟି ଅପେକ୍ଷା କରିଛି। ଚିକେନ ଫକ୍ସର ଶିକାର ହେବା ପରଠାରୁ ଆମିରଙ୍କୁ ଲଣ୍ଡନ୍‌ସ୍ଥିତ ତାଙ୍କ ଶ୍ୱଶୁର ଘରକୁ ପଠାଇ ଦିଆଯାଇଥିଲା। ଆସନ୍ତା ୨ ସପ୍ତାହ ମଧ୍ୟରେ ଯଦି ଆମିର ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରନ୍ତି ତାହାଲେ ସେ ବିଶ୍ୱକପ୍ ଦଳରେ ସାମିଲ ହୋଇପାରିବେ ବୋଲି କୁହାଯାଇଛି। ପୁଣି ଦିନିକିଆରେ କ୍ରମାଗତ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ଆସିଫ ଅଲି ଯଦି ତାଙ୍କ ଫର୍ମ ବଜାୟ ରଖନ୍ତି ତାହାଲେ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇପାରେ ବୋଲି କୁହାଯାଇଛି।



ୟୁନିଟ–୬ ଖେଳ ପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ଶିବିରରେ ପ୍ରଶିକ୍ଷାର୍ଥୀ ଓ କୋଚ୍‌ମାନଙ୍କ ସହ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ‘ଶୃଙ୍ଖଳା ସହ ସମର୍ପିତ ଭାବ ଜଣକୁ ଶ୍ରେଷ୍ଠ କରିଥାଏ’

ଭୁବନେଶ୍ୱର, ୧୬।୫(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ତ୍ରୁଟିକୁ ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସମୟରେ କିମ୍ବଦନ୍ତୀ ଖେଳାଳିଙ୍କ ଉପସ୍ଥିତି ପିଲାମାନଙ୍କୁ ବେଶ୍ ଉତ୍ସାହିତ କରୁଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷାର୍ଥୀଙ୍କ ସହ କିଛି ସମୟ ବିତାଇଥିଲେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଶୃଙ୍ଖଳା, ସମୟାନୁବର୍ତ୍ତିତା, ଏକାଗ୍ରତା ଏବଂ ଫୁଟବଲ ପ୍ରତି ସମର୍ପିତ ଭାବ ହିଁ ଜଣକୁ ଶ୍ରେଷ୍ଠ ଖେଳାଳିରେ ପରିଣତ କରିଥାଏ ବୋଲି ପିଲାମାନଙ୍କୁ ଶ୍ରଦ୍ଧାଞ୍ଜଳି ପରାମର୍ଶ ଦେଇଛନ୍ତି। ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ସେ ଏକଦା ଖୋ–ଖୋରେ କ୍ୟାରିୟର ଆରମ୍ଭ କରିଥିଲେ ହେଁ ପରେ ଫୁଟବଲରେ ଜାତୀୟ ଦଳର ଅଧିନାୟିକା ହୋଇପାରିଥିଲେ ବୋଲି କହିଛନ୍ତି। ଫୁଟବଲ ପ୍ରତିଭାଙ୍କୁ ତାଲିମ ପାଇଁ ଆସୋସିଏଶନ ପକ୍ଷରୁ ହେଉଥିବା ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ପିଲାମାନଙ୍କୁ ଉପଯୋଗୀ ଟିପ୍ସ ଦେଇଥିବାରୁ ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି, ସମ୍ପାଦକ ଦିଲୀପ ଦାସ, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ଗିରିଜା ଦାସ, ସୁଶାନ୍ତ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳିଙ୍କୁ ଧନ୍ୟବାଦ ଜଣାଇଥିଲେ।



"ଆମ ପେସ୍ ବାହିନୀ ଯେକୌଣସି ପିଚ୍‌ରେ ପ୍ରଭାବୀ ବୋଲିଂ କରିପାରିବ। ଆସନ୍ତା ବିଶ୍ୱକପ୍‌ରେ ମଧ୍ୟ ତାହା ଦେଖିବାକୁ ମିଳିବ ବୋଲି ଆଶା ।
–ଭୁବନେଶ୍ୱର କୁମାର, ଭାରତୀୟ ବୋଲର



"ଇଂଲିଶ କଣ୍ଡିଶନରେ କେ.ଏଲ୍. ରାହୁଲ ଭଲ ଖେଳିପାରିବେ। ଭାରତୀୟ ବ୍ୟାଟିଂ ଅର୍ଡରର ଚତୁର୍ଥ ସ୍ଥାନ ପାଇଁ ସେ ଜଣେ ବିକଳ୍ପ ଖେଳାଳି ।
–ଦିଲୀପ ଭେଙ୍ଗସରକାର, ପୂର୍ବତନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଚାଇନା ୨୦୨୩ ଏସିଆନ କପ୍ ଫୁଟ୍‌ବଲ ଆୟୋଜକ

ସିଓଲ, ୧୬।୫ (ଏଏଫ୍‌ପି): ଦକ୍ଷିଣ କୋରିଆ ୨୦୨୩ ଏସିଆନ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ଆୟୋଜନରୁ ଓହରିଯାଇଛି। ଫଳରେ ଏହି ଇଭେଣ୍ଟର ଅନ୍ୟତମ ବିଡର ଚାଇନାକୁ ଆୟୋଜନ ଅଧିକାର ମିଳିବା ସ୍ପଷ୍ଟ ହୋଇଛି। କୋରିଆ ଫୁଟ୍‌ବଲ ଆସୋସିଏଶନ (କେଏଫ୍‌ଏ) କହିଛି ସେହିବର୍ଷ ଉତ୍ତର କୋରିଆ ସହିତ ମିଳିତ ଭାବେ ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଥିବାରୁ ପାଖାପାଖି ଦୁଇଟି ଟୁର୍ନାମେଣ୍ଟ ଆୟୋଜନ ସହଜ ହେବ ନାହିଁ। ସିଓଲ ଓହରିଯାଇଥିବାରୁ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ଜୁନ୍ ୪ ସୁଦ୍ଧା ଚାଇନାକୁ ଏସିଆନ୍ କପ୍ ଆୟୋଜନ ଅଧିକାର ପ୍ରଦାନ ବିଷୟ ସ୍ପଷ୍ଟ କରିଦେବା ଉଚିତ। ଚାଇନା ଦ୍ୱିତୀୟ ଥର ପାଇଁ ପ୍ରତିଯୋଗିତାର ଆୟୋଜନ କରିବ। ପୂର୍ବରୁ ଏହି ଦେଶ ୨୦୦୪ରେ ଆୟୋଜକ ହୋଇଥିଲା। ବେଜିଂରେ ଅନୁଷ୍ଠିତ ଫାଇନାଲରେ ଜାପାନ ନିକଟରୁ ୩-୧ ଗୋଲରେ ଚାଇନା ପରାସ୍ତ ହୋଇଯାଇଥିଲା। ଦୁଇବର୍ଷ ପୂର୍ବେ ୨୪ ରାଷ୍ଟ୍ରର ଫୁଟ୍‌ବଲ ଦଳକୁ ନେଇ ୨୦୨୩ ସଂସ୍କରଣ ପାଇଁ ସିଓଲର ବିଡ୍ ସମ୍ପର୍କରେ କେଏଫ୍‌ଏ ଘୋଷଣା କରିଥିଲା। ୧୯୬୦ ପରେ ଏସିଆର ଏହି ସମ୍ମାନଜନକ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଥର ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଥିଲା। ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ମଧ୍ୟ ଆଗ୍ରହ ଦେଖାଇଥିଲେ। ମାତ୍ର ପରେ ସେମାନେ ବିଡ୍‌ରୁ ଓହରିଯାଇଥିଲେ। ଚଳିତ ବର୍ଷ ୟୁଏଇରେ ଏହି ଟୁର୍ନାମେଣ୍ଟର ଦଳ ସଂଖ୍ୟା ୨୪କୁ ବୃଦ୍ଧି କରାଯାଇଥିଲା। ଏଥିରେ ଜାପାନ ବିପକ୍ଷରେ ୩-୧ ଗୋଲରେ ବିଜୟ ଲାଭ କରି କାତାର ଚାମ୍ପିୟନ ହୋଇଥିଲା।

### କିଙ୍ଗ୍ସ କପ୍: ସମ୍ଭାବ୍ୟ ତାଲିକାରୁ ଜେଜେ ବାଦ୍

ନୂଆଦିଲ୍ଲୀ, ୧୬।୫(ପି.ଟି.): ଜୁନ୍ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା କିଙ୍ଗ୍ସ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଲାଗି ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ନବନିଯୁକ୍ତ ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍‌ଙ୍କ ଦ୍ୱାରା ଘୋଷିତ ୩୭ ଜଣିଆ ସମ୍ଭାବ୍ୟ ଦଳରୁ ଆହତ ଥିବା ଷ୍ଟ୍ରାଇକର ଜେଜେ ଲାଲପେଖଲୁଆଙ୍କୁ ବାଦ୍ ଦିଆଯାଇଛି। ଘୋଷିତ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ମେ ୨୦ରୁ ନୂଆଦିଲ୍ଲୀଠାରେ ପ୍ରସ୍ତୁତି କ୍ୟାମ୍ପ୍ ଆରମ୍ଭ ହେବ। ଆଣ୍ଠୁଜନିତ ସମସ୍ୟା ଭୋଗୁଥିବା ଜେଜେ ବୁଧବାର ଢାକାଠାରେ ଖେଳାଯାଇଥିବା ଏଏଫ୍‌ସି କପ୍‌ର ଅବହାନି ଢାକା ବିପକ୍ଷ ମ୍ୟାଚ୍‌ରେ ଚେନ୍ନାଇନ ଏଫ୍‌ସି ପକ୍ଷରୁ ଖେଳିପାରି ନ ଥିଲେ। ଚଳିତ ମାସ ୩ୟ ସପ୍ତାହରେ ତାଙ୍କର ଅସ୍ତ୍ରୋପଚାର ହେବ ବୋଲି ଜଣାପଡ଼ିଛି। ଜେଜେଙ୍କ ସମେତ ଆଘାତଜନିତ ସମସ୍ୟା ଲାଗି ହାଲିଚରଣ ନଜାରୀ, ମନ୍ଦର ରାଓ ଦେଶାଇ, ଆସିକ କୁରୁନିୟାନ ଓ ନରେନ୍ଦ୍ର ଗେହଲଟଙ୍କୁ ମଧ୍ୟ ଏହି ଦଳରୁ ବାଦ୍ ଦିଆଯାଇଛି। 'ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଏବଂ ଶୁଭକାମନା। ଦଳ ସହ କାମ କରିବାକୁ ବ୍ୟଗ୍ର ରହିଛି। ମୁଁ ସର୍ବଦା ନୂତନ ଚ୍ୟାଲେଞ୍ଜକୁ ଗ୍ରହଣ କରିଥାଏ ଏବଂ ବ୍ଲୁ ଟାଇଗର୍ସ ଦଳକୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ପ୍ରସ୍ତୁତ ରହିଛି' ବୋଲି ମୁଖ୍ୟକୋଚ୍ ଷ୍ଟିମାକ ତାଙ୍କ ବାର୍ତ୍ତାରେ କହିଛନ୍ତି। କିଙ୍ଗ୍ସ କପ୍‌ରେ ଆୟୋଜକ ଥାଇଲାଣ୍ଡ ସମେତ ଭାରତ ଓ ଭିଏତ୍‌ନାମ ଅଂଶଗ୍ରହଣ କରୁଛନ୍ତି। ଭାରତ ୧୯୭୭ ପରେ ପ୍ରଥମଥର ଲାଗି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। ଏହାପରେ ଜୁଲାଇରେ ହେବାକୁ ଥିବା ହିରୋ ଇଣ୍ଟରନ୍ୟାଶନାଲ କପ୍‌ରେ ଭାରତ ଭାଗନେବ।

### ଟୋଣ୍ଡମ୍ବାଙ୍କ ସହ ଇଷ୍ଟ ବେଙ୍ଗଲର ୪ ବର୍ଷିଆ ଚୁକ୍ତି

କୋଲକାତା, ୧୬।୫(ପିଟି)- ଆଇ ଲିଗ୍ ରନର୍ସଅପ୍ ଇଷ୍ଟ ବେଙ୍ଗଲ ଏଫ୍‌ସି ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ନାଓରେମ ଟୋଣ୍ଡମ୍ବାଙ୍କ ସହ ୪ ବର୍ଷିଆ ଚୁକ୍ତି କରିଛି। କୋଚ୍ ଆଲେଜାଣ୍ଡ୍ରୋ ମେନେଣ୍ଡେଜ ପ୍ରତିଭାଶାଳୀ ଯୁବ ଖେଳାଳିଙ୍କ ଉପରେ ବହୁ ଆଗରୁ ନଜର ରଖିଥିଲେ। ମିଡ୍‌ଫିଲ୍ଡର ଟୋଣ୍ଡମ୍ବା କଠିନ ପରିଶ୍ରମ କରନ୍ତି। ଗତ ସିଜନରେ ନେରୋକା ଏଫ୍‌ସି ପାଇଁ ମଧ୍ୟ ପ୍ରଦର୍ଶନ କରିଥିଲେ ବୋଲି କ୍ଲବ ପକ୍ଷରୁ ଗୁରୁବାର କୁହାଯାଇଛି। ଦଳକୁ ପୁଣି ଶକ୍ତିଶାଳୀ କରିବା ପାଇଁ ଇଷ୍ଟ ବେଙ୍ଗଲ ବହୁ ଖେଳାଳିଙ୍କ ଚୁକ୍ତିର ସମୟ ସୀମାରେ ବୃଦ୍ଧି କରିଛି। ଏହି ଦଳ ଆଗାମୀ ସିଜନରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି।

# ୫ କ୍ଲବକୁ ୧୦ ଲକ୍ଷ ଲେଖାଏଁ, ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଜରିମାନା

**ସୁପର କପ୍ ପ୍ରସଙ୍ଗ**

ନୂଆଦିଲ୍ଲୀ, ୧୬।୫ (ପି.ଟି.)

ଗତ ମାର୍ଚ୍ଚ–ଏପ୍ରିଲରେ ଖେଳାଯାଇଥିବା ସୁପର କପ୍‌ରୁ ଓହରିଯାଇଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଶୃଙ୍ଖଳା କମିଟି ୫ଟି ଆଇ–ଲିଗ୍ କ୍ଲବକୁ ୧୦ ଲକ୍ଷ ଲେଖାଏ ଏବଂ ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଟଙ୍କା ଜରିମାନା କରିଛି। ଦଣ୍ଡିତ ହୋଇଥିବା ୫ଟି କ୍ଲବ ହେଲେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ଓ ମିନର୍ଭା ପଞ୍ଜାବ ଏଫ୍‌ସି ଏବଂ ଚର୍ଚ୍ଚିଲ ବ୍ରଦର୍ସ, ଗୋକୁଲମ୍ ଏଫ୍‌ସି, ନେରୋକା ଏଫ୍‌ସି। କମିଟି କିନ୍ତୁ ମୋହନ ବାଗାନ ବିରୋଧରେ କୌଣସି ନିଷ୍ପତ୍ତି ନ ନେଇ ମାମଲାର ବିଚାର ପାଇଁ ଆର୍ବିଟ୍ରେଶନ ନିକଟକୁ ପଠାଇ ଦେଇଛି। କାରଣ କୋଲକାତାର ଏହି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ସ୍ୱାକ୍ଷରିତ କରି ନ ଥିଲା। ସୁପର କପ୍ ହେଉଛି ଏକ ପ୍ରିମିୟର ନକ୍‌ଆଉଟ୍ କ୍ଲବ ଟୁର୍ନାମେଣ୍ଟ। ଆଇ–ଲିଗ୍ ଏବଂ ଆଇଏସ୍‌ଏଲ୍ ଟିମ୍‌ଗୁଡ଼ିକୁ ନେଇ ଏହା ଆୟୋଜିତ ହୋଇଥାଏ। ମାତ୍ର ୭ଟି କ୍ଲବ ଯଥା ମିନର୍ଭା ପଞ୍ଜାବ ଏଫ୍‌ସି, ଇଷ୍ଟବେଙ୍ଗଲ, ମୋହନ ବାଗାନ, ଚର୍ଚ୍ଚିଲ ବ୍ରଦର୍ସ, ନେରୋକା ଏଫ୍‌ସି, ଗୋକୁଲମ କେରଳ ଏଫ୍‌ସି ଏବଂ ଆଇଜଲ ଏଫ୍‌ସି ଏଥର ଓହରିଯିବା ଦ୍ୱାରା ପ୍ରତିଯୋଗିତା ଚମକ ହରାଇଥିଲା। ଆଇଜଲ ଏଫ୍‌ସି, ଚର୍ଚ୍ଚିଲ ବ୍ରଦର୍ସ, ଗୋକୁଲମ କେରଳ ଏଫ୍‌ସି, ମିନର୍ଭା ପଞ୍ଜାବ ଏଫ୍‌ସି ଏବଂ ନେରୋକା ଉପରେ କମିଟି ଯେଉଁ ୧୦ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି ଦେଶରେ ଯୁବ ଫୁଟ୍‌ବଲର ପ୍ରସାର ଏବଂ ତୃଣମୂଳ ସ୍ତରରେ ଖେଳର ବିକାଶ କ୍ଷେତ୍ରରେ ବ୍ୟୟ କରାଯିବ ବୋଲି ୬ ପୃଷ୍ଠା ସମ୍ବଳିତ ରାୟରେ କମିଟି ପ୍ରକାଶ କରିଛି। କୌଣସି କ୍ଲବ ଯଦି ଜରିମାନା ପ୍ରଦାନରେ ଅବହେଳା କରେ ତେବେ ପରବର୍ତ୍ତୀ ସଂସ୍କରଣରେ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ ହେବ। ଅନ୍ୟପକ୍ଷରେ କମିଟି ହୃଦୟଙ୍ଗମ କରିଥିଲା ଯେ, ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଇଷ୍ଟବେଙ୍ଗଲର ଇଚ୍ଛା ଥିଲା। ମାତ୍ର ଏହାର ପ୍ରାୟୋଜକ ପ୍ରତିଯୋଗିତାର ପରିସ୍ଥିତି ଦେଖି ସ୍ପନସରଶିପ୍‌ରୁ ଓହରିଯାଇଥିଲା। ତେଣୁ ଏହି କ୍ଲବକୁ ସମ୍ପୂର୍ଣ୍ଣ ଦାୟୀ କରିହେବ ନାହିଁ। କମିଟି ତେଣୁ ଇଷ୍ଟବେଙ୍ଗଲକୁ ୫ ଲକ୍ଷ ଟଙ୍କା ଜରିମାନା କରିଛି। ସୂଚନାଯୋଗ୍ୟ, ଏଆଇଏଫ୍‌ଏଫ୍ ବିରୋଧରେ ବିଦ୍ରୋହ କରିଥିବା କ୍ଲବଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ନେଇ ଫେବୃୟାରୀ ୧୮ରେ ଏହାର ସଭାପତିଙ୍କ ନିକଟକୁ ଚିଠି ଲେଖିଥିଲେ। ତନ୍ମଧ୍ୟରେ ଆଇ–ଲିଗ୍‌ର ଭବିଷ୍ୟତ ନେଇ ଅନିଶ୍ଚିତତା ସମ୍ପର୍କରେ ସ୍ପଷ୍ଟ କରିବା ଏବଂ ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳ ପାଇଁ ଏଜେଣ୍ଡାର ଅଭାବ ଅନ୍ୟତମ ଥିଲା।

# ଦୈନିକ ୩୫୦୦ ଭାରତୀୟ ଭିଜା ଆବେଦନ କରୁଛନ୍ତି

**ଆଇସିସି ବିଶ୍ୱକପ୍**

ନୂଆଦିଲ୍ଲୀ, ୧୬।୫

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୩୦ରୁ ୟୁନାଇଟେଡ୍ କିଙ୍ଗଡମ (ୟୁକେ)ରେ ଆରମ୍ଭ ହେବାକୁ ଯାଉଛି। କ୍ରିକେଟର ଏହି ମହାକୁମ୍ଭକୁ ଉପଭୋଗ କରିବା ଲାଗି ଦିନକୁ ପାଖାପାଖି ୩୫୦୦ ଭାରତୀୟ ନାଗରିକ ୟୁକେ ଭିଜା ପାଇଁ ଆବେଦନ କରୁଛନ୍ତି। ଅନ୍ୟ ସମୟ ଅପେକ୍ଷା ଭିଜା ଆବେଦନ ହାର ଅଧିକ ରହିଛି ବୋଲି ବ୍ରିଟିଶ ହାଇ କମିଶନର (ବିଏଚ୍‌ସି) କହିଛନ୍ତି। ସେହିଭଳି ଏହି ସମରରେ ୮୦ ହଜାର ଭାରତୀୟ ୟୁକେ ଗସ୍ତରେ ଆସିବେ ବୋଲି କମିଶନର ଆଶାପ୍ରକାଶ କରିଛନ୍ତି। 'ଭାରତରେ ଖେଳପ୍ରତି ଭଲପାଇବା, ଭାରତ–ୟୁକେ ମଧ୍ୟରେ ବିମାନ ଚଳାଚଳ ବ୍ୟବସ୍ଥା ଓ ମାର୍କେଟ୍ ଦୃଷ୍ଟିରୁ ଆଇସିସି ବିଶ୍ୱକପ୍ ଲାଗି ଭାରତରୁ ସର୍ବାଧିକ ଦର୍ଶକ ୟୁକେ ଗସ୍ତରେ ଆସିବାର ବହୁତ ଅଧିକ ସମ୍ଭାବନା ରହିଛି' ବୋଲି ବ୍ରିଟିଶ ହାଇକମିଶନର ଏକ ଜାତୀୟ ଖବରକାଗଜକୁ ସାକ୍ଷାତ୍‌କାର ଅବସରରେ କହିଛନ୍ତି। 'କ୍ରିକେଟ୍ ବିଶ୍ୱକପ୍ ଲାଗି ଅନ୍ୟସିଜନ ଅପେକ୍ଷା ଚଳିତ ବର୍ଷ ଅଧିକ ଭିଜା ଆବେଦନ ହୋଇଛି। ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ଆମର ଭିଜା ପ୍ରଦାନକାରୀ ସଂସ୍ଥା (ଭିଏଫ୍‌ଏସ୍ ଗ୍ଲୋବାଲ) ନିକଟରେ ଭାରତୀୟ ଭିଜା ଆବେଦନକାରୀ ସଂଖ୍ୟା ୨ ଲକ୍ଷ ଟପି ସାରିଲାଣି। କେବଳ ମାର୍ଚ୍ଚ ଓ ଏପ୍ରିଲରେ ୧ ଲକ୍ଷ ୩୨ ହଜାର ଭାରତୀୟ ଭିଏସ୍‌ଏସ୍ ଗ୍ଲୋବାଲ ନିକଟରେ ଭିଜା ଆବେଦନ କରିଛନ୍ତି' ବୋଲି ବ୍ରିଟିଶ ହାଇକମିଶନରଙ୍କ ମୁଖପାତ୍ର କହିଛନ୍ତି।

# କ୍ୱାର୍ଟରରେ ହକି ଓଡ଼ିଶା



ଗୁରୁବାର ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଟକ ଅଫିସ, ୧୬।୫

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ–୨୦୧୯(ଡିଭିଜନ–ଏ)ରେ ହକି ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ପୁଲ–ଏରେ ସ୍ଥାନ ପାଇଥିବା ଓଡ଼ିଶା ଗୁରୁବାର ତାମିଲନାଡୁକୁ ୯–୦ ଗୋଲରେ ପରାସ୍ତ କରିଥିଲା । ଅଧିନାୟକ ଲାବନ ଲୁଗୁନ ୧୪, ୩୯ ଓ ୫୮ ମିନିଟରେ ସର୍ବାଧିକ ୩ଟି, ରୋଶନ କୁଜୁର ୪ ଓ ୪୫ତମ ମିନିଟରେ ୨ଟି, ଆଶିଷ ଖେସ ୧୮ ଓ ୨୫ତମ ମିନିଟରେ ୨ଟି ଏବଂ ରାଜମନ ଟେଟେ ୨ୟ ଓ ସଞ୍ଜୟ ଏକ୍କା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ ।

## ଫ୍ରେଞ୍ଚ ଓପନ୍‌ରୁ ଓହରିଲେ ଶାରାପୋଭା

ପ୍ୟାରିସ, ୧୬।୫

ରୁଷୀୟ ଟେନିସ ସୁନ୍ଦରୀ ମାରିଆ ଶାରାପୋଭା ଚଳିତ ମାସ ଶେଷ ସପ୍ତାହରୁ ଆରମ୍ଭ ହେବାକୁ ଥିବା ବର୍ଷର ୨ୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ୍‌ରୁ ଓହରି ଯାଇଛନ୍ତି। ବହୁଦିନ ଧରି ଡାହାଣହାତ କହୁଣିରେ ରହିଥିବା ସମସ୍ୟା ଲାଗି ଶାରାପୋଭା ଏହି ନିଷ୍ପତ୍ତି ନେଇଛନ୍ତି। ଏଠାରେ ୨ଥର ଟାଇଟଲ ବିଜୟିନୀ ହୋଇଥିବା ଶାରାପୋଭା ଏହି ନିଷ୍ପତ୍ତି ନେଇ ନିଜ ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି। ବିଶ୍ୱ ମାନ୍ୟତାର ୩୫ତମ ସ୍ଥାନରେ ରହିଥିବା ୩୨ ବର୍ଷୀୟା ଏହି ରୁଷୀୟ ଖେଳାଳି ଗତ ଜାନୁୟାରୀ ପରଠାରୁ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ମେ ୨୬ରୁ ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ଫ୍ରେଞ୍ଚ ଓପନ୍ ଅନୁଷ୍ଠିତ ହେବ। ପୂର୍ବରୁ ଶାରାପୋଭା ଏଠାରେ ୨୦୧୨ ଓ ୨୦୧୪ରେ ଚାମ୍ପିୟନ ହୋଇଥିଲେ। ଗତ ସଂସ୍କରଣରେ ସେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିଥିଲେ ମଧ୍ୟ ଗାର୍ବିଏନ ମୁଗୁରୁଜାଙ୍କ ନିକଟରୁ ହାରି ବିଦାୟ ନେଇଥିଲେ।

# ବାଂଲାଦେଶ କ୍ରିକେଟ ଏକାଡେମୀରେ ଜାଫରଙ୍କୁ ନିଯୁକ୍ତି


କୋଲକାତା/ମୁମ୍ବାଇ, ୧୬।୫ (ପି.ଟି.)



ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପୂର୍ବତନ ଭାରତୀୟ ଓପନର ୱାସିମ୍ ଜାଫରଙ୍କୁ ମୀରପୁରସ୍ଥିତ ଏକାଡେମୀରେ ବ୍ୟାଟିଂ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛି। ବିସିବିର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ଏହି ସୂଚନା ଦେଇଛନ୍ତି। ଜାଫରଙ୍କ ସହିତ ୧ ବର୍ଷିଆ ଚୁକ୍ତି କରାଯାଇଛି। ସେ ଚଳିତ ମେ ମାସରୁ ୨୦୨୦ ଏପ୍ରିଲ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ଜାଫର ପ୍ରଥମେ ଏକାଡେମୀର ଗେମ୍ ଡେଭଲପ୍‌ମେଣ୍ଟ ୟୁନିଟ୍‌ରେ କାର୍ଯ୍ୟ କରିବେ। ୧୬ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବୟସ ବର୍ଗ ଦଳ ଦାୟିତ୍ୱରେ ରହିବେ। ପରେ ତାଙ୍କୁ ବିସିବି ହାଇପର୍ଫମାନ୍ସ ୟୁନିଟ୍ (ଏନସିଏ ସମକକ୍ଷ) ବ୍ୟାଟିଂ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇପାରେ ବୋଲି ବିସିବି ଗେମ୍ ଡେଭଲପମେଣ୍ଟ ମ୍ୟାନେଜର କେସାର ଅହମ୍ମଦ ପ୍ରକାଶ କରିଛନ୍ତି। ୪୧ ବର୍ଷୀୟ ଜାଫର ବିଦର୍ଭ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପୂର୍ବରୁ ୧୯ଟି ସିଜନ ମୁମ୍ବାଇ ପକ୍ଷରୁ ଖେଳିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ବିଦର୍ଭ କ୍ରମାଗତ ଦୁଇଥର ରଣଜୀ ଟ୍ରଫି ଟାଇଟଲ ଜିତିପାରିଛି। ଜାଫର ଭାରତ ପାଇଁ ୩୧ ଟେଷ୍ଟ ମ୍ୟାଚ ଖେଳି ୧,୯୪୪ ରନ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୨୧୨ ରହିଛି। ସେ ଆହୁରି ମଧ୍ୟ ଦୁଇଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି।

# ୧୯୯୨: ମାର୍ଟିନ, ଆକ୍ରମ ସଫଳ ଖେଳାଳି

ବିଶ୍ୱକପ୍‌ର ପଞ୍ଚମ ସଂସ୍କରଣକୁ ୧୯୯୨ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରିଥିଲେ। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଅବଶ୍ୟ ବିଶ୍ୱକପ୍ ପରିସଂଖ୍ୟାନରେ ପାକିସ୍ତାନ ଖେଳାଳିଙ୍କ ପ୍ରଭାବ ସେତେଟା ଦେଖିବାକୁ ମିଳିନାହିଁ। କେବଳ ସର୍ବାଧିକ ଉଇକେଟ ହାସଲ ତାଲିକାରେ ପାକିସ୍ତାନ ଦ୍ରୁତ ବୋଲର ୱାସିମ ଆକ୍ରମ ଶୀର୍ଷରେ ରହିଥିଲେ। ସେହିପରି ସର୍ବାଧିକ ବ୍ୟକ୍ତିଗତ ରନ୍ ହାସଲ ତାଲିକାରେ ପାକିସ୍ତାନର ରମିଜ ରାଜା ୧ ନମ୍ବର ସ୍ଥାନରେ ରହିଥିଲେ।



ୱାସିମ ଆକ୍ରମ

ସର୍ବାଧିକ ଦଳୀୟ ସ୍କୋର ତାଲିକାରେ ଶ୍ରୀଲଙ୍କା, ଜିମ୍ବାୱେ ଓ ଇଂଲଣ୍ଡ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଜିମ୍ବାୱେ ବିପକ୍ଷରେ ଶ୍ରୀଲଙ୍କାର ୩୧୩/୭ ସ୍କୋର ଶୀର୍ଷରେ ରହିଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷରେ ଜିମ୍ବାୱେ ୩୧୨/୪ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ୨୮୦/୬ ସ୍କୋର କରି ତାଲିକାର ତୃତୀୟ ସ୍ଥାନରେ ରହିଥିଲା। ଏହି ତାଲିକାରେ ଭାରତ ସ୍ଥାନ ପାଇ ନ ଥିଲା।

ଟୁର୍ନାମେଣ୍ଟରେ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ନ୍ୟୁଜିଲାଣ୍ଡର ମାର୍ଟିନ କ୍ରୋ ଶୀର୍ଷରେ ରହିଥିଲେ। ସେ ୯ ମ୍ୟାଚ୍ ଓ ଇନିଂସରୁ ୧୧୪ ହାରରେ ୯୦.୮୩ ଷ୍ଟ୍ରାଇକରେଟ୍‌ରେ ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସହ ୬ ଛକା ଓ ୪୫ ଚୌକା ସହ ମୋଟ ୪୫୬ ରନ ସଂଗ୍ରହ କରିଥିଲେ। ପାକିସ୍ତାନର ଜାଭେଦ ମିଆଁଦାଦ ୯ଟି ମ୍ୟାଚ୍ ଓ ଇନିଂସରୁ ୬୨.୪୨ ରନ ହାରରେ, ୬୨.୬୦ ରନ ହାରରେ ୫ଟି ଅର୍ଦ୍ଧଶତକ ଓ ୨୭ଟି ଚୌକା ମାରି ମୋଟ ୪୩୭ ରନ ସଂଗ୍ରହ କରିଥିଲେ। ସେହିପରି ଦକ୍ଷିଣ ଆଫ୍ରିକାର ପିଟର କିର୍ଷ୍ଟେନ ୮ଟି ମ୍ୟାଚ୍ ଓ ଇନିଂସରୁ ୬୮.୩୩ ରନ ହାରରେ ୬୬.୫୫ ଷ୍ଟ୍ରାଇକରେଟ୍‌ରେ ୪ଟି ଅର୍ଦ୍ଧଶତକ ସହ ୨୮ଟି ଚୌକା ଓ ୨ଟି ଛକା ସହ ୪୧୦ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ୍ ୮ଟି ମ୍ୟାଚ୍ ଖେଳି ୭ ଟି ଇନିଂସରୁ ୪୭.୪୨ ରନ ହାରରେ ୭୮.୧୧ ଷ୍ଟ୍ରାଇକରେଟ୍‌ରେ ୪ଟି ଅର୍ଦ୍ଧଶତକ ସହ ୨୯ ଚୌକା ଓ ୧ ଛକା ସହ ୩୩୨ ରନ କରି ତାଲିକାର ସପ୍ତମ ସ୍ଥାନରେ ରହିଥିଲେ। ପାକିସ୍ତାନର ରମିଜ ରାଜା ୩୪୯ ରନ କରି ପଞ୍ଚମ ସ୍ଥାନରେ ରହିଥିଲେ। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅଷ୍ଟ୍ରେଲିଆର ଡେଭିଡ ବୁନ (୩୬୮), ୱେଷ୍ଟଇଣ୍ଡିଜର ବ୍ରାଏନ ଲାର (୩୩୩), ପାକିସ୍ତାନର ଆମିର ସୋହେଲ (୩୨୬), ନ୍ୟୁଜିଲାଣ୍ଡର ଆଣ୍ଡ୍ର୍ୟୁ ଜୋନ୍ସ (୩୨୨) ଓ ମାର୍କ ଗ୍ରେଟବ୍ୟାଚ୍ (୩୧୩)।

ସର୍ବାଧିକ ବ୍ୟକ୍ତିଗତ ରନ ହାସଲ ତାଲିକାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅପରାଜିତ ୧୧୯ ରନ କରି ରମିଜ ରାଜା ଶୀର୍ଷରେ ରହିଥିଲେ। ଜିମ୍ବାୱେର ଆଣ୍ଡି ଫ୍ଲାୱାର ଶ୍ରୀଲଙ୍କା ବିପକ୍ଷରେ ଅପରାଜିତ ୧୧୫ ରନ କରି ଦ୍ୱିତୀୟ, ପାକିସ୍ତାନର ଆମିର ସୋହେଲ ଜିମ୍ବାୱେ ବିପକ୍ଷରେ ୧୧୪ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ଆଝାରୁଦ୍ଦିନ ଅଷ୍ଟ୍ରେଲିଆ ବିପକ୍ଷରେ ୯୩ ରନ କରି ୧୦ଶତମ ସ୍ଥାନରେ ରହିଥିଲେ। ଏକମାତ୍ର ଭାରତୀୟ ଭାବେ ସେ ଏହି ତାଲିକାରେ ସ୍ଥାନ ପାଇଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆଉ ଏକ ଶତକ (ଅପରାଜିତ ୧୦୨ ରନ) ହାସଲ କରି ରମିଜ ପଞ୍ଚମ ସ୍ଥାନରେ ରହିଥିଲେ। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ୱେଷ୍ଟଇଣ୍ଡିଜର ଫିଲ ସମନ୍ସ (୧୧୦), ନ୍ୟୁଜିଲାଣ୍ଡର ମାର୍ଟିନ କ୍ରୋ (୧୦୦), ଅଷ୍ଟ୍ରେଲିଆ ଡେଭିଡ ବୁନ୍ (୧୦୦) ଓ ୱେଷ୍ଟଇଣ୍ଡିଜର ଡେସ୍‌ମଣ୍ଡ ହେନ୍ସ (ଅପରାଜିତ ୯୩)।

ସର୍ବାଧିକ ପାର୍ଟନରଶିପ୍‌ରେ ୱେଷ୍ଟଇଣ୍ଡିଜ ଡେସ୍‌ମଣ୍ଡ ହେନ୍ସ ଓ ବ୍ରାଏନ ଲାରା ପାକିସ୍ତାନ ବିପକ୍ଷରେ ପ୍ରଥମ ଉଇକେଟରେ ଅପରାଜିତ ୧୭୫ ରନ କରି ଶୀର୍ଷରେ ରହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର କେପଲର ୱେସଲ୍ସ ଓ ଆଣ୍ଡ୍ର୍ୟୁ ହଡସନ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଉଇକେଟ ଯୋଡିରେ ୧୫୧ ରନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଜିମ୍ବାୱେରେ ଆଣ୍ଡି ଫ୍ଲାୱାର ଓ ଆଣ୍ଡି ୱାଲର ଶ୍ରୀଲଙ୍କା ବିପକ୍ଷରେ ପଞ୍ଚମ ଉଇକେଟ ଯୋଡିରେ ଅପରାଜିତ ୧୪୫ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ମହମ୍ମଦ ଆଝାରୁଦ୍ଦିନ ଓ ସଚିନ ତେନ୍ଦୁଲକର ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଉଇକେଟ ଯୋଡିରେ ୧୨୭ ରନ କରି ତାଲିକାର ନବମ ସ୍ଥାନରେ ରହିଥିଲେ।

ସର୍ବାଧିକ ଉଇକେଟ ହାସଲ ତାଲିକାରେ ୧୦ଟି ମ୍ୟାଚ୍‌ରୁ ୧୮.୭୭ ରନ ହାରରେ ୧୮ଟି ଉଇକେଟ ନେଇ ଆକ୍ରମ ଶୀର୍ଷରେ ରହିଥିଲେ। ସେହିପରି ଇଂଲଣ୍ଡର ଇଆନ ବୋଥାମ ୧୦ଟି ମ୍ୟାଚ୍‌ରୁ ୧୯.୧୨ ରନ ହାରରେ ୧୬ଟି ଉଇକେଟ ଅକ୍ତିଆର କରି ଦ୍ୱିତୀୟ,

ଆଇସିସି ବିଶ୍ୱକପ
ଆଉ ୧୨ ଦିନ



ମାର୍ଟିନ କ୍ରୋ

ପାକିସ୍ତାନର ମୁସ୍ତାକ ଅହମ୍ମଦ ୯ଟି ମ୍ୟାଚ୍ ଖେଳି ୧୯.୪୩ ରନ ହାରରେ ୧୬ଟି ଉଇକେଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସି ଭାରତୀୟ ସ୍ଥାନ ପାଇ ନ ଥିଲେ।

ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନରେ ଦକ୍ଷିଣ ଆଫ୍ରିକାର ମେରିକ ପ୍ରିଙ୍ଗଲ ଶୀର୍ଷରେ ରହିଥିଲେ। ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୦ ଓଭର ବୋଲିଂ କରି ୧୧ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଜିମ୍ବାୱେର ଏଡୋ ବ୍ରାଣ୍ଡ୍ସ ଇଂଲଣ୍ଡ ବିପକ୍ଷରେ ୧୦ ଓଭର ବୋଲିଂ କରି ୨୧ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଇଂଲଣ୍ଡର କ୍ରିସ୍ ଲୁଇସ୍ ଶ୍ରୀଲଙ୍କା ବିପକ୍ଷରେ ୮ ଓଭର ବୋଲିଂ କରି ୩୦ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଥିଲେ। ଇଂଲଣ୍ଡର ବୋଥାମ ଅଷ୍ଟ୍ରେଲିଆ ବିପକ୍ଷରେ ୧୦ ଓଭର ବୋଲିଂ କରି ୩୧ ରନ ଦେଇ ୪ ଉଇକେଟ ଅକ୍ତିଆର କରି ଚତୁର୍ଥ, ଆକ୍ରମ ନ୍ୟୁଜିଲାଣ୍ଡ ବିପକ୍ଷରେ ୯.୨ ଓଭର ବୋଲିଂ କରି ୩୨ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ସହ ପଞ୍ଚମ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସି ଭାରତୀୟ ସ୍ଥାନ ପାଇ ନ ଥିଲେ। ଭାରତ ଦଳଗତ ପ୍ରଦର୍ଶନ ସହିତ ସମସ୍ତ ପ୍ରକାର ବ୍ୟକ୍ତିଗତ ପ୍ରଦର୍ଶନରେ ମଧ୍ୟ ଏହି ବିଶ୍ୱକପ୍‌ରେ ପଛରେ ରହିଥିଲା। ଏହି ବିଶ୍ୱକପ୍ ମଧ୍ୟ ଭାରତ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା।

ଶ୍ରେଷ୍ଠ ଉଇକେଟକିପର ତାଲିକାରେ ଦକ୍ଷିଣ ଆଫ୍ରିକାର ଡେଭ ରିଚାର୍ଡସନ ୯ଟି ମ୍ୟାଚ୍‌ରୁ ୧୪ଟି କ୍ୟାଚ୍, ଗୋଟିଏ ଷ୍ଟମ୍ପିଂ ସହ ମୋଟ ୧୫ଟି ଡିସମିସାଲ କରି ଶୀର୍ଷରେ ରହିଥିଲେ। ସେହିପରି ୱେଷ୍ଟଇଣ୍ଡିଜର ଡେଭିଡ ୱିଲିୟମ୍ସ ୮ଟି ମ୍ୟାଚ୍‌ରୁ ୧୪ଟି ଡିସ୍‌ମିସାଲ (୧୧ କ୍ୟାଚ୍, ୩ ଷ୍ଟମ୍ପିଂ) ସହ ଦ୍ୱିତୀୟ, ପାକିସ୍ତାନର ମୋଇନ ଖାଁ ୧୦ଟି ମ୍ୟାଚ୍‌ରୁ ୧୪ଟି ଡିସ୍‌ମିସାଲ (୧୧ କ୍ୟାଚ୍, ୩ ଷ୍ଟମ୍ପିଂ) ତୃତୀୟ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ଇଆନ ହିଲି ୭ ମ୍ୟାଚ୍‌ରୁ ୯ ଓ ଇଂଲଣ୍ଡର ଆଲେକ ଷ୍ଟିୱାର୍ଟ ୧୦ ମ୍ୟାଚ୍‌ରୁ ୯ ଡିସ୍‌ମିସାଲ କରି ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୧୯ Bhubaneswar, Friday, May 17/2019

# ଦାଦାବଟି ପାଇଁ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମାଡ଼

## ■ ଡିସିପିଙ୍କୁ ଭେଟିଲେ ସଂଘ କର୍ମକର୍ତ୍ତା

କଟକ ରୋଡ,୧୬।୫(ଡି.ଏନ୍.ଏ.)

ବଟି ଆଦାୟକୁ ନେଇ ବଡ଼ଗଡ଼ ଥାନା ଅଧୀନ କଳ୍ପନା ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଦୁଇ ଜଣ ଯୁବକ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ଅଲ ଓଡ଼ିଶା ପେଟ୍ରୋଲ ଓ ଡିଜେଲ କର୍ମଚାରୀ ସଂଘ କର୍ମକର୍ତ୍ତା ଡିସିପି ଅନୁପ କୁମାର ସାହୁଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ପେଟ୍ରୋଲ ପମ୍ପ କର୍ମଚାରୀ ସୂର୍ଯ୍ୟକାନ୍ତ ଛୋଟରାୟଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ତାରିଖ ସନ୍ଧ୍ୟାରେ ବଡ଼ଗଡ଼ ଅଞ୍ଚଳରେ ରହୁଥିବା ୨ଯୁବକ ଏକ କାରରେ ଆସି ୧୦ଲିଟର ପେଟ୍ରୋଲ ପକାଇଥିଲେ। ପମ୍ପ କର୍ମଚାରୀ ସୂର୍ଯ୍ୟକାନ୍ତ ଟଙ୍କା ମାଗିବାରୁ ଗଣ୍ଡଗୋଳ ହୋଇଥିଲା। ପେଟ୍ରୋଲ ପମ୍ପ ମାଲିକ ମାସିକ ୨୦ହଜାର ଟଙ୍କା ବଟି ଦେବାକୁ ସେମାନେ କହିଥିଲେ। ନ ହେଲେ ବୋମାମାଡ଼ ସହ ଟାଙ୍କିରେ ନିଆଁ ଲଗାଇଦେବୁ ବୋଲି ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏପରିକି ସୂର୍ଯ୍ୟକାନ୍ତଙ୍କ ସହ ଅନ୍ୟଜଣେ କର୍ମଚାରୀଙ୍କୁ ମାଡ଼ ମାରି ପଳାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଡିସିପି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସଂଘର କେତେଜଣ କର୍ମକର୍ତ୍ତା କହିଛନ୍ତି। ଏନେଇ ବଡ଼ଗଡ଼ ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ କୁହନ୍ତି, ଗଣ୍ଡଗୋଳ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ. ୧୧୪/୧୯)ରୁଜୁ ହୋଇଛି।


ଶରଣ୍ୟା ସାମନ୍ତରାୟ

# ହଂକଂରେ ଭାରତରୁ ପ୍ରତିନିଧିତ୍ୱ କରିବେ ଶରଣ୍ୟା

## ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ


ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଗତ ଏପ୍ରିଲ ୨୭ରୁ ୨୯ ପର୍ଯ୍ୟନ୍ତ କେରଳର କୋଝିକୋଡ଼ଠାରେ ଅନୁଷ୍ଠିତ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ୨୦୧୯ରେ ବାଜି ମାରିଛନ୍ତି ଆଉ ଜଣେ ଓଡ଼ିଆ। ଜୁନିୟର ବର୍ଗରେ ଶ୍ରୀବାଲିଙ୍କ ବାଜିମାତ ପରେ ୧୦ରୁ ୧୪ବର୍ଷ ବର୍ଗରେ ପ୍ରଥମ ରନର୍ସଅପ୍ ହୋଇଛନ୍ତି ଓଡ଼ିଆ ଝିଅ ଶରଣ୍ୟା ସାମନ୍ତରାୟ। ସମଗ୍ର ଦେଶରୁ ୬୨ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିବା ବେଳେ ଶରଣ୍ୟା ନିଜର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଦ୍ୱିତୀୟ ସ୍ଥାନରେ ରହିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହାସହ ହଂକଂରେ ହେବାକୁ ଥିବା ବିଉଟି ପ୍ୟାଜେଣ୍ଟ ଲିଟିଲ୍ ମିସ୍ ପ୍ରିନ୍ସେସ୍‌ରେ ସେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ରାମମନ୍ଦିର ଛକସ୍ଥିତ ସେଣ୍ଟ ଜୋସେଫ୍ ସ୍କୁଲରେ ଷ୍ଟାଣ୍ଡାର୍ଡ-୫ରେ ପଢୁଥିବା ୧୦ ବର୍ଷୀୟା ଶରଣ୍ୟା ଜଣେ ମେଧାବୀ ଛାତ୍ରୀ। ଏହାସହ ସେ ଜଣେ ଜଣାଶୁଣା ଡ୍ୟାନ୍ସର ଓ ମଡେଲ। ପିଲାବେଳୁ ଅଭିନୟ, ଓଡ଼ିଶୀ ନୃତ୍ୟ ଓ ମଡେଲିଂରେ ତାଙ୍କର ରୁଚି ରହିଛି। ଲିଟିଲ୍ ମିସ୍ ଓଡ଼ିଶା ଓ ରଜ କୁଇନ୍ ଭଳି ଟାଇଟଲ ଜିତିଥିବା ଶରଣ୍ୟା ଆଗକୁ ଯାଇ ନୃତ୍ୟ ଏବଂ ଅଭିନୟ କ୍ଷେତ୍ରରେ ନିଜର ପରିଚୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱରର ମୋନାଲିସା ରାଜଗୁରୁ ଓ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଝିଅ ଶରଣ୍ୟା ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଓଡ଼ିଶାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମସ୍ତଙ୍କ ନିକଟରେ ଉପସ୍ଥାପନା କରିଥିଲେ।


















1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ମେ, ୨୦୧୯



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ମହାନଦୀରେ ବୁଡ଼ି ଯୁବକ ମୃତ

**ଆଠଗଡ, ୧୬।୫(ସ୍ୱ.ପ୍ର.):** ଆଠଗଡ ଥାନା ଅନ୍ତର୍ଗତ ପାଟେଣୀଗାଁ ଦେଇ ପ୍ରବାହିତ ମହାନଦୀରେ ଗାଧୋଉଥିବା ବେଳେ ଗୁରୁବାର ଜଣେ ଯୁବକ ପାଣିରେ ବୁଡ଼ିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଚୌଧୁରୀବଜାରସ୍ଥିତ ଧୀରେନ ସିଂଙ୍କ ପୁଅ ଅକ୍ଷୟ(୨୪)। ସେ ପାଟେଣୀଗାଁ ଅଞ୍ଚଳରେ ଜେସିବି ଅପରେଟର ଭାବେ କାର୍ଯ୍ୟ କରନ୍ତି। ପୂର୍ବାହ୍ନ ସମୟରେ କାମସାରି ସେ ନିକଟସ୍ଥ ମହାନଦୀରେ ଅନ୍ୟଜଣେ ସାଙ୍ଗଙ୍କ ସହ ଗାଧୋଉଥିଲେ। ଏହି ସମୟରେ ଗୋଡ ଖସିଯିବାରୁ ଅକ୍ଷୟ ପାଣିରେ ବୁଡ଼ିଯାଇଥିଲେ। ନିକଟରେ ଥିବା ସାଙ୍ଗ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ଭାସିଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ରକ୍ଷା କରିଥିଲେ। ଖୋଜାଖୋଜି ପରେ ପ୍ରାୟ ୧୦୦ମି. ଦୂରରୁ ଅକ୍ଷୟଙ୍କୁ ଲୋକେ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଠଗଡ ଥାନାରେ ଖବର ଦିଆଯିବା ପରେ ପୋଲିସ ମୃତଦେହ ଉଦ୍ଧାର କରିଛି। ଏନେଇ ମାମଲା (ନଂ- ୧୬/୧୯)ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଗୁଜରପୁର ପଞ୍ଚାୟତରେ ପ୍ରାର୍ଥୀଙ୍କ ପ୍ରଚାର

**ସାଲେପୁର, ୧୬।୫ (ଡ଼ି.ଏନ.ଏ.):** ସାଲେପୁର ନିର୍ବାଚନ ମଣ୍ଡଳୀର ଗୁଜରପୁର ପଞ୍ଚାୟତର ବୁଥ୍ ନଂ.୮୬ରେ ଆସନ୍ତା ୧୯ରେ ସାନି ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଜେଡ଼ି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଇଛି। ଏହି ଅବସରରେ ସାଲେପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ବେହେରାଙ୍କ ଦ୍ୱାରା ନିର୍ବାଚନ ପ୍ରଚାର କରାଯାଇଛି । ସେ ଏହି ବୁଥ୍ ଅଧୀନରେ ଥିବା ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କୁ ଭେଟି ଭୋଟ ପାଇଁ ନିବେଦନ କରିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଏମ୍‌ପି ପ୍ରାର୍ଥୀ ତଥା ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ , ମହମ୍ମଦ ମୋକିମ୍ ଓ ଯୁବନେତା ଆକାଶ ଭୂୟାଁ ପ୍ରମୁଖ ଏହି ବୁଥ୍ ଅଧୀନରେ ଥିବା ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଭେଟିବା ସହ ଭୋଟ ପାଇଁ ନିବେଦନ କରିଛନ୍ତି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**କଟକ ଅଫିସ, ୧୬।୫:** ମର୍କତନଗର ଥାନା ଅଧୀନ ସତୀଚୌରା ଛକଠାରେ ବୁଧବାର ରାତିରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଡିଏ ଅଞ୍ଚଳର ସନ୍ତୋଷ କୁମାର ସାହୁ(୪୦)। ତେବେ ଏହି ଘଟଣା ତଦନ୍ତ କରି ପୋଲିସ ଗୁରୁବାର ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲାଲବାଗ୍ ଥାନା ଅନ୍ତର୍ଗତ କାଫଲାବଜାର ଅଞ୍ଚଳର ଲୋକନାଥ ବେହେରା(୩୫)। ଏ ନେଇ ଥାନାରେ ଏକ ମାମଲା(ନଂ.୭୫/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରାତି ୧୦ଟାରେ ସନ୍ତୋଷ ବାଇକ ନେଇ ସିଡିଏରୁ ସତୀଚୌରା ଆସୁଥିଲେ। ସେହିପରି ସତୀଚୌରା ପଟୁ ଲୋକନାଥ କାରରେ ଯାଉଥିଲେ। ହେଲେ କାରଟି ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସନ୍ତୋଷ ବାଇକରୁ ତଳେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭୋଟ ଗଣତି ତାଲିମ ଆରମ୍ଭ

**କଟକ ଅଫିସ, ୧୬।୫:** ଆସନ୍ତା ୨୩ରେ ହେବାକୁ ଥିବା ଭୋଟ ଗଣତି ନିମନ୍ତେ ଗୁରୁବାରଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲାରୁ ବହୁ କର୍ମଚାରୀ ଭାଗନେଇ କାଉଣ୍ଟିଂ ପ୍ରସେସିଂ ତାଲିମ ନେବେ। ଏଥିରେ ୩୦୬ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ, ୨୭୦ କାଉଣ୍ଟିଂ ସୁପରଭାଇଜର ଓ ୩୧୦ ମାଇକ୍ରୋ ଅବଜରଭର ନିୟୋଜିତ ହେବେ। ଏହି ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବ୍ୟତୀତ ଜିଲାର ଡିଆରଡିଏ ସମ୍ମିଳନୀ କକ୍ଷ, ଟାଙ୍ଗୀ-ଚୌଦ୍ୱାର ବ୍ଲକ, କଟକ ସଦର ବ୍ଲକ ଓ ବାରଙ୍ଗ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବ୍ୟାଚରେ ୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ।

■ ଫନୀ ବାତ୍ୟାରେ ଗୋସମ୍ପଦ କ୍ଷତିଗ୍ରସ୍ତ

# ଗୋଖାଦ୍ୟ ରିଲିଫ ସମୁଦ୍ରକୁ ଶଙ୍ଖେ

**ନିଶ୍ଚିନ୍ତକୋଇଲି, ୧୬।୫(ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ବ୍ଲକ**

- ■୪୧ ପଞ୍ଚାୟତ ପାଇଁ କେବଳ ୧୦୦ କୁଇଣ୍ଟାଲ ଗୋଖାଦ୍ୟ
- ■ସବୁ ପଞ୍ଚାୟତରେ ବଣ୍ଟାଯାଇନି

ଗତ ୩ ତାରିଖରେ ବାତ୍ୟା ଫନୀ ପ୍ରଭାବରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏଥିରେ କେବଳ ଧନଜୀବନ ନୁହେଁ ଗୋସମ୍ପଦ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହି ବାତ୍ୟାରେ ନିଶ୍ଚିନ୍ତକୋଇଲି ବ୍ଲକରେ ୪୧ ପଞ୍ଚାୟତରେ ୪୬ ହଜାର ୮୯୫ ବଡ ଗୋରୁ ଓ ୨୮ ହଜାର ୬୭୧ ଛୋଟ ଗୋରୁଙ୍କ ସମେତ ୧ଲକ୍ଷ ୫ହଜାର କୁକୁଡା ଓ ବତକ କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା ସମୟରେ ଠିକ୍ ଭାବେ ଖାଦ୍ୟ ଓ ପାନୀୟ ଔଷଧ ନ ମିଳିବାରୁ ୨୫ ବଡ ଗୋରୁ, ୩୦ ଛୋଟ ଗୋରୁ ଓ ୨୫ ହଜାର ୫୦ଟି କୁକୁଡାର ମୃତ୍ୟୁ ଘଟିଛି। ଅପରପକ୍ଷେ ଗତ ୭ ତାରିଖ ଦିନ ସରକାରଙ୍କ ପକ୍ଷରୁ ଏହି ବ୍ଲକକୁ ଗୋଖାଦ୍ୟ ନିମନ୍ତେ କେବଳ ୧୦୦ କୁଇଣ୍ଟାଲ ଦାନା ଯୋଗାଇ ଦିଆଯାଇଥିଲା। ଏବେ ବ୍ଲକ ଅନ୍ତର୍ଗତ ୪୧ ପଞ୍ଚାୟତ ପାଇଁ ୧୫ ହଜାର ୮୦୦ କୁଇଣ୍ଟାଲ ଗୋଖାଦ୍ୟ ଆବଶ୍ୟକ ରହିଛି। ଏପରିସ୍ଥିତିରେ ଏତେ କମ୍ ପରିମାଣରେ ଦାନାକୁ କେଉଁ ଆଧାରରେ ବଣ୍ଟନ କରାଯିବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ବାତ୍ୟା ପୂର୍ବରୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଆଣି ବାତ୍ୟା ଆଶ୍ରୟସ୍ଥଳୀରେ ରଖିଥିବା ବେଳେ ଗୋରୁଙ୍କ କଥା ପ୍ରଶାସନ ସମ୍ପୂର୍ଣ୍ଣ ଭୁଲି ଯାଇଥିଲା। କେହି କେହି ଲୋକ ବାତ୍ୟା ଆଶ୍ରୟସ୍ଥଳକୁ ଯିବା ସମୟରେ ସାଙ୍ଗରେ ନିଜ ଗୋରୁ ନେଇଯାଇଥିଲେ। ଆଉ କେହି ଜୀବନ ବଞ୍ଚାଇବା ପାଇଁ ଗୋରୁ ଛାଡି ଚାଲିଯାଇଥିଲେ। ବାତ୍ୟା ସମୟରେ ଘରେ ଥିବା ବହୁ ଗୋରୁମାନେ ଅଳ୍ପେ ବହୁତେ ନଡା ତୋରାଣି ଖାଇ ଭୋକ ଉପାସରେ ଦିନ କାଟିଥିଲେ। ମାତ୍ର ପରିତାପର ବିଷୟ ବାତ୍ୟା ପରେ ବି ସେମାନଙ୍କ ପ୍ରତି ସରକାର ଧ୍ୟାନ ଦେଇ ନ ଥିଲେ। ଏପରିକି ଏହି ସମୟରେ ବାତ୍ୟା ଆଶ୍ରୟସ୍ଥଳୀରେ କୌଣସି ପଶୁ ଚିକିତ୍ସକଙ୍କ ଦେଖା ମିଳି ନ ଥିଲା। ନିକଟରେ

ଗୋରୁଙ୍କ ନିମନ୍ତେ ୪୧ଟି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୧୦୦ କୁଇଣ୍ଟାଲ ଦାନା ଯୋଗାଇ ଦିଆଯାଇଛି ବୋଲି ବିଡିଓ ବସନ୍ତ ବେହେରା ପ୍ରକାଶ କରିଛନ୍ତି। ଆବଶ୍ୟକଠାରୁ ଏହି ଦାନା ଯଥେଷ୍ଟ କମ୍ ହୋଇଥିବାରୁ ଏପର୍ଯ୍ୟନ୍ତ ବଣ୍ଟନ ହୋଇ ପାରି ନ ଥିବା ସୂଚନା ମିଳିଛି। ଏହି ସାହାଯ୍ୟ ସମୁଦ୍ରକୁ ଶଂଖେ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ବସନ୍ତ ବେହେରା କୁହନ୍ତି, ବାତ୍ୟା ଦିନ ଆମକୁ ସରକାର କୌଣସି ରିଲିଫ ଦାନା ଯୋଗାଇ ନ ଥିବାରୁ ଆମେ ବଣ୍ଟନ କରିପାରି ନ ଥିଲୁ। ସମସ୍ତ ପଞ୍ଚାୟତର ଭିଏଲଡବ୍ଲୁଙ୍କୁ ଏହି ଦାନ ବଣ୍ଟନ ପାଇଁ ଦିଆଯାଇଛି। ଏନେଇ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରାଯାଇ ଗୋସେବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ଯଦି ସରକାର ଗୋଖାଦ୍ୟ ରିଲିଫ ଅଧିକ ପ୍ରଦାନ କରନ୍ତେ ଏହାକୁ ଆମେ ସୁଚାରୁ ରୂପେ ବଣ୍ଟନ କରିପାରିବୁ ବୋଲି ସେ କହିଥିଲେ।



ତହସିଲଦାରଙ୍କ କାର୍ଯ୍ୟାଳୟରେ ପୂର୍ଣ୍ଣଚନ୍ଦ୍ର ବେହେରା ପରିବାର ସହ ଧାରଣା ଦେଇଛନ୍ତି।

■ ଘର ଉପରୁ ଗଛ ଉଠାଇବାକୁ ଦାବି

## ତହସିଲଦାରଙ୍କ କାର୍ଯ୍ୟାଳୟରେ ଧାରଣା

**ମାହାଙ୍ଗା, ୧୬।୫(ସ୍ୱ.ପ୍ର.)**

ଫନୀ ବାତ୍ୟାରେ ମାହାଙ୍ଗା ତହସିଲ ଅନ୍ତର୍ଗତ ନୁର୍ତ୍ତାଙ୍ଗ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘର ଉପରେ ପଡୋଶୀଙ୍କ ଚାକୁଣ୍ଡା ଗଛ ପଡିଯାଇଥିଲା। ଫଳରେ ଘରର ଛାତ ଭାଙ୍ଗିଯିବା ସହ ଯିବା ଆସିବାରେ ଅନେକ ସମସ୍ୟା ସମ୍ମୁଖୀନ ହେଉଥିଲେ। ଘର ଉପରୁ ଗଛ ଉଠାଇବା ଓ କ୍ଷତିପୂରଣ ଦାବିରେ ସେ ପରିବାର ସହ ଗୁରୁବାର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ଦିଲୀପ ନାୟକ ପହଞ୍ଚି ସମ୍ପୃକ୍ତ ପରିବାରକୁ ବୁଝାସୁଝା କରିବା ସହ ଏହି ଘଟଣାର ସମାଧାନ ପାଇଁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସୂଚନାଯୋଗ୍ୟ, ବାତ୍ୟା ସମୟରେ ପୂର୍ଣ୍ଣଚନ୍ଦ୍ର ଘର ଉପରେ ପଡୋଶୀଙ୍କ ବାଡିରେ ଥିବା ଏକ ଚାକୁଣ୍ଡା ଗଛ ଭାଙ୍ଗି ପଡିଯାଇଥିଲା। ଏହି ଗଛକୁ ଘର ଉପରୁ ଉଠାଇବା ପାଇଁ ସେ ପଡୋଶୀଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏନେଇ ସେ ଗତ ୮ ଦିନ ତଳେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଘର ଉପରୁ ଗଛ ଉଠାଯାଇ ନ ଥିବା ବେଳେ କୌଣସି କ୍ଷତିପୂରଣ ମଧ୍ୟ ମିଳି ନ ଥିଲା। ଫଳରେ ସେ ବାଧ୍ୟ ହୋଇ ପରିବାର ସହ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦେଇଥିଲେ ।

■ ସେବାୟତଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଘଟଣା

## ଦେବୋତ୍ତର ବିଭାଗର ହସ୍ତକ୍ଷେପ ପରେ ନୀତି ଆରମ୍ଭ

**ନିଶ୍ଚିନ୍ତକୋଇଲି, ୧୬।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କରିଲୋ ପଞ୍ଚାୟତ ଅନ୍ତର୍ଗତ ଛପରିକଣା ଗ୍ରାମର ମା’ ହରଚଣ୍ଡୀଙ୍କ ପୀଠରେ ନାଜି ମହନ୍ତ ସେବାୟତଙ୍କ ଦୁଇ ଗୋଷ୍ଠୀ ମଧ୍ୟରେ ସୋମବାର ବିବାଦ ଉପୁଜି ମନ୍ଦିରରେ ତାଲା ପଡିଥିଲା। ଦେବୋତ୍ତର ବିଭାଗର ହସ୍ତକ୍ଷେପ ପରେ ଗୁରୁବାରଠାରୁ ମନ୍ଦିରରେ ନୀତିକାନ୍ତି ଆରମ୍ଭ ହୋଇଛି। ୪ ଦିନ ତଳେ ଚନ୍ଦନ ଯାତ୍ରା ବନ୍ଦକୁ ନେଇ ସେବାୟତଙ୍କ ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡା ହୋଇଥିଲା। ଏନେଇ ମନ୍ଦିରରେ ତାଲା ପଡିବା ପରେ ମା’ଙ୍କର ପାରମ୍ପରିକ ରୀତି ନୀତି ଓ ପୂଜାର୍ଚ୍ଚନା ବନ୍ଦ ହୋଇଥିଲା। ଏହାକୁ ନେଇ ଭକ୍ତ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଦେବୋତ୍ତର ବିଭାଗ ହସ୍ତକ୍ଷେପ କରିଛି। ଏନେଇ ପୂର୍ବାହ୍ନରେ ଦେବୋତ୍ତର ବିଭାଗର ନିରୀକ୍ଷକ ଜାନକୀ ବଲ୍ଲଭ ମହାନ୍ତି ମନ୍ଦିରରେ ପହଞ୍ଚିଥିଲେ। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଉଭୟ ଗୋଷ୍ଠୀର ସେବାୟତ ନାଜିମହନ୍ତ ସେବକ,ସ୍ଥାନୀୟ ବୁଦ୍ଧିଜୀବୀ, ଗାଁ ମୁରବି, ନିର୍ବାଚିତ ଲୋକପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ୨ ଗୋଷ୍ଠୀର ସେବାୟତ



ବୈଠକରେ ଯୋଗଦେଇଥିବା ସେବାୟତ ଓ ଦେବୋତ୍ତର ବିଭାଗ ଅଧିକାରୀ।

ନିରୀକ୍ଷକ ମହାନ୍ତିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବୈଠକରେ ଟ୍ରଷ୍ଟବୋର୍ଡ ଗଠନରେ ବିଳମ୍ବ ହେବା, ପୁରୁଣା ଟ୍ରଷ୍ଟବୋର୍ଡ ଠିକ୍ ଭାବେ କାମ ନ କରିବା, ଚନ୍ଦନ ପୋଖରୀ ଦଳ ସଫେଇ ନ ହେବା, ଡଙ୍ଗା ମରାମତି ନ ହେବା, ମା’ଙ୍କର ଜାଗାରୁ ଜବରଦଖଲ ଉଚ୍ଛେଦ ନ ହେବା,ଚନ୍ଦନ ଯାତ୍ରା ବନ୍ଦ ହେବା ଏପରିକି ହରଚଣ୍ଡୀ ପୀଠ ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ଏଯାବତ୍ କୌଣସି ଆଖିଦୃଶିଆ ଉନ୍ନତି ନ ହେବା ଭଳି ଅଭିଯୋଗ ସ୍ଥାନୀୟ ଲୋକେ କରିଥିଲେ। ଏନେଇ ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଦେବୋତ୍ତର ବିଭାଗ ସହକାରୀ କମିଶନରଙ୍କୁ ଭେଟିବ ବୋଲି ନିରୀକ୍ଷକ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମନ୍ଦିରର ତାଲା ଖୋଲି ତୁରନ୍ତ ମା’ଙ୍କ ପୂଜାର୍ଚ୍ଚନା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ଦିରର ତାଲା ଖୋଲି ସେବାୟତଙ୍କ ଦ୍ୱାରା ମା’ଙ୍କ ମହାସ୍ନାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଯୁବ ସ୍ୱେଚ୍ଛାସେବୀ ବିଜୟ ରାଉତ, ଟ୍ରଷ୍ଟି ଗୋଲୋଖ ମହାପାତ୍ର ଓ ବ୍ରଜମୋହନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ସାନି ମତଦାନ ପାଇଁ ଜୋର୍‌ଦାର ପ୍ରଚାର

**ଆଠଗଡ,୧୬।୫(ସ୍ୱ.ପ୍ର.)**

ଆଠଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜନଗର ପଞ୍ଚାୟତର ୨ଟି ବୁଥ, ଖୁଣ୍ଟକଟା ଓ ସଠିଲୋ ପଞ୍ଚାୟତରେ ଗୋଟିଏ ଲେଖାଏଁ ବୁଥରେ ସାନି ମତଦାନ ପାଇଁ ପ୍ରଚାର ଜୋରଦାର ହୋଇଛି। ଏନେଇ ଗୁରୁବାର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ୩ୟ ପର୍ଯ୍ୟାୟ ନିବାଚନ ପାଇଁ ଭୋଟ ଗ୍ରହଣ ବେଳେ ଏହି ୪ ବୁଥରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମତେ ଆଗାମୀ ୧୯ରେ ଏହି ବୁଥଗୁଡିକରେ ସାନି ମତଦାନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଜେଡିର ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମର୍ଥକଙ୍କ ସହ ରାଜନଗର ପଞ୍ଚାୟତର ୨ଟି ବୁଥରେ ପ୍ରଚାର କରିଥିଲେ । ଏହି ସମୟରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ସରପଞ୍ଚ ମହେନ୍ଦ୍ର କୁମାର ପରିଡା, ରବୀନ୍ଦ୍ରନାଥ ରାଉତ ଓ ବଳଭଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ଓ ଭାଜପା ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟ ନିଜ ନିଜ ସମର୍ଥକଙ୍କ ସହ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି।

■ ସ୍ୱାମୀଙ୍କ ମୃତ୍ୟୁପରେ ସ୍ତ୍ରୀଙ୍କୁ ନିର୍ଯାତନା

## ରାଜ୍ୟ ମହିଳା କମିଶନରେ ଅଭିଯୋଗ

**ସାଲେପୁର, ୧୬।୫ (ଡ଼ି.ଏନ୍.ଏ)**

ସାଲେପୁର ଥାନା ଅଧୀନ ପିକୋଲ ପଞ୍ଚାୟତ ପିକୋଲ ଗ୍ରାମର ଜଣେ ବିଧବାଙ୍କୁ ଶ୍ୱଶୁର ଘର ଲୋକେ ମାନସିକ ନିର୍ଯାତନା ଦେଉଛନ୍ତି। ଏନେଇ ଲକ୍ଷ୍ମୀପ୍ରିୟା ବେହେରା ଗୁରୁବାର ରାଜ୍ୟ ମହିଳା କମିଶନ ନିକଟରେ ଅଭିଯୋଗ କରଛନ୍ତି। ଅଭିଯୋଗ ଅନୁଯାୟୀ ପିକୋଲ ଗ୍ରାମର ଭିକାରି ବେହେରାଙ୍କ ଝିଅ ଲକ୍ଷ୍ମୀପ୍ରିୟା ୨୦୦୮ରେ ଉକ୍ତ ଗ୍ରାମର ଶ୍ୟାମସୁନ୍ଦର ଶତପଥୀଙ୍କ ପୁଅ ପବିତ୍ରଙ୍କ ସହ ସାଲେପୁର ସବ୍-ରେଜିଷ୍ଟ୍ରାର୍‌ଙ୍କ ନିକଟରେ ବିବାହ କରିଥିଲେ। ମାତ୍ର ଲକ୍ଷ୍ମୀପ୍ରିୟା ଦଳିତ ଶ୍ରେଣୀର ହୋଇଥିବାରୁ ବିବାହ ପରେ ଶ୍ୱଶୁର ଘର ଲୋକେ ପୁଅବୋହୂଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ଫଳରେ ସେ ବାଧହୋଇ ସ୍ୱାମୀଙ୍କୁ ନେଇ ନିଜ ବାପଘରେ ରହୁଥିଲେ। ୨୦୧୯ ମାର୍ଚ୍ଚ ୨୯ରେ ପବିତ୍ରଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁପରେ ପରିବାର ଲୋକେ ପୁଅର ମୃତଦେହକୁ ଘରକୁ ନେବା ସହ ଶୁଦ୍ଧିକ୍ରିୟା ପାଇଁ ଲକ୍ଷ୍ମୀପ୍ରିୟାକୁ ମଧ୍ୟ ଘରକୁ ଆଣିଥିଲେ। ଏହି କାର୍ଯ୍ୟ ଶେଷ ହେବା ପରେ ଶାଶୁଘର ଲୋକେ ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲେ ବୋଲି ଲକ୍ଷ୍ମୀପ୍ରିୟା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହା ପରେ ସେ ଶ୍ୱଶୁରଘର ଛାଡି ବାପଘରେ ଆସି ରହୁଛନ୍ତି ବୋଲି ସେ ସେଥିରେ ଉଲ୍ଲେଖ କରିଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ୬ବର୍ଷର ଏକ ପୁତ୍ର ସନ୍ତାନ ଥିବା ବେଳେ ଏବେ ସେ ୫ମାସର ଗର୍ଭବତୀ ଥିବା ଜଣାପଡିଛି।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ

**କଟକ ଅଫିସ,୧୬।୫**

ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁ କଟକ ରେଳ ଡାକସେବା ଓ ରେଲୱେ ମେଲ୍ ସର୍ଭିସ(ଆର୍‌ଏମ୍‌ଏସ) ଏନ୍ ମଣ୍ଡଳ କାର୍ଯ୍ୟାଳୟ ବଳି ପଡ଼ିବାକୁ ଯାଉଛି। କର୍ମଚାରୀମାନଙ୍କ ବିରୋଧକୁ ମଧ୍ୟ ଭ୍ରୂକ୍ଷେପ କରାଯାଉନାହିଁ। ମୁଖ୍ୟ ଡାକପାଳ ଏ ଦିଗରେ ଦୃଷ୍ଟି ଦିଅନ୍ତୁ। କଟକ ସହରକୁ ଶ୍ରୀହୀନ କରିବା ପାଇଁ ଏହା ଚକ୍ରାନ୍ତ ବୋଲି କନଫେଡେରେଶନ ଅଫ ସେଣ୍ଟ୍ରାଲ ଗଭର୍ନମେଣ୍ଟ ଏମ୍ପ୍ଲଇଜ ଆଣ୍ଡ ୱାର୍କର୍ସ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଧଳ କହିଛନ୍ତି। ଆର୍‌ଏମ୍‌ଏସଏନ୍ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆର୍‌ଏମ୍‌ଏସଏନ୍ ମଣ୍ଡଳ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର ହେବା ନିର୍ଦ୍ଦେଶ ପ୍ରତିବାଦରେ ଏହି ସମ୍ମିଳନୀ ଡକାଯାଇଥିଲା। ଅନ୍ୟପକ୍ଷରେ ଗତ ୧୪ ତାରିଖ ଠାରୁ ଆର୍‌ଏମ୍‌ଏସଏନ୍ ମଣ୍ଡଳ କାର୍ଯ୍ୟାଳୟର କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅଛନ୍ତି। ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସାଧାରଣ ସମ୍ପାଦକ ଧଳ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ଫଣିଭୂଷଣ ତ୍ରିପାଠୀ, ଅଂଶୁମାନ ପରିଡା, ଶକ୍ତିକେତନ ପରିଡ଼ାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସାପ କାମୁଡାରେ ମହିଳା ମୃତ

**ଆଠଗଡ, ୧୬।୫(ସ୍ୱ.ପ୍ର.)**

ଆଠଗଡ ହାଉସିଂବୋର୍ଡ କଲୋନୀସ୍ଥିତ ବିଜୟ କୁମାର ରଥଙ୍କ ସ୍ତ୍ରୀ ବର୍ଷା ରଥ(୩୪)ଙ୍କର ଗୁରୁବାର ସାପ କାମୁଡାରେ ମୃତ୍ୟୁ ଘଟିଛି । ପୂର୍ବାହ୍ନ ସମୟରେ ବର୍ଷା ଘର ପଛପଟେ ନିତ୍ୟକର୍ମ କରୁଥିଲେ । ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଠଗଡ ଥାନାରେ ଖବରଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ମାମଲା (ନଂ-୧୭/୧୯)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବାତ୍ୟାବିପନ୍ନ ଗ୍ରାମ ପରିଦର୍ଶନ କଲେ ପ୍ରତାପ ଓ ଅନୁଭବ

**ମାହାଙ୍ଗା, ୧୬।୫(ସ୍ୱ.ପ୍ର.)**

ଫନୀ ବାତ୍ୟାରେ ମାହାଙ୍ଗା ବ୍ଲକ୍‌ର ଓଷଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଛଁରୁଆ ଗ୍ରାମର ବହୁ କ୍ଷୟକ୍ଷତି ହୋଇଥିଲା। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଏମପି ପ୍ରାର୍ଥୀ ଅନୁଭବ ମହାନ୍ତି ଗୁରୁବାର ଏହି ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ଅବସରରେ ସେମାନେ ଗ୍ରାମର ବିଶ୍ୱାଳସାହି, ଦଳିତ ସାହି, ତୋଟାସାହି, ପ୍ରଧାନସାହି, ଘଡେଇସାହି ଓ ଆଲୁନଟା ଆଦି ସାହି ପରଦର୍ଶନ କରି ବାତ୍ୟାବିପନ୍ନଙ୍କୁ ଭେଟିବା ସହ ସେମାନଙ୍କୁ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କର ଏହି ଗସ୍ତ ସମୟରେ ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ, ସାମାଜିକ କର୍ମୀ ଭଗବାନ ବିଶ୍ୱାଳ, ଯତୀନ୍ଦ୍ର ମହାନ୍ତି ଓ ଧୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



ବାତ୍ୟା ବିପନ୍ନଙ୍କୁ ଭେଟୁଛନ୍ତି ମନ୍ତ୍ରୀ ପ୍ରତାପ ଜେନା ଓ ଏମ୍‌ପି ଅନୁଭବ ମହାନ୍ତି।

■ ତାଳବସ୍ତ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା

# ଫନୀ ପରେ ପାଣି ଚିନ୍ତା

**ବାଙ୍କୀ, ୧୬।୫(ସ୍ୱ.ପ୍ର.)**

ଫନୀ ବାତ୍ୟା ପରେ ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତରେ ପାନୀୟ ଜଳର ଘୋର ସଙ୍କଟ ହୋଇଛି। ବାତ୍ୟାପରେ ବର୍ତ୍ତମାନ ସୁଦ୍ଧା ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ ହୋଇପାରୁନାହିଁ। ଫଳରେ ପାଇପରେ ପାଣି ଆସୁ ନ ଥିବା ବେଳେ ଟ୍ୟାଙ୍କର ଯୋଗେ ମଧ୍ୟ ଜଳ ଯୋଗାଣ ହେଉନାହିଁ। ଫଳରେ ଲୋକଙ୍କୁ ନାହିଁ ନ ଥିବା ସମସ୍ୟା ଭୋଗିବାକୁ ପଡୁଛି। ସୂଚନାଯୋଗ୍ୟ, ଏହି ପଞ୍ଚାୟତରେ

୫ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ସେଠାରେ ଥିବା ଗୋଟିଏ କୂପ ଓ ଗୋଟିଏ ନଳକୂପ ସହ ପାନୀୟ ଜଳ ପ୍ରକଳ୍ପ ଉପରେ ଜନସାଧାରଣ ନିର୍ଭର କରଥାନ୍ତି। ଏବେ ବିଦ୍ୟୁତ୍ ଯୋଗାଣ ହେଉ ନ ଥିବାରୁ ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହିଥିବା ବେଳେ ଏକ ମାତ୍ର ନଳକୂପରୁ ହଳଦିଆରଙ୍ଗ ଓ ଲୁହାଳିଆ ଦୂଷିତ ପାଣି ଆସୁଛି। ଏହି ପାଣି ବ୍ୟବହାର ଦ୍ୱାରା ଜଣ୍ଡିସ ଓ ପେଟମରା ରୋଗରେ ଲୋକେ ପଡୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ପାଣି ବ୍ୟବହାର ଉପଯୋଗୀ ହୋଇ ନ ଥିବା ବେଳେ ପ୍ରଚଣ୍ଡ ଖରାରେ କୂଅ ଓ ପୋଖରୀ ଶୁଖିଯାଇଛି। ମହିଳା ଓ ପୁରୁଷମାନେ ଏଥିପାଇଁ ପ୍ରାୟ ୨ କିଲୋମିଟର ଚାଲି ମହାନଦୀର ଉପନଦୀ ରଣ ନଦୀରୁ ପାଣି ଆଣି ଘରେ ବ୍ୟବହାର କରୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଗ୍ରାମବାସୀଙ୍କୁ ପାଇପ ଯୋଗେ ଜଳ ଯୋଗାଣ ସହ ଟ୍ୟାଙ୍କର ଜରିଆରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଳାସ କୁମାର ବେହେରାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।




ବନ୍ଦ ହୋଇଥିବା ପାନୀୟ ଜଳ ପ୍ରକଳ୍ପ।



ମହିଳାମାନେ ଡେକ୍‌ଚିରେ ପାଣି ନେଇ ଯାଉଛନ୍ତି।

- ■ରଣ ନଦୀରୁ ପାଣି ଆଣୁଛନ୍ତି ପଞ୍ଚାୟତବାସୀ
- ■ବିଦ୍ୟୁତ୍ ନ ଥିବାରୁ ପାନୀୟ ଜଳ ପ୍ରକଳ୍ପ ଚାଲୁନାହିଁ
- ■ମିଳୁନାହିଁ ଟ୍ୟାଙ୍କର ଯୋଗେ ପାଣି



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**କଟକ ଅଫିସ,୧୬।୫:** ମର୍କତନଗର ଥାନା ଅଧୀନ ସତୀଚୌରା ଛକଠାରେ ବୁଧବାର ରାତିରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଡିଏ ଅଞ୍ଚଳର ସନ୍ତୋଷ କୁମାର ସାହୁ(୪୦)। ତେବେ ଏହି ଘଟଣା ତଦନ୍ତ କରି ପୋଲିସ ଗୁରୁବାର ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲାଲବାଗ୍ ଥାନା ଅନ୍ତର୍ଗତ କାଫଲାବଜାର ଅଞ୍ଚଳର ଲୋକନାଥ ବେହେରା(୩୫)। ଏ ନେଇ ଥାନାରେ ଏକ ମାମଲା(ନଂ.୭୫/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରାତି ୧୦ଟାରେ ସନ୍ତୋଷ ବାଇକ ନେଇ ସିଡିଏରୁ ସତୀଚୌରା ଆସୁଥିଲେ। ସେହିପରି ସତୀଚୌରା ପଟୁ ଲୋକନାଥ କାରରେ ଯାଉଥିଲେ। ହେଲେ କାରଟି ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସନ୍ତୋଷ ବାଇକରୁ ତଳେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୁରୁବାର ସନ୍ତୋଷଙ୍କ ଶଳା ପ୍ରଭାତ ମହାପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ

**କଟକ ଅଫିସ,୧୬।୫:** ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁ କଟକ ରେଳ ଡାକସେବା ଓ ରେଲୱେ ମେଲ୍ ସର୍ଭିସ(ଆର୍‌ଏମ୍‌ଏସ) ଏନ୍ ମଣ୍ଡଳ କାର୍ଯ୍ୟାଳୟ ବଳି ପଡ଼ିବାକୁ ଯାଉଛି। କର୍ମଚାରୀମାନଙ୍କ ବିରୋଧକୁ ମଧ ଭ୍ରୂକ୍ଷେପ କରାଯାଉନାହିଁ। ମୁଖ୍ୟ ଡାକପାଳ ଏ ଦିଗରେ ଦୃଷ୍ଟି ଦିଅନ୍ତୁ। କଟକ ସହରକୁ ଶ୍ରୀହୀନ କରିବା ପାଇଁ ଏହା ଚକ୍ରାନ୍ତ ବୋଲି କନଫେଡେରେଶନ ଅଫ ସେଣ୍ଟ୍ରାଲ ଗଭର୍ନମେଣ୍ଟ ଏମ୍ପ୍ଲଇଜ ଆଣ୍ଡ ୱାର୍କର୍ସ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଧଳ କହିଛନ୍ତି। ଆର୍‌ଏମ୍‌ଏସଏନ୍ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆର୍‌ଏମ୍‌ଏସଏନ୍ ମଣ୍ଡଳ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର ହେବା ନିର୍ଦ୍ଦେଶ ପ୍ରତିବାଦରେ ଏହି ସମ୍ମିଳନୀ ଡକାଯାଇଥିଲା। ଅନ୍ୟପକ୍ଷରେ ଗତ ୧୪ ତାରିଖ ଠାରୁ ଆର୍‌ଏମ୍‌ଏସଏନ୍ ମଣ୍ଡଳ କାର୍ଯ୍ୟାଳୟର କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅଛନ୍ତି। ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସାଧାରଣ ସମ୍ପାଦକ ଧଳ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ଫଣିଭୂଷଣ ତ୍ରିପାଠୀ, ଅଂଶୁମାନ ପରିଡା, ଶକ୍ତିକେତନ ପରିଡ଼ାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ମହାନଦୀରେ ବୁଡି ଯୁବକ ମୃତ

**ଆଠଗଡ, ୧୬।୫(ସ୍ୱ.ପ୍ର.):** ଆଠଗଡ ଥାନା ଅନ୍ତର୍ଗତ ପାଟେଣୀଗାଁ ଦେଇ ପ୍ରବାହିତ ମହାନଦୀରେ ଗାଧୋଉଥିବା ବେଳେ ଗୁରୁବାର ଜଣେ ଯୁବକ ପାଣିରେ ବୁଡିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଚୌଧୁରୀବଜାରସ୍ଥିତ ଧୀରେନ ସିଂଙ୍କ ପୁଅ ଅକ୍ଷୟ(୨୪)। ସେ ପାଟେଣୀଗାଁ ଅଞ୍ଚଳରେ ଜେସିବି ଅପରେଟର ଭାବେ କାର୍ଯ୍ୟ କରନ୍ତି। ପୂର୍ବାହ୍ନ ସମୟରେ କାମସାରି ସେ ନିକଟସ୍ଥ ମହାନଦୀରେ ଅନ୍ୟଜଣେ ସାଙ୍ଗଙ୍କ ସହ ଗାଧୋଉଥିଲେ। ଏହି ସମୟରେ ଗୋଡ ଖସିଯିବାରୁ ଅକ୍ଷୟ ପାଣିରେ ବୁଡ଼ିଯାଇଥିଲେ। ନିକଟରେ ଥିବା ସାଙ୍ଗ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ଭାସିଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ରକ୍ଷା କରିଥିଲେ। ଖୋଜାଖୋଜି ପରେ ପ୍ରାୟ ୧୦୦ମି. ଦୂରରୁ ଅକ୍ଷୟଙ୍କୁ ଲୋକେ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଠଗଡ ଥାନାରେ ଖବର ଦିଆଯିବା ପରେ ପୋଲିସ ମୃତଦେହ ଉଦ୍ଧାର କରିଛି। ଏନେଇ ମାମଲା (ନଂ- ୧୬/୧୯)ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଯନ୍ତ୍ରଣା ଦେଉଛି ଜାଇକା

**କଟକ ଅଫିସ, ୧୬।୫**

■ସରକାର, ଜାଇକା ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା
■ପ୍ରୋଜେକ୍ଟରେ ପିସି କାରବାର ଅଭିଯୋଗ
■୨୦୨୦ ମାର୍ଚ୍ଚ ୨୦ ସୁଦ୍ଧା ସରିବ ସମ୍ପୂର୍ଣ୍ଣ କାର୍ଯ୍ୟ

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଜାଇକା କାର୍ଯ୍ୟକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସହରରେ ମୁଖ୍ୟନାଳ ସଫେଇ ସହ କେତେକ ସ୍ଥାନରେ ଭୂତଳ ଡ୍ରେନ୍ ନିର୍ମାଣ ପାଇଁ ପ୍ରୋଜେକ୍ଟ ମାଧ୍ୟମରେ ଜାଇକାକୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟ ଶେଷ କରିବା ପାଇଁ ୨୦୧୩ରୁ ୨୦୧୬ ସମୟ ସୀମା ଧାର୍ଯ୍ୟ କରାଯାଇଥିବାବେଳେ ୬୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଇତିମଧ୍ୟରେ ଧାର୍ଯ୍ୟ ସମୟଠାରୁ ଅଧିକ ୩ବର୍ଷ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରିନାହିଁ। ଡ୍ରେନ୍ ପାଇଁ ଅନେକ ସ୍ଥାନ ସହିତ ମୁଖ୍ୟରାସ୍ତାକୁ ଖୋଳିଦିଆଯାଇଛି। ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ମୋଟାମୋଟି ଭାବେ ଜାଇକା ଯନ୍ତ୍ରଣା ଦେଉଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ସହରରେ ଏବେ ବି ଡ୍ରେନେଜ ସମସ୍ୟା ଲାଗି ରହିଛି। ଅସରାଏ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ପାଣି ଜମୁଛି। ଏପରି କି ଘରେ ନଳାପାଣି ପଶିଯିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଲିଙ୍କ୍‌ରୋଡଠାରୁ ବାଦାମବାଡ଼ି ଛକ, ମଙ୍ଗଳାବାଗ, ମେଡିକାଲ ଆଦି ଅଞ୍ଚଳରେ ଜାଇକା କାମରେ ରାସ୍ତାଘାଟ ନଷ୍ଟ ହୋଇ ଧୂଳି ଧୂସରରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଏ ନେଇ ଭାଜପା କର୍ମୀ ବିଜୟ ଦଳେଇ କହିଛନ୍ତି, ସରକାର ଏବଂ ଜାଇକା ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ଜାଇକା ସହରର ବିଭିନ୍ନ ଅଞ୍ଚଳରେ ଖୋଳି ଦେବାରୁ ଯାତାୟାତରେ ସମସ୍ୟା ହେଉଛି। ଜାଇକା କାର୍ଯ୍ୟଅବଧି ୩ ବର୍ଷ ବୃଦ୍ଧି ପାଇଛି। ଫଳରେ ଏ ବାବଦରେ ଅଧିକ ଅର୍ଥ ସରକାର ବ୍ୟୟବରାଦ କରିଛନ୍ତି। ଏ ନେଇ ପୂର୍ବତନ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ଜାଇକା ପ୍ରୋଜେକ୍ଟରେ ସମ୍ପୂର୍ଣ୍ଣ ଭାବେ ପିସି କାରବାର ଚାଲିଛି। ବିଧାୟକ, ପ୍ରଶାସନିକ ଅଧିକାରୀ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଜାଇକା ତା'ର ମନମୁଖି କାର୍ଯ୍ୟ କରିଚାଲିଥିଲା। ଜାଇକା ଦ୍ୱାରା ଖୋଳା ଯାଇଥିବା ଖାଲରେ ପଡି ପାଖାପାଖି ୧୦ରୁ ୧୨ ଲୋକ ପ୍ରାଣ ହରାଇଥିଲେ ମଧ୍ୟ ସେମାନଙ୍କୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମଧ୍ୟ ମିଳିପାରି ନ ଥିବା ସେ କହିଛନ୍ତି।

ଏ ସମ୍ପର୍କରେ ଜାଇକା କର୍ତ୍ତୃପକ୍ଷ ବସନ୍ତ କୁମାର ପରିଡ଼ା କହିଛନ୍ତି, କାର୍ଯ୍ୟ ଜୋରସୋରରେ ଚାଲିଛି। ଏମ୍‌ଡି-୧, ଏମ୍‌ଡି-୨ ଦୁଇଟି ଟିମ୍ ଗଠନ କରାଯାଇ ସହରର ମୁଖ୍ୟ ଡ୍ରେନେଜ ବ୍ୟବସ୍ଥାକୁ ସୁଧାରିବାକୁ ଚେଷ୍ଟା କରାଯାଉଛି। ସହରର ବିଭିନ୍ନ ସମସ୍ୟାକୁ ନେଇ କାର୍ଯ୍ୟ ସମୟ ବୃଦ୍ଧି ପାଇଛି। ସହରରେ ବର୍ଷା ମୁକାବିଲା ନିମନ୍ତେ ଏମଡି-୧ ଅଞ୍ଚଳରେ ୩ଟି ଓ ଏମ୍‌ଡି-୨ ଅଞ୍ଚଳରେ ୨ଟି ପମ୍ପସେଟ୍ ଷ୍ଟେଶନ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଥିଲା। ସେଥିମଧ୍ୟରୁ ୪ଟି ସ୍ଥାନରେ କାର୍ଯ୍ୟ ଶେଷ ହୋଇଥିବାବେଳେ ଖାନ୍‌ନଗର ଅଞ୍ଚଳରେ ଜମି ସମସ୍ୟା ହେତୁ ପମ୍ପସେଟ୍ ଷ୍ଟେଶନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସମ୍ପୂର୍ଣ୍ଣ ଜାଇକା ପ୍ରୋଜେକ୍ଟ ୨୦୨୦ ମାର୍ଚ୍ଚ ୨୦ ସୁଦ୍ଧା ସରିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।



କଟକ ମେହେନ୍ଦିପୀର ଅଞ୍ଚଳ ମୁଖ୍ୟ ରାସ୍ତା ଉପରେ ଜମି ରହିଥିବା ନର୍ଦ୍ଦମା ଜଳ।

## ■ କନ୍ଦରପୁର ବଜାର କମିଟି ସଭାପତିଙ୍କୁ ଆକ୍ରମଣ ଘଟଣା
# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

**କଟକ ସଦର, ୧୬।୫(ଡି.ଏନ୍.ଏ.)**

କନ୍ଦରପୁର ବଜାର କମିଟି ସଭାପତି ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଗତ ମଙ୍ଗଳବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୩/୧୯) ରୁଜୁ କରିଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ନ କରାଯିବା ପ୍ରତିବାଦରେ ଗୁରୁବାର ବଜାର କମିଟି ସଭ୍ୟମାନେ ଥାନା ଘେରାଉ କରିଥିଲେ। ପରେ ଥାନାଧିକାରୀ ସତ୍ୟଜିତ୍ ଦାସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାର ଗିରଫ ଅଭିଯୁକ୍ତ ହେଲେ କମାପୁର ଗ୍ରାମର କାର୍ତ୍ତିକ ରାଉତ, ଗାଲୁ ପାତ୍ର ଓ ବାବୁଲି ରାଉତ। ବଜାର କମିଟି ସଭ୍ୟ ହୃଦାନନ୍ଦ ପ୍ରଧାନ, ଜଟାଧାରୀ ସାହୁ, ପ୍ରମୋଦ ରାଉତ, କାଳିନ୍ଦୀ ସ୍ୱାଇଁ, ଶିବ ପ୍ରସାଦ ମହାପାତ୍ର, ନିରଞ୍ଜନ ସାହୁ ଓ ରଣଜିତ୍ ସାହୁ ପ୍ରମୁଖ ଥାନା ଘେରାଉର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ଘେରାଉ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ଦିନତମାମ ବଜାର ବନ୍ଦ ରହିଥିଲା।

## ■ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା
# ପ୍ରତିବାଦ ଦିବସ ପାଳିଲା ଏଆଇଡିଏସ୍‌ଓ




ଏଆଇଡିଏସ୍‌ଓ ପକ୍ଷରୁ କଲେଜ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରତିବାଦ ଦିବସ ପାଳନ।

**କଟକ ଅଫିସ, ୧୬।୫**

କଲିକତାଠାରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନିନ୍ଦାକରି ଏଆଇଡିଏସ୍‌ଓ ପକ୍ଷରୁ ସାରାଭାରତରେ ପ୍ରତିବାଦ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଏଆଇଡିଏସ୍‌ଓ କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ସମ୍ପାଦକମଣ୍ଡଳୀ ସଦସ୍ୟ ଶିବାନୀ ସାହୁ, ରଞ୍ଜନ ସାମଲଙ୍କ ନେତୃତ୍ୱରେ କଟକ କଲେଜ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ କହିଥିଲେ, ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଏକ ବିଚିତ୍ର ଘଟଣା ନୁହେଁ। ଗତବର୍ଷ ମଧ୍ୟ ତ୍ରିପୁରାଠାରେ ଲେନିନ୍‌ଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଇଥିଲା। ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଦେଶର ଛାତ୍ରୀଛାତ୍ର ଓ ଜନସାଧାରଣ ଏହି ଫାସିବାଦୀ ଶକ୍ତିମାନଙ୍କ ବିରୋଧରେ ଆନ୍ଦୋଳନର ସ୍ୱରକୁ ଶକ୍ତିଶାଳୀ କରିବାକୁ ଛାତ୍ରୀଛାତ୍ରମାନେ ଆହ୍ୱାନ ଦେଇଥିଲେ।

## କୃଷକ ପୂଜନ ସମାରୋହ

**ନରାଜ, ୧୬।୫(ଡି.ଏନ.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ଗ୍ରାମସ୍ଥିତ ମା'ମଙ୍ଗଳା ମନ୍ଦିର ପରିସରରେ ଗୁରୁବାର କୃଷକ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଣ୍ଣଲତା ସେବା ସହଯୋଗ ପ୍ରତିଷ୍ଠାନ ଓ ନଳିନୀ ଦେବୀ ଚାରିଟେବଲ ଟ୍ରଷ୍ଟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ଜଣ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଅକ୍ରୁର ରାଉତ, ବଂଶୀଧର ସେଠୀ, ଶ୍ୟାମ ସୁନ୍ଦର ଜେନା, ସୂର୍ଯ୍ୟମଣି ସାହୁ, କ୍ଷେତ୍ରବାସୀ ବେହେରା, ଗଜେନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ରାଉତ, ରବି ପ୍ରସାଦ ବେହେରା, ପ୍ରଭାକର ବେହେରା ଓ ଲକ୍ଷ୍ମଣ ଦେହୁରୀ। ଉତ୍ସବରେ ପୌରୋହିତ୍ୟ କରି ସାମାଜିକ କର୍ମୀ ଡ. ସତ୍ୟ ରାୟ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ସରକାର ଓ ବିଭିନ୍ନ ସେବା ସଙ୍ଗଠନକୁ ଅନୁରୋଧ କରିଥିଲେ। ସ୍ଥାନୀୟ ସରପଞ୍ଚ ଶ୍ରୀକାନ୍ତ ଜେନା, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି, ନଳିନୀ ରାୟ, ନୀଳମଣି ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ ଓ ସାଳମଣୀ ସାହୁ ପ୍ରମୁଖ ଭାଷଣ ଦେଇଥିଲେ। ମା'ମଙ୍ଗଳା ଯୁଥ କ୍ଲବ ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ରେଭେନ୍‌ଶା ପରିସର ସଫାକଲେ ଏବିଭିପି କର୍ମକର୍ତ୍ତା



ରେଭେନ୍‌ଶା ପରିସରରେ ଏବିଭିପି ପକ୍ଷରୁ ଆବର୍ଜନା ସଫା କରାଯାଉଛି।

**କଟକ ଅଫିସ,୧୬।୫**

ସାମୁଦ୍ରିକ ଝଡ଼ ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରକୁ ଗୁରୁବାର ସଫେଇ କରିଛନ୍ତି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର କର୍ମକର୍ତ୍ତା। ବିଶ୍ୱବିଦ୍ୟାଳୟ ପରିସରରେ ଭାଙ୍ଗି ପଡ଼ିଥିବା ଗଛର ଅଂଶବିଶେଷ ଓ ଯାତାୟାତରେ ବାଧା ସୃଷ୍ଟି କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକୁ କର୍ମକର୍ତ୍ତାମାନେ ସଫା କରିଥିଲେ। ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏବିଭିପିର ପୂର୍ବତନ ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ ଉପସ୍ଥିତ ରହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ବୋଲି କହିଥିଲେ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବ ବୋଲି କୁହାଯାଇଥିଲା। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୋନାଲୀ ବେହେରାଙ୍କ ନେତୃତ୍ୱରେ ମାନସ ସାହୁ, ରାଜ୍ୟ ସହ ସମ୍ପାଦକ ଭବାନୀ ଶଙ୍କର ଦାସ, କଟକ ଜିଲା ସଂଯୋଜକ ସହଦେବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ପଣ୍ଡା, ସାଇ ପ୍ରିୟା, ଇତିଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଙ୍ଗଠନ ସମ୍ପାଦକ ଚିରଞ୍ଜୀବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୋଟ ଗଣତି ତାଲିମ କାର୍ଯ୍ୟକ୍ରମ



ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

**କଟକ ଅଫିସ, ୧୬।୫**

ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଭୋଟ ଗଣତି ନିମନ୍ତେ ଗୁରୁବାରଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲାରୁ ବହୁ କର୍ମଚାରୀ ଭାଗନେଇ କାଉଣ୍ଟି ପ୍ରସେସିଂ ତାଲିମ ନେବେ। ଏଥିରେ ୩୦୬ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ, ୨୭୦ ଜଣ କାଉଣ୍ଟିଂ ସୁପରଭାଇଜର ଓ ୩୧୦ ଜଣ ମାଇକ୍ରୋ ଅବଜରଭର ନିୟୋଜିତ ହେବେ। ଏହି ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବ୍ୟତୀତ ଜିଲାର ଡିଆରଡିଏ ସମ୍ମିଳନୀ କକ୍ଷ, ଟାଙ୍ଗୀ-ଚୌଦ୍ୱାର ବ୍ଲକ, କଟକ ସଦର ବ୍ଲକ ଓ ବାରଙ୍ଗ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବ୍ୟାଚରେ ୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ। ପ୍ରକାଶଥାଉ କି, କଟକସ୍ଥିତ ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲ (ବୋଷ), ଆଠଗଡର ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଭୋଟ ଗଣତି କାର୍ଯ୍ୟ ଅନୁଷ୍ଠିତ ହେବ।

# କବି ସୀତାକାନ୍ତ ମହାପାତ୍ର ପାଇବେ ଉତ୍କଳ ରତ୍ନ ସମ୍ମାନ

**କଟକ ଅଫିସ,୧୬।୫**

**୯ରେ ଉତ୍କଳ ସାହିତ୍ୟ ସମାଜ ସମାରୋହ**

କବି ସୀତାକାନ୍ତ ମହାପାତ୍ରଙ୍କୁ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ ଉତ୍କଳ ରତ୍ନ ଚଳିତବର୍ଷ ନିମନ୍ତେ ପ୍ରଦାନ କରାଯିବ। କଟକ ଶତାବ୍ଦୀ ଭବନଠାରେ ଆସନ୍ତା ଜୁନ୍ ୯ ତାରିଖରେ ଉତ୍କଳ ସାହିତ୍ୟ ସମାଜ ସମାରୋହରେ କବି ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ସମାରୋହରେ ସାରସ୍ୱତ ସାଧିକାସାଧକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଏଥିରେ ସାରସ୍ୱତ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ ପାଇବେ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଫକୀରମୋହନ କ୍ଷୁଦ୍ରଗଳ୍ପ ସମ୍ମାନ ପାଇବେ ପରେଶ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ ପାଇବେ ନବକିଶୋର ଦାସ, ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସମ୍ମାନ ପାଇବେ କମଳାକାନ୍ତ ଜେନା, ଗଙ୍ଗାଧର ମେହେର କବିତା ସମ୍ମାନ ପାଇବେ ହରିଶଙ୍କର ବଡ଼ପଣ୍ଡା, ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ ପାଇବେ ଡ. ଅରବିନ୍ଦ ପଟ୍ଟନାୟକ, ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନ ପାଇବେ ଦେବରାଜ ସାମନ୍ତରାୟ, ବୈଷ୍ଣବ ପାଣି କଳା ସମ୍ମାନ ପାଇବେ ବିଜୟ ମହାନ୍ତି, ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ ପାଇବେ ଡ. ଭଗବାନ ଜୟସିଂହ, ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ ପାଇବେ ଫକୀରମୋହନ ସାହୁ, ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସମ୍ମାନ ପାଇବେ ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀ, ବସନ୍ତ କୁମାରୀ ଲେଖିକା ସମ୍ମାନ ପାଇବେ ମନୋଜ ମଞ୍ଜରୀ ମିଶ୍ର, ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ ପାଇବେ ମନୋଜ କୁମାର ମହାପାତ୍ର, ଉଦୟନାଥ ଷଡଙ୍ଗୀ ସାମ୍ବାଦିକତା ସମ୍ମାନ ପାଇବେ ସୁଶାନ୍ତ କୁମାର ମହାନ୍ତି, ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ ପାଇବେ ବଦ୍ରି ମିଶ୍ର, ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ ପାଇବେ ବିଶ୍ୱଭୂଷଣ ହରିଚନ୍ଦନ, ନବରୂପା ରାଜ ଗୀତିକବିତା ସମ୍ମାନ ପାଇବେ ଲକ୍ଷ୍ମୀନାରାୟଣ ମହାନ୍ତି, କବିଚନ୍ଦ୍ର ସଙ୍ଗୀତ ଗୁରୁ ସମ୍ମାନ ପାଇବେ ନବୀନ ଚନ୍ଦ୍ର ପଟ୍ଟନାୟକ, ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ ପାଇବେ ଶାନ୍ତିଲତା ବାରିକ୍(ଛୋଟରାୟ), ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ ପାଇବେ ସୁବାସିନୀ ଲେଙ୍କା, ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ ପାଇବେ ଡମ୍ବରୁଧର ପଟ୍ଟନାୟକ, ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଙ୍ଗଠନ ସମ୍ମାନ ପାଇବେ ପୁରୁଷୋତ୍ତମ ପଟ୍ଟନାୟକ, କୈଳାସ ଚନ୍ଦ୍ର ସିଂ ଯୁବ ସାରସ୍ୱତ ସମ୍ମାନ ପାଇବେ ଡ. ସୁଶୀଳ କୁମାର ବାଗ, ଦେବବ୍ରତ କର ପ୍ରକାଶକ ସମ୍ମାନ ପାଇବେ ଶୁଭେନ୍ଦୁ ଶେଖର ରଥ, ନିରଞ୍ଜନ ଦାସ ଭାଷା ସମ୍ମାନ ପାଇବେ କୀର୍ତ୍ତନ ନାରାୟଣ ପାଢୀ, ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ପାଇବେ ଡ. ଇତି ସାମନ୍ତ ଓ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପାଇବେ ପଦ୍ମନାଭ ବେହେରା। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କାର୍ଯ୍ୟ ନିର୍ବାହିକା ସମିତି ବୈଠକରେ ବିଚାରକମାନଙ୍କ ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଜୁନ ୯ ତାରିଖରେ ଏ ସମସ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ କହିଛନ୍ତି।

# ପାଣି ପାଇଁ ଲୋକେ ଡହଳବିକଳ

**ନରାଜ, ୧୬।୫(ଡି.ଏନ.ଏ)**

**ବାରଙ୍ଗ ବ୍ଲକ**
■ବିଦ୍ୟୁତ୍ ବିଭାଗର ଅବହେଳା
■ବିଭିନ୍ନ ପମ୍ପହାଉସ୍ ଅଚଳ

ବାରଙ୍ଗ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଗ୍ରୀଷ୍ମପ୍ରବାହ ଯୋଗୁ କୂଅ ଓ ପୋଖରୀ ଶୁଖି ଯାଇଥିବାବେଳେ ଅଧିକାଂଶ ନଳକୂପ ଅଚଳ ହୋଇ ପଡିଛି। ଅପରପକ୍ଷେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ବିଭିନ୍ନ ସ୍ଥାନରେ ପମ୍ପହାଉସ୍ ବନ୍ଦ ରହିଛି। ଫଳରେ ଲୋକମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏପରି କି ଗୃହପାଳିତ ପ୍ରାଣୀ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ଫନୀ ପ୍ରଭାବରେ ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଥିଲା। ଏବେ ଅଧିକାଂଶ ଗ୍ରାମରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ହେଲେ ବାତ୍ୟାର ଆଳ ଦେଖାଇ ବିଦ୍ୟୁତ୍ ବିଭାଗ ପମ୍ପହାଉସ୍‌ଗୁଡିକୁ ବିଦ୍ୟୁତ୍ ସଂଯୋଗ କରି ନ ଥିବାରୁ ଅଧିକାଂଶ ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।


ବାରଙ୍ଗ ବ୍ଲକରେ ଥିବା ୩୦ଟି ଗ୍ରାମର ଲୋକଙ୍କୁ ଗତ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଛି। ଯେଉଁ ସ୍ଥାନରେ ପମ୍ପସେଟ୍ ଠିକ୍ ଅଛି ସେଠାରେ ଜେନେରେଟର ମାଧ୍ୟମରେ ଲୋକଙ୍କୁ ପର୍ଯ୍ୟାୟ କ୍ରମେ ପାଣି ଯୋଗାଇ ଦିଆଯାଉଛି। ୧୬ ତାରିଖ ପରଠାରୁ ଯେଉଁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନ ହୋଇଛି ସେଠାରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦିଆଯିବ। ଅପରପକ୍ଷେ ବାରଙ୍ଗ ବ୍ଲକର ସୀତାରାମ ବଜାର, ବଙ୍ଗାଳିସାହି, ଷ୍ଟେଶନ ବଜାର, ଲେବର କଲୋନୀ ଓ ରାମଦାସପୁର ଗ୍ରାମର ପମ୍ପହାଉସ୍‌କୁ ବିଦ୍ୟୁତ୍ ସଂଯୋଗ କରାଗଲେ ପମ୍ପସେଟ୍ ମାଧ୍ୟମରେ ଜଳଯୋଗାଇ ଦିଆଯିବ। ଏ ନେଇ ବାରଙ୍ଗ ବ୍ଲକ ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ମିଶ୍ର କହିଛନ୍ତି, ବାତ୍ୟାରେ ପମ୍ପହାଉସ୍, ପାଚେରି, ବିଦ୍ୟୁତ ଟ୍ରାନ୍ସଫର୍ମର, ପାଇପ ଲାଇନ ଓ ପମ୍ପସେଟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ ଆସିଲା ପରେ ପମ୍ପସେଟର ଅବସ୍ଥା ବିଷୟରେ ଜାଣିହେବ। ଅପରପକ୍ଷେ ସମସ୍ୟା ସମ୍ପର୍କରେ ଜାଣିବା ପାଇଁ ଗୋଡ଼ିସାହି ଇଲେକ୍ଟ୍ରିକାଲ ଡିଭିଜନର ଜେଇ ଭବାନୀ ଶଙ୍କର ମହନ୍ତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ରିଲିଫ ପାଣ୍ଠିକୁ ଦାନ



**କଟକ ଅଫିସ, ୧୬।୫**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବାତ୍ୟା ବିପନ୍ନଙ୍କ ପାଇଁ ୧୦,୪୦୦ ଟଙ୍କା ସମାଜ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମବେଳେ ସଂଘ ଉପସଭାପତି ସିନୁ ରେଡି, ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ପ୍ରଶାନ୍ତ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ଦାଶ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ହେମନ୍ତ ପଟ୍ଟନାୟକ, ବେଣୁ ରାଓ, ମହନ୍ତ, ଗୁଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା

**ଖୋର୍ଦ୍ଧା ଅଫିସ,୧୬।୫:** ବାଣପୁର ଥାନା ବଡସିରେଇପୁର ଗାଁରେ ଅଧିକ ଯୌତୁକ ଦାବି କରି ବୁଧବାର ରାତିରେ ଜଣେ ବଧୂଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ବାଣପୁର ଥାନା ପୋଲିସ ଦଫା ୨୯୪, ୨୨୩, ୪୯୮(ଏ), ୩୦୪ (ବି), ୩୦୨, ୧୨୦ ବି, ୪ ଡିପି ଆକ୍ଟରେ ନଂ. ୧୪୩/୧୯ରେ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ସ୍ୱାମୀ ନିତ୍ୟାନନ୍ଦ ମହାନ୍ତି, ନଣନ୍ଦ ମିନା, ମାଇଁ ସବିତା, ମାମୁ ପୁଅ ରମନ ସୁନ୍ଦରାୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଜୟମଙ୍ଗଳପୁର ଗାଁର ଗାୟତ୍ରୀ ମହାନ୍ତି (୧୮) ୨୦୧୮ ଏପ୍ରିଲ ୧୯ ରେ ବଡସିରେଇପୁର ଗାଁର ନିତ୍ୟାନନ୍ଦ ମହାନ୍ତି(୩୦)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ଦିଆଯାଇଥିଲା। ବିବାହର କିଛି ମାସ ସ୍ୱାମୀ ସ୍ତ୍ରୀଙ୍କ ମଧରେ ସବୁ କିଛି ଠିକଠାକ ଥିଲା। ପରେ ଅଧିକ ଯୌତୁକ ଦାବି କରାଯାଇଥିଲା। କନ୍ୟାଘର ପକ୍ଷରୁ ମନା କରାଯିବା ପରେ ଗାୟତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ନିର୍ଯାତନା ବନ୍ଦ ପାଇଁ ଝିଅ ଘର ପକ୍ଷରୁ କିଛିଦିନ ତଳେ ପୁଣି ୯୦ ହଜାର ଟଙ୍କା ଦିଆଯାଇଥିଲା। ଅପରପକ୍ଷେ ଗାୟତ୍ରୀ ଗର୍ଭବତୀ ଥିଲେ ମଧ ନିର୍ଯାତନା କମି ନ ଥିଲା। ବୁଧବାର ସ୍ୱାମୀସ୍ତ୍ରୀଙ୍କ ମଧରେ ଲାଗି ରହିଥିବା ବିବାଦର ସମାଧାନ ବାଣପୁର ଥାନାରେ ହୋଇଥିଲା। ମାମୁଙ୍କ ସହ ନିତ୍ୟାନନ୍ଦ ସ୍ତ୍ରୀ ଗାୟତ୍ରୀଙ୍କୁ ନେଇ ରାତି ପ୍ରାୟ ସାଢ଼େ ୧୦ଟାରେ ଘରକୁ ଯାଇଥିଲେ। ତେବେ ରାତି ପ୍ରାୟ ୨ଟାରେ ଝିଅ ବିଷ ଖାଇଥିବା ଖବର ଦିଆଯାଇଥିଲା ଗାୟତ୍ରୀଙ୍କ ବାପଘରକୁ। ଗାୟତ୍ରୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ଗାୟତ୍ରୀ ପ୍ରାଣ ହରାଇଥିଲେ। ପୋଲିସ ଗୁରୁବାର ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବାରମ୍ବାର ଚୋରି ପରେ ଆତଙ୍କ

### ଅଜଣା ଲୋକଙ୍କୁ ଦେଖି ରାତି ଉଜାଗର

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧୬।୫ (ଡି.ଏନ.ଏ.):** ବେଗୁନିଆ ଓ ବୋଲଗଡ ଥାନା ଅଧୀନରେ ଥିବା ବୋଲଗଡ ବ୍ଲକର ଗାଁଗୁଡିକରେ ଚୋରି ବଢ଼ି ଚାଲିଛି। ଚୋରଙ୍କ ଉତ୍ପାତରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ସନ୍ଧ୍ୟାରେ ଅସରଳା ମଠ ନିକଟସ୍ଥ ବେରିସର ପୋଖରୀ ପାଖରେ ୪ ଜଣ ଅଜଣା ଯୁବକ ବୁଲୁଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଦେଖି ଯୁବକମାନେ ଲୁଚି ପଳାଇ ଯାଇଥିଲେ। ଅଜଣା ଯୁବକଙ୍କ ସମ୍ପର୍କରେ ପ୍ରଚାର ହେବା ପରେ ଅସରଳା, ଗିରିଗିରିଆ, ଏକଡାଳିଆ ଓ ପୁଆଣିଆ ଗାଁର ଲୋକେ ରାତି ଉଜାଗର ରହି ଚୋରଙ୍କୁ ଖୋଜିଥିଲେ। ଗତ ବୁଧବାର ପିଟୁକୁଳିର ପ୍ରମୋଦ ପ୍ରଧାନଙ୍କ ଘରୁ ଗ୍ରୀଲ ଢାଡି ୧୫ ହଜାର ଟଙ୍କା, ୩୫ ଗ୍ରାମ ସୁନା ଗହଣା ଲୁଟ୍ ହୋଇଥିଲା। ଶ୍ରୀରାମପୁରଠାରେ ଏକ ବେସରକାରୀ ସଂସ୍ଥା ଅଧିକାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଅନୁରୂପ ଭାବେ ଲୁଟ୍ ହୋଇଥିଲା। ସୋମବାର ଅସରଳାର ଶ୍ରୀନିବାସ ସ୍ୱାଇଁ ଓ ତାଙ୍କ ଭାଇଙ୍କ ଘରୁ ୬ ଲକ୍ଷ, ୯ ଭରି ସୁନା ଗହଣା ଲୁଟ୍ ସହ ୫ଟି ଘରୁ ସିରିଜ୍ ଚୋରି ହୋଇଥିଲା। ପୋଲିସ ଅନ୍ଧାରରେ ବାଡି ବୁଲାଇ ଚୁପ ରହିଥିବାବେଳେ ଲୋକେ ଚୋରଙ୍କୁ ଧରିବାରେ ଲାଗି ପଡିଛନ୍ତି।

### ପିଟୁକୁଳିରେ ବିଶ୍ୱଶାନ୍ତି ମହାଯଜ୍ଞ



**ବୋଲଗଡ଼,୧୬।୫(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ପିଟୁକୁଳିସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଦେବଙ୍କ ମନ୍ଦିରଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ମହାଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବାବେଳେ ବୁଧବାର କଳସ ଯାତ୍ରା ହୋଇଥିଲା। ଗୁରୁବାର ମା'ମହିଷମର୍ଦ୍ଦିନୀଙ୍କ ଷୋଡଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀ ଆହୁତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଦେବ ବଣିକ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷିତ ହେଉଛି।

# ଉଜୁଡ଼ିଗଲା ବରୁଣେଇ ଜଙ୍ଗଲ

■ଫନୀ ଆଁରେ ୩୦.୪୦ କୋଟି ଟଙ୍କାର ଶାଗୁଆନ ଗଛ

■ବାତ୍ୟା ପରେ ପଶୁପକ୍ଷୀଙ୍କୁ ଦେଖିବାକୁ ମିଳୁନି



ବରୁଣେଇ ପାହାଡରେ ଥିବା ଗଛଗୁଡିକ ବାତ୍ୟାରେ ନଷ୍ଟ ହୋଇଯାଇଛି।

**ଖୋର୍ଦ୍ଧା ଅଫିସ,୧୬।୫**

ବାତ୍ୟା ଫନୀ ପ୍ରଭାବରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି ବରୁଣେଇ ଜଙ୍ଗଲ। ଉଜୁଡିଯାଇଛି ୩୮୦୦ ଶାଗୁଆନ ଗଛ। କ୍ଷତି ହୋଇଗଲା ପ୍ରାୟ ୩୦ କୋଟି ୪୦ ଲକ୍ଷ ଟଙ୍କାର ଶାଗୁଆନ ଗଛ। ସେହିପରି ବହୁ ଦୁର୍ଲଭ ଔଷଧୀୟ ବୃକ୍ଷ ମଧ ମାଟିରେ ମିଶିଗଲା। ବରୁଣେଇ ଜଙ୍ଗଲରେ ୧୦ ହଜାରରୁ ଉର୍ଦ୍ଧ୍ୱ ଅନ୍ୟ ଗଛ ମଧ ଭାଙ୍ଗି ପଡିଛି। ପଶୁପକ୍ଷୀଙ୍କୁ ଦେଖିବାକୁ ମିଳୁନି। ଏମାନେ ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିବା କୁହାଯାଉଛି। କାଁ ଭାଁ ସ୍ଥାନରେ ପଶୁପକ୍ଷୀ ଦେଖିବାକୁ ମିଳୁଛି। ପୂର୍ବରୁ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଯୋଗୁ ଖୋର୍ଦ୍ଧାର ପ୍ରସିଦ୍ଧ ଶକ୍ତିପୀଠ ତଥା ପର୍ଯ୍ୟଟନସ୍ଥଳ ବରୁଣେଇର ପାରିପାର୍ଶ୍ୱିକ ସ୍ଥିତି ବା ରୂପରେଖ ନଷ୍ଟ ହେଉଥିଲା। ଏହାର ପ୍ରଭାବରେ ଜଳ ସଂରକ୍ଷଣ ଓ ମୃତ୍ତିକା ସଂରକ୍ଷଣ କ୍ଷମତା ହ୍ରାସ ପାଇଲାଣି। ପାହାଡ ବକ୍ଷରୁ ଚିରସ୍ରୋତା ଝରଣାର ଜଳ ମଧ କମିବାରେ ଲାଗିଛି। ବିକାଶ ନାଁରେ ଏହା ସତ୍ତା ହରାଇବାରେ ଲାଗିଛି, ଯାହାକି ଖୋର୍ଦ୍ଧା ସହରଠାରୁ ମାତ୍ର ୨ କିମି ଦୂରରେ ଥିଲେ ମଧ ଏହାର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଇପାରୁନାହିଁ। ଶିଳ୍ପାଞ୍ଚଳର କଳକାରଖାନା ଆଇନ କାନୁନ୍‌କୁ ଉଲ୍ଲଂଘନ କରି ଚାଲିଥିଲେ ହେଁ ଜିଲା ପ୍ରଶାସନ ଆଖିରେ ଅନ୍ଧପଟୁଳି ବାନ୍ଧି ବସିଥିଲା। ଫନୀର ପ୍ରକୋପରେ ଅବଶିଷ୍ଟ ଉଜୁଡିଯାଇଛି।

୩୦୪.୮ମିଟର ଉଚ୍ଚତା ବିଶିଷ୍ଟ ପାହାଡ ଓ ୪୮୩.୬ ହେକ୍ଟର ସଂରକ୍ଷିତ ଜଙ୍ଗଲ ବରୁଣେଇର ଶୋଭାବର୍ଦ୍ଧନ କରୁଛି। ଏହି ସଂରକ୍ଷିତ ଜଙ୍ଗଲରେ ଅଧିକାଂଶ ଶାଗୁଆନ ଗଛ ସହ ବହୁ ଦୁର୍ଲଭ ଔଷଧୀୟ ବୃକ୍ଷ ଭରି ରହିଥିଲା। ପୁଣି ଗାଢ ଭାଲୁ, ଠେକୁଆ ଆଦି ପଶୁଙ୍କ ସହ ବିଭିନ୍ନ ପ୍ରଜାତିର ସରୀସୃପ ଓ ପକ୍ଷୀ ମଧ ଦେଖାଯାଉଥିଲେ। କାମ୍ପା ଯୋଜନାରେ ବିଭିନ୍ନ ପ୍ରକାର ଚାରାରୋପଣ ହୋଇଥିଲା। ତେବେ ଫନୀ ବରୁଣେଇ ଜଙ୍ଗଲକୁ ଛାରଖାର କରି ଶ୍ରୀହୀନ କରି ପକାଇଛି। ଅଶୀଦଶକରେ ଖୋର୍ଦ୍ଧା ସହରର ଜାତୀୟ ରାଜପଥ-୫ ବର୍ତ୍ତମାନର ୧୬ ପାର୍ଶ୍ୱ ତଥା ବରୁଣେଇ ପାଦଦେଶରେ ପ୍ରାୟ ୩୫୦ ଏକର ପରିମିତ ସ୍ଥାନରେ ପ୍ରତିଷ୍ଠାତା ହୋଇଥିଲା ଏହି ଶିଳ୍ପାଞ୍ଚଳ। ଶିଳ୍ପାଞ୍ଚଳରେ ଦିନକୁଦିନ ଗୋଟିଏ ପରେ ଗୋଟିଏ ବଡବଡ କଳା କାରଖାନା ଗଢି ଉଠିବାରେ ଲାଗିଛି। ଏଠାରେ ଏବେ ଛୋଟବଡ ୭୦ରୁ ଉର୍ଦ୍ଧ୍ୱ କମ୍ପାନୀ ରହିଛି। କମ୍ପାନୀଗୁଡିକ ଲାଭବାନ ହେଉଥିବା ବେଳେ ବରୁଣେଇର ପାରିପାର୍ଶ୍ୱିକ ବିକାଶ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଶିଳ୍ପାଞ୍ଚଳ ପ୍ରତିଷ୍ଠା ବେଳେ ବରୁଣେଇର ପାଦଦେଶରୁ ବ୍ୟାପକ ଗଛ କଟାଯାଇଥିଲା। ଲକ୍ଷ୍ୟ ଥିଲା ଶିଳ୍ପାଞ୍ଚଳ ଇଲାକରେ ସେହି ଅନୁପାତରେ ବୃକ୍ଷରୋପଣ କରାଯିବ। କିନ୍ତୁ ତାହା ଭାଷଣବାଜିରେ ରହିବାରୁ ବରୁଣେଇ ଲଣ୍ଡା ହୋଇ ରହିଥିଲା। ୨୦୦୭-୦୮ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ଶିଳ୍ପାଞ୍ଚଳକୁ ସବୁଜିମା କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏପରି କି ଶିଳ୍ପାଞ୍ଚଳ ଇଲାକାରେ ୫୦ ହଜାର ଚାରାରୋପଣ ଲାଗି ସ୍ଥିର ହୋଇଥିଲା। କିନ୍ତୁ ତାହା କାଗଜ କଲମ ମଧରେ ସୀମିତ ରହିଗଲା। ଶିଳ୍ପ ପ୍ରତିଷ୍ଠା ପରେ ସରକାରୀ ନୀତି ନିୟମକୁ କମ୍ପାନୀଗୁଡିକ ଅଣଦେଖା କରି ଚାଲିଛନ୍ତି। ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରୁ ନିର୍ଗତ ଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। ଶିଳ୍ପାଞ୍ଚଳରେ ଥିବା ଥଣ୍ଡା ପାନୀୟ ଓ ମୃଦୁ ପାନୀୟ କମ୍ପାନୀଗୁଡିକ ମନଇଚ୍ଛା ଭୂତଳ ଜଳ ବ୍ୟବହାର କରୁଥିବାରୁ ଗ୍ରୀଷ୍ମଋତୁରେ ଖୋର୍ଦ୍ଧା ସହରରେ ଜଳକଷ୍ଟ ସାଧାରଣ ଘଟଣା। ସହରରେ ପ୍ରତିବର୍ଷ ଜାନୁୟାରୀ-ଫେବୃୟାରୀ ଜଳକଷ୍ଟ ଆରମ୍ଭ ହେଉଛି। ଭୂତଳ ଜଳ ଉପରେ କଟକଣା ରହିଥିବା ବେଳେ ଏଠାରେ ଉଲ୍ଲଘଂନ ଚାଲିଛି। ଅନ୍ୟପକ୍ଷରେ ଶିଳ୍ପାଞ୍ଚଳଟି ଖୋର୍ଦ୍ଧା ପୌରାଞ୍ଚଳ ମଧରେ ରହିଛି। ତେଣୁ ପୌରାଞ୍ଚଳର ପାରିପାର୍ଶ୍ୱିକ ବିକାଶ ଦିଗରେ କମ୍ପାନୀଗୁଡିକ ଦୃଷ୍ଟିଦେବା କଥା। କିନ୍ତୁ ଏଥିପ୍ରତି କୌଣସି କମ୍ପାନୀର ନଜର ନାହିଁ।



ପାଇପ୍ ଫାଟିଯାଇଥିବାରୁ ପାନୀୟ ଜଳ ରାସ୍ତା ଉପରେ ଭାସୁଛି।

# ପାଇପ୍ ଫାଟି ନଷ୍ଟ ହେଉଛି ପାଣି

**ନିରାକାରପୁର,୧୬।୫(ଡି.ଏନ.ଏ.)**

ଫନୀ ମହାବାତ୍ୟା ପରେ ନିରାକାରପୁର ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଥିଲା। ଏବେ କିଛି ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । କିନ୍ତୁ ଅନେକ ଅଞ୍ଚଳରେ ପାନୀୟ ଜଳ ନିମନ୍ତେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳାଭାବ ଦେଖାଯାଉଥିବାବେଳେ ନିରାକାରପୁର ପଞ୍ଚାୟତ ଲେଭଲ୍ କ୍ରସିଂ ନିକଟରେ ଏକ ପାଇପ୍ ଫାଟି ପାଣି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ତେବେ ବାତ୍ୟା ପରେ ମୋବାଇଲ୍ ସେବା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ବାହାନା ଦେଖାଇ ଅଧିକାରୀମାନେ ଫୋନ୍ କଲେ ଗ୍ରହଣ କରୁ ନ ଥିବା ଓ ଉପଯୁକ୍ତ ପଦକ୍ଷେପ ନେଉ ନ ଥିବା ଜଣାପଡ଼ିଛି। ଅଧିକାଂଶ ସମୟରେ ବିଭାଗୀୟ ଅଧିକାରୀଙ୍କ ଫୋନ୍ ସୁଇଚ୍ ଅପ୍ ରହୁଛି। ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ବିଶେଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଜାଲ୍ ସାର୍ଟିଫିକେଟରେ ଚାକିରି

## ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ୍

**ଖୋର୍ଦ୍ଧା ଅଫିସ,୧୬।୫**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ହାଟବରଡି ପଞ୍ଚାୟତ ଜୟନ୍ତୀପୁର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସୁକାନ୍ତି ବେହେରା ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜୟନ୍ତୀପୁର ଗାଁ ଲୋକେ ଗୁରୁବାର ଜିଲାପାଳଙ୍କୁ ଭେଟି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ ସୁକାନ୍ତି ବେହେରା ଚାକିରି ପାଇବାକୁ ମାଟ୍ରିକ ଫେଲ ସାର୍ଟିଫିକେଟ ଦେଇଥିବାବେଳେ କିଛି ମାସ ପରେ ମାଟ୍ରିକ ସାର୍ଟିଫିକେଟ ଦେଇଛନ୍ତି। ତେବେ ଉଭୟ ସାର୍ଟିଫିକେଟରେ ଜନ୍ମ ତାରିଖ ଅଲଗା ରହିଛି। ସ୍କୁଲ ଲିଭିଙ୍ଗ୍ ସାର୍ଟିଫିକେଟ୍‌ରେ ଆଡ୍‌ମିଶନ ତାରିଖ ୧୬।୭।୧୯୯୦ ଓ ଜନ୍ମ ତାରିଖ ୬।୩।୧୯୭୬ ରହିଛି। ପରବର୍ତ୍ତୀ ସମୟରେ ଦଶମ ଶ୍ରେଣୀ ପାସ୍ କରିଥିବା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପୁରୀ ପ୍ରଦାନ କରିଥିବା ସାର୍ଟିଫିକେଟରେ ଜନ୍ମ ତାରିଖ ୬।୩।୧୯୮୦ ରହିଛି, ଯାହାକି ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବାବେଳେ ଜଣାପଡିଛି ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି।

ଜୟନ୍ତୀପୁର ଅଙ୍ଗନୱାଡି କେନ୍ଦ୍ରରେ ୩ ମାସ ହେଲା ତାଲା ଝୁଲୁଛି। ଶିଶୁମାନେ ଏଠାରେ ପାଠପଢ଼ା ଓ ଖାଦ୍ୟ ପାଉ ନାହାନି। ଗର୍ଭବତୀ ମହିଳାଙ୍କୁ ଏଠାରେ ସେବା ଦିଆଯାଉନି ବୋଲି ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। କେନ୍ଦ୍ରର ଅନିୟମିତତା ସମ୍ପର୍କରେ ଗ୍ରାମବାସୀ ଚିଲିକା ସିଡିପିଓଙ୍କୁ ଅବଗତ କରାଇଥିଲେ। ତେବେ ସେ ଅଙ୍ଗନୱାଡି କର୍ମୀଙ୍କୁ ଘଣ୍ଟ ଘୋଡାଉଥିବା ସ୍ୱୀକାର କରୁଥିଲେ ମଧ କୌଣସି ପଦକ୍ଷେପ ନେଉନଥିବା କୁହାଯାଇଛି। ବରଂ ଗାଁକୁ ପୋଲିସ ପଠାଇ ଫସାଇ ଦେବାକୁ ଭୟଭୀତ କରାଯାଉଛି ବୋଲି ଅଭିଯୋଗରେ ରହିଛି। ଜୟନ୍ତୀପୁର କେନ୍ଦ୍ରର ଅଙ୍ଗନୱାଡି କର୍ମୀ ସୁକାନ୍ତି କୁହନ୍ତି, ମୋ ସାର୍ଟିଫିକେଟ ଜାଲ୍ ନୁହେଁ। ଅଣ୍ଡର ମାଟ୍ରିକରେ ଚାକିରି କରିଥିଲି। ପରେ ପରୀକ୍ଷା ଦେଇ ମାଟ୍ରିକ ପାସ କଲି। ତେବେ ତ୍ରୁଟି ବଶତଃ ଉଭୟ ସାର୍ଟିଫିକେଟରେ ଜନ୍ମ ତାରିଖ ଭୁଲ ରହିଛି। ଏ ନେଇ କୋର୍ଟରେ ଆଫିଡାଭିଟ କରିଛି। ଚିଲିକା ସିଡିପିଓ ଏ. ଉଷାରାଣୀ କୁହନ୍ତି, ଜାଲ୍ ସାର୍ଟିଫିକେଟରେ ଚାକିରି ସମ୍ବନ୍ଧରେ ମୁଁ ଜାଣି ନ ଥିଲି। ଅଭିଯୋଗ ପରେ ସାର୍ଟିଫିକେଟ୍ ଭେରିଫିକେଶନ ପାଇଁ ପଠାଇବି। ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ବନ୍ଦ ରହିଛି। କର୍ମୀ ଭଲ ନୁହେଁ ଦର୍ଶାଇ ଗାଁଲୋକ ଶିଶୁ, ଗର୍ଭବତୀ ମହିଳାଙ୍କୁ କେନ୍ଦ୍ରଙ୍କୁ ଛାଡୁନାହାନ୍ତି। ଗାଁଲୋକଙ୍କ ସହ ଆଲୋଚନା କରି ସୁଫଳ ପାଇଲି ନାହିଁ। ଏପରିକି ପୋଲିସକୁ ନେଇ ଆଲୋଚନା କରିଥିଲେ ମଧ ସୁଫଳ ପାଇନାହିଁ। ଏ ସମ୍ପର୍କରେ ଉପଜିଲାପାଳଙ୍କୁ ଅବଗତ କରାଇଛି । ନିର୍ବାଚନ ଯୋଗୁ ଉପଜିଲାପାଳ ସମୟ ଦେଇ ପାରି ନ ଥିବା କହିଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି ନିମ୍ନମାନର ରାସ୍ତାକାମ

**କୃଷ୍ଣପ୍ରସାଦ,୧୬।୫(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ନୋଳିଆପାଟଣା ଭାୟା ସିଆଣ୍ଡି ଦେଇ ଚାଲିଛି ଏକ ନୂଆ ପକ୍କା ରାସ୍ତା କାର୍ଯ୍ୟ। ଅଗଷ୍ଟ ୩ରେ ମନ୍ତ୍ରୀ ପ୍ରଦୀପ କୁମାର ମହାରଥୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ କଣ୍ଟ୍ରାକ୍ଟର ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି କାମ। ସୂଚନା ଫଳକ ଲଗାଯିବା ପରେ କାମ ଆରମ୍ଭ କରିବାକୁ ଥିବା ନିୟମ ଉଲ୍ଲଂଘନ କରାଯାଇଛି। ଉକ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଛି। କାମ ଚାଲିବାର ୮ ମାସ ବିତିଯାଇଥିଲେ ମଧ୍ୟ ସୂଚନା ଫଳକ ଲଗାଯାଇନାହିଁ। ବିଭାଗୀୟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ପଚାରିବାରେ କାମ ଠିକ୍‌ରେ ଚାଲିଛି। ସୂଚନା ଫଳକ ପାଇଁ ମୁଁ କଣ୍ଟ୍ରାକ୍ଟରଙ୍କୁ କହିବି ବୋଲତ କହିଛନ୍ତି।

# ପଞ୍ଚାୟତରେ ମିଳୁନି ଭତ୍ତା, ଫେରୁଛନ୍ତି ବୃଦ୍ଧାବୃଦ୍ଧ



ପଞ୍ଚାୟତ ଅଫିସ୍ ସମ୍ମୁଖରେ ଭତ୍ତା ପାଇଁ ଆସିଥିବା ମହିଳାମାନେ ବସି ରହିଛନ୍ତି।

**ଖୋର୍ଦ୍ଧା ଅଫିସ,୧୬।୫**

ଖୋର୍ଦ୍ଧା ବ୍ଲକ ନିଜିଗଡ ତାପଙ୍ଗ ପଞ୍ଚାୟତକୁ ବୃଦ୍ଧାବୃଦ୍ଧ, ବିକଳାଙ୍ଗ ଓ ବିଧବାମାନେ ଭତ୍ତା ପାଇଁ ୨ ଦିନ ହେଲା ଦୌଡି ନିରାଶ ହୋଇ ଫେରୁଛନ୍ତି। ଏଭଳିସ୍ଥଳେ ଖରା ଓ ଗୁଳିଗୁଳିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ କାଲି ଆସ ବୋଲି କୁହାଯାଉଛି। ଭତ୍ତା ବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ତାରିଖ ରହିଥିଲେ ହେଁ ପଞ୍ଚାୟତ ପକ୍ଷରୁ ଏପଟସେପଟ କରାଯାଉଥିବାରୁ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଝିଙ୍କିଝାରୀ ଗାଁର ବିମ୍ବାଧର ସାହୁ, ସାବିତ୍ରୀ ସାହୁ, ରମା ସାହୁ କୁହନ୍ତି, ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ଟଙ୍କା ପାଇଁ ବାରମ୍ବାର ଦୌଡାଇବା ଠିକ୍ ନୁହେଁ। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ।

■ ବିଦ୍ୟୁତ୍ ଖୁଣ୍ଟରେ ମରାମତି ହେଲା କାଳ

# ଓର୍‌ଟେଲ୍ କର୍ମଚାରୀ ମୃତ

**ଖୋର୍ଦ୍ଧା ଅଫିସ,୧୬।୫**

ଖୋର୍ଦ୍ଧା ସହରର ଶ୍ରୀରାମନଗରରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ଗୁରୁବାର ସନ୍ଧ୍ୟା ସାଢ଼େ ୭ଟାରେ ଓରଟେଲ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତ ଯୋଗୁ ନା ଅନ୍ୟ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଛି ତାହା ଜଣାପଡିନି। ମୃତକ ହେଲେ ରାଜ କିଶୋର ମହାରଣା (୪୭)। ଘର ତମାଣ୍ଡୋ ଥାନା କାଶିପୁର ଗାଁରେ। ମିଳିଥିବା ସୂଚନା ଅନୁସାରେ, ଓରଟେଲ କର୍ମଚାରୀ ସନ୍ଧ୍ୟାରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ମରାମତି କରୁଥିଲେ। ବାରମ୍ବାର ଡାକିବା ପରେ ଉତ୍ତର ନ ମିଳିବାରୁ ନିକଟରେ ଥିବା କର୍ମଚାରୀ ବାଡି ମାରିବାରୁ ଖସି ପଡିଥିଲେ। ପରେ ରାଜ କିଶୋରଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜ ସ୍ଥାୟୀ କି ଅସ୍ଥାୟୀ କର୍ମଚାରୀ ତାହା ମଧ ଜଣାପଡିନି। ଚିକିତ୍ସାଳୟରେ ରାଜକିଶୋରଙ୍କ ପରିବାର ଲୋକ ପହଞ୍ଚିବା ପରେ ୧୦ ହଜାର ଟଙ୍କା ଦେଇ ଓରଟେଲ କର୍ମଚାରୀ ପଳାଇ ଯାଇଛନ୍ତି। ଓରଟେଲ କର୍ମଚାରୀମାନେ ଚାଲିଯିବା ପରେ ମୃତକଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ନଂ. ୨୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଅନୁମତି ନ ଥାଇ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ାଇଲା କିଏ

ବିଦ୍ୟୁତ୍ ଖୁଣ୍ଟରେ ଓରଟେଲ କେବୁଲ ଟାଣିବାକୁ ଅନୁମତି ନାହିଁ। ପୁଣି ଖୁଣ୍ଟରେ ଚଢ଼ି ମରାମତି କରିବାକୁ ଅନୁମତି ବିଦ୍ୟୁତ୍ ବିଭାଗରୁ ନେଇ ନାହାନ୍ତି। ମରାମତି ବେଳେ ସୁରକ୍ଷା ଉପକରଣ ପିନ୍ଧି ନ ଥିଲେ। ଯଦି ପିନ୍ଧିଥାନ୍ତେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥାନ୍ତେ। ଏତେସବୁ ବେନିୟମ କାର୍ଯ୍ୟ ଭିତରେ ଜଣେ ଓରଟେଲ କର୍ମଚାରୀ ପ୍ରାଣ ହରାଇଲେ। ଏ ନେଇ ଖୋର୍ଦ୍ଧା ସେସୁର ସହକାରୀ ଯନ୍ତ୍ରୀ କୁହନ୍ତି, ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ ଫିଡର ଟ୍ରିପ କରିଥାନ୍ତା। ସେପରି ହୋଇନାହିଁ। ଏଣୁ ମୃତ୍ୟୁର କାରଣ ବିଦ୍ୟୁତ୍ ସଂସ୍ପର୍ଶରେ ନୁହଁ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷେ ବିଦ୍ୟୁତ୍ ଖୁଣ୍ଟିରେ ଚଢ଼ି ମରାମତି କରିବାକୁ ଅନୁମତି ଦିଆଯାଇ ନ ଥିଲା।


# ବିପନ୍ନଙ୍କ ରନ୍ଧାଖାଦ୍ୟରେ ଅନିୟମିତତା

**ଖୋର୍ଦ୍ଧା ଅଫିସ,୧୬।୫**

ଖୋର୍ଦ୍ଧା ବ୍ଲକ ନିଜିଗଡ ତାପଙ୍ଗ ପଞ୍ଚାୟତରେ ଫନୀ ବିପନ୍ନମାନଙ୍କୁ ରନ୍ଧାଖାଦ୍ୟ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଛି। ସେହିପରି ପଲିଥିନ୍ ଯୋଗାଣରେ ଅନୁରୂପ ଅନିୟମିତତା କରାଯାଇଛି। ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପଞ୍ଚାୟତ ନାଏବ ସରପଞ୍ଚ ବିଷୟା ପ୍ରଧାନ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି।

■ ଜଟଣୀ ସହରର କେତେକ ସ୍ଥାନକୁ ବିଦ୍ୟୁତ୍ ଯୋଗାଣ

# ୯୦ ପ୍ରତିଶତ ଅଞ୍ଚଳ ଏବେ ବି ଅନ୍ଧାରରେ



ବିଦ୍ୟୁତ୍ ତାର ଛିଣ୍ଡି ରାସ୍ତା ଉପରେ ପଡିରହିଛି।



ଫେଡ୍‌କୋ ଅଫିସ୍‌କୁ ମହିଳାମାନେ ଘେରାଉ କରିଛନ୍ତି।

**ଜଟଣୀ, ୧୬।୫ (ଡି.ଏନ.ଏ.)**

## ଫେଡ୍‌କୋ ଅଫିସ୍ ଘେରିଲେ ମହିଳା

ସାମୁଦ୍ରିକ ଝଡ ଫନୀର ୧୩ ଦିନ ପରେ ଜଟଣୀ ସହରର କେତେକ ସ୍ଥାନକୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇଛି। ସ୍ଥାନୀୟ ରାଜାବଜାର, ବାଲିଛକସାହିର କେତେକ ଅଂଶକୁ ବୁଧବାର ରାତିରେ ବିଦ୍ୟୁତ୍ ଯୋଗାଣ ହୋଇଛି। ତେବେ ସହରର ଆହରି ୯୦ ପ୍ରତିଶତ ଅଞ୍ଚଳ ଅନ୍ଧାର ମଧରେ ରହିଛି। କେତେବେଳେ ସେମାନଙ୍କ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେବ ସମ୍ପୃକ୍ତ ଅଞ୍ଚଳବାସୀ ଚାତକ ପରି ଅନେଇ ରହିଛନ୍ତି। ୩୩ ଓ ୧୧କେଭି ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ସେସୁ ପକ୍ଷରୁ ଯାହା ଯେମିତି ତତ୍ପରତାର ସହ କାର୍ଯ୍ୟ କରୁଥିବା ବେଳେ ଏଲ୍‌ଟି ଲାଇନ୍ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ଫେଡ୍‌କୋର କାର୍ଯ୍ୟକଳାପକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସ୍ଥାନୀୟ ଗାନ୍ଧୀନଗର ଅଞ୍ଚଳର ଶତାଧିକ ମହିଳାପୁରୁଷ ଫେଡ୍‌କୋ ଅଫିସ୍ ଘେରାଉ କରିବା ସହ ଏହାର ଅବହେଳାକୁ ବିରୋଧ କରିଥିଲେ। ୩୩ ଓ ୧୧ କେଭିର ବିଭ୍ରାଟ ଠିକ୍ କରି ଟ୍ରାନ୍ସଫମର ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ସେସୁ କରୁଥିବା ବେଳେ ଏହାର ପରବର୍ତ୍ତୀ ଏଲ୍‌ଟି ଲାଇନ୍ ମରାମତି କାର୍ଯ୍ୟ ସମ୍ପନ୍ନ କରିବାରେ ଫେଡ୍‌କୋ ଏଠାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି।

ବାତ୍ୟା ଯୋଗୁ ଗଳିକନ୍ଦିରେ ତାର ଛିଡି ପଡିଛି। ଖୁଣ୍ଟରୁ ଘରକୁ ଯାଇଥିବା ଉପଭୋକ୍ତାଙ୍କ ସର୍ଭିସ ତାର ଅନେକ ସ୍ଥାନରେ ଛିଡିଯାଇଛି। ବିପର୍ଯ୍ୟସ୍ତ ଅବସ୍ଥାରେ ବହୁ ସ୍ଥାନରେ ତାର ଛିଡି ରାସ୍ତା ଉପରେ ଓ ଆଉ କେଉଁଠି ଓହଳି ରହିଛି। କିନ୍ତୁ ଫେଡ୍‌କୋ କର୍ମଚାରୀଙ୍କ ଏଥିପ୍ରତି ଦୃଷ୍ଟି ପଡୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଉପଭୋକ୍ତା ରାମଚନ୍ଦ୍ର ସାହୁଙ୍କ ସମେତ ଅନେକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଘଡିସନ୍ଧି ମୁହୂର୍ତ୍ତରେ ଅଭିଯୋଗ କରିବାକୁ ଫେଡ୍‌କୋ କାର୍ଯ୍ୟାଳୟକୁ ଗଲେ ଅନେକ ସମୟରେ କର୍ମଚାରୀଙ୍କ ଅନୁପସ୍ଥିତ ଦେଖିବାକୁ ମିଳୁଛି। ଉପସ୍ଥିତ ସମୟରେ ଅଭିଯୋଗ କଲା ପରେ ମଧ ମରାମତି ପାଇଁ କେହି ଆସୁ ନ ଥିବା ଉପଭୋକ୍ତା ରାମଚନ୍ଦ୍ର କହିଛନ୍ତି। ସେସୁ ପକ୍ଷରୁ କେତେକ ଫିଡର୍ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରି ସାରିଛି। ହେଲେ ଫେଡ୍‌କୋ କର୍ମଚାରୀ ଏଲ୍‌ଟି ଲାଇନ୍ କାର୍ଯ୍ୟ କରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଫେଡ୍‌କୋର ଡିଭିଜନାଲ ମ୍ୟାନେଜର ରାଜେଶ ଭୋଇ କହନ୍ତି, ତାଙ୍କ ଯନ୍ତ୍ରୀ ଓ କର୍ମଚାରୀମାନେ ରାତିଦିନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଲ୍‌ଟି ଲାଇନ୍ କାର୍ଯ୍ୟ କରିବା ସହିତ ୩୩ ଓ ୧୧ କେଭି କାର୍ଯ୍ୟରେ ସେସୁକୁ ମଧ ସହାୟତା ଦିଆଯାଉଥିବା ସେ କହିଛନ୍ତି। ଏ ନେଇ ଜାଗୃତି ସ୍ୱାଇଁ ନାମକ ଉପଭୋକ୍ତା କୁହନ୍ତି, ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଆନ୍ଧ୍ରା ବ୍ୟାଙ୍କ ଲେନ୍‌ରେ ଛିଡି ପଡିଥିବା ତାର ଓ ଭାଙ୍ଗି ପଡିଥିବା ଖୁଣ୍ଟକୁ ଉଠାଇବାକୁ କେହି ଏଯାବତ୍ ଆସିନାହାନ୍ତି। ଏଠାରେ ରହୁଥିବା ୬୦ ପରିବାର ଅନ୍ଧାରରେ ରହୁଛନ୍ତି। ସେହିପରି ଆଇନ୍‌ଜୀବୀ ମହମ୍ମଦ ଇମାଉଦ୍ଦିନ୍ କହନ୍ତି, ସେ ରହୁଥିବା ୧୪ ନମ୍ବର ୱାର୍ଡରେ ପଡିଥିବା ଗଛ ଓ ତାର ଉଠାଇବା ପାଇଁ କେହି ଆସି ନାହାନ୍ତି।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ବାତ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ବିତରଣ




କଣାସ, ୧୬।୫(ଡି.ଏନ୍.ଏ.): ବାତ୍ୟ ଫନୀ ଦ୍ୱାରା ଡେଲାଙ୍ଗ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ହଜାରହଜାର ଲୋକଙ୍କ ଘର ଭାଙ୍ଗି ଯିବା ଯୋଗୁ ଅନେକ ଲୋକ ବାସହରା ହୋଇ ବାତ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ ଓ କ୍ଲବ ଘରେ ଆଶ୍ରୟ ନେଇଛନ୍ତି। ରହିବାକୁ ଘରନାହିଁ କି ଖାଇବାକୁ ମୁଠାଏ ଦାନା ନାହିଁ। ଓଡ଼ିଶା ପୋଲିସ ପକ୍ଷରୁ ଗତ ୧୦ ତାରିଖ ଠାରୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ରହୁଥିବା ବିପନ୍ନ ମାନଙ୍କୁ ରନ୍ଧା ଖାଦ୍ୟ ବିତରଣ କରାଯାଉଛି। ଗୁରୁବାର ୪ର୍ଥ ବିଏନ୍ ରାଉରକେଲା ଓ ୬ଷ୍ଠ ଆଇଆରବିଏନ୍ ଖୋର୍ଦ୍ଧା ପକ୍ଷରୁ ମୁନିନ୍ଦା ଓ ଜେନାପୁର ପଞ୍ଚାୟତରେ ରନ୍ଧାଖାଦ୍ୟ ବିତରଣ କରାଯାଇଛି। ପୂର୍ବରୁ ଅରିଶଲ, ଶ୍ରୀପରୁଷୋତ୍ତମପୁର, ସାଉରିଆ, ଜେନାପୁର, ବେରବୋଇ, ସୁଜନପୁର, ଗୁଆଳିପଡା, ଖେଲାଉର ଅଦି ବିଭିନ୍ନ ପଞ୍ଚାୟତରେ କରୁଣା ଟିମ୍ର ଏସଆଇ ଆରମ ତୀର୍ଥରାଜ ସାହୁ ,ହାବିଲଦାର ସାଇରାମ ବେହେରା ଓ ହୃଷିକେଶ ସାହୁଙ୍କ ନେତୃତ୍ୱରେ ଏହି ରନ୍ଧା ଖାଦ୍ୟ ପ୍ରସ୍ତୁତି କରାଯାଇ ୧୦ ହଜାରରୁ ଉର୍ଦ୍ଧ୍ୱ ବାତ୍ୟା ବିପନ୍ନଙ୍କୁ ବିତରଣ କରାଯାଇଥିବା ଜଣାପଡିଛି। ଏହି ରନ୍ଧା ଖାଦ୍ୟ ବିତରଣ କେନ୍ଦ୍ରକୁ ଉପରିସ୍ଥ ପୋଲିସ ଅଧିକାରୀ ଆଡିସନାଲ ଡିଜି ସଞ୍ଜୀବ ପଣ୍ଡା ଓ ଡିଆଇଜି ଅମିତାଭ ଠାକୁର ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସହିତ ପରିଦର୍ଶନ କରିଥିଲେ।

# ବାତ୍ୟାରେ ୩୧୦ ସ୍ୱାସ୍ଥ୍ୟକେନ୍ଦ୍ର କ୍ଷତିଗ୍ରସ୍ତ

ପୁରୀ ଅଫିସ,୧୬।୫:



ଖବରଦାତା ସମ୍ମିଳନୀରେ ସିଡିଏମ୍ଓ ରାମଚନ୍ଦ୍ର ରାଉତ ସୂଚନା ଦେଉଛନ୍ତି ।

ବାତ୍ୟା 'ଫନୀ'ରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟ ସମେତ ଜିଲାର ୩୧୦ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ କ୍ଷୟକ୍ଷତି ଘଟିଛି। ଏଥିମଧ୍ୟରେ ୨୪୧ ସବ୍ସେଣ୍ଟର, ୪୮ ପିଏଚ୍ସି, ୪ ୟୁପିଏଚ୍ସି, ୧୬ ସିଏଚ୍ସି ରହିଛି। ମୁଖ୍ୟତଃ ଜିଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସଦର, କଣାସ, କୃଷ୍ଣପ୍ରସାଦ, ଗୋପ, ସତ୍ୟବାଦୀ ଏବଂ ବ୍ରହ୍ମଗିରି ସ୍ୱାସ୍ଥ୍ୟକେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏବେ ୪୯ଟି ମୋବାଇଲ ୟୁନିଟ କାର୍ଯ୍ୟକ୍ଷମ ଅଛି। ୧୧ଟି ବ୍ଲକରେ ୨ଟି ଲେଖାଏ ୟୁନିଟ ଏଭଳି ମୋଟ ୨୨ଟି ୟୁନିଟ ଏବଂ ପୁରୀ ପୌର ପରିଷଦ ଅଧୀନ ୩୨ଟି ୱାର୍ଡରେ ୧୦ଟି ୟୁନିଟ କାର୍ଯ୍ୟ କରୁଛି। କେବଳ କୃଷ୍ଣପ୍ରସାଦ ବ୍ଲକରେ ଗଞ୍ଜାମ ଜିଲା ସହାୟତାରେ ୫ଟି ୟୁନିଟ, ପ୍ରତ୍ୟେକ ସିଏଚ୍ସିରେ ଗୋଟିଏ ଲେଖାଏ ଏବଂ ପୁରୀରେ ଗୋଟିଏ ଏଭଳି ମୋଟ ୧୨ଟି ୟୁନିଟ କାର୍ଯ୍ୟ କରୁଛି। ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଚିକିତ୍ସାଳୟରେ ୩୧, କୃଷ୍ଣପ୍ରସାଦରେ ୧ ଏବଂ ନିମାପଡ଼ା–ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଟିକୁ ମିଶାଇ ମୋଟ ୩୭ଟି ମୃତଦେହ ବ୍ୟବଚ୍ଛେଦ କରାଯାଇଛି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ରାମଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୧ଜଣ ଡାକ୍ତର, ୧୦୮ ଫାର୍ମାସିଷ୍ଟ, ୧୨ ଷ୍ଟାଫନର୍ସ, ୧୫୨୦ ଆଶାକର୍ମୀଙ୍କ ସମେତ ୪୯ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ବାତ୍ୟା ପୂର୍ବରୁ ୪୨୨ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟର ୪୭ ଡାକ୍ତରଙ୍କ ବ୍ୟତୀତ ରାଜ୍ୟରୁ ୨୧ଜଣ ଅଭିଜ୍ଞ ଡାକ୍ତର ସେବା ଯୋଗାଇ ଦେଉଛନ୍ତି। ଔଷଧ, ପାନୀୟଜଳ ଉପଲବ୍ଧ ଉପରେ ଗୁରୁତ୍ୱ ଦିଆଯାଉଛି। ମେ ୯ତାରିଖରୁ ସିଟି ସ୍କାନ, ୧୨ରୁ ଡାଏଲିସିସ୍, ୧୩ରୁ ଏମ୍ଆର୍ଆଇ କାର୍ଯ୍ୟ କରୁଛି। ବାତ୍ୟାପରଠାରୁ ବର୍ତ୍ତମାନ ସୁଦ୍ଧା ବହିର୍ବିଭାଗ (ଓପିଡି)ରେ ୯୬୧ଜଣ ରୋଗୀ ଚିକିତ୍ସିତ ହୋଇ ଫେରିଛନ୍ତି। ୧୪୧ଜଣଙ୍କ ଚାଲିଛି। କେହି ଡେଙ୍ଗୁ, ମ୍ୟାଲେରିଆ ଓ ଜଣ୍ଡିସ ଆକ୍ରାନ୍ତ ନାହାନ୍ତି। ନାଳଝାଡ଼ାରେ ୨୨୫୬, ଜ୍ୱରରେ ୪୬୪୧, ଥଣ୍ଡାରେ ୪୬୭୬, ଚର୍ମରୋଗରେ ୧୦୭୬, ସାପକାମୁଡ଼ାରେ ୧୮, କୁକୁର କାମୁଡ଼ାରେ ୨୫୧ଆହତ ୩୬୮ ଏବଂ ଗୁରୁତର ଆହତ ୯୫୦ଜଣଙ୍କୁ ଚିକିତ୍ସା କରାଯାଇଛି। ୧୨୨ଯି ସ୍ଥାନର ପାଣି ନମୁନା ପରୀକ୍ଷଣ କରାଯାଇଛି। ୩ଟି ରିଲିଫ କେନ୍ଦ୍ରରେ ଖାଦ୍ୟ ପରୀକ୍ଷଣ କରାଯାଉଛି। ଜିଲାରେ ୮୩୯୮୦ ଓଆର୍ଏସ୍ ଏବଂ ୧୬,୭୩୦୦୦ କ୍ଲୋରିନ ବଟିକା ବଣ୍ଟାଯାଇଛି। ପକେଟ ଖାଦ୍ୟ ଖାଇବା ପୂର୍ବରୁ ଏକ୍ସପାୟରୀ ଡେଟ୍ ପରୀକ୍ଷା କରିବା ଏବଂ ବିଶୋଧିତ ପାଣି ପିଇବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

**ପୁରୀ ଜିଲା**
- ଏପର୍ଯ୍ୟନ୍ତ ୩୭ ମୃତଦେହ ବ୍ୟବଚ୍ଛେଦ ହୋଇଛି
- ୪୯ ମୋବାଇଲ ୟୁନିଟ ଯୋଗାଉଛନ୍ତି ସେବା
- ବିଶୋଧିତ ଜଳ ବ୍ୟବହାର ଉପରେ ଗୁରୁତ୍ୱ

## ବାତ୍ୟା ଉଜାଡିଦେଲା ମନସା ଜଙ୍ଗଲ



ଜଙ୍ଗଲରେ ଭାଙ୍ଗିପଡିଥିବା ଗଛ ।

ନିମାପଡ଼ା,୧୬।୫(ଡି.ଏନ୍.ଏ.):

ସାମୁଦ୍ରିକ ଝଡ 'ଫନୀ'ରେ ବହୁ ଗ୍ରାମ୍ୟ ଓ ସଂରକ୍ଷିତ ଜଙ୍ଗଲ ଉଜୁଡିଯାଇଛି। ଏଥିରୁ ବାଦ୍ ପଡ଼ିନି ନିମାପଡ଼ାର ମନସା ଜଙ୍ଗଲ। ନିମାପଡ଼ା–କୋଣାର୍କ ମୁଖ୍ୟରାସ୍ତାର ଦିଘାଳୋ ନିକଟ କୁଶଭଦ୍ରା ନଦୀ କୂଳରେ ରହିଛି ମନସା କାନନ ପୀଠ, ପିକନିକ ସ୍ପଟ ଓ ଜଙ୍ଗଲ। ବାତ୍ୟାରେ ଜଙ୍ଗଲର ଶହ ଶହ ଗଛ ଧରାଶୟୀ ହୋଇ ପଡିଛି। ପ୍ରତିବର୍ଷ ଏହା ମନସା କାନନକୁ ବହୁ ପର୍ଯ୍ୟଟକ ଭୋଜି କରିବାକୁ ଆସିଥାନ୍ତି। ପର୍ଯ୍ୟଟନ କେନ୍ଦ୍ର କୋଣାର୍କ ବୁଲିବାକୁ ଆସିଥିବା ଯାତ୍ରୀ ଏଠାରେ ଓହ୍ଲାଇ କିଛି ସମୟ ବୁଲାବୁଲି କରିଥାନ୍ତି। ଏହି ମନସା ପୀଠ ଓ ଜଙ୍ଗଲର ପ୍ରାକୃତିକ ଦୃଶ୍ୟ, ପରିବେଶ ଯାତ୍ରୀଙ୍କୁ ବେଶ ଆକୃଷ୍ଟ କରିଥାଏ। ବାତ୍ୟାର ତାଣ୍ଡବରେ ଏହି ଜଙ୍ଗଲ ଏବେ ମରୁଭୂମି ପାଲଟିଯାଇଛି। ଏହି ପୀଠରେ ବିଭିନ୍ନ କିସମର ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କରିବା ସହ ଏହି ପୀଠକୁ ସବୁଜିମା ସୃଷ୍ଟି କରିବା ଦିଗରେ ସ୍ଥାନୀୟ ଅଞ୍ଚଳର ବାଞ୍ଛାନିଧି ମୁରୁଡି, ରମେଶ ସ୍ୱାଇଁ, ଚିତ୍ତରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ନାୟକ, ବିଷ୍ଣୁଚରଣ ସ୍ୱାଇଁ ସ୍ଥାନୀୟ ବନ ବିଭାଗ ନିକଟରେ ଦାବି କରିଛନ୍ତି।

## କୃଷ୍ଣପ୍ରସାଦ : ବିନା ସୂଚନା ଫଳକରେ ଚାଲିଛି ନିମ୍ନମାନର ରାସ୍ତାକାମ



ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ନୋଳିଆପାଟଣା ଭାୟା ସିଆଣ୍ଡି ଦେଇ ଯାଇଥିବା ରାସ୍ତା ।

କୃଷ୍ଣପ୍ରସାଦ,୧୬।୫(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ନୋଳିଆପାଟଣା ଭାୟା ସିଆଣ୍ଡି ଦେଇ ଚାଲିଛି ଏକ ନୂଆ ପକ୍କା ରାସ୍ତା କାର୍ଯ୍ୟ। ଗତ ଅଗଷ୍ଟ ୩ତାରିଖରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ମହାରଥୀ ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ପରଦିନଠାରୁ କଣ୍ଟ୍ରାକ୍ଟର ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି କୋଟି କୋଟି ଟଙ୍କାର କାମ । ପ୍ରଥମେ ସୂଚନା ଫଳକ ଲଗାଯିବା ପରେ କାମ ଆରମ୍ଭ କରିବା ସରକାରଙ୍କ ନିୟମ ରହିଛି । ହେଲେ ତାହା ଉଲ୍ଲଂଘନ କରାଯାଇଛି। କଣ୍ଟ୍ରାକ୍ଟର ଜଣେ ଅବସରପ୍ରାପ୍ତ ସୁପରଭାଇଜରଙ୍କ ମାଧ୍ୟମରେ ରାସ୍ତା କାମ ଆରମ୍ଭ କରିଛନ୍ତି। ଉକ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଛି। ବାଲି ବଦଳରେ ଚିଲିକାର କାଦୁଆ ମାଟି,ବିଲର ଚିକିଟା ମାଟିକୁ ପକାଇ ରାସ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାସ୍ତା ତଳେ ବାଲି ବଦଳରେ କାଦୁଆ ଚିକିଟା ମାଟି ପକାଇ ଉପରେ କ୍ରଶର ବାଲି ଦେଇ ଲୋକଙ୍କୁ ଭୁଆଁ ବୁଲାଇବାରେ ଲାଗିଛନ୍ତି ବିଭାଗୀୟ କର୍ମଚାରୀ ଏବଂ କଣ୍ଟ୍ରାକ୍ଟର । କାମ ଚାଲିବାର ୮ ମାସ ବିତିଯାଇଥିଲେ ମଧ୍ୟ ଏଯାଏଁ ସୂଚନାଫଳକ ଲଗାଯାଇନାହିଁ। ବିଭାଗୀୟ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର କହିଛନ୍ତି କାମ ଠିକ୍ରେ ଚାଲିଛି। ସୂଚନା ଫଳକ ପାଇଁ ମୁଁ କଣ୍ଟ୍ରାକ୍ଟରଙ୍କୁ କହିବି। ଅନ୍ୟପକ୍ଷେ ରାସ୍ତା କାମର ଭିଜିଲାନ୍ସ ତଦନ୍ତ କରାଯାଇ ଦୁର୍ନୀତିଗ୍ରସ୍ତ କଣ୍ଟ୍ରାକ୍ଟର ଏବଂ ବିଭାଗୀୟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

## ଗୋପ: ଗାଁରେ ପହଞ୍ଚି ପାରୁନି ପିଇବା ପାଣି

ଗୋପ, ୧୬।୫(ଡି.ଏନ୍.ଏ.)–ଗୋପ ବ୍ଲକ ପ୍ରଶାସନ ଫନୀ ପୂର୍ବରୁ ସଜାଗ ଥିବା ନେଇ ବାହୁସ୍ଫୋଟ ମାରୁଥିବାବେଳେ ବାତ୍ୟା ପରେ ପ୍ରଶାସନର ପାରିବା ପଣିଆ ପଦାରେ ପଡ଼ିଛି। ବାତ୍ୟାକୁ ୧୩ ଦିନ ବିତିଥିଲେ ବି ଗାଁ ଗଣ୍ଡାରେ ପିଇବା ପାଣି ପହଞ୍ଚିପାରିନାହିଁ। ଗୋପ ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ କେତେକ ସ୍ଥାନରେ ଜେନେରେଟର ଲଗାଇ ପାଣି ଦିଆଯାଉଥିଲେ ମଧ୍ୟ ଗାଁରେ ଲାଗିଥିବା ଷ୍ଟାଣ୍ଡ ପୋଷ୍ଟ ସବୁ ଭାଙ୍ଗିଯିବାରୁ ଠିକ୍ ଭାବେ ପହଞ୍ଚିପାରୁ ନାହିଁ। ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇବା ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସେସବୁ ପାଣିରେ ପଡୁଛି। ଏ ନେଇ ଗୋପ ଅଞ୍ଚଳର ସୁଶାନ୍ତ ସାହୁ, ମହମ୍ମଦ ଆଜାଦ, ବେଦପୁରର ରମାକାନ୍ତ ମିଶ୍ର, ନାଗପୁରର ଦୁଃଶାସନ ପାତ୍ର ପ୍ରମୁଖ ଗାଁରେ ଅଧିକାଂଶ ନଳକୂପ ଭାଙ୍ଗିପଡ଼ିଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ ବ୍ଲକ ଜଳ ପ୍ରକଳ୍ପ ଅଧିକାରୀ ଭାର୍ଗବୀ ମିଶ୍ରଙ୍କୁ ପଚାରିବାରେ ବିପନ୍ନଙ୍କ ନିକଟରେ ପିଇବା ପାଣି ପହଞ୍ଚିବା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଅଭିଯୋଗ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଥିବା କହିଥିଲେ।

## ନିଷ୍କାସନ ହେଉନି ମୃଷାନଈର ବର୍ଜ୍ୟଜଳ

- ଆଖପାଖ ଗ୍ରାମରେ ଅସ୍ୱାସ୍ଥ୍ୟକର ପରିବେଶ
- ମହାମାରୀ ବ୍ୟାପିକା ଆଶଙ୍କା
- ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଅଞ୍ଚଳବାସୀ



ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ପାଇଁ ଆସିଥିବା ଅଞ୍ଚଳବାସୀ ।

ପୁରୀ ଅଫିସ,୧୬।୫

ମୃଷାନଈର ବର୍ଜ୍ୟଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଖପାଖ ଗାଁଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବାବେଳେ ମହାମାରୀ ବ୍ୟାପିକା ଆଶଙ୍କା ରହିଛି। ତେଣୁ ତୁରନ୍ତ ମୃଷାନଈର ବର୍ଜ୍ୟଜଳ ନିଷ୍କାସନ ଦାବି ନେଇ ଅଞ୍ଚଳବାସୀ ଗୁରୁବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ଅଠରନଳା ଦେଇ ପ୍ରବାହିତ ମୃଷାନଈର ଜଳ ମଙ୍ଗଳାଘାଟ ନଦୀରେ ମିଶୁଥିଲା। କିନ୍ତୁ ଗତ ୩ବର୍ଷ ହେବ ନୂତନ ବାଇପାସ୍ ରାସ୍ତା ନିର୍ମାଣ ଯୋଗୁ ମୃଷାନଈର ଜଳ ମଙ୍ଗଳାନଦୀକୁ ଯାଇପାରୁନାହିଁ। ଫଳରେ ମୃଷାନଦୀର ବର୍ଜ୍ୟଜଳ ମାଟିତୋଟା ପଛପାର୍ଶ୍ୱ ଦେଇ ଭାରତୀପୁର ସରବନ୍ଧ ଶଙ୍ଖ ଦ୍ୱାରା ମୁକୁନ୍ଦମିଶ୍ର ନଗର, ମଙ୍ଗରାଜପୁର, ଚକ୍ରବର୍ତ୍ତୀପାଟଣା, ଚାରିନଳା, ବିଶ୍ୱନାଥ ବିହାର, ପତିତପାବନ ନଗର ଇତ୍ୟାଦି ଆଖପାଖ ତଳିଆ ଅଞ୍ଚଳକୁ ପ୍ରବେଶ କରୁଛି । ବାତ୍ୟା ଦ୍ୱାରା ଏହି ଅଞ୍ଚଳରେ ଜମିଥିବା ଲୁଣିପାଣି ବାହାରକୁ ନିଷ୍କାସିତ ହୋଇପାରୁ ନ ଥିବାରୁ ଉପରୋକ୍ତ ଗାଁଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରି କି ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ମହାମାରୀ ବ୍ୟାପିବାର ଆଶଙ୍କା ରହିଛି। ଆଗକୁ ବର୍ଷାଋତୁ ଆସୁଛି। ତେଣୁ ବର୍ଷାଋତୁ ପୂର୍ବରୁ ମୃଷାନଈର ବର୍ଜ୍ୟଜଳ ମଙ୍ଗଳାଘାଟ ନଦୀରେ ପୂର୍ବଭଳି ଛାଡ଼ିବା ଲାଗି ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ସ୍ମାରକପତ୍ର ମାଧ୍ୟମରେ ଅଞ୍ଚଳବାସୀ ଅନୁରୋଧ ଜଣାଇଛନ୍ତି।

### କୃଷ୍ଣପ୍ରସାଦ ବ୍ଲକରେ ସୋଲାର ଲଣ୍ଠନ ବଣ୍ଟନ ଆଜି


ପୁରୀ ଅଫିସ,୧୬।୫: ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତଙ୍କୁ ବିଭିନ୍ନ ପ୍ରକାର ରିଲିଫ ପ୍ରଦାନ କରାଯାଉଛି। କେତେକ ସ୍ଥାନରେ ରନ୍ଧାଖାଦ୍ୟ ଏବଂ ଆଉ କେତେକ ଜାଗାରେ ଶୁଖିଲା ଖାଦ୍ୟ ବଣ୍ଟାଯାଉଛି। ସେହିପରି ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ୫୦କେଜି ଚାଉଳ ଓ ୨ହଜାର ଟଙ୍କା ଦିଆଯାଉଛି। ଶୁକ୍ରବାରଠାରୁ କୃଷ୍ଣପ୍ରସାଦ ବ୍ଲକର ୮ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ୧୫,୦୦୦ ସୋଲାର ଲଣ୍ଠନ ବଣ୍ଟାଯିବ। ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ପ୍ରଥମ ଦିନ ସାତପଡ଼ା ପଞ୍ଚାୟତରେ ୨୩୭୦, ଅରଖକୁଦାରେ ୧୭୮୭, ବ୍ରହ୍ମପୁରରେ ୧୩୪୩, ମାଣିକପାଟଣାରେ ୧୦୦୨, ଗମ୍ଭାରୀରେ ୬୨୪, ପଣସପଦାରେ ୧୧୫୨, ଗୋପୀନାଥପୁରରେ ୮୮୮ ଏବଂ ପିରିଜିପୁରରେ ୭୬୭ଟି ସୋଲାର ଲଣ୍ଠନ ବଣ୍ଟନ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସେହିପରି କୃଷ୍ଣପ୍ରସାଦ ଏବଂ ବ୍ରହ୍ମଗିରି ବ୍ଲକରେ ୭ମାସରୁ ୬ ବର୍ଷ ପିଲାଙ୍କ ଲାଗି ବିସ୍କୁଟ ପ୍ୟାକେଟ ବଣ୍ଟାଯିବ। ପ୍ରାୟ ୧୨,୦୦୦ ହିତାଧିକାରୀଙ୍କୁ ୬୦,୦୦୦ ବିସ୍କୁଟ ପ୍ୟାକେଟ ଦିଆଯିବ ବୋଲି ସୂଚନା ମିଳିଛି। ଏଥିସହ କ୍ଷତିଗ୍ରସ୍ତ ପରିବାରକୁ ମହମବତି ଓ ଦିଆସିଲ ବଣ୍ଟାଯିବ। ଅନ୍ୟପକ୍ଷରେ ମାଗଣା କିରୋସିନ ବଣ୍ଟନ ବେଳେ ହିତାଧିକାରୀଙ୍କୁ କୌଣସି ଲାଇସେନ୍ସପ୍ରାପ୍ତ ବିକ୍ରେତା ଯଦି ଟଙ୍କା ମାଗନ୍ତି ତେବେ ସମ୍ପୃକ୍ତ ବ୍ୟକ୍ତି ଟୋଲ ଫ୍ରି ନମ୍ବର ୧୯୬୭କୁ ଫୋନ କରି ଅଭିଯୋଗ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୭ହଜାର ବାତ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ସାକ୍ଷୀଗୋପାଳ, ୧୬।୫(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳ ଅଲସା ଗ୍ରାମପଞ୍ଚାୟତରେ ୭ହଜାର ବାତ୍ୟା ବିପନ୍ନଙ୍କୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ୧୩କୁଇଣ୍ଟାଲ ଚୁଡ଼ା, ୭କୁଇଣ୍ଟାଲ ଚିନି ଓ ବିସ୍କୁଟ ସ୍ଥାନୀୟ ସମିତିସଭ୍ୟାଙ୍କ ସହଯୋଗରେ ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହ ବଣ୍ଟନ କରିଥିଲେ।

## ଧ୍ୱସ୍ତବିଧ୍ୱସ୍ତ ନିମାପଡ଼ା ଥାନା




ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ନିମାପଡ଼ା ଥାନା ଗୃହ ।

ନିମାପଡ଼ା,୧୬।୫(ଡି.ଏନ୍.ଏ.):

ସାମୁଦ୍ରିକ ଝଡ 'ଫନୀ'ରେ ବହୁ ପୁରାତନ ନିମାପଡ଼ା ଥାନା, ବ୍ୟାରେକ୍, ହାଜତ ଗୃହ, ମାଲଖାନା, ରେକର୍ଡ ରୁମ, ଆଇଆଇସିଙ୍କ ଅଫିସ ଗୃହ ଭାଙ୍ଗି ପଡିଛି। ଭଗ୍ନ ଗୃହରେ ପଲିଥିନ ପକାଯାଇ ଥାନା ଚାଲିଛି। ଜନସାଧାରଣଙ୍କୁ ସୁରକ୍ଷା ଦେଉଥିବା ପୋଲିସ ଅଫିସର ଓ କର୍ମଚାରୀ ବିପଦ ସଙ୍କୁଳ ଗୃହରେ ବସି କାର୍ଯ୍ୟ କରିବାକୁ ନିରାପଦ ମନେ କରୁନାହାନ୍ତି। ପୋଲିସ ଅଫିସର ଓ କର୍ମଚାରୀ ଏବେ ମହିଳା ଶିଶୁ ଡେସ୍କ ଗୃହ, ଅଭ୍ୟର୍ଥନା କକ୍ଷରେ ଆଶ୍ରୟ ନେଇଛନ୍ତି। ବାତ୍ୟାର ୧୩ଦିନ ପରେ ବି ଥାନାକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ବାତ୍ୟାରେ ଥାନାର ବହୁ ଆସବାବପତ୍ର ଭାଙ୍ଗି ପଡିଥିବାରୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ର ନଷ୍ଟ ହୋଇଯାଇଛି। ଜନସାଧାରଣଙ୍କୁ ସୁରକ୍ଷା ଦେଉଥିବା ପୋଲିସ ବାହିନୀ ଏବେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି। ତଥାପି ସେମାନେ ସେମାନଙ୍କର କର୍ତ୍ତବ୍ୟ କରିଚାଲିଛନ୍ତି। ଥାନାରେ ମଧ୍ୟ ପାନୀୟ ଜଳର ସମସ୍ୟା ଦେଖାଯାଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯୁଦ୍ଧକାଳୀନ ଭିତ୍ତିରେ ନିମାପଡ଼ା ଥାନାର ପୁନଃରୁଦ୍ଧାର, ମରାମତି ଓ ଥାନାକୁ ପକ୍କା ଗୃହରେ ପରିଣତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ରିଲିଫ ବଣ୍ଟନ ପାଇଁ ବାହାର ଅଞ୍ଚଳରୁ ନିମାପଡ଼ାକୁ ଆସିଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ହଟହଟା ହେଉଥିବା ଜଣାପଡ଼ିଛି।

### ପବିତ୍ର ବ୍ରହ୍ମପୁତ୍ର ନାୟକ ପାଇବେ 'ବିନ୍ଦୁ ସାହିତ୍ୟ ପୁରସ୍କାର'

ଭୁବନେଶ୍ୱର,୧୬।୫(ବ୍ୟୁରୋ):'ବନଫୁଲ'ର ନିର୍ଦ୍ଦେଶକ ତଥା ଯୁବ ଲେଖକ ପବିତ୍ର ବ୍ରହ୍ମପୁତ୍ର ନାୟକ 'ବିନ୍ଦୁ ସାହିତ୍ୟ ପୁରସ୍କାର' ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ବିନ୍ଦୁ ସାହିତ୍ୟ ଅନୁଷ୍ଠାନର ମୁଖ୍ୟ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ଏ ନେଇ ସୂଚନା ଦେଇଛନ୍ତି। ଆସନ୍ତା ୧୯ତାରିଖରେ ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଆୟୋଜନ ହେବାକୁ ଥିବା ଉତ୍ସବରେ ଲେଖକଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ କବି ରମାକାନ୍ତ ରଥ, ନୃସିଂହ ତ୍ରିପାଠୀ ଓ ସୁଲେଖିକା ଅର୍ଚ୍ଚନା ନାୟକ ଏହି ଅବସରରେ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାରସ୍ୱତପ୍ରେମୀ ଯୋଗଦେବେ। ସୂଚନାଥାଉ କି, ପୂର୍ବରୁ ପବିତ୍ରଙ୍କର ଗୋଟିଏ କବିତା ସଙ୍କଳନ 'ଋତୁ ଓ ଅନ୍ୟାନ୍ୟ କବିତା' ପ୍ରକାଶିତ ହୋଇଛି। ସବୁଜ କବିତା ସମ୍ମାନ, ଟାଇମ୍ପାସ୍ ପ୍ରଥମା ପୁରସ୍କାର, ଆମ ମାଟି ସମ୍ମାନ ଓ ଦଧିଚି ଯୁବ କବି ସମ୍ମାନରେ ପୂର୍ବରୁ ସେ ସମ୍ମାନିତ ହୋଇଛନ୍ତି।

■ ଫନୀ ବଢ଼ାଇଲା ଚିନ୍ତା

# ମିଳୁନି ବିଶୁଦ୍ଧ ପିଇବା ପାଣି

ବ୍ରହ୍ମଗିରି, ୧୬।୫(ଡି.ଏନ୍.ଏ.)



ନଳକୂପ ନିକଟରେ ପାଣି ପାଇଁ ମହିଳାଙ୍କ ଲମ୍ବା ଧାଡ଼ି ।

ପ୍ରଳୟଙ୍କରୀ ବାତ୍ୟା ଫନୀ ପରେ ବ୍ରହ୍ମଗିରି ବ୍ଲକରେ ପାଣି ଚିନ୍ତା ବଢିଯାଇଛି। ବିଦ୍ୟୁତ୍ ସେବା ବନ୍ଦ ଥିବା ସମୟରେ ବଢୁଛି ଖରାର ପ୍ରକୋପ। ଅସହ୍ୟ ଗରମ ସାଙ୍ଗକୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଯାହାଫଳରେ ଲୋକେ ପିଇବା ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି। ବାତ୍ୟା ପରେ କୂଅ, ପୋଖରୀ ଓ ନଦୀ ସବୁ ପ୍ରଦୂଷିତ ହୋଇଥିବାରୁ ଏହି ପାଣି ପିଇ ଲୋକାମାନେ ରୋଗରେ ଆକ୍ରାନ୍ତ ହେଉଥିବା ଲକ୍ଷ୍ୟକରାଯାଇଛି।

ବାତ୍ୟାରେ ବ୍ରହ୍ମଗିରି ବ୍ଲକର ୨୫ ଗ୍ରାମପଞ୍ଚାୟତ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଘରଦ୍ୱାର ଭାଙ୍ଗିଯିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡିଯାଇଛି। ଫଳରେ ବିଦ୍ୟୁତ୍ ସେବା ବନ୍ଦରହିଛି। ଗ୍ରାମମାନଙ୍କରେ ଥିବା ନଳକୂପ ବାତ୍ୟାରେ ଭାଙ୍ଗିଯିବା ସହ ଅନେକ ଅଚଳ ହୋଇପଡ଼ିଛି। ଆଉ ଯାହା କିଛି ନଳକୂପ ରହିଛି ସେଥିରୁ ଲୌହଯୁକ୍ତ ପାଣି ବାହାରୁଛି। ଯାହା ପିଇବା ପାଇଁ ଅନୁପଯୁକ୍ତ। ବିଦ୍ୟୁତ୍ ନ ଥିବାରୁ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇପଡିଛି। ଉକ୍ତ ବ୍ଲକର ୨୫ଟି ଗ୍ରାମପଞ୍ଚାୟତରେ ୧୩୧୩ଟି ନଳକୂପ, ୯ଟି ପମ୍ପ ହାଉସ ରହିଛି । ସେଥିମଧ୍ୟରୁ ୩ଟି ପମ୍ପ ହାଉସ ସମ୍ପୂର୍ଣ୍ଣ ଅଚଳ ହୋଇ ରହିଥିବା ସମୟରେ ୬ଟି ବିଦ୍ୟୁତ୍ ନ ଥିବାରୁ ବନ୍ଦ ହୋଇରହିଛି। ସେହିପରି କୂଅ ପୋଖରୀରେ ଗଛ ପତ୍ର ପଡ଼ିବା ସହ ବିଭିନ୍ନ ଆବର୍ଜନା ପଡି ପାଣି ପଚିଯାଇଥିବାରୁ ତାହା ଦୁର୍ଗନ୍ଧ ଓ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ତଳମାଳ, ତଳକୋକଲ, ଗଡକୋକଲ, ଆଳିପଡା, ଡିମିରିସେଣା, ରାୟବିଧାର, କାଣ୍ଡୋଗଦା, ଭୁବନପୁର, କରିମପୁର, ବଡଦିଆଣ୍ଡି, କ୍ଷେତାଣ୍ଡି, ସାହାସପୁର, ବ୍ରାହ୍ମଣିଆ, ହରିଦାସ, ଗୋଲାର ଆଦି ଗ୍ରାମରେ ବର୍ତ୍ତମାନ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଡିମିରିସେଣା, ରାୟବିଧାର ଆଦି ଗ୍ରାମ ପଞ୍ଚାୟତର ଜନସାଧାରଣ ରତ୍ନଚିରା ନଦୀ ଜଳ ଉପରେ ନିର୍ଭର କରୁଥିବା ସମୟରେ ଏହି ନଦୀ ଜଳ ବର୍ତ୍ତମାନ ଦୂଷିତ ହୋଇପଡିଛି । ଯାହା ଫଳରେ ଏଠାକାର ଲୋକେ ପାନୀୟ ଜଳ ପାଇଁ ଘୋର ସମସ୍ୟାରେ ପଡିଛନ୍ତି । ବାତ୍ୟାପରେ ବିଦ୍ୟୁତ୍ ସେବା ଠପ ଥିବାରୁ ଜେନେରେଟର ଲଗାଇ ଜଳଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବାର ନିର୍ଦ୍ଦେଶ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନି । ଟ୍ୟାଙ୍କର ଯୋଗେ ଗାଁ ଗାଁ ବୁଲି ଯେତିକି ପାନୀୟ ଜଳ ଯୋଗାଇ ଦିଆଯାଉଛି ତାହା ମଧ୍ୟ ଲୋକଙ୍କ ଆବଶ୍ୟକତା ମେଣ୍ଟାଇପାରୁନି। ଏନେଇ ଲୋକେ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ଆସୁଥିଲେ ମଧ୍ୟ ତାଙ୍କୁ ଭେଟିବା ସମ୍ଭବପର ହେଉନାହିଁ । କେତଜଣ ଠିକାଦାରଙ୍କୁ ଏହି ପାନୀୟ ଜଳ ବଣ୍ଟନ ଦାୟିତ୍ୱ ଦେଇ ବିଭାଗ ଚୁପ ବସିରହିଛି। ଯାହା ଦ୍ୱାରା ଠିକାସଂସ୍ଥାର ମନମୁଖି ବ୍ୟବସ୍ଥା ଏହି ସମସ୍ୟାକୁ ଦ୍ୱିଗୁଣିତ କରିଦେଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି । ଏନେଇ ଖଜୁରିଆ ବଜାର ବାସୁଦେବ ବେହେରା କୁହନ୍ତି, ବାତ୍ୟା ଯୋଗୁ ନଦୀ ଜଳ ଦୂଷିତ ହୋଇପଡିଛି। ଆମେ ଏପର୍ଯ୍ୟନ୍ତ ପିଇବାକୁ ପାଣି ମୁନ୍ଦେ ପାଉନୁ । ବାଧହୋଇ ଦୂଷିତ ପାଣିକୁ ଆମକୁ ବ୍ୟବହାର କରିବାକୁ ପଡୁଛି। କ୍ଷେତାଣ୍ଡି ଗ୍ରାମର ବନା ସାହୁ କୁହନ୍ତି, ବାତ୍ୟା ପରେ ଆମର ନଳକୂପଗୁଡିକ ଅଚଳ ହୋଇପଡିଛି। ପୋଖରୀ ଓ କୂଅ ପାଣି ବର୍ତ୍ତମାନ ଦୂଷିତ ହୋଇଯାଇଛି। ପ୍ରଶାସନ ତରଫରୁ ଏହି ପାଣିକୁ ବିଶୋଧନ କରିବାର କୌଣସି ପଦକ୍ଷପ ଗ୍ରହଣ କରାଯାଇ ନାହିଁ। ଯାହା ଫଳରେ ଆମକୁ ପିଇବା ପାଣି ମୁନ୍ଦେ ମିଳୁନି। ବାଧହୋଇ ସେହି ଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ ହେଉଛୁ ବୋଲି କ୍ଷୋଭର ସହ କହିଥିଲେ।